# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୩/୨୦୧୮ (୨୦ ପୃଷ୍ଠା) | Bhubaneswar, Sunday, September 23/ 2018 | (ଛୁଟିଦିନ ସହ) | ★★★★★★

୪୪ଶ ଭାଗ ୨୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଓସ୍କାରରେ 'ଭିଲେଜ୍ ରକ୍‌ଷ୍ଟାର୍ସ'ର ପ୍ରତିନିଧିତ୍ୱ**

ଭାରତର ଉତ୍ତର-ପୂର୍ବ ଅଞ୍ଚଳରୁ 'ଭିଲେଜ୍ ରକ୍‌ଷ୍ଟାର୍ସ'କୁ ୯୧ତମ ଓସ୍କାର ପାଇଁ ଚୟନ କରାଯିବା ମହାନ୍ ସ୍ୱୀକୃତି ବୋଲି ଏହାର ନିର୍ଦ୍ଦେଶିକା ତଥା ପ୍ରଯୋଜିକା ରିମା ଦାସ ପ୍ରକାଶ କରିଛନ୍ତି। ୦୯

୧୮ **ଜେମିମାଙ୍କ ଦ୍ରୁତ ଅର୍ଦ୍ଧଶତକ**

ଜେମିମା ରୋଡ୍ରିଗୁଏଜ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଭାରତୀୟ ମହିଳା କ୍ରିକେଟ ଦଳ ତୃତୀୟ ଟି୨୦ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି।








ସେବାୟତଙ୍କୁ ଆମିକସ୍ କ୍ୟୁରିଙ୍କ ତାଗିଦ୍

## ବ୍ୟବହାରରେ ପରିବର୍ତ୍ତନ ଆଣ

**ପୁରୀ ଅଫିସ,୨୨।୯**

ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ପୁରୀରେ ଶୁକ୍ରବାରଠାରୁ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ବିଶେଷକରି ସୁପ୍ରିମକୋର୍ଟଙ୍କ ୧୨ଟି ପ୍ରସ୍ତାବ ଉପରେ ସେ ମତ ନେଇଛନ୍ତି। ଗଜପତି, ଶଙ୍କରାଚାର୍ଯ୍ୟ, ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ସଂକ୍ରାନ୍ତରେ ସେ ଅଦାଲତଙ୍କୁ ଅବଗତ କରାଇବେ। ସେବକଙ୍କ ବିରୋଧରେ ଅଭିଯୋଗ ଆସିବା ଦୁର୍ଭାଗ୍ୟଜନକ। ୩ ସପ୍ତାହ ମଧ୍ୟରେ ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଆମିକସ୍ କ୍ୟୁରି ସେମାନଙ୍କୁ ତାଗିଦ୍ କରିଛନ୍ତି।

(ସବିଶେଷ ରିପୋର୍ଟ: ପୃଷ୍ଠା ୭)

# ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ଲୋକାର୍ପିତ




ଝାରସୁଗୁଡ଼ା ବିମାନବନ୍ଦର ଲୋକାର୍ପଣ ଅବସରରେ ଉପସ୍ଥିତ (ବାମରୁ) ସ୍ଥାନୀୟ ବିଧାୟକ ନବକିଶୋର ଦାସ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ, ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ।

- ପ୍ରଥମ ଉଡାନ୍ ଯାତ୍ରୀ ହେଲେ ଆଶ୍ରମ ସ୍କୁଲ ଛାତ୍ରୀଛାତ୍ର
- କୋଇଲା ରୟାଲ୍ଟି ପୁନଃମୂଲ୍ୟାୟନ ହେଉ: ମୁଖ୍ୟମନ୍ତ୍ରୀ

**ଝାରସୁଗୁଡ଼ା ଅଫିସ,୨୨।୯**

ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡ଼ା ବିମାନବନ୍ଦର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ହିଁ ପ୍ରଧାନମନ୍ତ୍ରୀ ବିମାନବନ୍ଦର ନାମ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ଭାବେ ଘୋଷଣା କରିଛନ୍ତି। ବିମାନବନ୍ଦର ଉଦ୍‌ଘାଟନ ପରେ ରିଜିଓନାଲ କନେକ୍ଟିଭିଟି ସ୍କିମ୍ (ଆର୍‌ସିଏସ୍) ଅନ୍ତର୍ଗତ ଉଡାନ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାର ପ୍ରଥମ ଯାତ୍ରୀ ଭାବେ ଆଶ୍ରମ ସ୍କୁଲର ଛାତ୍ରୀଛାତ୍ର ଝାରସୁଗୁଡ଼ାରୁ ରାୟପୁର ଯାତ୍ରା କରିଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ, ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ☞ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ମନ୍ତବ୍ୟ**

"ଭିନ୍ନ ଭାଷା ଶିଖିବା ଏକ ସମୃଦ୍ଧ ପରମ୍ପରା ସହ ଯୋଡ଼ି ହେବା ସଦୃଶ।

-ରାମନାଥ କୋବିନ୍ଦ, ରାଷ୍ଟ୍ରପତି

ଦଳୀୟ ସଭାରୁ ରାଜ୍ୟ ସରକାରଙ୍କୁ ମୋଦିଙ୍କ ଟାର୍ଗେଟ

## ଏବେ ପରିବର୍ତ୍ତନର ସମୟ

**ଝାରସୁଗୁଡ଼ା ଅଫିସ,୨୨।୯**

- ଟାରା, ପାଉଚ୍, ସଡ଼କ ନିର୍ମାଣ ଦୁର୍ନୀତି କଥା ଉଠାଇଲେ
- ଭ୍ରଷ୍ଟାଚାର, ନିଷ୍ପତ୍ତି ନେବାରେ ବିଳମ୍ବ ରାଜ୍ୟର ପରିଚୟ
- ବିକାଶ ପାଇଁ ରାଜ୍ୟ ଉଦାସୀନ, ଦିଲ୍ଲୀରୁ ସଜାଗ କରିବାକୁ ପଡୁଛି
- ସୁନ୍ଦରଗଡ଼, କଳାହାଣ୍ଡି, କୋରାପୁଟରେ ହେବ ବିମାନବନ୍ଦର

ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଶନିବାର ଓଡ଼ିଶା ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜନୈତିକ ଭାବେ ଅଧିକ ଆକ୍ରମଣାତ୍ମକ ହୋଇଛନ୍ତି। ସାଧାରଣ ନିର୍ବାଚନ ନିକଟତର ହୋଇଥିବାରୁ ପ୍ରଧାନମନ୍ତ୍ରୀ ନିଜ ଆଭିମୁଖ୍ୟ ପରିବର୍ତ୍ତନ କରିଥିବା ଦେଖିବାକୁ ମିଳିଛି। ଝାରସୁଗୁଡ଼ାରେ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ଲୋକାର୍ପଣ କରିବା ପରେ ଦଳୀୟ ସମାବେଶରେ ଯୋଗଦେଇ ମୋଦି ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସିଧାସଳଖ ଟାର୍ଗେଟ କରିଛନ୍ତି। ଅମଲିପାଲି ପଡ଼ିଆରେ ଆୟୋଜିତ ବିଶାଳ ଜନ ସମାବେଶକୁ ସମ୍ବୋଧିତ କରି ମୋଦି ନିର୍ବାଚନ ବିଗୁଲ ଫୁଙ୍କିଥିବା ଆଲୋଚନା ହେଉଛି।

ମୋଦି ତାଙ୍କ ବକ୍ତବ୍ୟରେ କହିଲେ ଯେ ଓଡ଼ିଶା ବଡ଼ ପରିବର୍ତ୍ତନର ପ୍ରସ୍ତୁତି କରୁଛି। ଏଠାରେ ଏକାଠି ହୋଇଥିବା ବିପୁଳ ଜନସମାଗମ ତାହାର ପ୍ରମାଣ। ଓଡ଼ିଶାର ବିକାଶ ପାଇଁ ରାଜ୍ୟ ସରକାର ଉଦାସୀନ। ବେଳେ ବେଳେ ଦିଲ୍ଲୀରୁ ରାଜ୍ୟ ସରକାରଙ୍କୁ ବିକାଶ ଦିଗରେ ସଜାଗ ☞ପୃଷ୍ଠା-୪



- ବର୍ଷିଲେ ରାହୁଲ

## ରାଫେଲ ଦୁର୍ନୀତିରେ ମୋଦିଙ୍କ ହାତ

**ନୂଆଦିଲ୍ଲୀ, ୨୨।୯(ପି.ଟି.)**

ବହୁକୋଟି ଡଲାର ମୂଲ୍ୟର ରାଫେଲ ଯୁଦ୍ଧବିମାନ ନିର୍ମାଣ କରୁଥିବା ଦାସଲ୍ଟ ଆଭିଏଶନ ସହ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଡିଫେନ୍ସ କମ୍ପାନୀକୁ ଚୁକ୍ତିବଦ୍ଧ କରାଇବାରେ ଫ୍ରାନ୍ସ ସରକାରଙ୍କ ଭୂମିକା ନ ଥିଲା। ଏସବୁ ପଛରେ ଭାରତ ସରକାରଙ୍କ ହାତ ରହିଛି ବୋଲି ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଫ୍ରାଁସୁଆ ଓଲାନ୍ଦ ମନ୍ତବ୍ୟ ଦେବା ପରେ କଂଗ୍ରେସକୁ ଆକ୍ରମଣ କରିବା ଲାଗି ଅସ୍ତ୍ର ମିଳିଯାଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶନିବାର ଏ ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଓଲାନ୍ଦଙ୍କ କଥାରୁ ରାଫେଲ ଚୁକ୍ତିରେ ଦୁର୍ନୀତି ହୋଇଥିବା ସ୍ପଷ୍ଟ ହୋଇଯାଇଛି। ତେଣୁ ମୋଦି ଆଉ ନୀରବ ନ ରହି ଦେଶବାସୀଙ୍କୁ ଜବାବ ଦିଅନ୍ତୁ ବୋଲି ରାହୁଲ କହିଛନ୍ତି। ଏହି ଅବସରରେ ନିଜକୁ 'ଚୌକିଦାର' ବୋଲାଉଥିବା ମୋଦିଙ୍କୁ ସେ 'ଚୋର' ଆଖ୍ୟା ଦେଇଛନ୍ତି। ରାଫେଲ ଚୁକ୍ତି ପଛରେ ଲୁଚିରହିଥିବା ଘଟଣାକ୍ରମ ସାମ୍ନାକୁ ଆଣିବା ପାଇଁ ଯୁଗ୍ମ ସଂସଦୀୟ କମିଟି (ଜେପିସି) ☞ପୃଷ୍ଠା-୪








**ଆଜିର ସମ୍ପାଦକୀୟ**

**ମହିଳାଙ୍କ ପ୍ରତିନିଧିତ୍ୱ**

**କିଛି ତଥ୍ୟ**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗତ ୫ଟି ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କୁ ମୋଟ୍ ୨.୬୫ ଲକ୍ଷ କୋଟି ଟଙ୍କା ଲାଭାଂଶ ପ୍ରଦାନ କରିଛି।

-ଆର୍‌ବିଆଇ ତଥ୍ୟ


NECC NATIONAL EGG CO-ORDINATION COMMITTEE | 22.09.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 55 | 100 | 110 |
| DKL | 56 | 101 | 111 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 57 | 102 | 112 |

*Conditions Apply

Eggs Retail Price- 47/-Dozen

Issued in the Interest of Consumers


ତାଳଚେର ଫର୍ଟିଲାଇଜର୍ସ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

## ଦେଶକୁ ଦେଖାଇବ ନୂଆ ଦିଗ

**ତାଳଚେର, ୨୨।୯ (ନି.ପ୍ର.)**

- ପୁନରୁଦ୍ଧାର କରିବା ସୌଭାଗ୍ୟର କଥା
- ୩୬ ମାସରେ ସରିବ, ଉଦ୍‌ଘାଟନ କରିବାକୁ ଆସିବି
- ପ୍ରକଳ୍ପରେ ଯୋଡ଼ି ହେବେ ସାଢ଼େ ୪ ହଜାର ଲୋକ
- ଚାଷୀଙ୍କ ପାଇଁ ବିଶେଷ ସୁବିଧା ଦାବି କଲେ ମୁଖ୍ୟମନ୍ତ୍ରୀ

ବହୁ ପ୍ରତୀକ୍ଷିତ ତାଳଚେର ସାର କାରଖାନା (ନୂତନ ନାମ ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍) ପୁନରୁଦ୍ଧାରର ଭିତ୍ତି ପକାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଶନିବାର ଏଫ୍‌ସିଆଇ ପରିସରରେ ଏହାର ଶିଳାନ୍ୟାସ କରିବା ସହ ଏହି କାରଖାନା ଆଗାମୀ ଦିନରେ ଦେଶକୁ ନୂତନ ଦିଗ ଦେଖାଇବାରେ ସହାୟକ ହେବ ବୋଲି ସେ କହିଛନ୍ତି। ପୂର୍ବାହ୍ଣ ସାଢ଼େ ୧୦ଟାରେ କାରଖାନା ପରିସରରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀ ଓ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଉପସ୍ଥିତ ଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଜି ସମସ୍ତଙ୍କ ପାଇଁ ଶୁଭ ଦିବସ। ପୁନରୁଦ୍ଧାର କାର୍ଯ୍ୟ କରିବା ଏକ ସୌଭାଗ୍ୟର କଥା। ଏହି ସାର କାରଖାନା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ସଙ୍କଳ୍ପ ନେଇଛି। ଏଥିପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି। କିଛି ବର୍ଷ ପୂର୍ବେ ଏଠିକାର ଲୋକମାନେ ଯେଉଁ ସ୍ୱପ୍ନ ଦେଖିଥିଲେ, କୌଣସି କାରଣରୁ ☞ପୃଷ୍ଠା-୧୫



ବାଂଲାଦେଶୀ ଶରଣାର୍ଥୀ ଉଇ ସଦୃଶ। ସେମାନଙ୍କୁ ଗୋଟି ଗୋଟି କରି ଭୋଟର ତାଲିକାରୁ ବାହାର କରିବା ଦାୟିତ୍ୱ ଭାଜପା ନିଜ ହାତକୁ ନେଇଛି।

-ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

## ସଂକ୍ଷେପରେ

### ନନ୍ ବଳାତ୍କାର ମାମଲା ବିଶପ୍‌ଙ୍କ ଜାମିନ ଆବେଦନ ଖାରଜ

କୋଟ୍ଟାୟାମ୍,୨୨।୯(ପି.ଟି.): କେରଳ ନନ୍ ବଳାତ୍କାର ମାମଲାରେ ଗିରଫ ବିଶପ୍ ଫ୍ରାଙ୍କୋ ମଲକ୍କଲଙ୍କ ଜାମିନ ଆବେଦନ ଖାରଜ ହୋଇଛି। ଶୁକ୍ରବାର ଗିରଫ ହେବା ପରେ କେରଳର



ପାଲା ଅଞ୍ଚଳର ଏକ କୋର୍ଟରେ ଶନିବାର ସେ ଜାମିନ ଆବେଦନ କରିଥିଲେ। ମଧ୍ୟାହ୍ନ ୧ଟା ୧୫ରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଜଲନ୍ଧର ବିଶପ୍ ଫ୍ରାଙ୍କୋଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରାଯାଇଥିଲା। କିନ୍ତୁ ଶୁଣାଣି ବେଳେ ମାଜିଷ୍ଟ୍ରେଟ୍ ତାଙ୍କ ଜାମିନ ଆବେଦନ ଖାରଜ କରି ଦୁଇଦିନିଆ ପୋଲିସ ଜେପାଜତକୁ ପଠାଇ ଦେଇଛନ୍ତି। ଗିରଫଦାରି ପରେ ଶୁକ୍ରବାର ରାତିରେ ୫୪ ବର୍ଷୀୟ ବିଶପ୍ ଫ୍ରାଙ୍କୋ ଛାତି ଯନ୍ତ୍ରଣା ଅନୁଭବ କରୁଥିବା କହିଥିଲେ। ଏହାପରେ ତାଙ୍କୁ ସ୍ଥାନୀୟ ସରକାରୀ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶନିବାର ସକାଳେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବା ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା।

### ଭାଜପା ଛାଡ଼ିଲେ ଯଶୱନ୍ତ ସିଂଙ୍କ ପୁଅ

ବାଡ଼ମେର/ଜୟପୁର,୨୨।୯(ପି.ଟି.): ଭାଜପା ଛାଡ଼ିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ



ଯଶୱନ୍ତ ସିଂଙ୍କ ପୁଅ ମାନବେନ୍ଦ୍ର ସିଂ। ପଦ୍ମଫୁଲ ତାଙ୍କର ବଡ଼ ଭୁଲ ନିଷ୍ପତ୍ତି ଥିଲା ବୋଲି ମଧ୍ୟ ସିଓ ବିଧାୟକ କହିଛନ୍ତି। ରାଜସ୍ଥାନ ବିଧାନସଭା ନିର୍ବାଚନକୁ ଆଉ କେଇ ସପ୍ତାହ ବାକି ଥିବାବେଳେ ଶନିବାର ଶାସକ ଭାଜପାର ବିଧାୟକ ମାନବେନ୍ଦ୍ର ଦଳରୁ ବାହାରି ଯାଇଛନ୍ତି। ଏହାସହ ଆସନ୍ତା ଲୋକ ସଭା ନିର୍ବାଚନ ନିଜ ଘରୁ ଲଢ଼ିବେ ବୋଲି ସେ ଘୋଷଣା କରିଛନ୍ତି। ବାଡ଼ମେର-ଜୈସାଲ୍‌ମେର ନିର୍ବାଚନମଣ୍ଡଳୀକୁ ସେ ନିଜ ଘର ବୋଲି କହିଥିବା କୁହାଯାଉଛି। ପ୍ରକାଶ ଯେ, ତାଙ୍କ ପିତା ଯଶୱନ୍ତ ସିଂ ମଧ୍ୟ ଦୀର୍ଘବର୍ଷ ଧରି ଏହି ଆସନରୁ ଲୋକ ସଭାରେ ପ୍ରତିନିଧିତ୍ୱ କରିଛନ୍ତି। ୨୦୧୪ ଲୋକ ସଭା ନିର୍ବାଚନରେ ଏହି ଆସନରୁ ଲଢ଼ିବେ ବୋଲି ଯଶୱନ୍ତ ଜିଦ୍ ଧରିଥିଲେ। କିନ୍ତୁ ତାଙ୍କୁ ଏଥିଲାଗି ସୁଯୋଗ ମିଳି ନ ଥିଲା। ଫଳରେ ସେ ବାଡ଼ମେର ଆସନରୁ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ତେବେ ଭାଜପା ଛାଡ଼ିବା ପରେ କଂଗ୍ରେସରେ ଯୋଗଦେବା ନେଇ ତାଙ୍କର କୌଣସି ଇଚ୍ଛା ନାହିଁ ବୋଲି ମାନବେନ୍ଦ୍ର ସ୍ପଷ୍ଟ କରିଛନ୍ତି। ସମର୍ଥକଙ୍କ ସହ ଆଲୋଚନା କରିବା ପରେ ଲୋକଙ୍କ ଇଚ୍ଛା ଅନୁସାରେ ସେ ଆଗାମୀ ପଦକ୍ଷେପ ନେବେ ବୋଲି କହିଛନ୍ତି। 'ସ୍ୱାଭିମାନ' ନାମରେ ଏକ ରାଲିର ଆୟୋଜନ କରି ଭାଜପାରେ ଯୋଗଦେବା ତାଙ୍କର ବଡ଼ ଭୁଲ ନିଷ୍ପତ୍ତି ଥିଲା ବୋଲି ମାନବେନ୍ଦ୍ର କହିଛନ୍ତି। 'କମଲ୍ କା ଫୁଲ୍ ବଡ଼ି ଭୁଲ୍', ଅର୍ଥାତ୍ ପଦ୍ମଫୁଲ ବଡ଼ ଭୁଲ ବୋଲି ସେ ବିବେଚନା କରିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

**ସ୍କୁଲ ପାଇଖାନାରୁ ମିଳିଲା ମୃତଦେହ**

ଲକ୍ଷ୍ନୌ, ୨୨।୯(ଆଇଏଏନ୍‌ଏସ୍) ଉତ୍ତରପ୍ରଦେଶର ଗୋଣ୍ଡା ଜିଲାରେ ଏକ ସ୍କୁଲ ପାଇଖାନାରୁ ଶନିବାର ଜଣେ ଛଅ ବର୍ଷୀୟା ନାବାଳିକାଙ୍କ ମୃତଦେହ ଉଦ୍ଧାର ହୋଇଛି। ବଳାତ୍କାର ପରେ ହତ୍ୟାକରି ଅର୍ଦ୍ଧନଗ୍ନ ଅବସ୍ଥାରେ ତାଙ୍କ ମୃତଦେହ ଫିଙ୍ଗିଦିଆଯାଇଥିବା ପୋଲିସ କହିଛି। ଏସ୍‌ପି ଲାଲ୍ଲା ସିଂଙ୍କ ସୂଚନା ମୁତାବକ, ବସନ୍ତପୁର ଗ୍ରାମର ଉକ୍ତ ସ୍କୁଲ ପରିସରରେ ଥିବା ପାଇଖାନା ଭିତରୁ ନାବାଳିକାଙ୍କ ମୃତଦେହ ମିଳିବା ପରେ ଅପରାଧସ୍ଥଳରୁ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଛନ୍ତି ଫୋରେନ୍ସିକ ବିଶେଷଜ୍ଞ। ତେବେ ଝିଅଟିକୁ ବଳାତ୍କାର କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାରେ ସମ୍ପୃକ୍ତି ସନ୍ଦେହରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚାଲିଛି।

■ ଓଲାନ୍ଦଙ୍କ ମନ୍ତବ୍ୟ ପରେ ରାଫେଲ୍ ଝଡ଼ ନେଲା ନୂଆ ମୋଡ଼

# ଦୋଷ ଖସାଇବାକୁ ଉଦ୍ୟମ

ନୂଆଦିଲ୍ଲୀ, ୨୨।୯(ପି.ଟି.)



■ଭାରତୀୟ ଅଂଶୀଦାରଙ୍କୁ ସାମିଲ କରିବା ନିଷ୍ପତ୍ତି ନେଇନାହୁଁ: ଫ୍ରାନ୍ସ ସରକାର

■ରିଲାଏନ୍ସକୁ ଆମେ ଚୟନ କରିଛୁ: ଦାସଲ୍ଟ ଆଭିଏଶନ

■ଅଯଥାରେ ବିବାଦ ସୃଷ୍ଟି କରାଯାଉଛି: ପ୍ରତିରକ୍ଷା ମନ୍ତ୍ରଣାଳୟ

ବାୟୁସେନାର ଶକ୍ତିବୃଦ୍ଧି ପାଇଁ ଫ୍ରାନ୍ସଠାରୁ ରାଫେଲ ଯୁଦ୍ଧବିମାନ କିଣିବା ନିମିତ୍ତ ହୋଇଥିବା ଚୁକ୍ତିରେ ଦୁର୍ନୀତିର ଛିଟା ରହିଥିବା କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଆକ୍ଷେପ କରୁଛନ୍ତି। ଏତିକିବେଳେ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଫ୍ରାଁସୁଆ ଓଲାନ୍ଦଙ୍କ ମନ୍ତବ୍ୟ ବିସ୍ଫୋରଣ ସୃଷ୍ଟି କରିଛି। ରିଲାଏନ୍ସ ଡିଫେନ୍ସ ଲିମିଟେଡ (ଆର୍‌ଡିଏଲ୍)କୁ ତତ୍କାଳୀନ ଫ୍ରାନ୍ସ ସରକାର ଚୟନ କରି ନ ଥିଲେ ସୁଦ୍ଧା ରାଫେଲ ଚୁକ୍ତିବେଳେ ଭାରତ ସରକାର ଏହାକୁ ଦାସଲ୍ଟ ଆଭିଏଶନର ଅଂଶୀଦାର ଦର୍ଶାଇଥିଲେ ବୋଲି ଓଲାନ୍ଦ କହିଛନ୍ତି। ଏହାପରେ ବିବାଦ ନୂଆ ମୋଡ଼ ନେଇଛି। ଏ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ଘନଘନ ଆକ୍ରମଣ କରୁଥିବାରୁ ଶନିବାର କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ସମେତ ତିନି ପକ୍ଷ ସଫେଇ ଦେଇଛନ୍ତି। ଭାରତୀୟ ଶିଳ୍ପପତି ଅନିଲ ଅମ୍ବାନୀଙ୍କ କମ୍ପାନୀକୁ ଚୁକ୍ତିରେ ସାମିଲ କରିବା ନେଇ ଏହାର କୌଣସି ଭୂମିକା ନ ଥିଲା ବୋଲି ବର୍ତ୍ତମାନର ଫ୍ରାନ୍ସ ସରକାର କହିଛନ୍ତି। ଏହାପରେ ରାଫେଲ ନିର୍ମାତା ଦାସଲ୍ଟ ଆଭିଏଶନ ସ୍ପଷ୍ଟ କରିଛି ଯେ, ରିଲାଏନ୍ସ ଡିଫେନ୍ସ ଲିମିଟେଡକୁ ଅଂଶୀଦାର ଭାବେ ଏହା ଚୟନ କରିଥିଲା। ଅନ୍ୟପକ୍ଷେ ଦୁର୍ନୀତି ଅଭିଯୋଗ ଉପରେ ଏକ ପ୍ରମାଣ ମିଳିବା ସତ୍ତ୍ୱେ ମୋଦି ସରକାର ମଧ୍ୟ ନିର୍ମଳ ଭାବମୂର୍ତ୍ତି ଦେଖାଇବାକୁ ଉଦ୍ୟମ ଚଳାଇଛନ୍ତି।

ତାଙ୍କ ସରକାର ଅମଳରେ ୫୮ ହଜାର କୋଟି ଟଙ୍କାର ରାଫେଲ ଚୁକ୍ତିରେ ଦୁର୍ନୀତି ହୋଇଥିବା 'ମିଡିଆପାର୍ଟ'ର ଏକ ସାକ୍ଷାତ୍‌କାରରେ ଓଲାନ୍ଦ ସଙ୍କେତ ଦେଇଛନ୍ତି। ଏହି ଯୁଦ୍ଧବିମାନ ନିର୍ମାଣ ଲାଗି କେଉଁ ଭାରତୀୟ କମ୍ପାନୀକୁ ଦାସଲ୍ଟ ଅଂଶୀଦାର ଭାବେ ଚୟନ କରିଥିଲା, ସେ ସମ୍ପର୍କରେ ବିଧିବଦ୍ଧ ଭାବେ ଅବଗତ ନ ଥିବା ଭାରତ ସରକାର ଦୋହରାଇ ଆସୁଛନ୍ତି। ଇତିମଧ୍ୟରେ ଓଲାନ୍ଦଙ୍କ ମନ୍ତବ୍ୟ ସବୁକିଛି ଓଲଟପାଲଟ କରିଦେଇଛି। ନିଜ କଥାରେ ଓଲାନ୍ଦ ଅଟଳ ଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯିବା ପରେ ଏନେଇ ରାଜନୈତିକ ହଟଚମଟ ଆରମ୍ଭ ହୋଇଯାଇଛି। ତଥ୍ୟ ପ୍ରଘଟର ଦିନକ ପରେ ଉଭୟ ଫ୍ରାନ୍ସ ସରକାର ଏବଂ ଫ୍ରାନ୍ସ ଏରୋସ୍ପେସ୍ କମ୍ପାନୀ ଦାସଲ୍ଟ ପୃଥକ୍ ବିବୃତି ଜାରି କରିଛନ୍ତି। ଚୁକ୍ତି ଲାଗି ଭାରତୀୟ ଫାର୍ମଗୁଡ଼ିକୁ ଚୟନ କରିବାରେ ଫ୍ରାନ୍ସ କମ୍ପାନୀଗୁଡ଼ିକର ପୂର୍ଣ୍ଣ ସ୍ୱାଧୀନତା ରହିଛି। କିନ୍ତୁ ରିଲାଏନ୍ସ ଡିଫେନ୍ସ କିମ୍ବା ଅନ୍ୟ କମ୍ପାନୀକୁ ଚୁକ୍ତିରେ ସାମିଲ କରାଯିବ, ସେ ନିଷ୍ପତ୍ତିରେ ଏହାର କୌଣସି ଭୂମିକା ନ ଥିଲା ବୋଲି ଫ୍ରାନ୍ସ ସରକାର କହିଛନ୍ତି। ସେହିପରି ଦାସଲ୍ଟ ପକ୍ଷରୁ କୁହାଯାଇଛି ଯେ, ଡିଫେନ୍ସ ପ୍ରକ୍ୟୁରମେଣ୍ଟ ପ୍ରୋସିଜ୍ୟୁର (ଡିପିପି)-୨୦୧୬ ନିୟାମକ ଅନୁଯାୟୀ ଏହି ଅଫ୍‌ସେଟ୍ ଚୁକ୍ତି ହୋଇଥିଲା। ଏହି ନିୟମ ଏବଂ 'ମେକ୍ ଇନ୍ ଇଣ୍ଡିଆ' ନୀତି ଅନୁଯାୟୀ ରିଲାଏନ୍ସ ଗ୍ରୁପକୁ ଅଂଶୀଦାର କରିବା ଲାଗି ଦାସଲ୍ଟ ଆଭିଏଶନ ନିଷ୍ପତ୍ତି ନେଇଥିଲା। ଏହା ସମ୍ପୂର୍ଣ୍ଣ ଭାବେ ଦାସଲ୍ଟର ନିଷ୍ପତ୍ତି ଥିଲା ବୋଲି ଫ୍ରାନ୍ସର ଏହି କମ୍ପାନୀ କହିଛି।

ତେବେ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଓଲାନ୍ଦ କହିଥିବା କଥାରେ ସତ୍ୟତା ନାହିଁ। ରିଲାଏନ୍ସକୁ ଚୟନ କରିବାରେ ସରକାରଙ୍କ ଭୂମିକା ନ ଥିଲା। ଏକ ଗଣମାଧ୍ୟମ ରିପୋର୍ଟକୁ ଆଧାର କରି ଅଯଥାରେ ବିବାଦ ସୃଷ୍ଟି କରାଯାଉଛି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟର ପକ୍ଷରୁ କୁହାଯାଇଛି। ଏହି ବାଣିଜ୍ୟିକ ନିଷ୍ପତ୍ତିରେ ଭାରତ କିମ୍ବା ଫ୍ରାନ୍ସ ସରକାରଙ୍କ କିଛି କହିବାର ନ ଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ଜଣେ ମୁଖପାତ୍ର କହିଛନ୍ତି। ପ୍ରକାଶ ଯେ, ୨୦୧୫ ଏପ୍ରିଲ ୧୦ରେ ତତ୍କାଳୀନ ଫ୍ରାନ୍ସ ରାଷ୍ଟ୍ରପତି ଓଲାନ୍ଦଙ୍କ ସହ ଆଲୋଚନା ପରେ ମୋଦି ଘୋଷଣା କରିଥିଲେ ଯେ, ଭାରତ ଉକ୍ତ ରାଷ୍ଟ୍ରଠାରୁ ୩୬ଟି ରାଫେଲ୍ ଯୁଦ୍ଧବିମାନ କିଣିବ। ୨୦୧୬ ସେପ୍ଟେମ୍ବର ୨୩ରେ ଏ ସଂକ୍ରାନ୍ତ ଚୁକ୍ତି ଚୂଡ଼ାନ୍ତ ହୋଇଥିଲା। ଏବେ ଓଲାନ୍ଦ ପେଡ଼ି ଖୋଲିବା ପରେ କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀଙ୍କ ସମେତ ଅନେକ ବିରୋଧୀ ନେତା ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି।



ନୂଆଦିଲ୍ଲୀଠାରେ ରାଫେଲ୍ ଦୁର୍ନୀତି ବିରୋଧରେ ଭାରତୀୟ ଯୁବ କଂଗ୍ରେସର ବିକ୍ଷୋଭ।

## ମିଲିଟାରି ପରେଡ୍‌ରେ ଆକ୍ରମଣ: ୨୯ ନିହତ



ତେହେରାନ୍,୨୨।୯(ପି.ଟି.)

ଇରାନର ବାର୍ଷିକ ମିଲିଟାରି ପରେଡ୍‌କୁ ଟାର୍ଗେଟ୍ କରିଛି ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)। ଏଥିରେ ୨୯ ଜଣ ନିହତ ହୋଇଥିବାବେଳେ ୫୩ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ମୁତାବକ, ଶନିବାର ଦେଶର ଦକ୍ଷିଣ-ପଶ୍ଚିମ ପ୍ରାନ୍ତରେ ଥିବା ଅହୱାଜ୍ ସହରରେ ବାର୍ଷିକ ସାମରିକ ପରେଡ୍ ଚାଲିଥିବାବେଳେ କିଛି ବନ୍ଧୁକଧାରୀ ସେଠାରେ ଆଖିବୁଜା ଗୁଳିମାଡ଼ କରିଥିଲେ। ପରେଡ୍ ଦେଖିବା ପାଇଁ ଜମା ହୋଇଥିବା ଭିଡ଼କୁ ଟାର୍ଗେଟ୍‌କରି ସେମାନେ ଗୁଳିମାଡ଼ କରିଥିଲେ। ୧୯୮୦ରୁ ୧୯୮୮ ମଧ୍ୟରେ ଇରାକ ସହ ଘଟିଥିବା ଦୀର୍ଘକାଳୀନ ଯୁଦ୍ଧର ଆରମ୍ଭକୁ ସ୍ମରଣ କରିବା ପାଇଁ ଦେଶବ୍ୟାପୀ ବିଭିନ୍ନ ସହରରେ ମିଲିଟାରି ପରେଡ୍‌ର ଆୟୋଜନ କରାଯାଇଥିଲା। ଏହାକୁ ଟାର୍ଗେଟ୍ କରିଛି ଆଇଏସ୍। ଆକ୍ରମଣରେ ପ୍ରାୟ ୪ ଜଣ ଆତଙ୍କବାଦୀ ସମ୍ପୃକ୍ତ ଥିଲେ। ୩ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଥିବାବେଳେ ଜଣଙ୍କୁ ଗିରଫ କରାଯାଇଛି ବୋଲି ଇରାନ ସେନା ମୁଖପାତ୍ର ବ୍ରିଗେଡିୟର ଜେନେରାଲ ଅବୋଲ୍‌ଫଜଲ୍ ଶେକାର୍ଚି ସୂଚନା ଦେଇଛନ୍ତି। ଏହି ଆକ୍ରମଣ ନିଜର ସୈନ୍ୟମାନେ ଘଟାଇଥିବା ଆଇଏସ୍ ସଙ୍ଗଠନ ନିଜ ପ୍ରଚାର ଏଜେନ୍ସି ଅମାକ୍ ଜରିଆରେ ଘୋଷଣା କରିଛି।

## ଆମେରିକା ରାଷ୍ଟ୍ରଦୂତଙ୍କୁ ଚାଇନାର ସମନ

ବେଜିଂ, ୨୨।୯(ପି.ଟି.)

ରୁଷିଆଠାରୁ ସୁଖୋଇ-୩୫ ଯୁଦ୍ଧବିମାନ ଏବଂ ଏସ୍-୪୦୦ କ୍ଷେପଣାସ୍ତ୍ର କିଣିଥିବା ଯୋଗୁ ଚାଇନା ବିରୋଧରେ କଟକଣା ଜାରି କରିଛି ଆମେରିକା। ଏନେଇ ଉଭୟ ଚାଇନା ଏବଂ ରୁଷିଆ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଟ୍ରମ୍ପ ପ୍ରଶାସନ ଉପରେ ବର୍ଷିଛନ୍ତି। ଶନିବାର ବେଜିଂ କ୍ରୋଧବ୍ୟକ୍ତ କରିବାକୁ ଯାଇ ଆମେରିକାର ରାଷ୍ଟ୍ରଦୂତଙ୍କୁ ସମନ କରିଛି। ଖାଲି ସେତିକି ନୁହେଁ, ଉପପ୍ରଧାନମନ୍ତ୍ରୀ ଲିଉ ହିଙ୍ଗ ୱାଶିଂଟନ ଗସ୍ତକୁ ବାତିଲ କରିଛି ଚାଇନା। ବିଶ୍ୱର ଦୁଇ ପ୍ରମୁଖ ରାଷ୍ଟ୍ର ମଧ୍ୟରେ ଚାଲିଥିବା ବାଣିଜ୍ୟିକ ଯୁଦ୍ଧର ଅବସାନ ଘଟାଇବା ପାଇଁ ଆଲୋଚନା କରିବାକୁ ଲିଉ ଆମେରିକା ଗସ୍ତରେ ଯିବାର ଥିଲା। କିନ୍ତୁ କଟକଣା ଜାରି କରିବା ପରେ ଏହି କାର୍ଯ୍ୟକ୍ରମ ବାତିଲ କରିଦିଆଯାଇଛି।

## 'ସୁପ୍ରିମକୋର୍ଟ, ଇସିକୁ କବ୍‌ଜା କରିଛି ଆର୍‌ଏସ୍‌ଏସ୍'

ନୂଆଦିଲ୍ଲୀ, ୨୨।୯(ପି.ଟି.)



ସୁପ୍ରିମକୋର୍ଟ ଏବଂ ନିର୍ବାଚନ କମିଶନ (ଇସି) ଭଳି ସାମ୍ବିଧାନିକ ସଂସ୍ଥାକୁ ବ୍ୟବସ୍ଥିତ ଢଙ୍ଗରେ କବ୍‌ଜାକୁ ନେଇଛି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)। ତା'ଛଡ଼ା ଗୋଟିଏ ବିଚାରଧାରାକୁ ନେଇ ଭାରତ ଆଗେଇପାରିବ ନାହିଁ ବୋଲି ଶନିବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ନିର୍ଦ୍ଦିଷ୍ଟ ଚିନ୍ତାଧାରାକୁ ସେମାନଙ୍କ ଉପରେ ଲଦିଦିଆଯାଉଛି ବୋଲି ଲୋକେ ହୃଦୟଙ୍ଗମ କରୁଥିବା ସିରି ଫୋର୍ଟରେ ଏକ ଆଲୋଚନାଚକ୍ରରେ ରାହୁଲ କହିଛନ୍ତି। ଉଦ୍‌ବୋଧନବେଳେ ଆର୍‌ଏସ୍‌ଏସ୍‌କୁ ଟାର୍ଗେଟ କରି ରାହୁଲ କହିଛନ୍ତି, ସେମାନେ ରାଷ୍ଟ୍ରଗଠନ କରିବାକୁ ଯାଉଥିବା ନିକଟରେ ସଂଘ ମୁଖ୍ୟ ମୋହନ ଭାଗବତ କହିଥିଲେ। କିନ୍ତୁ ରାଷ୍ଟ୍ର ଗଠନ କରିବାକୁ ସେ କିଏ ? ଦେଶ ଆପେ ଗଢ଼ିହେବ। ଆଗାମୀ କିଛିମାସ ଭିତରେ ଆର୍‌ଏସ୍‌ଏସ୍‌ର ସ୍ୱପ୍ନ ଧୂଳିସାତ୍ ହୋଇଯିବ। ରାହୁଲ କହିଛନ୍ତି, ଦେଶର ଦୁଇଟି ଦୃଷ୍ଟିଭଙ୍ଗୀ ରହିଛି। କଂଗ୍ରେସର ଦୃଷ୍ଟିଭଙ୍ଗୀ ହେଲା, ଦେଶ ଭିତରେ ବସବାସ କରୁଥିବା ଲୋକଙ୍କୁ ନେଇ ଭାରତ ଗଠିତ। କିନ୍ତୁ ସଂଘ ଦୃଷ୍ଟିରେ ଭାରତ ହେଉଛି 'ସୁନା ପକ୍ଷୀ', ଯାହାକୁ ଏହା ଉତ୍ପାଦ ତୁଲ୍ୟ କରିଛି। ଆର୍‌ଏସ୍‌ଏସ୍ ଶିକ୍ଷାନୁଷ୍ଠାନ, ସୁପ୍ରିମକୋର୍ଟ ଏବଂ ନିର୍ବାଚନ କମିଶନକୁ ବ୍ୟବସ୍ଥିତ ଢଙ୍ଗରେ କବ୍‌ଜା କରିଛି ବୋଲି ରାହୁଲ କହିଛନ୍ତି। କୋଟି କୋଟି ଜନତା ଥିବା ଦେଶରେ ନିର୍ଦ୍ଦିଷ୍ଟ ବିଚାରଧାରା ଚଳିବ ନାହିଁ। ଲୋକଙ୍କୁ ବାକ୍ ସ୍ୱାଧୀନତା ଦେବା ହିଁ ଦେଶର ପ୍ରକୃତ ଶକ୍ତି ବୋଲି କଂଗ୍ରେସ ମୁଖ୍ୟ ମତବ୍ୟକ୍ତ କରିଛନ୍ତି। ଶିକ୍ଷା ନୀତିକୁ ନେଇ ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଘରୋଇ ଅପେକ୍ଷା ଶିକ୍ଷାନୁଷ୍ଠାନଗୁଡ଼ିକୁ ସରକାର ପ୍ରାଧାନ୍ୟ ଦେବା ଉଚିତ। ଏଥି ନିମିତ୍ତ ଆବଶ୍ୟକ ବ୍ୟୟ ମଞ୍ଜୁର ହେବା ନିହାତି ଆବଶ୍ୟକ ବୋଲି ରାହୁଲ କହିଛନ୍ତି।

## ଭ୍ୟାପମ୍ ଦୁର୍ନୀତି ଦିଗ୍‌ବିଜୟଙ୍କ ବୟାନ ରେକର୍ଡ

ଭୋପାଳ, ୨୨।୯(ପି.ଟି.)

ବ୍ୟବସାୟିକ ପରୀକ୍ଷା ମଣ୍ଡଳ (ଭ୍ୟାପମ୍) ଦୁର୍ନୀତିରେ ସମ୍ପୃକ୍ତି ନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, କେନ୍ଦ୍ରମନ୍ତ୍ରୀ ଉମା ଭାରତୀ ଏବଂ ଅନ୍ୟ ପାଞ୍ଚ ଜଣଙ୍କ ବିରୋଧରେ ଅଭିଯୋଗ ଦାଏର କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ। ଏମାନଙ୍କ ବିରୋଧରେ ଆପରାଧିକ ମାମଲା ହେଉ ବୋଲି ସେ ଆବେଦନ କରିଛନ୍ତି। ଏନେଇ ଶନିବାର ଭୋପାଳସ୍ଥିତ ଏକ କୋର୍ଟରେ ତାଙ୍କ ବୟାନ ରେକର୍ଡ ହୋଇଛି। ଏହି ଦୁର୍ନୀତିରେ ଅନେକ ଏମ୍‌ପି ଓ ବିଧାୟକ ସମ୍ପୃକ୍ତ ଅଛନ୍ତି। ଏନେଇ ଏକାଧିକ ମାମଲା ଚାଲିଛି, ଯାହାର ବିଚାର କରୁଛନ୍ତି ସ୍ୱତନ୍ତ୍ର କୋର୍ଟ। ବିଚାରପତି ସୁରେଶ ସିଂଙ୍କ ନିକଟରେ ଦିଗ୍‌ବିଜୟଙ୍କୁ ୨ ଘଣ୍ଟା ପଚରାଉଚରା କରି ତାଙ୍କ ବୟାନ ରେକର୍ଡ ହୋଇଛି।

## ଗାଡ଼ି ଓଲଟି ୧୩ ମୃତ

ଶିମ୍‌ଲା,୨୨।୯(ପି.ଟି.)

ହିମାଚଳପ୍ରଦେଶର ଶିମ୍‌ଲାଠାରେ ଶନିବାର ରାସ୍ତା ଦୁର୍ଘଟଣାରେ ୧୩ ଜଣ ପ୍ରାଣ ହରାଇଛନ୍ତି। ଜିଲାର କୁଡ୍ଡୁଠାରୁ ୩ କିଲୋମିଟର ଦୂରରେ ତିୟୁନି ରୋଡ୍‌ରେ ଘଟିଛି ଏହି ଦୁର୍ଘଟଣା। ଏକ ଜରାଜୀର୍ଣ୍ଣ ଟ୍ରେକିଂ ଗାଡ଼ି ତିୟୁନିରୁ ସ୍ୱରା ଅଞ୍ଚଳକୁ ଯିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଗାଡ଼ିରେ ଯାତ୍ରା କରୁଥିବା ସମସ୍ତ ୧୩ ଜଣ ପ୍ରାଣ ହରାଇଛନ୍ତି ବୋଲି ଶିମ୍‌ଲା ଏସ୍‌ପି ଉମାପତି ଜମ୍ୱାଲ ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରେ ତିନୋଟି ପରିବାରର ୮ ଜଣ ସଦସ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରେ ୩ ଯୋଡ଼ା ସ୍ୱାମୀ ସ୍ତ୍ରୀ ଥିବା ଏସ୍‌ପି ଜମ୍ୱାଲ କହିଛନ୍ତି।



■ ଭାରତ-ପାକ୍ ବୈଠକ ବାତିଲ

## ଭାରତକୁ ଇମ୍ରାନଙ୍କ ଟାର୍ଗେଟ୍

ଇସ୍‌ଲାମାବାଦ,୨୨।୯(ପି.ଟି.)



ବୈଠକ ବାତିଲ ହେବା ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଶନିବାର ଭାରତକୁ ଟାର୍ଗେଟ୍ କରିଛନ୍ତି। ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ ବାତିଲ ନିଷ୍ପତ୍ତି ଭାରତର ଅହଙ୍କାରୀ ସ୍ୱଭାବର ପ୍ରତିଫଳନ ଏବଂ ବାର୍ତ୍ତା ପ୍ରକ୍ରିୟାରେ ନୂଆଦିଲ୍ଲୀର ନକାରାତ୍ମକ ପ୍ରତିକ୍ରିୟାରେ ନିରାଶ ହୋଇଥିବା ଇମ୍ରାନ କହିଛନ୍ତି। ସେ ଟୁଇଟ୍ କରି ଲେଖିଛନ୍ତି, ଶାନ୍ତି ଆଲୋଚନା ପାଇଁ ମୋର ଛୋଟ ଉଦ୍ୟମକୁ ପ୍ରତ୍ୟାଖ୍ୟାନ କରି ଭାରତ ନିଜକୁ ଅହଙ୍କାରୀ ବୋଲି ପ୍ରମାଣିତ କରିଛି। ନୂଆଦିଲ୍ଲୀର ନକାରାତ୍ମକ ପଦକ୍ଷେପରେ ମୁଁ ନିରାଶ। ମୋ ଜୀବନରେ ଅନେକ ଛୋଟ ଲୋକଙ୍କ ପଦପଦବୀ ଅଳଙ୍କୃତ କରିଥିବା ଦେଖିଛି। ବଡ଼ ଘଟଣାକ୍ରମକୁ ପ୍ରତ୍ୟକ୍ଷ କରିବା ପାଇଁ ସେମାନଙ୍କ ପାଖରେ ଦୂରଦୃଷ୍ଟି ନ ଥାଏ ବୋଲି ଇମ୍ରାନ ଉଲ୍ଲେଖ କରିଛନ୍ତି। ଜବାବରେ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, ପାକିସ୍ତାନ ସେନାର ନିର୍ଦ୍ଦେଶରେ ଇମ୍ରାନ ପ୍ରଧାନମନ୍ତ୍ରୀ ଆସନରେ ବସିଛନ୍ତି। ସେନା ଇଙ୍ଗିତରେ ଅବସ୍ଥାପିତ ଜଣେ ବ୍ୟକ୍ତିଙ୍କଠାରୁ କ'ଣ ବା ଆଶା କରାଯାଇପାରେ। ଯେପର୍ଯ୍ୟନ୍ତ ଆମ ଯବାନଙ୍କୁ ହତ୍ୟା କରାଯାଉଥିବ ସେପର୍ଯ୍ୟନ୍ତ ପାକିସ୍ତାନ ସହ କୌଣସି ଆଲୋଚନା ହେବନାହିଁ।

# ସୀମାରେ ଚରମ ଉତ୍ତେଜନା

ଜୟପୁର/ ଇସ୍‌ଲାମାବାଦ, ୨୨।୯(ପି.ଟି.)

■ଜବାବ ଦେବାର ବେଳ ଆସିଛି: ସେନାମୁଖ୍ୟ

■ଆମେ ବି ଯୁଦ୍ଧ ପାଇଁ ପ୍ରସ୍ତୁତ: ପାକିସ୍ତାନ



ଆସିଫ୍ ଗଫୁର୍



ଜେନେରାଲ ବିପିନ ରାୱତ୍

କଶ୍ମୀରରେ ସୁରକ୍ଷା ବାହିନୀ ଉପରେ ବର୍ବରତା ଭାରତ-ପାକିସ୍ତାନ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚାଇ ଦେଇଛି। ଆଲୋଚନାର ଦ୍ୱାର ବନ୍ଦ ହେବା ପରେ ଦୁଇଦେଶର ସେନା ପକ୍ଷରୁ ଯୁଦ୍ଧଂଦେହୀ ଡାକରା ଦିଆଯାଇଛି। ଭାରତୀୟ ଯବାନଙ୍କ ଉପରେ ପାକିସ୍ତାନ ସେନା ଏବଂ ଆତଙ୍କବାଦୀଙ୍କ ଅମାନୁଷିକ ଆକ୍ରମଣ ପରେ ଶନିବାର ଭାରତୀୟ ସେନାମୁଖ୍ୟ ଜେନେରାଲ ବିପିନ ରାୱତ୍ ପାକିସ୍ତାନକୁ ଜବାବ ଦେବାର ବେଳ ଆସିଛି ବୋଲି ମନ୍ତବ୍ୟ ଦେଇଛନ୍ତି। ଅପରପକ୍ଷେ ଆମେ ବି ଯୁଦ୍ଧ ପାଇଁ ପ୍ରସ୍ତୁତ ବୋଲି ପାକିସ୍ତାନର ସେନାମୁଖ୍ୟ ପାଲଟା ଧମକ ଦେଇଛନ୍ତି।

ନିକଟରେ ଜଣେ ବିଏସ୍‌ଏଫ୍ ଯବାନଙ୍କୁ ଏଲ୍‌ଓସିରେ ପାକିସ୍ତାନୀ ସେନା ଗୁଳିକରି ହତ୍ୟା କରିବା ପରେ ତାଙ୍କର ଗଳାକାଟି ଆଖି ତାଡ଼ି ଦେଇଥିଲେ। ଶରୀରର ବିଭିନ୍ନ ଅଂଶରେ ଛୁରାମାଡ଼ର ଚିହ୍ନ ମଧ୍ୟ ଥିଲା। ଏହାପରେ ଶୁକ୍ରବାର କଶ୍ମୀରରେ ସୀମାପାର ଆତଙ୍କବାଦୀମାନେ ୩ ପୋଲିସ କର୍ମଚାରୀଙ୍କୁ ଅପହରଣ ପରେ ହତ୍ୟା କରିଥିଲେ। ଏହାପରେ ବୈଦେଶିକ ମନ୍ତ୍ରୀସ୍ତରୀୟ ଆଲୋଚନା ପ୍ରକ୍ରିୟାକୁ ଶୁକ୍ରବାର ଭାରତ ରଦ୍ଦ କରିଥିଲା।

ତେବେ ଏହାର ଜବାବ ଦେବାକୁ ଯାଇ ଜେନେରାଲ ରାୱତ୍ କହିଛନ୍ତି, ଭାରତୀୟ ସେନା ପ୍ରତି ଆତଙ୍କବାଦୀ ଏବଂ ପାକିସ୍ତାନୀ ସେନାର ବର୍ବରତା ବିରୋଧରେ କଠୋର ପଦକ୍ଷେପ ଲୋଡ଼ା। ସେମାନଙ୍କୁ ଉଚିତ ଜବାବ ଦେବାର ସମୟ ଆସିଯାଇଛି। କିନ୍ତୁ ସେମାନଙ୍କ ଭଳି ବର୍ବର ଢଙ୍ଗରେ ନୁହେଁ। ଆରପଟ ଲୋକେ ସମାନ ଯନ୍ତ୍ରଣା ଅନୁଭବ କରିବା ଦରକାର। ପାକିସ୍ତାନ ସେନା ସୀମାରେ ଯେତେବେଳେ ବି ଭାରତ ବିରୋଧରେ କିଛି କାର୍ଯ୍ୟ କରିଥାଏ, ତାହାର ଉଚିତ ଯବାବ ଦିଆଯାଇଛି। ପଡ଼ୋଶୀ ସେନା ଅନେକ ଯବାନଙ୍କୁ ହରାଇଛି ଏବଂ ସେମାନଙ୍କ ସାମରିକ ଶକ୍ତିକୁ ପରାଜିତ କରିବା ଦକ୍ଷତା ଆମର ରହିଛି। କିନ୍ତୁ କେବେ ବି ଭାରତୀୟ ସେନା ବର୍ବରତାର ପନ୍ଥା ଆପଣାଇ ନାହିଁ। ତାଙ୍କର ଯୁଦ୍ଧବିରତି ନିବେଦନକୁ ସଦା ପ୍ରାଧାନ୍ୟ ଦିଆଯାଇଥାଏ। କିନ୍ତୁ ସେମାନେ ଏଭଳି ବର୍ବରତା ଆପଣାଇଲେ ଆମକୁ ଭିନ୍ନ ଉପାୟ ଆପଣାଇବାକୁ ପଡ଼ିବ ବୋଲି ଜେନେରାଲ ରାୱତ୍ କହିଛନ୍ତି।

ଭାରତୀୟ ସେନାମୁଖ୍ୟଙ୍କ ଏଭଳି ମନ୍ତବ୍ୟର ଜବାବରେ ପାକିସ୍ତାନ ସେନା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପାକିସ୍ତାନ ସେନା ମୁଖପାତ୍ର ଆସିଫ୍ ଗଫୁର୍ କହିଛନ୍ତି, ଆମେ ବି ଯୁଦ୍ଧ ପାଇଁ ପ୍ରସ୍ତୁତ। କିନ୍ତୁ ଶାନ୍ତି ମାର୍ଗକୁ ପ୍ରାଥମିକତା ଦିଆଯିବ। ଆତଙ୍କବାଦ ବିରୋଧରେ ଇସ୍‌ଲାମାବାଦ ଦୀର୍ଘବର୍ଷ ହେଲା ସଂଘର୍ଷ କରିଆସୁଛି। ଆମକୁ ଶାନ୍ତିର ମୂଲ୍ୟ ଜଣା। କୌଣସି ଯବାନଙ୍କୁ ଅପମାନ ଦେବା ଭଳି କାର୍ଯ୍ୟ ଆମେ କେବେ କରି ନ ଥାଉ। ଶହୀଦଙ୍କ ଶରୀରକୁ କ୍ଷୟବିକ୍ଷତ କରିବା ଅଭିଯୋଗ ପୂର୍ବରୁ ମଧ୍ୟ ଭାରତୀୟ ସେନା ଆମ ବିରୋଧରେ ଆଣିଛି ବୋଲି ଗଫୁର କହିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ ଅଫିସ-(06753)252710, ଭଦ୍ରକ ଅଫିସ-(06784)242101, ନୂଆପଡ଼ା ଅଫିସ-(06678)223068, ଝାରସୁଗୁଡ଼ା ଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ା ଅଫିସ-06727233825, ପାରଳାଖେମୁଣ୍ଡି-9437140002.

DADLS-112
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
ଜୀବିକା ଏବଂ କୌଶଳ ବିକାଶରେ ଅଗ୍ରଣୀ ଓଡ଼ିଶା
୨୦୧୭-୧୮ ଆର୍ଥିକ ବର୍ଷରେ ଡିଡିୟୁ-ଜିକେୱାଇରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଓଡ଼ିଶାକୁ ମିଳିଛି ପ୍ରଥମ ପୁରସ୍କାର

୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ଆର୍ଥିକ ସମ୍ପୃକ୍ତି ବର୍ଗରେ ସର୍ବୋତ୍ତମ ପ୍ରଦର୍ଶନ ନିମନ୍ତେ ଓଡ଼ିଶା ଜୀବିକା ମିଶନ ସମଗ୍ର ଭାରତ ବର୍ଷରେ ପୁରସ୍କୃତ ଏବଂ ସମ୍ମାନିତ
CMO.Odisha | @CMO_Odisha | @Naveen_Odisha
15001/13/0238/1819




# କାର୍-ବାଇକ୍ ଧକ୍କା: ମାମୁ, ଭଣଜା ମୃତ

କାମାକ୍ଷାନଗର, ୨୨।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଆଲୁଅଟରଣେ-ଭାଲୁମୁଣ୍ଡା ଛକ ନିକଟରେ ଶନିବାର ସନ୍ଧ୍ୟାରେ କାର୍ ଧକ୍କାରେ ଦୁଇ ବାଇକ୍ ଆରୋହୀ ପ୍ରାଣ ହରାଇଛନ୍ତି। ସେମାନେ ହେଲେ କଙ୍କଡ଼ାହାଡ଼ ଥାନା ବାଟଗାଁ ପଞ୍ଚାୟତ ପଳାସଟାଙ୍ଗି ଗ୍ରାମର ସନ୍ତୋଷ ପ୍ରଧାନ (୨୬) ଏବଂ ତାଙ୍କ ଭଣଜା ନୂଆଁଅଁଳାବେରେଣୀ ଗ୍ରାମର ସିଦ୍ଧାନ୍ତ ପ୍ରଧାନ (୨୪)। ଦୁର୍ଘଟଣାପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ଦେଖାଦେଇଛି। କ୍ଷତିପୂରଣ ଏବଂ ଅଭିଯୁକ୍ତ କାର୍ ଡ୍ରାଇଭରଙ୍କ ଗିରଫ ଦାବିରେ ମୃତଦେହ ରଖି ଅଞ୍ଚଳବାସୀ ରାସ୍ତା ଅବରୋଧ କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଉଭୟେ ବାଇକ୍ (ଓଆର୍ ୧୯ ଡି ୫୯୧୩)ରେ କାମାକ୍ଷାନଗରରୁ ଢେଙ୍କାନାଳ ଆଡ଼କୁ ଆସୁଥିବାବେଳେ ବିପରୀତ ପାର୍ଶ୍ୱରୁ ଦ୍ରୁତ ଗତିରେ ଆସୁଥିବା କାର୍ (ଓଡି ୦୨ ଏଜେ ୯୧୪୧) ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଖବର ଲେଖାଯିବା ସୁଦ୍ଧା ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ଚଳାଇଛି।

# ଚଳଚ୍ଚିତ୍ର ପ୍ରଯୋଜକ ସୁବାସ ରାଉତଙ୍କ ପରଲୋକ

କଟକ ଅଫିସ, ୨୨।୯

ବରିଷ୍ଠ ଚଳଚ୍ଚିତ୍ର ପ୍ରଯୋଜକ ସୁବାସ ରାଉତଙ୍କର ୬୨ ବର୍ଷ ବୟସରେ ପରଲୋକ ଘଟିଛି। ଶନିବାର ଭୋର ସମୟରେ ସେ କଟକ ଛତ୍ରବଜାରସ୍ଥିତ ବାସଭବନରେ ଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାର କିଛି ସମୟ ପରେ ଭୋର ପ୍ରାୟ ୪ଟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ପ୍ରମିଳା ରାଉତ, ଦୁଇ ପୁଅ ପିଙ୍କୁ ଏବଂ ପ୍ରଯୋଜକ ତଥା ଅଭିନେତା ସନ୍ଦୀପ ରାଉତ, ୩ ଭାଇ ପ୍ରଯୋଜକ ସୁନୀଲ, ସୌମ୍ୟ ଓ ପୂର୍ଣ୍ଣଚନ୍ଦ୍ର ରାଉତ, ଭିଣୋଇ ବରିଷ୍ଠ କଂଗ୍ରେସ ନେତା ତଥା ପ୍ରଯୋଜକ କେଶବ ରାଉତ, ସମ୍ପର୍କୀୟ ତଥା ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବିଜୁ ସ୍ୱାଇଁ, ସଙ୍ଗୀତକାର, କଣ୍ଠଶିଳ୍ପୀ ତଥା ସିନେମା ସଂସାରର ସମ୍ପାଦକ ମୁରଲୀଧର ନାୟକଙ୍କ ସମେତ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ସୁବାସଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି।


ସୁବାସ ରାଉତ

ଫଳ ବ୍ୟବସାୟ କରି ସଫଳତା ପାଇବା ପରେ ସୁବାସ ୯୦ ଦଶକରେ ଭିଣୋଇ କେଶବ ରାଉତଙ୍କ ସହ ମିଶି ପ୍ରଥମେ ଚଳଚ୍ଚିତ୍ର ପ୍ରଯୋଜନା କ୍ଷେତ୍ରରେ ପାଦ ଦେଇଥିଲେ। ଶ୍ରୀ ଗଣେଶ ପ୍ରଡକ୍ସନ୍ସ ନାମରେ ଏକ ପ୍ରଯୋଜନା ସଂସ୍ଥା ଗଢି ଏହି ବ୍ୟାନରରେ ସେ 'ବିଧାତାର ଖେଳ', 'ଲକ୍ଷ୍ମଣରେଖା', 'ସନ୍ତାନ' ଓ 'ସିଂହବାହିନୀ' ଆଦି ଚଳଚ୍ଚିତ୍ର ଓଡିଆ ସିନେପ୍ରେମୀଙ୍କୁ ଭେଟି ଦେଇଥିଲେ। ପରବର୍ତ୍ତୀ ସମୟରେ ସିନେମା ବ୍ୟବସାୟରେ ସେତେଟା ସଫଳତା ନ ପାଇବାରୁ ସିନେମା ଜଗତରୁ ଦୂରେଇ ଯାଇ ସେ ଛୋଟ ପରଦାରେ ଧାରାବାହିକ ପ୍ରଯୋଜନାରେ ମନ ଦେଇଥିଲେ। ସେ ଅଭିନେତା ଭାବେ ନିଜ ପୁଅ ସନ୍ଦୀପଙ୍କ ସମେତ ବହୁ ନୂତନ କଳାକାର, ସଙ୍ଗୀତକାର ଓ ଟେକ୍ନିସିଆନଙ୍କୁ ସୃଷ୍ଟି କରିପାରିଥିଲେ।






ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ସେପ୍ଟେମ୍ବର, ୨୦୧୮





ଭିଜା ମାମଲାରେ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଆମେରିକାରେ ବସବାସ କରୁଥିବା ଭାରତୀୟଙ୍କୁ ଆଉ ଏକ ଝଟକା ଦେବାକୁ ଯାଉଛନ୍ତି। ଏଚ୍‌-୪ ଭିଜାଧାରକଙ୍କୁ ଦିଆଯାଉଥିବା ୱର୍କ ପରମିଟ୍‌କୁ ଆସନ୍ତା ୩ ମାସ ମଧ୍ୟରେ ରଦ୍ଦ କରାଯିବ ବୋଲି ଟ୍ରମ୍ପ ପ୍ରଶାସନ ସ୍ଥାନୀୟ ଏକ ଫେଡେରାଲ କୋର୍ଟଙ୍କୁ ଜଣାଇଛନ୍ତି। ଏହି ଘୋଷଣା ଯୋଗୁ ଆମେରିକାରେ କାର୍ଯ୍ୟ କରୁଥିବା ପ୍ରାୟ ୧.୨୫ ଲକ୍ଷ ଭାରତୀୟ ପ୍ରଭାବିତ ହେବେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ନିବୃତ୍ତି
ପରିବାରବର୍ଗ



ହର୍ଷିତା
ପରିବାରବର୍ଗ



ସମୀର
ପରିବାରବର୍ଗ



ସୁଲଗ୍ନା
ପରିବାରବର୍ଗ



ଉର୍ମିଳା
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଲଘୁଚାପ ବର୍ଷା:୧୦୦ ପରିବାର ଜଳବନ୍ଦୀ

ମହାକାଳପଡା,୨୨।୯(ଡି.ଏନ୍‌.ଏ.)- ଲଘୁଚାପ ଯୋଗୁ କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଜମ୍ବୁ ପଞ୍ଚାୟତ ଅନ୍ତର୍ଗତ ଜମ୍ବୁଗ୍ରାମସ୍ଥିତ ଦକ୍ଷିଣପଡାର ୯,୧୦ ଓ ୧୧ ନଂ ୱାର୍ଡର ବିଭିନ୍ନ ସ୍ଥାନରେ ବର୍ଷାଜଳ ଜମି ରହିଛି। ଫଳରେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। ପ୍ରଶାସନିକ ସହଯୋଗ ପହଞ୍ଚି ପାରି ନ ଥିବାରୁ ସେଠାରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସହାୟତା ପ୍ରଦାନ ନ କଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

### ଝାରସୁଗୁଡାରୁ ଫେରି ମୁଖ୍ୟମନ୍ତ୍ରୀଙ୍କ ଟାର୍ଗେଟ

# ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବାକୁ ମୋଦି ଏଭଳି କହିଛନ୍ତି

- ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଉତ୍କ୍ଷିପ୍ତ ହେବାର ଦେଖିଲି: ଧର୍ମେନ୍ଦ୍ର
- ବିଜେଡି-ଭାଜପା ମଧ୍ୟରେ ଭିତିରି ସମ୍ପର୍କ ରହିଛି: ନିରଞ୍ଜନ

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦିନିକିଆ ଓଡିଶା ଗସ୍ତରେ ଆସି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଏ ସରକାର ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଲିପ୍ତ ବୋଲି ମୋଦି ଆକ୍ଷେପ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଜବାବ ରଖିଛନ୍ତି। ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବା ସକାଶେ ପ୍ରଧାନମନ୍ତ୍ରୀ ଏଭଳି ବକ୍ତବ୍ୟ ରଖିଥିବା ଝାରସୁଗୁଡାରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ଉଜ୍ଜ୍ୱଳା ଏବଂ ସ୍କିଲ ଇଣ୍ଡିଆରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ପ୍ରଧାନମନ୍ତ୍ରୀ କାହିଁକି କିଛି କହିଲେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ପାଲଟା ପ୍ରଶ୍ନ କରିଛନ୍ତି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଜପା କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀଙ୍କ ଜବାବ ଓ ପ୍ରଶ୍ନର ଉତ୍ତର ରଖିଛନ୍ତି। ସେପଟେ କଂଗ୍ରେସ ବିଜେଡି-ଭାଜପା ମଧ୍ୟରେ ଭିତିରି ସମ୍ପର୍କ ଥିବା ଅଭିଯୋଗ ଆଣିଛି।

ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିବା ପରେ କହିଛନ୍ତି ଯେ, କେନ୍ଦ୍ରର ଆୟୁଷ୍ମାନ ଯୋଜନାଠାରୁ ରାଜ୍ୟର ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ଅଧିକ ଲାଭ ରହିଛି। ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ୫୦ଲକ୍ଷ ପରିବାର ଉପକୃତ ହେବେ। ଏହି ଯୋଜନାରେ ମହିଳାମାନଙ୍କ କ୍ଷେତ୍ରରେ ସ୍ୱତନ୍ତ୍ର ରାଶି ୭ଲକ୍ଷ ଟଙ୍କା ରହିଛି। ଆୟୁଷ୍ମାନ ଯୋଜନାରେ ମହିଳାଙ୍କୁ ୭ଲକ୍ଷ ଟଙ୍କା ରାଶି ଦେବାକୁ ଆମେ ଅନୁରୋଧ କରିଥିଲୁ। ମାତ୍ର କେନ୍ଦ୍ର ଏଥିପାଇଁ ମନା କରିଦେଇଥିଲା। ଖାଦ୍ୟ ସୁରକ୍ଷା ଯୋଜନାରେ ଅଧିକ ୨୫ଲକ୍ଷ ହିତାଧିକାରୀଙ୍କୁ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲୁ। କେନ୍ଦ୍ର ସେଥିରେ ମଧ୍ୟ ରାଜି ହୋଇ ନ ଥିଲା। ରାଜ୍ୟର ଖାଦ୍ୟ ସୁରକ୍ଷା ଯୋଜନାରେ ୨୫ଲକ୍ଷ ନୂତନ ହିତାଧିକାରୀଙ୍କୁ ଯୋଡାଯାଇଛି ବୋଲି ସେ କହିଛନ୍ତି। ପିସି ପ୍ରସଙ୍ଗରେ ମୋଦିଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ତାଙ୍କ କର୍ମୀମାନଙ୍କୁ ଉତ୍ସାହିତ କରିବା ପାଇଁ ଏଭଳି କହିଥାଇ ପାରନ୍ତି। ଉଜ୍ଜ୍ୱଳା ଓ ସ୍କିଲ୍‌ ଇଣ୍ଡିଆ ସ୍କାମ୍‌ କଥା ସେ ଭୁଲିଯାଇଛନ୍ତି କି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ପେଟ୍ରୋଲ ଓ ଡିଜେଲ ଦର ବର୍ତ୍ତମାନ ରେକର୍ଡସ୍ତରରେ ପହଞ୍ଚିଛି। ସେ ବିଷୟରେ ପ୍ରଧାନମନ୍ତ୍ରୀ କିଛି କହିଲେ ନାହିଁ। ତୈଳଦର ବୃଦ୍ଧି ଯୋଗୁ ଦେଶବାସୀ ହଇରାଣ ହେଉଛନ୍ତି। ଦର ନିୟନ୍ତ୍ରଣ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ମୁଖ୍ୟମନ୍ତ୍ରୀ ସମାଲୋଚନା କରିଛନ୍ତି।

ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ସାର୍ବଜନୀନ ସଭାରେ କିଛି ବକ୍ତବ୍ୟକୁ ନେଇ ମୁଖ୍ୟମନ୍ତ୍ରୀ ଉତ୍କ୍ଷିପ୍ତ ହେବା ତାଙ୍କ ଚରିତ୍ରର ବ୍ୟତିକ୍ରମ ଓ ଏହା ଏକ ନୂଆ କଥା। ପେଟ୍ରୋଲ ଦର କମାଇବା ପାଇଁ ମୁଖ୍ୟମନ୍ତ୍ରୀ କହିଲେ। ଆମେ ଉତ୍ପାଦନ ଶୁଳ୍କ ୨ଟଙ୍କା କମାଇବା ପରେ ରାଜ୍ୟର କ୍ଷତି ହେଉଛି ବୋଲି ଅର୍ଥମନ୍ତ୍ରୀ କହିଥିଲେ। ପଶ୍ଚିମବଙ୍ଗ, କର୍ଣାଟକ ସମେତ ଅଣଭାଜପା ଶାସିତ ରାଜ୍ୟର ସରକାରଗୁଡିକ ଭାଟ୍‌ କମାଇଛନ୍ତି। ତେବେ ଓଡିଶା କାହିଁକି ଟିକସ କମାଉ ନାହିଁ। ୨୦୧୪ରେ ତୈଳ ଦର ଉପରୁ ରାଜ୍ୟକୁ ୩ହଜାର କୋଟି ଟଙ୍କା ରାଜସ୍ୱ ଆସୁଥିବା ବେଳେ ଏବେ ତାହା ୭ହଜାର କୋଟି ଟଙ୍କାରେ ପହଞ୍ଚିଛି। ତୈଳଦର ବୃଦ୍ଧି ନେଇ ମୁଁ ଓ ମୋ ସରକାର ମଧ୍ୟ ଚିନ୍ତିତ। ଆନ୍ତଃରାଜ୍ୟ ବଜାରରେ ତୈଳଦର ବୃଦ୍ଧି ହେବା କାରଣରୁ ଭାରତୀୟ ବଜାରରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଉଥିବା ସେ କହିଛନ୍ତି। ଉଜ୍ଜ୍ୱଳା ଓ ସ୍କିଲ୍‌ ଇଣ୍ଡିଆରେ ସ୍କାମ୍‌ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ଉଠାଇଥିବା ଅଭିଯୋଗର ଉତ୍ତରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଦାୟିତ୍ୱ ନେବାପରେ ଦେଶର ୫ହଜାର କୋଟି ପରିବାର ଏବଂ ରାଜ୍ୟର ୩୪ଲକ୍ଷ ଗରିବ ମହିଳାଙ୍କ ଘରେ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ତାଙ୍କ ପସନ୍ଦର ଯେକୌଣସି ଗାଁର ଉଜ୍ଜ୍ୱଳା ହିତାଧିକାରୀଙ୍କୁ ବାଛିକି ସେଠାକୁ ଯିବା ପାଇଁ ମୋତେ ଆଦେଶ ଦିଅନ୍ତୁ। ସେହି ହିତାଧିକାରୀଙ୍କ ଘରକୁ ଯାଇ ମୁଖ୍ୟମନ୍ତ୍ରୀ ପଚାରନ୍ତୁ ଉଜ୍ଜ୍ୱଳା ଯୋଜନାରେ ଦୁର୍ନୀତି ନା ସଶକ୍ତୀକରଣ ହୋଇଛି। ଏହା ସ୍ପଷ୍ଟ ହୋଇଯିବ। ସେହିପରି ସ୍କିଲ୍‌ ଇଣ୍ଡିଆ କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶର ଦୁର୍ନୀତି ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହି ଖବର ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ହୋଇଛି। ମୁଖ୍ୟମନ୍ତ୍ରୀଙ୍କୁ ଶ୍ରେଷ୍ଠ ପୁରସ୍କାର ଦେଇଥିବା ସଂସ୍ଥା ମହାରାଷ୍ଟ୍ର ଏକାଡେମୀ ଅଫ୍‌ ଇଞ୍ଜିନିୟରିଂ ଆଣ୍ଡ ଏଜୁକେଶନ ରିସର୍ଚ୍ଚ ଏହି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ବୋଲି ସେ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୭୦ଲକ୍ଷ ପରିବାର ଏଥିରେ ସାମିଲ ହେବେ ବୋଲି ବିଜ୍ଞାପନରେ ଦର୍ଶାଇଥିଲେ। ମାତ୍ର ଆଜି ୫୦ଲକ୍ଷ ପରିବାର ଏହି ଯୋଜନାରେ ସାମିଲ ହେବେ ବୋଲି ଦେଇଥିବା ବକ୍ତବ୍ୟ କେଉଁ ଆଧାରରେ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଉଭୟ ବିଜେଡି ଏବଂ ଭାଜପାକୁ ଟାର୍ଗେଟ କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିବାରୁ ଧନ୍ୟବାଦ ଜଣାଉଛି। କିନ୍ତୁ ଦୁଇ ଦଳ ମଧ୍ୟରେ ଭିତିରି ଭୁଝାମଣା ରହିଛି। ଲୋକମାନଙ୍କୁ ବିଭ୍ରାନ୍ତ କରିବା ପାଇଁ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ହୋଇ ଏଭଳି ଆକ୍ଷେପ ପ୍ରତିଆକ୍ଷେପ ଚାଲିଛି। ମାତ୍ର ରାଜ୍ୟବାସୀ ଏହାକୁ ବୁଝିସାରିଛନ୍ତି। ଆସନ୍ତା ଦିନରେ ଉଭୟଙ୍କୁ ଏହାର ଜବାବ ମିଳିବ ବୋଲି ସେ କହିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ

ପ୍ରଥମ ପୃଷ୍ଠାରୁ...

## ବୀର ସୁରେନ୍ଦ୍ର ସାଏ...

ଓରାମ, ବରଗଡ଼ ଏମ୍‌ପି ଡା. ପ୍ରଭାସ ସିଂ, ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ, ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡାଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ବିମାନବନ୍ଦର ଉଦ୍‌ଘାଟନ କରିଛନ୍ତି। ବିମାନବନ୍ଦର ଉଦ୍‌ଘାଟନ ଦ୍ୱାରା ପଶ୍ଚିମ ଓଡ଼ିଶାର ବ୍ୟବସାୟିକ ବିକାଶ ଘଟିବ ଏବଂ ନିବେଶକଙ୍କ ପାଇଁ ସୁଯୋଗ ସୃଷ୍ଟିହେବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଏହାସହ ମୋଦି ଝାରସୁଗୁଡ଼ା-ବରପାଲି-ସରଡେଗା ରେଳଲାଇନ୍‌ ପ୍ରକଳ୍ପ, ସୁନ୍ଦରଗଡ଼ ଜିଲାର ଗର୍ଜନବାହାଲ ଓ ଦୁଲଙ୍ଗା କୋଇଲାଖଣିକୁ ମଧ୍ୟ ଲୋକାର୍ପଣ କରିଛନ୍ତି।

ଶନିବାର ଅପରାହ୍ନ ୧.୦୫ରେ ବାୟୁସେନା ହେଲିକପ୍ଟର ଯୋଗେ ପ୍ରଧାନମନ୍ତ୍ରୀ ମୋଦି ଏବଂ ରାଜ୍ୟପାଳ ଗଣେଶି ଲାଲ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ପହଞ୍ଚିଥିଲେ। ବିମାନବନ୍ଦରରେ ପୂର୍ବରୁ ପହଞ୍ଚି ସାରିଥିବା ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଝାରସୁଗୁଡ଼ା ପୌରାଧ୍ୟକ୍ଷ ହରିଶ ଗଣତ୍ରା, ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପଟେଲ ଏବଂ ଅନ୍ୟ ଅତିଥିମାନେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ହେଲିକପ୍ଟରରୁ ଓହ୍ଲାଇବା ପରେ ମୋଦି ସିଧାସଳଖ ଅଙ୍ଗନୱାଡି କର୍ମୀଙ୍କ ନିକଟକୁ ଯାଇ ସେମାନଙ୍କ ସହ ଆଲୋଚନା କରିଥିଲେ। ନିକଟରେ ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି କରିଥିବାରୁ ସେମାନେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେଠାରୁ ମୋଦି ଟର୍ମିନାଲ ପରିସରରେ ଥିବା ସଭାସ୍ଥଳରେ ପହଞ୍ଚିଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ନାମରେ ବିମାନବନ୍ଦର ନାମକରଣ ଏବଂ ଲୋକାର୍ପଣ କରିଥିଲେ। ଉଡାନ ଯୋଜନାରେ ବେହେରାମାଲ ଆଶ୍ରମ ସ୍କୁଲର ୭ ଜଣ ଛାତ୍ରୀଛାତ୍ର ଏବଂ ଝାଡ଼େଶ୍ୱରୀ ଭିନ୍ନକ୍ଷମ ସ୍କୁଲର ଜଣେ ଛାତ୍ରୀ ଝାରସୁଗୁଡ଼ାରୁ ରାୟପୁର ଯାତ୍ରା କରିଥିଲେ।

ବିମାନବନ୍ଦରର ଲୋକାର୍ପଣ କରି ମୋଦି କହିଲେ, ଆଧୁନିକ ଓଡ଼ିଶା, ଆଧୁନିକ ଭାରତ। ଏହି ଆଧୁନିକ ଶବ୍ଦ ସହ ଆଧୁନିକ ଭିତ୍ତିଭୂମି ଜଡ଼ିତ ରହିଛି। ତେଣୁ ଆଧୁନିକ ଭିତ୍ତିଭୂମି ଥିବା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ଆଜି ଆରମ୍ଭ କରାଯାଇଛି। ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରକୁ ଆସୁଥିବା ଯାତ୍ରୀ ସୁରେନ୍ଦ୍ର ସାଏଙ୍କ ନାମ ଶୁଣିବା ପରେ ତାଙ୍କ ମନରେ ଓଡ଼ିଶାର ବୀରତା, ତ୍ୟାଗ ଓ ସମର୍ପଣ ପ୍ରତି ଆକର୍ଷିତ ହେବେ ବୋଲି ସେ କହିଥିଲେ। ଏହି ବିମାନବନ୍ଦର କାର୍ଯ୍ୟକ୍ଷମ ନେଇ ବହୁ ବିଳମ୍ବ ହୋଇଛି। ତେବେ କାହିଁକି ବିଳମ୍ବ ହୋଇଛି ତାହା ଆପଣମାନଙ୍କୁ ଖୋଜିବାକୁ ପଡ଼ିବ। କାରଣ ଗୁଜରାଟର କଚ୍ଛ ଜିଲାରେ ୫ଟି ବିମାନବନ୍ଦର ରହିଥିବା ବେଳେ ଓଡ଼ିଶାର ଦ୍ୱିତୀୟ ବିମାନବନ୍ଦର ଆଜି ଲୋକାର୍ପିତ ହୋଇଛି। ବହୁବର୍ଷର ବ୍ୟବଧାନ ପରେ ଏହା ଲୋକାର୍ପଣ ହେଉଥିବାରୁ ଏହାର କାରଣ ଖୋଜିବାକୁ ମୋଦି ଆହ୍ୱାନ ଦେଇଥିଲେ।

ଦେଶରେ ବିମାନସେବା କ୍ଷେତ୍ରରେ ବ୍ୟାପକ ବିକାଶ ଘଟିଛି। ସ୍ୱାଧୀନତା ପରଠାରୁ ଦେଶରେ ମୋଟ ୪୫୦ ବିମାନ ଉଡୁଥିବା ବେଳେ ଗତ ବର୍ଷକ ମଧ୍ୟରେ ୯୫୦ ଉଡ଼ାଜାହାଜ କ୍ରୟ ପାଇଁ ଆଗୁଆ ବୁକିଂ କରାଯାଇଛି। ଯୋଗାଯୋଗ ଦୃଷ୍ଟିକୋଣରୁ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ଭୁବନେଶ୍ୱର, ରାୟପୁର ଏବଂ ରାଞ୍ଚି ସହରର କେନ୍ଦ୍ର ସ୍ଥଳରେ ରହିଛି। ତେଣୁ ଏଠାରେ ବିକାଶର ସମ୍ଭାବନା ପ୍ରବଳ ରହିଥିବା ସେ କହିଥିଲେ। ଭାରତର ବିକାଶ ପାଇଁ ପୂର୍ବ ଭାରତର ବିକାଶ ଜରୁରୀ ବୋଲି ମୋଦି ଦୋହରାଇଥିଲେ। ସେହିପରି ଶନିବାର ସୁନ୍ଦରଗଡ଼ ଜିଲାର ଦୁଇଟି କୋଇଲା ଖଣି ଉଦ୍‌ଘାଟନ କରିଛନ୍ତି ମୋଦି। ଜୀବନର ଗତିବିଧିର କେନ୍ଦ୍ରବିନ୍ଦୁ ହେଉଛି ଶକ୍ତି। ସେହି ଦୃଷ୍ଟିରୁ ଓଡ଼ିଶା ଭାଗ୍ୟବାନ। କାରଣ ଓଡ଼ିଶାରେ ଭରପୂର କୋଇଲା ଖଣି ରହିଛି। କୋଇଲା ଖଣି ଭିତରେ ଥିବା ଯାଏ ଏହା ମୂଲ୍ୟହୀନ ହୋଇଥିବା ବେଳେ ଖଣିରୁ ବାହାରିବା ପରେ ଏହା ମୂଲ୍ୟବାନ ବୋଲି ମୋଦି କହିଥିଲେ। ଏହି କୋଇଲା ପରିବହନ ପାଇଁ ଝାରସୁଗୁଡ଼ା-ବରପାଲି-ସରଡେଗା ରେଳଲାଇନ୍‌ ଉଦ୍‌ଘାଟନ କରିଥିଲେ ମୋଦି। ଯୋଗାଯୋଗ ଦୃଷ୍ଟିରୁ ଆଜିର ଦିନର ମହତ୍ତ୍ୱ ରହିଛି। ଝାରସୁଗୁଡ଼ାରେ ବିମାନବନ୍ଦର ସହ ସୁନ୍ଦରଗଡ଼ ଜିଲା ଆଦିବାସୀ ଅଞ୍ଚଳକୁ ରେଳଲାଇନ ସଂଯୋଗ ହୋଇଛି। ଯୋଗାଯୋଗ ବିକାଶର ଅଙ୍ଗ ହୋଇପଡ଼ିଛି। ତେଣୁ ରାଜପଥ, ଆକାଶପଥ, ରେଳପଥ, ଜଳପଥ ଭଳି ଯୋଗାଯୋଗ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଉଦ୍‌ବୋଧନ ଦେଇ କହିଲେ ଓଡ଼ିଶାରେ ଆଉ ୩ଟି ବିମାନ ବନ୍ଦର ନିର୍ମାଣ କରାଯିବ । ସୁନ୍ଦରଗଡ଼ ଜିଲାର ରାଉରକେଲା, କଳାହାଣ୍ଡି ଜିଲାର ଉତ୍‌କେଲା ଓ କୋରାପୁଟର ଜୟପୁରରେ ଏହି ବିମାନ ବନ୍ଦର ନିର୍ମାଣ କରାଯିବ ।

ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ଏବଂ ଅନ୍ୟ ପ୍ରକଳ୍ପ ଉଦ୍‌ଘାଟନ ନେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଖୁସି ବ୍ୟକ୍ତ କରିଥିଲେ। ତେବେ ଏହି ବିମାନବନ୍ଦରରୁ ପୂର୍ଣ୍ଣାଙ୍ଗ ବାଣିଜ୍ୟିକ ବିମାନ ଚଳାଚଳ କରିବାକୁ ପଟ୍ଟନାୟକ ମୋଦିଙ୍କୁ ଅନୁରୋଧ କରିଥିଲେ। ଏହାସହ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆ ବିମାନ ଝାରସୁଗୁଡ଼ାରେ ଅବତରଣ କରି ଯାତ୍ରୀଙ୍କୁ ନେଇ ଯିବାକୁ ସେ ପ୍ରସ୍ତାବ ଦେଇଥିଲେ। ସେହିପରି ଦେଶର ଆର୍ଥିକ ବିକାଶ ଦିଗରେ ଓଡ଼ିଶାର କୋଇଲା ଉତ୍ତୋଳନରୁ ଆଦାୟ ରାଜସ୍ୱର ଭୂମିକା ଗୁରୁତ୍ୱପୂର୍ଣ୍ଣ। ହେଲେ ଏହାଦ୍ୱାରା ଓଡ଼ିଶାରେ ଜଳ, ପରିବେଶ, ଜଙ୍ଗଲ ଏବଂ ବିସ୍ଥାପନ ଭଳି ଗୁରୁତର ସମସ୍ୟା ସୃଷ୍ଟି ହେଉଛି। ତେଣୁ ରାଜ୍ୟ ସରକାର କେନ୍ଦ୍ରଠାରୁ ଉପଯୁକ୍ତ ରୟାଲ୍ଟି ଆଶା ରଖୁଥିବା ପଟ୍ଟନାୟକ କହିଥିଲେ। କୋଇଲାରୁ ରାଜ୍ୟକୁ ମିଳୁଥିବା ରୟାଲ୍ଟିର ପୁନଃମୂଲ୍ୟାୟନ କରିବାକୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ପକ୍ଷରୁ ମୋଦିଙ୍କୁ ମା’ ସମଲେଶ୍ୱରୀଙ୍କ ଫଟୋଚିତ୍ର ଥିବା ଏକ ସ୍ମାରକୀ ପ୍ରଦାନ କରାଯାଇଥିଲା।

## ଏବେ ପରିବର୍ତ୍ତନର...

କରିବାକୁ ପଡୁଛି। ସ୍ୱଚ୍ଛଭାରତ ମିଶନରେ ଓଡ଼ିଶା ପଛରେ ପଡ଼ିଛି। ଆୟୁଷ୍ମାନ ଭାରତ ଭଳି ସ୍ୱାସ୍ଥ୍ୟ ଯୋଜନାରେ ରାଜ୍ୟ ସାମିଲ ନ ହେବା ଦୁର୍ଭାଗ୍ୟଜନକ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାର ସୀମା ରହିଛି। ଗରିବ ଜନସାଧାରଣ ବଡ଼ ରୋଗରେ ପଡ଼ିଲେ ତାହାର ସୁଫଳ ପାଇପାରିବେ ନାହିଁ। ଭ୍ରଷ୍ଟାଚାର ଏବଂ ନିଷ୍ପତ୍ତି ନେବାରେ ବିଳମ୍ବ କରିବା ରାଜ୍ୟ ସରକାରଙ୍କ ପରିଚୟ ହୋଇଛି। ମାତୃ, ଶିଶୁ ମୃତ୍ୟୁ ହାରରେ ଓଡ଼ିଶା ଆଗରେ ରହିଛି। ଏହାର ମୁକାବିଲା ଦିଗରେ ରାଜ୍ୟ ସରକାର ତତ୍ପର ନୁହନ୍ତି।

ପୂର୍ବରୁ ମୋଦି ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଏତେଟା ଆକ୍ରମଣାତ୍ମକ ହେବା ଦେଖାଯାଇ ନ ଥିଲା। ନିଜ ବକ୍ତବ୍ୟ ଛଳରେ ମୋଦି କହିଛନ୍ତି, ଉପା ସରକାର ସମୟରେ ରାଜ୍ୟ ମାତ୍ର ୮୨ ହଜାର କୋଟି ଟଙ୍କା ଅନୁଦାନ ପାଇଥିଲା। ହେଲେ ଏନ୍‌ଡିଏ ସରକାର କ୍ଷମତାସୀନ ହେବାର ୪ ବର୍ଷ ମଧ୍ୟରେ ଓଡ଼ିଶା ପ୍ରାୟ ୨ଲକ୍ଷ କୋଟି ଟଙ୍କାରୁ ଅଧିକ ଅନୁଦାନ ପାଇସାରିଛି। ମାତ୍ର ଏହାର ସୁଫଳ ରାଜ୍ୟବାସୀ ଅନୁଭବ କରିପାରୁଛନ୍ତି କି ବୋଲି ମୋଦି ପ୍ରଶ୍ନ କରିଥିଲେ। ଉତ୍ତରରେ ଜନସାଧାରଣ ନା ବୋଲି କହିଥିଲେ। ଏହାପରେ ମୋଦି କହିଲେ, ଏଥିପାଇଁ ରାଜ୍ୟ ସରକାର ଦାୟୀ। କାରଣ ରାଜ୍ୟରେ ପିସି କାରବାର ଚାଲିଛି। ପୂର୍ବରୁ ଓଡ଼ିଶାକୁ ଆସିଥିବା ସମସ୍ତ ନେତା ପିସି କାରବାର ସମ୍ପର୍କରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ହେଲେ ପ୍ରଧାନମନ୍ତ୍ରୀ ପ୍ରଥମଥର ପିସି କାରବାରକୁ ନେଇ ସିଧାସଳଖ ଆକ୍ରମଣ କରିଛନ୍ତି। ଫଳରେ ଏହା ଭାଜପା କର୍ମୀଙ୍କୁ ଉତ୍ସାହିତ କରିଥିବା ଲକ୍ଷ୍ୟ କରାଯାଇଛି। କେବଳ ପିସି କାରବାର ଯୋଗୁ ଓଡ଼ିଶା ପଛରେ ପଡ଼ିଥିବା ମୋଦି କହିଛନ୍ତି। କିଛିଦିନ ହେବ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲିଟିଥିବା କେତେକ ଦୁର୍ନୀତି ପ୍ରସଙ୍ଗରେ ମଧ୍ୟ ମୋଦି ଉଚ୍ଚାରଣ କରିଥିଲେ। ସେ କହିଲେ ଯେ, ଚାରା ଦୁର୍ନୀତିଠାରୁ ଆରମ୍ଭ କରି ପଲିଥିନ୍‌ ପାଉଚ୍‌, ଫସଲବୀମା, ସିଞ୍ଚନ ଏବଂ ସଡ଼କ ନିର୍ମାଣରେ ଦୁର୍ନୀତି ହୋଇଛି। ଏ ସବୁ ଚାଲିଲେ ରାଜ୍ୟର ବିକାଶ ଅସମ୍ଭବ। ତେଣୁ ରାଜ୍ୟରେ ବଡ଼ଧରଣ ପରିବର୍ତ୍ତନର ସମୟ ଆସିଥିବା ମୋଦି କହିଛନ୍ତି।

ପ୍ରାୟ ୨୨ ମିନିଟ ବକ୍ତବ୍ୟର ଆରମ୍ଭ ମୋଦି ସମ୍ବଲପୁରୀ ଭାଷାରୁ କରିଥିଲେ। ଓଡ଼ିଶାବାସୀଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଏବଂ ମା’ ସମ୍ଲେଶ୍ୱରୀଙ୍କୁ ପ୍ରଣାମ କରିଥିଲେ। ନିକଟରେ ନୂଆଁଖାଇ ଯାଇଥିବାରୁ ମୋଦି ସମ୍ବଲପୁରୀ ଭାଷାରେ ସମସ୍ତଙ୍କୁ ନୂଆଁଖାଇ ଜୁହାର ଜଣାଇଥିଲେ। ବୀର ସୁରେନ୍ଦ୍ର ସାଏ, ପାର୍ବତୀ ଗିରି ଏବଂ ସ୍ୱଭାବକବି ଗଙ୍ଗାଧର ମେହେରଙ୍କୁ ମଧ୍ୟ ସେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଅନ୍ୟପକ୍ଷରେ ମୋଦି ନିଜ ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉପଲବ୍ଧିର ଲମ୍ବା ହିସାବ ଦେଇଥିଲେ। ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ଲୋକାର୍ପଣ ହୋଇଛି। ଗର୍ଜନବାହାଲ ଖୋଲାମୁହଁ କୋଇଲାଖଣି, ଝାରସୁଗୁଡ଼ା-ସରଡେଗା ରେଳ ଲାଇନ ଉଦ୍‌ଘାଟନ ମଧ୍ୟ ହୋଇଛି। ରାଜ୍ୟବାସୀଙ୍କ ଆଶା, ଆକାଂକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର କାମ କରିଛନ୍ତି। ଝାରସୁଗୁଡ଼ା ବିମାନବନ୍ଦର ଦ୍ୱାରା ଭୁବନେଶ୍ୱର, ରାଞ୍ଚି ଓ ରାୟପୁର ଗମନାଗମନ ସହଜ ହୋଇଛି। ସେହିଭଳି ଆଗାମୀ ଦିନରେ କୋରାପୁଟ, ସୁନ୍ଦରଗଡ଼ ଏବଂ କଳାହାଣ୍ଡିରେ ଆଉ ୩ ବିମାନବନ୍ଦର ନିର୍ମାଣ କରାଯିବ। ଏହା ଦ୍ୱାରା ଯୁବଗୋଷ୍ଠୀଙ୍କ ପାଇଁ ରୋଜଗାର ବାଟ ଫିଟିବ। ଅନ୍ୟ ରାଜ୍ୟ ସହ ବ୍ୟବସାୟିକ ସମ୍ପର୍କ ବଢ଼ିବ। ହାୱାଇ ଚପଲ ପିନ୍ଧୁଥିବା ଲୋକେ ହାୱାଇଜାହାଜ (ଉଡ଼ାଜାହାଜ)ରେ ଯାତ୍ରା କରନ୍ତୁ, ତାହା ତାଙ୍କ ସ୍ୱପ୍ନ ଥିଲା ବୋଲି ମୋଦି କହିଛନ୍ତି। ଝାରସୁଗୁଡ଼ା-ସରଡେଗା ରେଳପଥରେ ପ୍ରଥମେ କୋଇଲା ପରିବହନ ହେବ। ପରବର୍ତ୍ତୀ ସମୟରେ ଯାତ୍ରୀବାହୀ ଟ୍ରେନ୍‌ ଚଳାଚଳ କରିବ। ଉପା ଅମଳରେ ୨୦୦୬ରୁ ଏହି ପ୍ରକଳ୍ପ ଆରମ୍ଭ ହୋଇ ୩୦ ପ୍ରତିଶତ କାର୍ଯ୍ୟ ସରିଥିଲା। ହେଲେ ଏନ୍‌ଡିଏ ସରକାର ଆସିବା ପରେ ଅବଶିଷ୍ଟ ୭୦ ପ୍ରତିଶତ କାମ ଶେଷ କରାଯାଇଛି। କେନ୍ଦ୍ର ସରକାର ଧାନ ସମେତ ମକା, ଡାଲି ଇତ୍ୟାଦିର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରିଛନ୍ତି। ଧାନର ସହାୟକ ମୂଲ୍ୟରେ ପ୍ରଥମଥର ପାଇଁ କୁଇଣ୍ଟାଲ ପିଛା ୨୦୦ ଟଙ୍କା ବୃଦ୍ଧି କରାଯାଇଛି। ହେଲେ ଓଡ଼ିଶାରେ ଠିକ୍‌ ଭାବେ ଧାନ କ୍ରୟ ହେଉ ନାହିଁ। ଚାଷୀମାନେ ସେମାନଙ୍କ ଉଚିତ ମୂଲ୍ୟ ପାଉ ନ ଥିବା କହି ମୋଦି ରାଜ୍ୟକୁ କଟାକ୍ଷ କରିଥିଲେ। କୋଇଲା ଖନନର ଶୁଭାରମ୍ଭ ପରବର୍ତ୍ତୀ ସମୟରେ ବିଜୁଳି ଉତ୍ପାଦନ ବୃଦ୍ଧି କରିବ। ରାଜ୍ୟରେ ପ୍ରାୟ ୧୧ଟି ଦକ୍ଷତାବିକାଶ କେନ୍ଦ୍ର, ୨୪ଟି ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ର ରହିଛି। ୨୦୨୦ ସୁଦ୍ଧା ୩ ଲକ୍ଷ ବ୍ୟକ୍ତି ଦକ୍ଷତା ବିକାଶ ତାଲିମ ପାଇବେ ବୋଲି ମୋଦି କହିଛନ୍ତି। ପୂରା ବକ୍ତବ୍ୟରେ ମୋଦି ରାଜ୍ୟ ସରକାରଙ୍କୁ କରିଥିବା ଆକ୍ରମଣକୁ ଦଳୀୟ ମହଲରେ ପସନ୍ଦ କରାଯାଇଛି। ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ବିଜେଡି ସହ ଯେ ମେଣ୍ଟ କରିବ ନାହିଁ, ତାହା ଏକପ୍ରକାର ସ୍ପଷ୍ଟ ବୋଲି କୁହାଯାଉଛି।

(ରିପୋର୍ଟ: ଚିଦାନନ୍ଦ ଜେନା)

## ରାଫେଲ ଦୁର୍ନୀତିରେ...

ଦ୍ୱାରା ତଦନ୍ତ ହେଉ। ଓଲାନ୍ଦଙ୍କୁ ଭାରତକୁ ଡାକି ସତକଥା ପ୍ରଘଟ କରାଯାଉ ବୋଲି ରାହୁଲ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି। ଓଲାନ୍ଦଙ୍କ ମନ୍ତବ୍ୟ ପ୍ରଘଟ ହେବାର ଦିନକ ପରେ ଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ମୁଖ୍ୟ ରାହୁଲ ମୋଦି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଦୁର୍ନୀତିରେ ବୁଡ଼ିରହିଥିବା ଲୋକଙ୍କଠାରୁ ଆଉ କ’ଣ ଆଶା କରାଯାଇପାରେ। ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଓଲାନ୍ଦ ଏବଂ ମୋଦିଙ୍କ ମଧ୍ୟରେ ୱାନ୍‌-ଅନ୍‌-ୱାନ୍‌ ବୈଠକ ହୋଇ ରାଫେଲ୍‌ ଚୁକ୍ତି ବିଷୟରେ ସ୍ଥିର ହୋଇଥିଲା। ଅନିଲ ଅମ୍ବାନୀଙ୍କୁ ଯୁଦ୍ଧବିମାନ ନିର୍ମାଣ ପାଇଁ ଚୁକ୍ତିବଦ୍ଧ କରାଯିବ ବୋଲି ତାଙ୍କୁ କୁହାଯାଇଥିବା ଓଲାନ୍ଦ ଏବେ ପ୍ରକାଶ କରିଛନ୍ତି। ତାଙ୍କ କଥାରୁ ରାଫେଲ୍‌ କିଣାରେ ଦୁର୍ନୀତି ହୋଇଥିବା ପଦାରେ ପଡ଼ିଯାଇଛି। ଓଲାନ୍ଦଙ୍କ ବିବୃତିରୁ ଯାହା ବୁଝାପଡୁଛି ମୋଦି ଜଣେ ଚୋର। ଏବେ ଓଲାନ୍ଦଙ୍କ କଥା ସତ ବୋଲି ପ୍ରଧାନମନ୍ତ୍ରୀ ସ୍ୱୀକାର କରନ୍ତୁ। ନଚେତ୍‌ ଓଲାନ୍ଦଙ୍କ ମନ୍ତବ୍ୟକୁ ଭୁଲ ପ୍ରମାଣିତ କରିବା ଲାଗି ଆଉ କ’ଣ ସତ ଲୁଚିରହିଛି, ତାହା କୁହନ୍ତୁ। କାହିଁକିନା ଏବେ ପ୍ରଧାନମନ୍ତ୍ରୀ ପଦର ସମ୍ମାନର ବିଷୟ। ଏହା ଆମ ଯବାନ ଏବଂ ବାୟୁସେନାର ଭବିଷ୍ୟତର ପ୍ରଶ୍ନ ବୋଲି ରାହୁଲ କହିଛନ୍ତି। ଓଲାନ୍ଦ ବିସ୍ଫୋରକ ମନ୍ତବ୍ୟ ଦେବା ସତ୍ତ୍ୱେ ପ୍ରଧାନମନ୍ତ୍ରୀଙ୍କ ମୁଖରୁ ବଚନ ନ ବାହାରିବା ଆଶ୍ଚର୍ଯ୍ୟର ବିଷୟ ବୋଲି ସେ କଟାକ୍ଷ କରିଛନ୍ତି।

କଂଗ୍ରେସ ମୁଖ୍ୟ ଆହୁରି କହିଛନ୍ତି, ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ୍‌) ଥିବାବେଳେ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣରେ ଅନଭିଜ୍ଞ ରିଲାଏନ୍ସକୁ କିଭଳି ଏତେବଡ଼ ଅଫର ମିଳିଲା। ରିଲାଏନ୍ସକୁ ସରକାର ଅହେତୁକ ଅନୁକମ୍ପା ଦେଖାଇଛନ୍ତି। ୫୮,୦୦୦୦ କୋଟି ଟଙ୍କାର ରାଫେଲ ଚୁକ୍ତି ପାଇଁ ଅନିଲ ଅମ୍ବାନୀଙ୍କୁ ୩୦,୦୦୦ କୋଟି ଟଙ୍କା ଦେଇଥିବା ମୋଦି ମାନିଯାଆନ୍ତୁ। ମୋଦି ଏବଂ ଅମ୍ବାନୀ ମିଶି ପ୍ରତିରକ୍ଷା ବଳ ଉପରେ ୧,୩୦,୦୦୦ କୋଟି ଟଙ୍କାର ‘ସର୍ଜିକାଲ ଷ୍ଟ୍ରାଇକ୍‌’ କରିଛନ୍ତି। ମୋଦିଜୀ ଯବାନଙ୍କ ବଳିଦାନକୁ ଅସମ୍ମାନିତ କରିଛନ୍ତି। ଭାରତର ଆତ୍ମାକୁ କୁଠାରାଘାତ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଲଜ୍ଜା ଲାଗିବା ଉଚିତ ବୋଲି ରାହୁଲ ଟୁଇଟ୍‌ କରିଛନ୍ତି।

ରାହୁଲଙ୍କ ମନ୍ତବ୍ୟକୁ କଡ଼ା ଭାଷାରେ ନିନ୍ଦା କରିଛି ଭାଜପା। ପୂର୍ବରୁ କୌଣସି ଦଳର ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଭଳି ଅପଶବ୍ଦ ବ୍ୟବହାର କରି ନ ଥିଲେ। ରାହୁଲଙ୍କ ମନ୍ତବ୍ୟ ଅତି ଲଜ୍ଜାଜନକ ଓ ଦାୟିତ୍ୱହୀନତାର ପରିଚୟ ବୋଲି ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ସଚ୍ଚୋଟତାର ପ୍ରତୀକ। କିନ୍ତୁ ରାହୁଲ କାହିଁକି ଏଭଳି ମିଥ୍ୟା ଅଭିଯୋଗ ଆଣୁଛନ୍ତି, ତାହା ବୁଝାପଡୁ ନାହିଁ ବୋଲି ସେ ଦର୍ଶାଇଛନ୍ତି। ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଆକ୍ଷେପ କରିବା ପୂର୍ବରୁ ରାହୁଲ ଭଲଭାବରେ ଚିନ୍ତାକରନ୍ତୁ ଏବଂ ପ୍ରମାଣ ସହ ଅଭିଯୋଗ ଆଣନ୍ତୁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରେ ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଯିବ। ସଭାସମିତିରେ ଉନ୍ନତ ମାନର ଆଲୋଚନା, ପାରିବାରିକ ସଦ୍‌ଭାବ ସବୁ ପାଇବେ। ମଧ୍ୟାହ୍ନରେ ବନ୍ଧୁମାନଙ୍କ ସହଯୋଗରେ ଅଟକି ରହିଯାଇଥିବା ଅଫିସ୍‌ର କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଶା ପୂରଣ ହେବ।

**ବୃଷ** — ପାପଗ୍ରହ ଦୃଷ୍ଟ ସନ୍ତାନଭାବ ଶିକ୍ଷା ଓ ସନ୍ତାନ କ୍ଷେତ୍ରରେ ସମସ୍ୟାର କାରଣ ହେବ। ପରିବାରର ବାରଣ ନ ମାନି ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇ ସମାଲୋଚିତ ହେବେ। ଜମିଜମା କାରବାର,ନୂତନ ଘର ତିଆରି, ଯାନବାହନ ମରାମତି, ସଭାସମିତିରୁ ଉପକୃତ ହେବେ। ପୂର୍ବରୁ ଘଟିଯାଇଥିବା ଘଟଣାର ମୋଡ଼ ବଦଳିଯାଇପାରେ।

**ମିଥୁନ** — ସ୍ୱଗୃହରେ କେନ୍ଦ୍ରସ୍ଥ ବୁଧ ଆପଣଙ୍କ ପାରିବାରିକ ଜୀବନକୁ ସୁଖୀ ଓ ସମୃଦ୍ଧି ମାଧ୍ୟମରେ ଖୁସିକରାଇବ। ଚେଷ୍ଟା କରୁଥିବା କାମଟିକୁ ଶେଷ କରିବେ। ଆଜି କୌଣସି ଆନୁଷ୍ଠାନିକ କାମରେ ନିଜକୁ ନିୟୋଜିତ କରିବାକୁ ପଡ଼ିପାରେ। ଅଷ୍ଟମସ୍ଥ ମଙ୍ଗଳ ଜନିତ ଘର କିମ୍ବା ଜମିଜମା, ପୁରୁଣା ଗାଡ଼ି ଓ ଯନ୍ତ୍ରାଂଶ କିଣିବା କିମ୍ବା ବିକିବା ସକାଶେ ମନ ବଳାଇବେ।

**କର୍କଟ** — ଷଡ଼ାଷ୍ଟକ ଚନ୍ଦ୍ର ଓ ବୁଧ ସହକର୍ମୀଙ୍କ ସହ ମତପାର୍ଥକ୍ୟ ଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରେ। ଆପଣଙ୍କ କାର୍ଯ୍ୟକଳାପରେ ସାମୟିକ ଅସନ୍ତୁଷ୍ଟ ହୋଇ ସମ୍ମୁଖରେ କିଏ କିଛି ସିନା କହିବେ ନାହିଁ ପଛରେ ବହୁତ ସମାଲୋଚନା ଶୁଣିବାକୁ ପଡ଼ିବ। ଆଜି ଟଙ୍କା ପଇସା, ନେବା ଆଣିବା, ଦିଆନିଆ କ୍ଷେତ୍ରରେ ସତର୍କ ରହିବା ଭଲ ହେବ।

**ସିଂହ** — ରାଶ୍ୟାଧିପତିଙ୍କ ଦୁର୍ବଳତା ସାଙ୍ଗକୁ ଶତ୍ରୁ ମନୋଭାବାପନ୍ନ ଶନିଙ୍କ ଦୃଷ୍ଟି ଅସୁସ୍ଥତା ଓ ସମସ୍ୟାବହୁଳତା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଅଳସୁଆମି, ଅବହେଳା ଯୋଗୁ କାମଟି ବିଗିଡ଼ିଯାଇପାରେ। ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗି ରହିବ, ଯାହାକି ମନରେ ଦୁଶ୍ଚିନ୍ତା ସୃଷ୍ଟି କରିପାରେ। ବ୍ୟବସାୟ, ବାଣିଜ୍ୟରୁ ଭଲ ଲାଭ ପାଇବେ, କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ।

**କନ୍ୟା** — ତୃତୀୟ ଅଷ୍ଟମାଧିପ ମଙ୍ଗଳଙ୍କ ଦୃଷ୍ଟି କୌଣସି ଦ୍ରବ୍ୟପ୍ରାପ୍ତି କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିବ। ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମଗୁଡ଼ିକ ଠିକ୍‌ ଭାବେ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ପରୋକ୍ଷ ଭାବରେ ଶତ୍ରୁତା କରୁଥିବା ଲୋକମାନଙ୍କ ପ୍ରତି ସତର୍କ ରହିବା ଭଲ ହେବ। ଅବଶ୍ୟ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ଆରମ୍ଭ କରିବାକୁ ମନ ବଳାଇବେ।

**ତୁଳା** — ସ୍ୱରାଶିସ୍ଥ ବୃହସ୍ପତି ଚନ୍ଦ୍ରଙ୍କ କୋଣଭାବସ୍ଥ ହେତୁ କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇ କାମ ହାସଲ କରିବାରେ ଅସୁବିଧା ହେବ ନାହିଁ। ଗଠନମୂଳକ ପରାମର୍ଶ ଦେଇ ବନ୍ଧୁଙ୍କ ପ୍ରିୟପାତ୍ର ହେବେ। ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟଭିତ୍ତିକ କାମଗୁଡ଼ିକ ସୁରୁଖୁରୁରେ ହୋଇଯିବ।

**ବିଛା** — ଭାଗ୍ୟାଧିପ ଚତୁର୍ଥ କେନ୍ଦ୍ରସ୍ଥ ହେତୁ ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହୋଇପାରିବ। ପରିବାର ମଧ୍ୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ଆଜି କେବଳ ସୁନ୍ଦର କଥା ମାଧ୍ୟମରେ ବନ୍ଧୁଙ୍କୁ ଆପଣାର କରିପାରିବେ। ବାଣିଜ୍ୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଆଲୋଚନା ପରିସରରେ ସାମୟିକ ଯୁକ୍ତିତର୍କର ସମ୍ଭାବନା ରହିଛି ।

**ଧନୁ** — କୌଣସି ନୂତନ କର୍ମାରମ୍ଭ କରି ଆତ୍ମସନ୍ତୋଷ ଲାଭ କରିବେ। ପରିଜନଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ମଧ୍ୟରେ ନିଜକୁ ହଜାଇ ଦେଇପାରନ୍ତି। କର୍ମଜୀବୀଙ୍କ ଅଫିସରେ କାର୍ଯ୍ୟବ୍ୟସ୍ତତା ହେତୁ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଉଲ୍ଲସିତ ହେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ମକର** — ଶନି କ୍ଷେତ୍ରସ୍ଥ ଚନ୍ଦ୍ର ପ୍ରଭାବରୁ ମନକଥାକୁ ମନ ଭିତରେ ଲୁଚାଇରଖି ମୁହଁରେ ହସ ଫୁଟାଇ କାମ ହାସଲ ପାଇଁ ଚେଷ୍ଟିତ ହୋଇପାରନ୍ତି। ଆଜି ନିଜର ପାରିବାରିକ ସମସ୍ୟାକୁ ନେଇ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି। ଜମିଜମା କ୍ରୟ ବିକ୍ରୟ କିମ୍ବା ନୂତନ ବାଣିଜ୍ୟାରମ୍ଭ ପାଇଁ ମନ ବଳାଇବେ। ନୂତନ ସମ୍ପର୍କରୁ ଖୁସି ରହିବେ।

**କୁମ୍ଭ** — ପ୍ରତ୍ୟେକ କ୍ଷେତ୍ରରେ ବିଦ୍ୟମାନ ସ୍ଥିତିରୁ ସହସା ମୁକ୍ତି ମିଳିବ ଓ ମନ ଏକ ପ୍ରକାର ଖୁସୀ ହୋଇଯିବ। କେତେକ ଆକସ୍ମିକ ସମସ୍ୟାକୁ ନେଇ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେକରିବେ। ଚେଷ୍ଟା କରୁଥିବା କାମରେ ଆନୁଷଙ୍ଗିକ ସାହାଯ୍ୟ ନିଶ୍ଚିତ ଲାଭ କରିବେ।

**ମୀନ** — ଦ୍ୱାଦଶ ଚନ୍ଦ୍ରଜନିତ ମାନସିକ ଅସ୍ଥିରତା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବାରର ଖର୍ଚ୍ଚ ଭାର କ୍ରମଶଃ ବଢ଼ି ବଢ଼ିଯିବା କାରଣରୁ ମନରେ ସରସତା ରହିବ ନାହିଁ । କର୍ମକ୍ଷେତ୍ର, ସଭାସମିତି, ରାଜନୈତିକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ। ଜଣେ ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ଅଘୋର ଚତୁର୍ଦ୍ଦଶୀ ରବିବାର, ଅନନ୍ତବ୍ରତ ଓ ଅନନ୍ତ ବାସୁଦେବଙ୍କ ପୂଜା, ଶ୍ରୀଦୁର୍ଗାଦେବ୍ୟାଃ ପାର୍ଶ୍ୱ ପରିବର୍ତ୍ତନ, ଖୁଦୁରୁକୁଣୀ ଓଷା ଚତୁର୍ଥପାଳି, ଶରଣଂ, ସେପ୍ଟେମ୍ବର ୨୩ ତାରିଖ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ମେଷ ରାଶିର ଘାତବାର। ଦିବା ଘ୭।୧୧ମି. ଗତେ, ଘ୮।୪୧ମି. ମଧ୍ୟେ, ଘ୧୦।୧୧ମି. ମଧ୍ୟେ ଅମୃତବେଳା। ଦିବା ଘ୮।୪୧ମି. ଗତେ, ଘ୧୦।୧୧ମି. ମଧ୍ୟେ, ଘ୧।୧୧ମି. ଗତେ, ଘ୨।୪୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୪।୦୯ମି. ଗତେ ଘ୫।୩୯ମି. ମଧ୍ୟେ ରାହୁକାଳ।



ସେପ୍ଟେମ୍ବର ୨୯କୁ 'ସର୍ଜିକାଲ ଷ୍ଟ୍ରାଇକ ଦିବସ' ରୂପେ ପାଳନ କରିବା ପାଇଁ ବିଶ୍ୱବିଦ୍ୟାଳୟ ଓ ଅନ୍ୟ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ୟୁଜିସି ପକ୍ଷରୁ କୁହାଯାଇଛି। କିନ୍ତୁ ଆଲିଗଡ଼ ମୁସଲିମ୍ ୟୁନିଭର୍ସିଟି (ଏଏମ୍ୟୁ)ର ଛାତ୍ର ସଂସଦ ଏନେଇ ଆପତ୍ତି ଉଠାଇଛି। ୟୁଜିସି ନିର୍ଦ୍ଦେଶ ପାଳନ କରିବେ ନାହିଁ ବୋଲି ଛାତ୍ର ସଂସଦ ସଭାପତି ମସ୍ତୁର ଅହମଦ ଉସମାନି ସ୍ପଷ୍ଟ କରିଛନ୍ତି।




## ସଂକ୍ଷେପରେ

### ୨ରୁ ବିଜେଡିର ରାଜ୍ୟବ୍ୟାପୀ ଜନସମ୍ପର୍କ ପଦଯାତ୍ରା

ଭୁବନେଶ୍ୱର,୨୨।୯(ବ୍ୟୁରୋ) ବିଜେଡି ପକ୍ଷରୁ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ନଭେମ୍ବର ୨ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ମାସେବ୍ୟାପୀ ଯାତ୍ରାରେ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ବିଜେଡି କର୍ମୀମାନେ ଲୋକମାନଙ୍କ ନିକଟରେ ପହଞ୍ଚାଇବେ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଗ୍ରାମାଞ୍ଚଳରେ ଦଳୀୟ କର୍ମୀମାନେ ଆମ ଗାଁ ଆମ ବିକାଶ, ଆମ ସହର ଆମ ଉନ୍ନତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍‌ରୁ ବାଦ୍ ପଡିଥିବା ହିତାଧିକାରୀଙ୍କ ପରିବାରକୁ ଖାଉଟି କାର୍ଡ ଯୋଗାଇବା ଲାଗି ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ପ୍ରଭୃତି ବିଷୟରେ ଲୋକଙ୍କୁ ଅବଗତ କରାଇବେ। ଦଳ ତରଫରୁ ଗଢା ଯାଇଥିବା ୱାର୍ଡ କମିଟିର ସଦସ୍ୟ ଜନସାଧାରଣଙ୍କୁ ସମ୍ପୃକ୍ତ କରି ଏହା କାର୍ଯ୍ୟକାରୀ କରିବାକୁ ଅନୁରୋଧ କରାଯାଇଛି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲଗାତର ଭାବେ କରାଯାଉଥିବା ଅବହେଳା ବିଶେଷଭାବେ ମହାନଦୀ ଓ ପୋଲାଭରମ ପ୍ରସଙ୍ଗରେ ଓଡିଶାର ସ୍ୱାର୍ଥକୁ ଅଣଦେଖାକରିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବା, ତୈଳଦର ଅହେତୁକ ବୃଦ୍ଧି କରି ଆର୍ଥିକ ବୋଝ ଲଦିବା ଆଦି ପ୍ରସଙ୍ଗରେ ଲୋକଙ୍କୁ ପଦଯାତ୍ରା ବେଳେ ଜଣାଇବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

# ଦାନ, ଦକ୍ଷିଣା ଆଦାୟ ସମ୍ପୂର୍ଣ୍ଣ ବନ୍ଦ

ପୁରୀ ଅଫିସ,୨୨।୯

ଶ୍ରୀମନ୍ଦିରରେ ଆଉ କୌଣସି ପରିସ୍ଥିତିରେ ଆଦାୟ ହୋଇପାରିବ ନାହିଁ ଦାନ, ଦକ୍ଷିଣା। ଏପରି କି ମହାପ୍ରଭୁଙ୍କୁ ଫୁଲ କିମ୍ବା ତୁଳସୀ ମାଳଟିଏ ଚଢାଇଲେ ବି ସେବାୟତ ଟଙ୍କାଟିଏ ନେଇପାରିବେ ନାହିଁ। ଭକ୍ତ ଯାହା ଚାହିଁବେ ହୁଣ୍ଡିରେ ହିଁ ଦେବେ। ସେହିପରି ଶ୍ରୀମନ୍ଦିର ସମେତ ପାର୍ଶ୍ୱ ଦେବଦେବୀ ମନ୍ଦିରରେ ଦକ୍ଷିଣା ପାଇଁ ଥାଳି ରହିବ ନାହିଁ। ପ୍ରଶାସନ ପକ୍ଷରୁ ରଖାଯାଉଥିବା ଗରା ଓ ଝରି ବି ଆଉ ରହିବ ନାହିଁ। ଶ୍ରୀମନ୍ଦିରର ୪ଟି ପ୍ରମୁଖ ସ୍ଥାନରେ କେବଳ ୪ଟି ହୁଣ୍ଡି ବସାଯିବ। ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍‌ଙ୍କ ଉପସ୍ଥିତିରେ ପରିଚାଳନା କମିଟି ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ଏହା ସହିତ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସୁପ୍ରିମ୍‌କୋର୍ଟ ଚୂଡ଼ାନ୍ତ ରାୟ ଦେବା ପରେ ଏହା କାର୍ଯ୍ୟକାରୀ ହେବ। ଏହି ପ୍ରକ୍ରିୟାରେ ଆମିକସ୍‌କ୍ୟୁରି ସାମିଲ ହେବେ। ପ୍ରତି ଦୁଇମାସ ଅନ୍ତରରେ ସେ ଶ୍ରୀମନ୍ଦିର ଆସି ସୁପ୍ରିମ୍‌କୋର୍ଟଙ୍କ ରାୟ କିଭଳି କାର୍ଯ୍ୟକାରୀ ହେଉଛି ତାହାର ତଦାରଖ କରିବେ ବୋଲି ମହାପାତ୍ର ସୂଚନା ଦେଇଛନ୍ତି।

ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ପରିଚାଳନା କମିଟି ବୈଠକ। ଏଥିରେ ସୁପ୍ରିମ୍‌କୋର୍ଟଙ୍କ ୧୨ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ଯେଉଁ ୩ଟି ପ୍ରସ୍ତାବକୁ ନେଇ ଅସହମତି ରହିଥିଲା ତାହା ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇଥିଲା। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ମହାପାତ୍ର କହିଛନ୍ତି, ବଂଶାନୁକ୍ରମିକ ସେବା ଅଧିକାର ନେଇ ଆମିକସ୍‌କ୍ୟୁରି ବିଭିନ୍ନ ପକ୍ଷଙ୍କଠାରୁ ମତ ସଂଗ୍ରହ କରିଛନ୍ତି। ତେବେ ସେ ବଂଶାନୁକ୍ରମିକ ସେବା ସପକ୍ଷରେ ସୁପ୍ରିମକୋର୍ଟରେ ମତ ରଖିବେ ବୋଲି କହିଛନ୍ତି। କିନ୍ତୁ ଶ୍ରୀମନ୍ଦିରରେ ସେବକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଆବଶ୍ୟକତା ଅନୁଯାୟୀ ଏହି ସଂଖ୍ୟାକୁ ସୀମିତ କରିବାକୁ ପଡିବ। ଯେଉଁ ସେବକ ବାଦ୍ ପଡ଼ିବେ ସେମାନଙ୍କୁ ଜୀବିକା ନିର୍ବାହ ପାଇଁ କ୍ଷତିପୂରଣ ଦିଆଯିବ। ସେହିପରି ଶ୍ରୀମନ୍ଦିର ପରିସରରେ ଅନ୍ନଦାନ ଆଟିକା ଭୋଗ କାର୍ଯ୍ୟାଳୟ



ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଉପସ୍ଥିତ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍, ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଓ ଅନ୍ୟ ଅଧିକାରୀମାନେ।

ହୋଇପାରିବ ନାହିଁ। ଶ୍ରୀମନ୍ଦିରରେ ଯେତେ କୋଠା ରହିଛି ସେଥିରେ ସେବକମାନେ କୌଣସି ପ୍ରକାର ହସ୍ତକ୍ଷେପ କରିପାରିବେ ନାହିଁ। ଅନ୍ନଦାନ ଆଟିକା ବ୍ୟବସ୍ଥା ଯଦି ହେବ ଶ୍ରୀମନ୍ଦିର ବାହାରେ ରହିବ। ଏଥିରେ ଯେଉଁ ୪ଟି ନିଯୋଗ ସମ୍ପୃକ୍ତ ଅଛନ୍ତି ସେମାନେ ନିୟମ ଅନୁସାରେ ତାଙ୍କର ସଭାପତି, ସମ୍ପାଦକ ନିର୍ବାଚିତ କରିବେ। ସେମାନଙ୍କ ଆକାଉଣ୍ଟ ଅଡିଟ୍ କରାଯିବ। ସେମାନେ କେତେ ଟଙ୍କା ଗ୍ରହଣ କରୁଛନ୍ତି ଏବଂ ଶ୍ରୀମନ୍ଦିରକୁ ସେଥିରୁ କେତେ ଟଙ୍କା ଦାନ ଦେଉଛନ୍ତି ତାହା ଅନୁଧ୍ୟାନ କରାଯିବ। ଏଥିଲାଗି ଏକ ନିୟମାବଳୀ ରହିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ତେବେ ଆମିକସ୍‌କ୍ୟୁରି ଦାନ, ଦକ୍ଷିଣା ଆଦାୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରିଛନ୍ତି। ମନ୍ଦିର ଭିତରେ କୌଣସି ପ୍ରକାର ଥାଳି, ଗରା, ଝରି ରହିପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ନିଜେ ହୁଣ୍ଡିର ସ୍ଥିତି ପରଖି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଯେଉଁ ସ୍ଥାନରେ ହୁଣ୍ଡି ରହିଛି ତାହା ଉପଯୁକ୍ତ ନୁହେଁ। ଭକ୍ତ ଦାନ ଦେବାବେଳେ ଦର୍ଶନରେ ବାଧା ଉପୁଜୁଛି। ତେଣୁ ମନ୍ଦିରର ପ୍ରମୁଖ ୪ଟି ସ୍ଥାନରେ ୪ଟି ହୁଣ୍ଡି ସ୍ଥାପନ ପାଇଁ ସେ ପରାମର୍ଶ ଦେଇଛନ୍ତି। ସେବାୟତ ହୁଅନ୍ତୁ କି ଯାତ୍ରୀ ପଣ୍ଡା କେହି ବି ଶ୍ରୀମନ୍ଦିର ପରିସରରେ ଯାତ୍ରୀଙ୍କଠାରୁ ଟଙ୍କାଟିଏ ନେଇପାରିବେ ନାହିଁ। ମନ୍ଦିର ପରିସରରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାକୁ ଦିଆଯିବ ନାହିଁ। ଶ୍ରୀମନ୍ଦିର ଆଇନରେ ସଂଶୋଧନ ନେଇ ଆମିକସ୍‌କ୍ୟୁରି ସୁପ୍ରିମ୍‌କୋର୍ଟଙ୍କ ନିକଟରେ ତାଙ୍କର ନିଜସ୍ୱ ମତ ରଖିବେ। ଏଥିନେଇ ସେ ଗଜପତିଙ୍କ ସହ ଆଲୋଚନା କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନଠାରୁ ଅର୍ଥନୈତିକ ଏବଂ ପ୍ରଶାସନିକ

**ଶ୍ରୀମନ୍ଦିର ସଂସ୍କାର ମାମଲା**

- ଛଟେଇ ହେବେ ସେବାୟତ, ମିଳିବ କ୍ଷତିପୂରଣ
- ବଂଶାନୁକ୍ରମିକ ସେବାକୁ ମିଳିବ ସୁରକ୍ଷା
- ଲାଗୁ ହେବ ଧାଡ଼ି ଦର୍ଶନ ବ୍ୟବସ୍ଥା
- ତଦାରଖ କରିବେ ଆମିକସ୍ କ୍ୟୁରି

କ୍ଷମତା ବିଷୟରେ ମଧ ତଥ୍ୟ ସଂଗ୍ରହ କରିଛନ୍ତି। କୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ମୁଖ୍ୟ ପ୍ରଶାସକ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ସମ୍ପର୍କରେ କହିଛନ୍ତି ଯେ, ଧାଡି ଦର୍ଶନ ବ୍ୟବସ୍ଥା ଲାଗୁ ହେବ। ସିଂହଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରିବେ। ପାର୍ଶ୍ୱ ଦେବଦେବୀ ମନ୍ଦିର ପାଇଁ ବର୍ତ୍ତମାନ ଯେମିତି ଦର୍ଶନ ଚାଲିଛି ସେମିତି ଚାଲିବ। ଶ୍ରୀମନ୍ଦିର ମେଘନାଦ ପାଚେରିକୁ ଲାଗି ଭକ୍ତଙ୍କ ବସିବା ପାଇଁ ଶେଡ୍ କରାଯିବ। ଅମୃତସରର ସ୍ୱର୍ଣ୍ଣ ମନ୍ଦିର ଢାଞ୍ଚାରେ ଏହା କରାଯିବ। ଶ୍ରୀମନ୍ଦିରର ଆର୍କିଟେକ୍ଟ ଟିମ୍ ଏବେ ଅନୁଧ୍ୟାନ ଲାଗି ସ୍ୱର୍ଣ୍ଣ ମନ୍ଦିର ପରିଦର୍ଶନରେ ଯାଇଛନ୍ତି। ସେହିପରି ସେବାୟତଙ୍କ ଚୂଡ଼ାନ୍ତ ତାଲିକା ଅନୁସାରେ ପରିଚୟପତ୍ର ପ୍ରଦାନ କରାଯିବ। ସେବକରୁ ବଞ୍ଚିତ ଓ ଯାତ୍ରୀପଣ୍ଡାଙ୍କ ପାଇଁ ଅଲଗା ପରିଚୟପତ୍ର ହେବ ବୋଲି ନିଷ୍ପତ୍ତି ହୋଇଥିବା ମୁଖ୍ୟ ପ୍ରଶାସକ ମହାପାତ୍ର କହିଛନ୍ତି। ଏହି ବୈଠକରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ, ନୀତି ପ୍ରଶାସକ ପ୍ରଦୀପ ଦାଶଙ୍କ ସମେତ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ୨୪ରୁ 'କ୍ୱାଇଁ ନମ୍ବର ୱାନ'

**ଭୁବନେଶ୍ୱର, ୨୨।୯(ବ୍ୟୁରୋ):** ଦର୍ଶକଙ୍କ ରୁଚି ଓ ପସନ୍ଦକୁ ନଜରରେ ରଖି 'ଜୀ ସାର୍ଥକ' ଅନେକ ନିଆରା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଭେଟି ଦେଇଛି। ଆସନ୍ତା ୨୪ ତାରିଖରୁ 'ଜୀ ସାର୍ଥକ'ରେ ଆରମ୍ଭ ହେବାକୁ ଯାଉଛି ଭିନ୍ନ ସ୍ୱାଦର ଏକ ନିଆରା ମେଗା ଧାରାବାହିକ 'କ୍ୱାଇଁ ନମ୍ବର ୱାନ'। ପ୍ରତି ସୋମବାରରୁ ଶନିବାର ରାତି ସାଢ଼େ ୯ଟାରେ ଏହାର ପ୍ରସାରଣ ହେବ। 'କ୍ୱାଇଁ ନମ୍ବର ୱାନ'ର କହାଣୀରେ ଅଛି ଅନେକ ନୂତନତା, କୌତୂହଳ ଓ ଡ୍ରାମା, ଯାହାକି ଚିରାଚରିତ କାହାଣୀଠାରୁ ସମ୍ପୂର୍ଣ୍ଣ ଅଲଗା। ନାୟକ ଜଣେ ଧନୀ ବ୍ୟବସାୟୀ, ଯାହାଙ୍କ କୋମଳ ହୃଦୟ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତିତ୍ୱ। ଧନଧାନ୍ୟରେ ପରିପୂର୍ଣ୍ଣ ହେବା ସତ୍ତ୍ୱେ ତାଙ୍କ ଚଳଣି ଜଣେ ସାଧାରଣ ମଣିଷ ପରି। ପରିସ୍ଥିତିକ୍ରମେ ତାଙ୍କୁ ଜଣେ ଗର୍ବୀ, ଅହଂକାରୀ, କଟୁଭଷୀ ଧନୀ ଶାଶୁଟିଏ ମିଳେ, ଯିଏ କେବଳ ଟଙ୍କାକୁ ପ୍ରାଧାନ୍ୟ ଦିଏ ଓ ସମ୍ପର୍କର ସଂଜ୍ଞା ତାଙ୍କ ପାଇଁ ତୁଚ୍ଛ। କିନ୍ତୁ ତାଙ୍କ ଝିଅର ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣ ବିପରୀତ। ନିଜ ଶାଶୁଘରେ ଥିବା ତିକ୍ତତା ତଥା ନିଜ ଲୋକଙ୍କ ଭିତରେ ଥିବା ସମ୍ପର୍କର ଦୂରତାକୁ ଦୂର କରିବା ପାଲଟିଯାଏ ନାୟକଙ୍କ ମୂଳ ଲକ୍ଷ୍ୟ। ପ୍ରମୁଖ ଚରିତ୍ରରେ ରାଜା, ଦେବକୀ, ତୃପ୍ତି ସିହ୍ନା, ପ୍ରିୟା ମହାପାତ୍ର, ଶୁଭ୍ରାଂଶୁ ଓ ଫ୍ଲୋରେନ୍ସ ଅଭିନୟ କରିଛନ୍ତି। ଏଥିସହିତ ଦର୍ଶକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ 'ଜୀ ସାର୍ଥକ'ର ଜନପ୍ରିୟ ରିୟଲିଟି ଶୋ'ଗୁଡ଼ିକର ପ୍ରସାରଣ ସମୟରେ ପରିବର୍ତ୍ତନ ହୋଇଛି। 'ଡିଓଡି ସୁପର ମମ୍‌ସ' ସୋମବାରରୁ ଗୁରୁବାର ରାତି ୧୦ଟା ଏବଂ ସାରେଗାମାପା ମେଗା ଚ୍ୟାଲେଞ୍ଜ ପ୍ରତି ଶୁକ୍ରବାର ଓ ଶନିବାର ରାତି ୧୦ଟାରେ ପ୍ରସାରିତ ହେବ।






## ପି.ରାମସ୍ୱାମୀ ହେଲେ ସାତକୋଶିଆ ଡିଏଫ୍‌ଓ

ଭୁବନେଶ୍ୱର, ୨୨।୯ (ବ୍ୟୁରୋ)-୨ ଜଣ ଆଇଏଏସ ଓ ୬ ଜଣ ଆଇଏଫଏସଙ୍କୁ ଶନିବାର ବିଭାଗ ବଣ୍ଟନ କରାଯାଇଛି। ୨୦୦୩ ବ୍ୟାଚ ଆଇଏଏସ ପ୍ରଦୀପ କୁମାର ବିଶ୍ୱାଳଙ୍କୁ ଅର୍ଥ ବିଭାଗର ଅତିରିକ୍ତ ସଚିବ ଏବଂ ଫାଇନାନ୍ସିଆଲ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ୨୦୦୫ ବ୍ୟାଚର ଆଇଏଏସ୍ ରତ୍ନାକର ରାଉତଙ୍କୁ ପଶୁ ଓ ପ୍ରାଣୀ ଚିକିତ୍ସା ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ଆଇଏଫଏସ୍ ସମ୍ରାଟ ଗୌଡଙ୍କୁ ଚିଲିକାର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ସନଥ କୁମାରଙ୍କୁ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ଡିଏଫଓ, ଅରୁଣ କୁମାର ସ୍ୱାଇଁଙ୍କୁ ଭଞ୍ଜନଗର ଘୁମୁସର ନର୍ଥ ଡିଭିଜନର ଡିଏଫଓ, କେଦାର ଚନ୍ଦ୍ର ଦଳାଇଙ୍କୁ ବନ ବିଭାଗର ଡେପୁଟି କଞ୍ଜରଭେଟର, ମିରେଜ ପି. ଦେବୀଦାସଙ୍କୁ ମାଲକାନଗିରି ଟେରିଟୋରିଆଲ ଡିଭିଜନର ଡିଏଫଓ ଏବଂ ପି. ରାମସ୍ୱାମୀଙ୍କୁ ସାତକୋଶିଆ ବନ୍ୟପ୍ରାଣୀ ଡିଭିଜନର ଡିଏଫଓ ଭାବେ ନିଯୁକ୍ତି ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଶୁକ୍ରବାର ରାଜ୍ୟ ସରକାର ସାତକୋଶିଆ ଡିଏଫଓ ଏସ୍‌ଏମ୍‌ଟି ରହମନଙ୍କୁ ହଟାଇ ଦେଇଥିଲେ।

## ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ଆଜି

ନୂଆଦିଲ୍ଲୀ,୨୨।୯

ଦେଶର ୧୦ କୋଟି ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ସ୍ୱାସ୍ଥ୍ୟ ବୀମା ଯୋଗାଇବା ଲକ୍ଷ୍ୟ ନେଇ ଆରମ୍ଭ ହେବାକୁ ଥିବା ଆୟୁଷ୍ମାନ ଭାରତ ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଝାଡ଼ଖଣ୍ଡରେ ଶୁଭାରମ୍ଭ କରିବେ। ଏହାକୁ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ପିଏମ୍‌ଜେଏୱାଇ) ମଧ୍ୟ କୁହାଯାଉଛି। ମୋଦି କେୟାର ନାମରେ ପ୍ରଚାରିତ ଏହି ଯୋଜନାକୁ ଲାଗୁ କରିବା ଲାଗି ୩୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ରାଜି ହୋଇ ଚୁକ୍ତିବଦ୍ଧ ହୋଇଛନ୍ତି। ରବିବାର ଏହି ଯୋଜନାର ଶୁଭାରମ୍ଭ ହେବ, କିନ୍ତୁ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଜନ୍ମଦିବସ ଅବସରରେ ଆସନ୍ତା ୨୫ରୁ ଏହା ଦେଶରେ କାର୍ଯ୍ୟକ୍ଷମ ହେବ। ଅଦ୍ୟାବଧି ଦେଶର ୯ ହଜାର ସରକାରୀ ଓ ଘରୋଇ ହସ୍ପିଟାଲରେ ପ୍ରାୟ ୫୦ କୋଟି ବ୍ୟକ୍ତିବିଶେଷଙ୍କୁ ଏହି ଯୋଜନା ଅଧୀନରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ।







ଭାରତମାତା କେବଳ କିଛି ମାଟି ନୁହଁ। ସେ ଏକ ଶକ୍ତି- ଏକ ଦେବୀ। କାରଣ, ଏହିପରି ଜଣେ ଜଣେ ଦେବୀ ପ୍ରତ୍ୟେକ ରାଷ୍ଟ୍ରର ଭିନ୍ନ ଭିନ୍ନ ଅସ୍ତିତ୍ୱକୁ ଧରି ରଖିଛନ୍ତି ଓ ସେମାନଙ୍କୁ ଜୀବିତ ରଖିଛନ୍ତି।
-ଶ୍ରୀଅରବିନ୍ଦ



# ମହିଳାଙ୍କ ପ୍ରତିନିଧିତ୍ୱ



ଆକାର ପଟେଲ

ପ୍ରତିରକ୍ଷା ସମ୍ବନ୍ଧିତ ଦୁଇଟି ବିଷୟରେ ଏବେ ଗଣମାଧ୍ୟମରେ ଜୋରଦାର ଚର୍ଚ୍ଚା ଚାଲିଛି। ଗୋଟିଏ ହେଉଛି ଫ୍ରାନ୍ସଠାରୁ ଭାରତ ରାଫେଲ ଯୁଦ୍ଧବିମାନ କିଣିବା ଏବଂ ଅନ୍ୟଟି ହେଉଛି ଆମେରିକା ସହ ଭାରତର ୨+୨ କଥାବର୍ତ୍ତା। ମୁଁ ଦ୍ୱିତୀୟଟି ଉପରେ ଆଲୋଚନା କରୁଛି। ପ୍ରତିରକ୍ଷା ପ୍ରସଙ୍ଗରେ ସାଧାରଣତଃ ଖୁବ୍ କମ୍ ଲୋକଙ୍କର ଆଗ୍ରହ ଥାଏ। ବିଶେଷତଃ ଯେଉଁମାନେ ଏହା ଉପରେ ରିପୋର୍ଟ ଲେଖନ୍ତି ଏବଂ ଯେଉଁମାନେ ଅନ୍ତର୍ଜାତୀୟ ସମ୍ପର୍କ ଉପରେ ଅଧ୍ୟୟନ କରନ୍ତି। ସେମାନେ ୨+୨ ବୈଠକର ଫଳାଫଳ ପ୍ରତି ଖୁବ୍ ଉତ୍ସାହିତ କାରଣ ଏଥିରୁ ଅନେକ ନୂଆ ଜିନିଷ ବାହାରିବାର ସମ୍ଭାବନା ଅଛି। ଏକ ଜାତୀୟ ଖବରକାଗଜ ରିପୋର୍ଟରେ ଏ ଗୋଷ୍ଠୀର ଭାବନା ପ୍ରତିଫଳିତ ହୋଇଛି। ଏହାର ପ୍ରଥମ ଧାଡ଼ିଟି ହେଉଛି: ଭାରତର ଷ୍ଟ୍ରାଟେଜିକ୍ କମ୍ୟୁନିଟି (ରଣକୌଶଳ ପ୍ରସ୍ତୁତ କରୁଥିବା ସମୁଦାୟ) ୨+୨ ଭାରତ-ଆମେରିକା କଥାବର୍ତ୍ତା ଅବସରରେ ସ୍ୱାକ୍ଷରିତ ହୋଇଥିବା CISMOAର ଭାରତ-ନିର୍ଦ୍ଦିଷ୍ଟ ସୂତ୍ର COMCASAକୁ ନେଇ ଖୁବ୍ ଉତ୍ସାହିତ ହୋଇପଡ଼ିଛନ୍ତି। ତେବେ କେତେଜଣ ଭାରତୀୟ ଜାଣିଛନ୍ତି COMCASA ବା CISMOA କ'ଣ ଏବଂ ୨+୨ ବା କ'ଣ ବୋଲି ? ସମ୍ଭବତଃ ଏକ ଲକ୍ଷରେ ଜଣେ ବା ତା'ଠାରୁ ବି କମ୍ ଲୋକ ଜାଣିଥିବେ। ଯେହେତୁ ଏହା ସୁରକ୍ଷା ପ୍ରସଙ୍ଗ ବା ପ୍ରତିରକ୍ଷା ଦୁର୍ନୀତି ସମ୍ବନ୍ଧିତ ନୁହେଁ, ଆମେ ଏହା ଉପରେ ଆଲୋଚନା କରୁନାହୁଁ। ତେବେ ରିପୋର୍ଟରେ ପ୍ରକାଶିତ ଫଟୋଗ୍ରାଫ୍‌ଟି ମୋତେ ଆକର୍ଷିତ କରିଥିଲା। ଏଥିରେ ଚାରିଜଣ ଲୋକ ଥିଲେ- ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ ଏବଂ ଭାରତର ପ୍ରତିରକ୍ଷା ମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ। ଏମାନଙ୍କର ପାହ୍ୟା ସମାନ।

ଆମ ଦେଶ ଓ ସଂସ୍କୃତି ବିରୋଧରେ ଅନେକ ସମୟରେ ଅଭିଯୋଗ କରାଯାଏ ଯେ, ଆମେ ତଳ ପାହ୍ୟାର ଲୋକଙ୍କ ସହ କଥାବାର୍ତ୍ତା କରିବାକୁ ଚାହୁଁନା। ପୂର୍ବତନ ରାଷ୍ଟ୍ରଦୂତ ତଥା ଭାରତ-ଆମେରିକା ସମ୍ପର୍କ ବିଶେଷଜ୍ଞ ଡେନିସ୍ କୁକ୍ସ ଲେଖିଛନ୍ତି ଯେ, ଭାରତୀୟ କୂଟନୀତିଜ୍ଞମାନେ ସାଧାରଣତଃ ଆମେରିକାର ତଳ ପାହ୍ୟା ଅଧିକାରୀଙ୍କ ସହ ଆଲୋଚନା କରିବାକୁ ପସନ୍ଦ କରନ୍ତିନି, ଏପରି କି ଆମେରିକାର ସମ୍ପୃକ୍ତ ଅଧିକାରୀ ଉକ୍ତ ପ୍ରସଙ୍ଗରେ ଆଲୋଚନା କରିବା ଲାଗି ପ୍ରାଧିକୃତ ହେଲେ ମଧ୍ୟ। ଭାରତୀୟମାନେ ସବୁବେଳେ ସମାନ ପାହ୍ୟାର ଅଧିକାରୀଙ୍କ ସହ କଥାବାର୍ତ୍ତା କରିବାକୁ ପସନ୍ଦ କରନ୍ତି, ସେ ବୈଠକର ଫଳାଫଳ ନିର୍ଣ୍ଣାୟକ ନ ହେଉ ପଛେ। ତେବେ ୨+୨ ବୈଠକରେ ସେପରି ହୋଇ ନ ଥିଲା। ମୁଁ ଭାବୁଛି ରଣକୌଶଳ ବ୍ୟାପାର ସମୁଦାୟର ଅନେକେ ଖୁସି ହୋଇଥିବେ ଯେ, ଶକ୍ତିଶାଳୀ ଆମେରିକା ତା'ର ସର୍ବଶକ୍ତିମାନ୍ ରାଷ୍ଟ୍ରପତିଙ୍କ ତଳକୁ ସବୁଠୁ ଶକ୍ତିଶାଳୀ ଦୁଇଜଣ ବ୍ୟକ୍ତିଙ୍କୁ ତାଙ୍କ ସହ ଆଲୋଚନା କରିବା ପାଇଁ ପଠାଇଛି ଏବଂ ତାହା ପୁଣି ମନ୍ତ୍ରିସ୍ତରୀୟ।

ତେବେ ମୋର ଆଗ୍ରହ ଉକ୍ତ ଶକ୍ତି-ଖେଳ ପ୍ରସଙ୍ଗଠାରୁ ଅନ୍ୟ କିଛି ଆଡ଼େ ରହିଛି। ପ୍ରକାଶିତ ଫଟୋଗ୍ରାଫ୍‌ରେ ଉକ୍ତ ଚାରିଜଣ ବ୍ୟକ୍ତି ଶ୍ରୋତାମାନଙ୍କ ଆଡ଼କୁ ମୁହଁ କରି ଠିଆ ହୋଇଛନ୍ତି। ବାମପଟେ ଅଛନ୍ତି ଆମେରିକାର ବୈଦେଶିକ ମନ୍ତ୍ରୀ ମାଇକ୍ ପମ୍ପିଓ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଜିମ୍ ମାଟିସ୍, ଯେଉଁମାନେ ଉଭୟ ଶ୍ୱେତକାୟ। ମାଟିସ୍ ହେଉଛନ୍ତି ଆମେରିକାର ପୂର୍ବତନ ସେନାଧ୍ୟକ୍ଷ। ପମ୍ପିଓ ମଧ୍ୟ ଜଣେ ପୂର୍ବତନ ସେନା ଅଧିକାରୀ, ଯିଏ ଏକଦା ଆମେରିକାର ଗୋଇନ୍ଦା ସଂସ୍ଥା ସିଆଇଏର ମୁଖ୍ୟ ଥିଲେ।

ଫଟୋରେ ଡାହାଣ ପଟେ ଅଛନ୍ତି ଭାରତର ବୈଦେଶିକ ମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ। ଉଭୟେ ମହିଳା। ଜଣେ ଉତ୍ତର ଭାରତର (ସୁଷମା ସ୍ୱରାଜ) ଏବଂ ଅନ୍ୟ ଜଣକ ଦକ୍ଷିଣ ଭାରତର (ନିର୍ମଳା ସୀଥାରାମନ୍)। ଉଭୟେ ନିଜ ଗୋଡ଼ରେ ବଡ଼ ହୋଇଛନ୍ତି ଏବଂ ଉଭୟେ କ୍ଷମତାଶାଳୀ ବ୍ୟକ୍ତିତ୍ୱ। ଗୁରୁତ୍ୱପୂର୍ଣ୍ଣ ଓ କ୍ଷମତାସମ୍ପନ୍ନ ପଦବୀକୁ ଉନ୍ନୀତ ହେବାରେ ସେମାନେ କାହାରି ଉପରେ ନିର୍ଭର କରିନାହାନ୍ତି। ଦୁଇଜଣ କ୍ଷମତାଶାଳୀ ପୁରୁଷ ଦୁଇଜଣ କ୍ଷମତାଶାଳୀ ସମକକ୍ଷ ମହିଳାଙ୍କ ସହ କରମର୍ଦ୍ଦନ କରିଛନ୍ତି। ଏ ଫଟୋଗ୍ରାଫ୍‌ଟି ମୋତେ ଖୁବ୍ ଆନନ୍ଦିତ କରିଛି। ମୁଁ ସାଧାରଣତଃ ପ୍ରତିରକ୍ଷା ପ୍ରସଙ୍ଗ ପଢ଼ିବାକୁ ବେଶି ଆଗ୍ରହ ରଖି ନ ଥାଏ। କାରଣ ମୁଁ ଭାବେ ଏକ ଗରିବ ଦେଶରେ ଏ ବାବଦକୁ ବିପୁଳ ଟଙ୍କା ବରବାଦ ହେଉଛି। ଅପରପକ୍ଷେ ଏହାଦ୍ୱାରା କିଛି ଧନୀ ବ୍ୟକ୍ତିଙ୍କ ସଂକୀର୍ଣ୍ଣ ସ୍ୱାର୍ଥ ପୁଷ୍ଟ ହେଉଛି, ଯାହା ପ୍ରତିରକ୍ଷା ସମ୍ପର୍କିତ ପୂର୍ବୋକ୍ତ ଅନ୍ୟ ପ୍ରସଙ୍ଗଟି ଦର୍ଶାଉଛି। କିନ୍ତୁ ଏ ପ୍ରସଙ୍ଗ ଏବଂ ବିଶେଷତଃ ୨+୨ ଫଟୋଗ୍ରାଫ୍‌ଟି ମୋତେ ଖୁବ୍ ଆନନ୍ଦ ଦେଇଛି।

ସବୁ ଦେଶ ପରି ଆମେ ଏକ ବିରାଟ ଅସମାନତାପୂର୍ଣ୍ଣ ଦେଶରେ ବାସ କରୁଛୁ। ଆମେରିକାରେ ଗୋରା ଲୋକଙ୍କ ଆଧିପତ୍ୟ ତାଙ୍କ ସଂସ୍କୃତିରେ ବଳବତ୍ତର ରହିଛି। ସେ ଦେଶରେ ମହିଳାମାନଙ୍କ ପାଇଁ ବିଶେଷ ସ୍ଥାନ ନାହିଁ ଏବଂ ଭିନ୍ନ ରଙ୍ଗ ଓ ଭିନ୍ନ ବିଶ୍ୱାସର ଲୋକଙ୍କ ପାଇଁ ଅତି ଅଳ୍ପ ସ୍ଥାନ ରହିଛି। ଭାରତରେ ବି ସେହି କଥା ଦେଖିବାକୁ ମିଳେ। ସେହି ଫଟୋଗ୍ରାଫ୍‌ଟି ଆମ ସରକାରର ପୂର୍ଣ୍ଣତଃ ପ୍ରତିନିଧିତ୍ୱ କରୁନାହିଁ। ତେବେ ଆମ ମନ୍ତ୍ରିମଣ୍ଡଳରେ ଆଉ ଜଣେ କ୍ଷମତାଶାଳୀ ମନ୍ତ୍ରୀ (ସ୍ମୃତି ଇରାନୀ) ଅଛନ୍ତି।

ଆମ ଦେଶରେ ରାଜନୀତିରେ ମହିଳାଙ୍କ ପ୍ରତିନିଧିତ୍ୱ ଯଥେଷ୍ଟ ନୁହେଁ। ତା' ମାନେ ନୁହେଁ ଯେ ଆମ ଦେଶରେ ଦକ୍ଷ ମେଧାବୀ ମହିଳା ନାହାନ୍ତି। ସ୍ୱରାଜ, ସୀଥାରାମନ୍, ଇରାନୀ, ମାୟାବତୀ, ମମତା ବାନାର୍ଜୀ ଏବଂ ଅନ୍ୟମାନେ ଏ ସମ୍ଭାବନାକୁ ଭୁଲ୍ ପ୍ରମାଣିତ କରିଛନ୍ତି। ସେମାନଙ୍କ ପ୍ରତିନିଧିତ୍ୱ କମ୍ ହେବାର କାରଣ ହେଉଛି ସେମାନଙ୍କୁ ସୁଯୋଗ ମିଳୁନାହିଁ। ୨+୨ ବୈଠକ ଆମକୁ ଏତିକି ପ୍ରେରଣା ଦେଉ, ଯେପରି ଆମେ ରାଜନୀତିରେ ଅଧିକରୁ ଅଧିକ ମହିଳାଙ୍କୁ ସୁଯୋଗ ଦେବା ଲାଗି ସବୁ ରାଜନୈତିକ ଦଳକୁ ବାଧ କରିପାରିବା।

Email: aakar.patel@gmail.com

# ସ୍କୁଲ ନୁହେଁ ମନ୍ଦିର



ପ୍ରକାଶ ତ୍ରିପାଠୀ

ଚଳିତ ମାସ ଦ୍ୱିତୀୟ ଶନିବାର ଦିନ ସକାଳୁ ମନଟା ଚଞ୍ଚଳ ହୋଇ ଉଠୁଥିଲା। ସରକାରୀ ଛୁଟି ସତ୍ତ୍ୱେ ଅନ୍ୟ ଦିନଗୁଡ଼ିକ ପରି ନିତ୍ୟକର୍ମରେ ମୋର ତତ୍ପରତା ବିସ୍ମୟ ସୃଷ୍ଟି କରୁଥିଲା ଘର ଲୋକଙ୍କ ମନରେ। ମୁଁ କ୍ରମଶଃ ବ୍ୟଗ୍ର ହୋଇପଡୁଥିଲି କେତେ ଶୀଘ୍ର ସେଇ ମନ୍ଦିରରେ ଯାଇ ପହଞ୍ଚି ପାରିବି। ଏ ସେହି ମନ୍ଦିର, ଯେଉଁଠି ଦୀର୍ଘ ୩୭ ବର୍ଷ ତଳେ ମୋ ଭବିଷ୍ୟତ ପାଇଁ ମୂଳଦୁଆର ଭିତ୍ତିପ୍ରସ୍ତର ପଡ଼ିଥିଲା। ଏ ସେହି ମନ୍ଦିର, ଯାହା ପାଇଁ ଆଜି ମୁଁ ମୋର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏ ସେହି ମନ୍ଦିର, ଯାହାର ଅବଦାନ ମୋର ସ୍ଥିତି, ପ୍ରତିଷ୍ଠା ଓ ବ୍ୟକ୍ତିତ୍ୱର ପ୍ରତିଟି ଅଣୁରେ ଭରିରହିଛି। ଏହି ମନ୍ଦିର ହେଉଛି ମୋ ସ୍କୁଲ, ମୋ ନିଜ ସ୍କୁଲ। ମୋ ସ୍କୁଲର ପୁରାତନ ଛାତ୍ର ଅନୁଜମାନଙ୍କ ଅନୁରୋଧରେ ମୁଁ ସେଦିନ 'ମୋ ସ୍କୁଲ ଅଭିଯାନ'ରେ ସାମିଲ ହେବାର ଗୌରବ ହାସଲ କରିଛି। ଦୀର୍ଘବର୍ଷର ବ୍ୟବଧାନ ପରେ ତା' କୋଳରେ କିଛି ସମୟ ଅତିବାହିତ କରିବାପୂର୍ବକ ତା'ର ସୁଖଦ ସ୍ମୃତିରେ ହଜିଯାଇଥିଲି। ତା'ର ପ୍ରତିଟି ଧୂଳିକଣା ଥିଲା ସ୍ମୃତି ବିଜଡ଼ିତ। ଠିକ୍ ଦଶଟାରେ ସ୍କୁଲ ସମ୍ମୁଖରେ ଯୋଡ଼ହସ୍ତରେ ଦଣ୍ଡାୟମାନପୂର୍ବକ ସମସ୍ତ ଛାତ୍ରୀଛାତ୍ର ତଥା ଶିକ୍ଷକ ସମୂହଙ୍କ ପ୍ରାର୍ଥନା ଓ ନୀତିଶିକ୍ଷା ଶ୍ରବଣ, ଶୃଙ୍ଖଳାର ସହ ଶ୍ରେଣୀଗୃହରେ ଶିକ୍ଷା ଗ୍ରହଣ, ବିସ୍ତୀର୍ଣ୍ଣ ବାଲୁକାମୟ ଖେଳପଡିଆରେ ଥକି ନ ଯିବା ପର୍ଯ୍ୟନ୍ତ ଖେଳ, ସଂସ୍କୃତ ଧାତୁରୂପ ଶବ୍ଦରୂପ ବୋଲି ନ ପାରି ସଂସ୍କୃତ ସାର୍‌ଙ୍କ ନିର୍ଦ୍ଦେଶରେ ବେଞ୍ଚ୍ ଉପରେ କାନଧରି ଠିଆ ହେବା, ଦୁଷ୍ଟାମି କରି ଧରାପଡିବା ଓ ପ୍ରଧାନଶିକ୍ଷକଙ୍କଠାରୁ କାନମୋଡ଼ା ଦଣ୍ଡ ପାଇବା, ଖାଇବା ଛୁଟିରେ ସାଙ୍ଗମାନଙ୍କ ଟିଫିନ ବକ୍ସରୁ ଜବରଦସ୍ତ ଜଳଖିଆ ଖାଇବା, ଗଣେଶ ପୂଜା, ସରସ୍ୱତୀ ପୂଜାରେ ନୃତ୍ୟ ଗୀତ, ସ୍କୁଲର ବାର୍ଷିକ ଉତ୍ସବରେ ମଉଜମସ୍ତି ଓ ସର୍ବୋପରି ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିବା ପାଇଁ ସହପାଠୀଙ୍କ ସହ ପ୍ରତିଯୋଗିତାର ସେହି ସବୁ ସୁଖଦ ସ୍ମୃତିଗୁଡିକ ସିନେମା ଭଳି ଆଖିଆଗରେ ନାଚି ଉଠିଲା, ସ୍କୁଲ ଶିକ୍ଷକମାନଙ୍କ ପ୍ରତି ଭକ୍ତି, ଭୟ, ଶ୍ରଦ୍ଧା, ସହପାଠୀଙ୍କ ପ୍ରତି ମମତା ଓ ସର୍ବୋପରି ସ୍କୁଲ ପ୍ରତି ଆତ୍ମୀୟତା ଉଜ୍ଜୀବିତ ହୋଇ ଉଠିଲା ସ୍କୁଲରେ ପାଦ ଥାପୁ ଥାପୁ।

ସରକାରଙ୍କ 'ମୋ ସ୍କୁଲ ଅଭିଯାନ' ନିଶ୍ଚିତ ସଫଳ ହୋଇଛି ମୋ ଭଳି ପୁରାତନ ଛାତ୍ରୀଛାତ୍ରଙ୍କ ମନରେ ସ୍କୁଲର ସ୍ମୃତିକୁ ଉଜ୍ଜୀବିତ କରିବାରେ। ଏହା ସ୍ୱୀକାର କରିବାକୁ ହେବ ଯେ ମୋ ସ୍କୁଲ ଯୋଜନା ଏକ ବଳିଷ୍ଠ ତଥା ପ୍ରଭାବଶାଳୀ ଯୋଜନା, ଯାହାକି ଆଗାମୀ ଦିନରେ ସ୍କୁଲର ସର୍ବାଙ୍ଗୀଣ ଉନ୍ନତିରେ ସହାୟକ ହେବ। ବିଦ୍ୟାଳୟର ଭିତ୍ତିଭୂମି ଦୃଢ଼ ହେବା ସହ ଶୈକ୍ଷିକ ପରିବେଶ ମଧ୍ୟ ଉନ୍ନତ ହେବ। ଯୋଜନାର ନାମ ମୋ ସ୍କୁଲ ରଖିବାର ଉଦ୍ଦେଶ୍ୟ ମହତ୍ ଅଟେ। ମୋ ଶବ୍ଦ ଉଚ୍ଚାରଣ ହୋଇଥାଏ ନିଜ ଲୋକଙ୍କ ପାଖରେ, ନିଜ ପରିବାରରେ ବା ଅଧିକାର ସାବ୍ୟସ୍ତ କରୁଥିବା ସ୍ଥାନରେ ବା ଉପକରଣରେ। ଯେପରି ମୋ ପୁଅ, ମୋ ଝିଅ, ମୋ ବାପା, ମୋ ବୋଉ, ମୋ ଘର, ମୋ ଗାଡି, ମୋ ଜମି, ମୋ ସମ୍ପତ୍ତି ଇତ୍ୟାଦି। 'ମୋ'ରେ ଥାଏ ଆତ୍ମୀୟତା, ଭାବାବେଗ ଓ ଅଧିକାର। ଏଥିରେ ଥାଏ ଅତିଶୟ ଭଲ ପାଇବାର ଆବେଗ ଓ ଆପଣାର ଭାବ। ଆତ୍ମୀୟତା ଓ ଆନ୍ତରିକତା ନ ଥିଲେ ମୋର ବା ମୋ କହିବା ଅର୍ଥହୀନ ହୋଇଥାଏ। ଯେଉଁଠାରେ ବା ଯାହା ସହ ମୋ ବା ମୋର ଶବ୍ଦ ଯୋଡ଼ିହୋଇଯାଏ, ତା ସହ ତା'ର ସୁରକ୍ଷା, ପୋଷଣ ଓ ଯତ୍ନ ସ୍ୱତଃ ଯୋଡ଼ିହୋଇଯାଏ। ସେ ଦୃଷ୍ଟିରୁ ସ୍କୁଲକୁ ମୋ ସ୍କୁଲ ଉଚ୍ଚାରଣ ନିଶ୍ଚିତ ରୂପେ ଜଣଙ୍କ ମନରେ ଭାବାବେଗ ସହ ଆପଣା ଭାବ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ।

ମୋ ସ୍କୁଲ ମୋତେ ସବୁ କିଛି ଦେଇଛି। ପ୍ରତିବଦଳରେ ମୋ ସ୍କୁଲକୁ ମୁଁ କ'ଣ ଦେଇଛି ? ସମ୍ପ୍ରତି ଏଭଳି ଏକ ପ୍ରଶ୍ନ ଉଙ୍କିମାରୁଛି ପ୍ରତିଟି ପୁରାତନ ଛାତ୍ରୀଛାତ୍ରଙ୍କ ମନରେ। ମୋ ସ୍କୁଲ ଅଭିଯାନ ଆମ ସମସ୍ତଙ୍କ ପାଇଁ ସୃଷ୍ଟି କରିଛି ଗୋଟିଏ ପରିଚୟ, ଆଉ ତାହା ହେଉଛି ପୁରାତନ ଛାତ୍ରୀଛାତ୍ର। ଯିଏ ଯେତେ ବଡ଼ ପଦପଦବୀରେ ଥାଆନ୍ତୁ, ଯେତେ ବଡ଼ କ୍ଷମତାଧାରୀ ହୁଅନ୍ତୁ ବା ଧନାଢ୍ୟ ହୁଅନ୍ତୁ, ସମସ୍ତଙ୍କର ସେଇ ଗୋଟିଏ ପରିଚୟ ପୁରାତନ ଛାତ୍ରୀଛାତ୍ର। ବିଭିନ୍ନ ପେସାରେ ନିୟୋଜିତ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ଗୋଟିଏ ସୂତ୍ରରେ ବାନ୍ଧିପାରିବାର ଅଭିଯାନ ହେଉଛି ମୋ ସ୍କୁଲ। ନଭେମ୍ବର ୧୪, ୨୦୧୭ରୁ ଆରମ୍ଭ ହୋଇଥିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍କୁଲର ଭିତ୍ତିଭୂମି ତଥା ଶୈକ୍ଷିକ ପରିବେଶର ଅଭିବୃଦ୍ଧି। ଦେଶ ତଥା ଜାତିର ସମୃଦ୍ଧିରେ ବିଦ୍ୟାଳୟଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହାର ସର୍ବାଙ୍ଗୀନ ବିକାଶ ଅପରିହାର୍ଯ୍ୟ। ନାଗରିକ-ସରକାର ସହଭାଗିତାରେ ଆରମ୍ଭ ହୋଇଥିବା ଏହି ଯୋଜନା ଇତିମଧ୍ୟରେ ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିବା ସହ ବିଦେଶରେ ରହୁଥିବା ଓଡ଼ିଆମାନଙ୍କ ନିକଟରେ ଖୁବ୍ ଗ୍ରହଣୀୟ ହୋଇପାରିଛି। ଏହି ଯୋଜନା ଅନୁଯାୟୀ ପୁରାତନ ଛାତ୍ରୀଛାତ୍ରମାନେ ସ୍ୱଇଚ୍ଛାରେ ସେମାନେ ପଢୁଥିବା ସ୍କୁଲ ପାଇଁ କିଛି ଦାନ କରିବେ। ତାହା ଅର୍ଥ ଆକାରରେ ହୋଇପାରେ ଅଥବା ସ୍କୁଲ ପାଇଁ ଆବଶ୍ୟକ ପଡୁଥିବା ଯେକୌଣସି ଉପକରଣ ଆକାରରେ। ଏ ବାବଦରେ ଯେତିକି ଅର୍ଥ ସ୍କୁଲ ପାଣ୍ଠିକୁ ଆସିବ, ତାହାର ଦଇଗୁଣା ଅର୍ଥ ସରକାରଙ୍କ ପକ୍ଷରୁ ଉକ୍ତ ସ୍କୁଲକୁ ଅନୁଦାନ ଆକାରରେ ଯୋଗାଇ ଦିଆଯିବ। ମୋ ସ୍କୁଲ ଯୋଜନାରେ ପ୍ରତି ସ୍କୁଲରେ ଗଠିତ ହୋଇଥିବା କମିଟିର ପ୍ରସ୍ତାବ ଅନୁଯାୟୀ ଉକ୍ତ ପାଣ୍ଠି ବ୍ୟୟ ହେବ। ସ୍କୁଲର ଭିତ୍ତିଭୂମି ଯଥା ହଷ୍ଟେଲ, ବିଜ୍ଞାନାଗାର, ବୈଦ୍ୟୁତିକ ସରଞ୍ଜାମ, ଶୁଦ୍ଧ ପିଇବା ପାଣି ବ୍ୟବସ୍ଥା, ଟେବୁଲ, ଚେୟାର, ସ୍କୁଲ ପାଚେରି, ସଭାଗୃହ, ସାଇକେଲ ଷ୍ଟାଣ୍ଡ ଆଦିର ନିର୍ମାଣ, ମରାମତି ଓ ସଂରକ୍ଷଣ ଦିଗରେ ଉକ୍ତ ପାଣ୍ଠି ବ୍ୟୟ କରାଯାଇପାରେ। ସେହିପରି ଛାତ୍ରୀଛାତ୍ରଙ୍କ ଶାରୀରିକ ଅଭିବୃଦ୍ଧି ପାଇଁ ଖେଳପଡିଆର ଉନ୍ନତୀକରଣ, ଖେଳ ଉପକରଣ କ୍ରୟ, ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ବିଦ୍ୟାର୍ଥୀଙ୍କ ବୌଦ୍ଧିକ ଦକ୍ଷତା ବୃଦ୍ଧି ପାଇଁ ଲାଇବ୍ରେରି ସ୍ଥାପନ, ସେମିନାର, ପ୍ରଦର୍ଶନୀର ଆୟୋଜନ, ଷ୍ଟଡି ଟୁର୍‌ର ବ୍ୟବସ୍ଥା ଓ ମଧ୍ୟାହ୍ନଭୋଜନର ପରିପୁଷ୍ଟି ଆଦି ଦିଗରେ ମଧ୍ୟ ପାଣ୍ଠି ଖର୍ଚ୍ଚ କରାଯାଇପାରେ।

'ମୋ ସ୍କୁଲ ଅଭିଯାନ' ପ୍ରତି ବିପୁଳ ଜନସମର୍ଥନ ମିଳୁଛି। ପୁରାତନ ଛାତ୍ରୀଛାତ୍ରମାନେ ସ୍ୱେଚ୍ଛାକୃତ ଭାବେ ଏକତ୍ରିତ ହେବା ସହ ସଙ୍ଗଠନମାନ ଗଠନ କରୁଛନ୍ତି। ସେମାନଙ୍କର ଫେସ୍‌ବୁକ ଓ ହ୍ୱାଟ୍ସଆପ୍ ଗ୍ରୁପ୍‌ମାନ ସୃଷ୍ଟି ହେଉଛି। ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ହେବା ସହ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହ ମିଶି ମୋ ସ୍କୁଲ ଅଭିଯାନକୁ ସଫଳ କରିବା ପାଇଁ ଉଦ୍ୟମ ହେଉଛି। ଖବର ପ୍ରକାଶ ପାଇଛି ଯେ, ଭୁବନେଶ୍ୱରସ୍ଥିତ ୟୁନିଟ୍-୯ ହାଇସ୍କୁଲର ୪ ଜଣ ପୁରାତନ ଛାତ୍ର ଏହି ଯୋଜନାରେ ସ୍କୁଲ୍‌କୁ ଦଶ ଲକ୍ଷ ଟଙ୍କା ଦାନ କରିଛନ୍ତି। କେବଳ ଭୁବନେଶ୍ୱର ସ୍କୁଲ ନୁହେଁ, ଓଡ଼ିଶାର ପ୍ରତିଟି ହାଇସ୍କୁଲକୁ ସେହି ସ୍କୁଲର ପୁରାତନ ବିଦ୍ୟାର୍ଥୀମାନଙ୍କ ପକ୍ଷରୁ ଆର୍ଥିକ ସହାୟତା ଜାରି ରହିଛି। ଆଗାମୀ ଦିନରେ ଅଧିକରୁ ଅଧିକ ପୁରାତନ ଛାତ୍ରୀଛାତ୍ର ଏହି ଅଭିଯାନରେ ସାମିଲ ହୋଇ ସେମାନଙ୍କ ପ୍ରିୟ ସ୍କୁଲର ସର୍ବାଙ୍ଗୀନ ବିକାଶରେ ସହାୟକ ହେବେ। ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷମାନେ ଅଧିକ ତତ୍ପରତା ପ୍ରକାଶ ପୂର୍ବକ ସେମାନଙ୍କ ବିଦ୍ୟାର୍ଥୀ ପଣିଆର ତଥା ସ୍କୁଲକୁ ଭଲ ପାଇବାରେ ପ୍ରମାଣ ସାବ୍ୟସ୍ତ କରିବାକୁ ଏହି ମୋ ସ୍କୁଲ ଅଭିଯାନ ସୁଯୋଗ ଦେଇଛି। ତେବେ ପୁରାତନ ବିଦ୍ୟାର୍ଥୀଙ୍କ ଦାନ ଓ ତଦନୁସାରେ ସରକାରୀ ଅନୁଦାନ ଅର୍ଥର ସଫଳ ଓ ଉପଯୁକ୍ତ ବିନିଯୋଗ ଉପରେ ଏହି ଯୋଜନାର ସଫଳତା ନିର୍ଭର କରେ। କେବଳ ଭିତ୍ତିଭୂମି ବିକାଶ ହୋଇଗଲେ ହେବନାହିଁ। ଶିକ୍ଷାଦାନର ଗୁଣାତ୍ମକ ମାନ ମଧ୍ୟ ବୃଦ୍ଧି ପାଇବା ଦରକାର, ଯାହାକି ସ୍କୁଲରେ ନିୟୋଜିତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ। ସେମାନେ ଅଧ୍ୟୟନରତ ବିଦ୍ୟାର୍ଥୀମାନଙ୍କୁ ମୋ ପିଲା ଭାବି ସେମାନଙ୍କ ବୌଦ୍ଧିକ ବିକାଶ ପ୍ରତି ଯତ୍ନବାନ ହେବା ଆବଶ୍ୟକ। ଅନେକ ସମୟରେ ବିଦ୍ୟାଳୟଗୁଡିକରେ ବିବାଦ ଯୋଗୁ ସରକାରୀ ଅନୁଦାନ ଖର୍ଚ୍ଚ ହୋଇ ନ ପାରି ସ୍କୁଲର ଭିତ୍ତିଭୂମି ବିକାଶ ବାଧାପ୍ରାପ୍ତ ହୁଏ। 'ମୋ ସ୍କୁଲ ଅଭିଯାନ' ଏହି ଚିରାଚରିତ ନକାରାତ୍ମକ ଦିଗରୁ ଦୂରରେ ରହି ସ୍କୁଲର ସାମଗ୍ରିକ ବିକାଶ ଦିଗରେ ସଫଳ ହେବ ବୋଲି ଆଶା କରୁ।

ମୋ-୯୪୩୭୨୩୨୪୬୩,
ଇମେଲ-prakas.tripathy09@gmail.com

# ପରମାଣୁ ବୈଜ୍ଞାନିକ

## ବ୍ୟକ୍ତିତ୍ୱ



କମଲେଶ ନୀଳକଣ୍ଠ ବ୍ୟାସ

ପରମାଣୁ ଶକ୍ତି ଆୟୋଗ ବା ଆଟମିକ୍ ଏନର୍ଜୀ କମିଶନ (ଏଇସି) ପରମାଣୁ ଶକ୍ତି ବିଭାଗ (ଡିଏଇ)ର ପରିଚାଳନା ସଂସ୍ଥା ଭାବେ ପରିଚିତ। ଦେଶର ପରମାଣୁ କାର୍ଯ୍ୟକ୍ରମକୁ ଦେଖାଶୁଣା କରିବା ସକାଶେ ୧୯୪୮ ମସିହାରେ ଏହା ପ୍ରତିଷ୍ଠା ହୋଇଥିଲା। ଭାରତରେ ପରମାଣୁ ବୈଜ୍ଞାନିକଙ୍କ ଗବେଷଣା କାର୍ଯ୍ୟର ଆୟୋଜନ ଓ ପ୍ରଶିକ୍ଷଣ, ଆୟୋଗର ନିଜସ୍ୱ ପରୀକ୍ଷାଗାରରେ ପରମାଣୁ ଗବେଷଣାକୁ ତ୍ୱରାନ୍ୱିତ କରି ଖଣିଜ ଉତ୍ତୋଳନକୁ ଶିଳ୍ପ ବିକାଶରେ ଲଗାଇବା ଦିଗରେ ଏଇସି କାର୍ଯ୍ୟ କରୁଛି। ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଥିବାରୁ ଏହା ବିଶେଷ ଗୁରୁତ୍ୱ ବହନ କରିଥାଏ। ତେଣୁ ଜଣେ ଅଭିଜ୍ଞ ବୈଜ୍ଞାନିକଙ୍କୁ ଏଇସିର ଅଧ୍ୟକ୍ଷ ଦାୟିତ୍ୱ ଅର୍ପଣ କରାଯାଇଥାଏ। ଶେଖର ବସୁଙ୍କ ସ୍ଥାନରେ ଭାଭା ପରମାଣୁ ଗବେଷଣା କେନ୍ଦ୍ର (ବିଏଆର୍‌ସି)ର ନିର୍ଦ୍ଦେଶକ କମଲେଶ ନୀଳକଣ୍ଠ ବ୍ୟାସଙ୍କୁ ନିକଟରେ ଏହି ପଦବୀରେ ନିଯୁକ୍ତ କରାଯାଇଛି। ସେ ମଧ୍ୟ ଡିଏଇର ସଚିବ ଭାବେ କାର୍ଯ୍ୟ କରିବେ। କ୍ୟାବିନେଟ୍‌ର ନିଯୁକ୍ତି ସଂକ୍ରାନ୍ତ କମିଟି ଦ୍ୱାରା ନିଯୁକ୍ତ ହୋଇଥିବା କମଲେଶ ୨୦୨୧ ମେ ୩ ତାରିଖ ଯାଏ ଏହି ଦାୟିତ୍ୱରେ ରହିପାରିବେ।

ବଡ଼ୋଦରାସ୍ଥିତ ଏମ୍‌ଏସ୍ ୟୁନିଭର୍ସିଟିରୁ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ଅର୍ଜନ କରିବା ପରେ କମଲେଶ ବିଏଆର୍‌ସି ପ୍ରଶିକ୍ଷଣ ସ୍କୁଲରେ ୧୯୭୯ରେ ଯୋଗ ଦେଇଥିଲେ। ଏହା ପରେ ବିଏଆର୍‌ସିର ରିଆକ୍ଟର ଇଞ୍ଜିନିୟରିଂ ଡିଭିଜନ୍‌ର ଫୁଏଲ୍ ଡିଜାଇନ୍ ଆଣ୍ଡ୍ ଡେଭଲପ୍‌ମେଣ୍ଟ ସେକ୍‌ଶନରେ କାର୍ଯ୍ୟ କରିଥିଲେ। ପରମାଣୁ ରିଆକ୍ଟରର ବିଭିନ୍ନ କୌଶଳାତ୍ମକ ପ୍ରୟୋଗ (ଷ୍ଟ୍ରାଟେଜିକ୍ ଆପ୍ଲିକେଶନ୍) ଲାଗି ଆବଶ୍ୟକ ଇନ୍ଧନ ଡିଜାଇନ୍ କରିବାରେ ତାଙ୍କ ଭୂମିକା ଥିଲା ଅନସ୍ୱୀକାର୍ଯ୍ୟ। ଏପରିକି କ୍ରିଟିକାଲ୍ ରିଆକ୍ଟର କୋର୍ କମ୍ପୋନେଣ୍ଟ୍ ଲାଗି ଥର୍ମାଲ ହାଇଡ୍ରୋଲିକ୍ସ ଆଣ୍ଡ୍ ଷ୍ଟ୍ରେସ୍ ଆନାଲିସିସ୍ କ୍ଷେତ୍ରରେ ସେ ଅନବରତ ଅନୁଧ୍ୟାନ କରିଚାଲିଥିଲେ। ଫଳରେ ପରମାଣୁ ଶକ୍ତିକୁ କିଭଳି ଦେଶ ହିତରେ ବ୍ୟବହାର କରାଯାଇପାରିବ ସେ ଦିଗରେ କନିଷ୍ଠ ବୈଜ୍ଞାନିକଙ୍କୁ ସର୍ବଦା ପ୍ରଶିକ୍ଷଣ ଦେଇଚାଲିଛନ୍ତି। ବିଏଆର୍‌ସିର ନିର୍ଦ୍ଦେଶକ ଭାବେ ଦୁଇବର୍ଷରୁ ଉର୍ଦ୍ଧ୍ୱ ସମୟ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ସେ ଏଇସିର ଅଧ୍ୟକ୍ଷ ପଦ ମଣ୍ଡନ କରିବାକୁ ଯୋଗ୍ୟ ହୋଇପାରିଛନ୍ତି।

ନିରନ୍ତର ପ୍ରଚେଷ୍ଟା ତାଙ୍କୁ ଉପରକୁ ଉଠିବାରେ ସାହାଯ୍ୟ କରିଛି। ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଜର୍ନାଲରେ ତାଙ୍କ ଦ୍ୱାରା ଲିଖିତ ପରମାଣୁ ଶକ୍ତି ସମ୍ବନ୍ଧୀୟ ଉପାଦେୟ ପ୍ରବନ୍ଧ ଉଚ୍ଚ ପ୍ରଶଂସିତ ହୋଇଛି। ନିଷ୍ଠାପର ବୈଜ୍ଞାନିକ ଭାବେ କାର୍ଯ୍ୟ କରି ସେ ଦେଶକୁ ସଫଳତା ଆଣିଦେଇଥିବାରୁ ଅନେକ ସମୟରେ ତାଙ୍କୁ ବିଭିନ୍ନ ପୁରସ୍କାର ଓ ସମ୍ମାନ ମିଳିପାରିଛି। ସେଥିମଧ୍ୟରେ ୨୦୧୧ରେ ଇଣ୍ଡିଆନ୍ ନ୍ୟୁକ୍ଲିୟର ସୋସାଇଟି ଆଉଟ୍‌ଷ୍ଟାଣ୍ଡିଂ ସର୍ଭିସ ଆୱାର୍ଡ, ହୋମି ଭାଭା ସାଇନ୍ସ ଆଣ୍ଡ୍ ଟେକ୍‌ନୋଲଜି ଆୱାର୍ଡ-୨୦୦୬ ରହିଛି। ତାଙ୍କୁ ଡିଏଇ ସମ୍ମାନ ୨୦୦୭, ୨୦୦୮, ୨୦୧୨ ଏବଂ ୨୦୧୩ରେ ମିଳିବା କମଲେଶଙ୍କ ଉତ୍ତମ କାର୍ଯ୍ୟର ପ୍ରତିଫଳନ ବୋଲି କୁହାଯାଇଥାଏ। ଇଣ୍ଡିଆନ୍ ନ୍ୟାଶନାଲ ଏକାଡେମୀ ଅଫ୍ ଇଞ୍ଜିନିୟର୍ସର ଫେଲୋ ହେବାରେ ମଧ୍ୟ ସେ ଗୌରବ ଅର୍ଜନ କରିଛନ୍ତି। ଅତଏବ ଆଗାମୀ ଦିନରେ ପରମାଣୁ ଶକ୍ତିକୁ ଭାରତର ମଙ୍ଗଳ ଦିଗରେ ବିନିଯୋଗ କରିବାରେ ତାଙ୍କ ନେତୃତ୍ୱ ସହାୟକ ହେବ ବୋଲି ଦେଶବାସୀ ଆଶା ରଖିବା ସ୍ୱାଭାବିକ।

-ଜିତେନ୍ଦ୍ର

## ଏଇ ଭାରତରେ

ଆନ୍ଧ୍ରପ୍ରଦେଶର ଜଣେ ପୋଲିସ ଇନ୍ସପେକ୍ଟର ନିର୍ବାଚିତ ପ୍ରତିନିଧିଙ୍କ ଜିଭ କାଟିଦେବାକୁ ଧମକ ଦେଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଯଦି କୌଣସି ବିଧାୟକ କିମ୍ବା ସାଂସଦ ପୋଲିସ ବାହିନୀର ମନୋବଳକୁ ଭାଙ୍ଗିଦେବା ଭଳି କିଛି ମନ୍ତବ୍ୟ ଦିଅନ୍ତି ତେବେ ଏଭଳି କରାଯିବ ବୋଲି ସେ କହିଥିଲେ। ଅନନ୍ତପୁର ଜିଲାର କାଦିରି ଥାନା ଇନ୍ସପେକ୍ଟର ମାଧବ ଶାସକ ଦଳର ସାଂସଦଙ୍କୁ ଲକ୍ଷ୍ୟକରି ଏପରି ମନ୍ତବ୍ୟ ଦେଇଥିବା ବେଳେ ସମ୍ପୃକ୍ତ ସାଂସଦ ଏଥି ନେଇ ଏକ ଅଭିଯୋଗ ଦାଏର କରିଛନ୍ତି। ଇନ୍ସପେକ୍ଟର ଜଣକ ଏକ ସାମ୍ବାଦିକ ସମ୍ମିଳନୀ ଡାକି କହିଥିଲେ, ଆମେ ଯଥେଷ୍ଟ ସଂଯମ ଅବଲମ୍ବନ କରୁଛୁ। ଏଣିକି ଯିଏ ପୋଲିସ ବିରୋଧରେ କହିବାର ସୀମା ଅତିକ୍ରମ କରିବ ଆମେ ସହ୍ୟ କରିପାରିବୁ ନାହିଁ। ଆମେ ସେମାନଙ୍କ ଜିଭ କାଟିଦେବୁ। ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ସାଂସଦ ଜେ.ସି. ଦିୱାକର ରେଡ୍‌ଡୀ କେଉଁ ସ୍ଥାନକୁ ଗଲେ ସେ ତାଙ୍କ ଜିଭ କାଟିବେ ବୋଲି ପ୍ରଶ୍ନ କରିଛନ୍ତି। ଚଳିତ ସପ୍ତାହ ପ୍ରାରମ୍ଭରେ ଟାଡିପତ୍ରୀ ନିକଟବର୍ତ୍ତୀ ଏକ ଗାଁରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ପୋଲିସ ଉତ୍ତେଜନାମୂଳକ ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ପରିବର୍ତ୍ତେ ନପୁଂସକ ଭଳି ଘଟଣାସ୍ଥଳ ଛାଡ଼ି ପଳାଇଥିଲେ ବୋଲି ରେଡ୍‌ଡୀ ଅଭିଯୋଗ କରିବା ପରେ ପୋଲିସ ଓ ଲୋକପ୍ରତିନିଧିଙ୍କ ମଧ୍ୟରେ ଏଭଳି ବାଦାନୁବାଦ ସୃଷ୍ଟି ହୋଇଛି। ପୋଲିସ ଇନ୍ସପେକ୍ଟରଙ୍କ ଏଭଳି ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟ ଲାଗି ତାଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସମ୍ପୃକ୍ତ ସାଂସଦ ସରକାରଙ୍କ ଧ୍ୟାନ ଆକର୍ଷଣ କରିବେ ବୋଲି କହିଛନ୍ତି। ଏହା ପରଠୁ ପୋଲିସ ଇନ୍ସପେକ୍ଟରଙ୍କ ପାଟି ଚୁପ୍। ଜଣେ ଲୋକ ପ୍ରତିନିଧି ଏବଂ ଶାନ୍ତିଶୃଙ୍ଖଳା ରକ୍ଷାକାରୀ ପୋଲିସ ଇନ୍ସପେକ୍ଟରଙ୍କ ମଧ୍ୟରେ ଏଭଳି ବାଦାନୁବାଦ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ହସର ଖୋରାକ ଯୋଗାଇଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 7 | | | | 0 | | 2 | 5 | | | | D |
| | 2 | | | | | 6 | D | | 3 | 1 | | | | 4 |
| | B | | A | 1 | | C | | 4 | E | | | 6 | | |
| E | | | | | C | | 5 | | | | 4 | | | |
| D | | | | B | 3 | | | 9 | | | | | | |
| | | | | | | | 7 | | | E | | A | | 6 |
| | 6 | | | 0 | 4 | E | | | C | A | D | | | 2 |
| | 4 | 2 | 6 | | | | | | | 9 | | | D | |
| 9 | | 1 | | D | | | | | | | 5 | | | |
| | 8 | | | 7 | 1 | B | 9 | | 4 | | | | | |
| | | | | 5 | | | 2 | 6 | 0 | 8 | | | | B |
| 3 | | 9 | | | | | | 1 | | D | | | | E |
| | | 7 | 3 | | | | | 5 | A | | | 8 | 1 | |
| 6 | C | | E | | 9 | | | A | | | | | | |
| | 0 | 5 | | 6 | 8 | D | | C | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | E | 4 | D | 5 | 6 | 1 | 2 | 7 | 8 | A | 3 | 0 | C | B |
| 5 | B | 6 | 2 | 4 | 7 | D | 8 | C | 0 | 9 | 1 | A | 3 | E |
| 1 | D | 8 | E | 0 | 3 | A | 9 | B | 4 | C | 2 | 6 | 5 | 7 |
| 3 | C | 7 | A | 9 | 1 | 5 | 6 | 0 | E | D | B | 2 | 8 | 4 |
| 2 | A | 0 | B | C | 8 | E | 3 | 4 | 7 | 5 | 6 | 1 | 9 | D |
| E | 9 | B | 1 | 2 | 0 | 6 | 7 | 8 | C | 4 | 5 | D | A | 3 |
| 7 | 6 | 1 | 4 | 8 | A | C | 5 | 9 | D | 3 | E | B | 0 | 2 |
| C | 4 | 5 | 3 | 7 | D | 2 | B | A | 9 | 1 | 0 | E | 6 | 8 |
| 0 | 3 | A | C | 6 | 9 | 4 | D | E | B | 2 | 8 | 5 | 7 | 1 |
| D | 8 | 2 | 5 | B | E | 3 | 0 | 1 | A | 6 | 7 | C | 4 | 9 |
| 6 | 0 | E | 8 | D | C | B | 4 | 3 | 1 | 7 | A | 9 | 2 | 5 |
| 8 | 1 | 9 | 7 | A | 5 | 0 | E | 2 | 3 | B | C | 4 | D | 6 |
| B | 5 | 3 | 9 | 1 | 4 | 7 | A | 6 | 2 | 0 | D | 8 | E | C |
| 4 | 2 | D | 0 | 3 | B | 8 | C | 5 | 6 | E | 9 | 7 | 1 | A |
| A | 7 | C | 6 | E | 2 | 9 | 1 | D | 5 | 8 | 4 | 3 | B | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଜ୍ଞାନର ଦାନ ଓ ବିପଦ

ମହାଶୟ,

ମୋବାଇଲ ଫୋନର ବହୁଳ ବ୍ୟବହାର ପରେ ବିଶ୍ୱାସଘାତକ ପ୍ରେମିକଙ୍କ ସଂଖ୍ୟା ବଢି ଚାଲିଛି। ଦୈହିକ ସମ୍ପର୍କ ସ୍ଥାପନ କରି ବିଗିଡି ଗଲେ ଉଠାଇଥିବା ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ି ଦେଉଛନ୍ତି। ସାଇବର ଶାଖାରେ ତୁରନ୍ତ ଓ ଆଖିଦୃଶିଆ ଦଣ୍ଡ ମିଳୁ ନ ଥିବାରୁ ଭାଇରାଲ ଘଟଣା ଥମୁନି। ମୋବାଇଲ ଓ ଇଣ୍ଟରନେଟ୍ ବିଜ୍ଞାନର ଦାନ ହେଲେ ମଧ୍ୟ ଅପବ୍ୟବହାର ଯୋଗୁ ଏହା ବିପଦ ସୃଷ୍ଟି କରୁଛି। ତେଣୁ ଏ ଯୁଗରେ ସମସ୍ତେ ହାତେ ମାପି ଚାଖଣ୍ଡେ ଚାଲିବା ଦରକାର।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

### ମୁନୀନାଞ୍ଚ ମତିଭ୍ରମଃ

ଧରିତ୍ରୀ (୧୯।୮)ରେ ଆକାର ପଟେଲ 'ଦୁଇ ଅମର ଆତ୍ମା' ଶୀର୍ଷକ ନିବନ୍ଧରେ ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପାୟୀ ଏବଂ ନୋବେଲ ବିଜେତା ନୈପଲଙ୍କ ସମ୍ପର୍କରେ ଲେଖିଥିଲେ। ନୈପଲ ଭାରତ ପ୍ରତି ଅଯୌକ୍ତିକ ମନ୍ତବ୍ୟ ପ୍ରକାଶ କରି ସମାଲୋଚିତ ହେବା କଥା ସେ ଦର୍ଶାଇଛନ୍ତି। ତେବେ ନୈପଲ ନୋବେଲ ଅର୍ଜନ କରିବା ବର୍ଷ (୨୦୦୧) ତାଙ୍କର କୌଣସି ରଚନାରେ ବିଶ୍ୱ ସାହିତ୍ୟର ଅନ୍ୟତମ ଦୁଇ ମହାରଥୀ ଇ.ଏମ୍. ଫୋରଷ୍ଟର ଓ ଜନ୍ ମଏକାର୍ଡ କିନ୍‌ସଙ୍କୁ 'ସମଲିଙ୍ଗୀ' ବୋଲି ଚିତ୍ରିତ କରି ଅନେକ ସମାଲୋଚନାର ସମ୍ମୁଖୀନ ହୋଇଥିଲେ, ଯେଉଁଥିପାଇଁ ଆମର ଜଣେ ବିଶିଷ୍ଟ ଶିକ୍ଷାବିତ୍ ମିଶିରୁଲ ଯାସାନ ଇଣ୍ଡିଆନ ଏକ୍ସପ୍ରେସରେ ନୈପଲଙ୍କର ବୌଦ୍ଧିକ ଅବକ୍ଷୟ ଘଟିଛି ବୋଲି ପ୍ରକାଶ କରିଥିଲେ। ମୁନୀନାଞ୍ଚ ମତିଭ୍ରମଃ !

ହରିହର ପାଣ୍ଡେ, ବାସେଳି ସାହି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

କଜଳପାତି ସେ ସ୍ୱାମୀ ସଙ୍ଗତେ
କଳହେ ରହିଛି ମଗନ
ତୁଟାଇବି ତାହା, ତୃଷିତ ଚାତକ-
ହାହାକାରେ ପୂରେ ଗଗନ।
(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୩ ସେପ୍ଟେମ୍ବର ୧୯୯୩

- ରୁଷିଆର ରାଷ୍ଟ୍ରପତି ବୋରିସ୍ ୟେଲଟସିନଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ରୁଷ ପାର୍ଲାମେଣ୍ଟରେ ଗୃହୀତ।
- ସ୍ଥଳପରିବହନ, ବାଣିଜ୍ୟ କାରବାର ଏବଂ ବିଜ୍ଞାନ କାରିଗରୀ କ୍ଷେତ୍ରରେ ଥିବା ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇଁ ଭାରତ ଓ ଇରାନ ମଧ୍ୟରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ।
- ରାଜସ୍ଥାନର କୋଟା ସେକ୍‌ଶନ ଅନ୍ତର୍ଗତ ଛାବ୍ରା ଓ ଭୁଲୋନ ରେଳଷ୍ଟେଶନ ମଧ୍ୟରେ ଏକ ପାସେଞ୍ଜର ଟ୍ରେନ ଦୁର୍ଘଟଣାରେ ୩୭ ଜଣଙ୍କ ମୃତ୍ୟୁ।



ଗୃହକର୍ତ୍ତାଙ୍କ ଉପସ୍ଥିତି ସତ୍ତ୍ୱେ ଯେଉଁ ଘରେ ମହିଳା କିମ୍ବା ବାଳକମାନଙ୍କର ଶାସନ ଚାଲେ, ସେପରି ପରିବାର ସହ ସମ୍ପର୍କ ରଖିଲେ ବିପଦର ଆଶଙ୍କା ରହିଥାଏ।

-ଚାଣକ୍ୟ

## ସଂକ୍ଷେପରେ

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଆଣିବାକୁ ଯାଉଥିବା ପାଇଲଟ ଗାଡ଼ି ଦୁର୍ଘଟଣାଗ୍ରସ୍ତ

୩ ମହିଳା ପୋଲିସ କର୍ମଚାରୀ ଆହତ

**ଆଠଗଡ଼,୨୨।୯(ସ୍ୱ.ପ୍ର.):** ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଶନିବାର ଅନୁଗୋଳଗସ୍ତରେ ଯାଉଥିବାବେଳେ ଢେଙ୍କାନାଳ ଜିଲା ସୀମାନ୍ତରୁ ତାଙ୍କୁ ଆଣିବା ପାଇଁ କଟକରୁ ଯାଉଥିବା ପାଇଲଟ ଗାଡ଼ି ବନଖଣ୍ଡି ଗ୍ରାମ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଏଥିରେ ଥିବା ୩ ମହିଳା ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଖବର ପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ମନ୍ତ୍ରୀ ଜେନା ଅନୁଗୋଳ ଜିଲା ଗସ୍ତ ସାରି ଦିନ ୧ଟା୩୦ରେ କଟକ ଫେରିବାର କାର୍ଯ୍ୟକ୍ରମ ଥିଲା। ଫଳରେ କଟକ ଜିଲା ପୋଲିସ ପାଇଲଟ ଗାଡ଼ି ଢେଙ୍କାନାଳ ଜିଲା ସୀମାନ୍ତ ଆଠଗଡ ସନ୍ନିକଟ ଶଙ୍କରପୁରଠାରୁ ତାଙ୍କୁ ଆଣିବା ପାଇଁ ଯାଉଥିଲା। ଭୁବନେଶ୍ୱର-ବଡ଼କେରା ରାଜ୍ୟ ରାଜପଥର ଆଠଗଡ ଥାନା ବନଖଣ୍ଡି ଗ୍ରାମ ନିକଟରେ ଟ୍ରକ ସହ ଉକ୍ତ ପାଇଲଟ ଗାଡ଼ି ଧକ୍କା ହୋଇଥିଲା। କଟକରୁ ପାଇଲଟ ଗାଡ଼ି ଦ୍ରୁତ ଗତିରେ ଆସୁଥିବାବେଳେ ଆଠଗଡ ଆଡୁ ଆସୁଥିବା ଟ୍ରକ୍ ସହ ନିୟନ୍ତ୍ରଣ ହରାଇ ଦୁର୍ଘଟଣା ଘଟାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଆହତମାନେ କଟକ ଫେରି ଯାଇଛନ୍ତି। ଆହତଙ୍କ ପରିଚୟ ମିଳି ପାରିନାହିଁ। ଦୁର୍ଘଟଣା ଘଟାଇଥିବା ପୋଲିସ ଗାଡି କଟକ ରିଜର୍ଭ ପୋଲିସ ଅଧୀନରେ ଥିବା ଜଣାପଡ଼ିଛି।

### ଆଜି ଅନନ୍ତ ବ୍ରତ
### ଅନନ୍ତ ବାସୁଦେବ ମନ୍ଦିର ଚଳଚଞ୍ଚଳ

**ପୁରୁଣା ଭୁବନେଶ୍ୱର, ୨୨।୯ (ଡି.ଏନ.ଏ.)-** ପବିତ୍ର ବିନ୍ଦୁସାଗରକୂଳସ୍ଥିତ ଶ୍ରୀଅନନ୍ତ ବାସୁଦେବଙ୍କ ମନ୍ଦିର ରବିବାର ଅନନ୍ତବ୍ରତ ଲାଗି ଚଳଚଞ୍ଚଳ ହୋଇଉଠିଛି। ହଜାର ହଜାର ମହିଳା ଏହି ବ୍ରତ ରଖିବା ସହ ଶ୍ରୀଅନନ୍ତ ବାସୁଦେବ ଠାକୁରଙ୍କୁ ଦର୍ଶନ କରିବେ। ବ୍ରତଧାରୀ ମହିଳାମାନେ ୧୪ ପ୍ରକାର ଫଳ, ୧୪ ପ୍ରକାରର ଫୁଲ, ୧୪ ପ୍ରକାର ମସଲା ଦିଆଯାଇ ପ୍ରସ୍ତୁତ ପିଠାକୁ ଭୋଗ ଭାବେ ଠାକୁରଙ୍କ ନିକଟରେ ଲଗାଇଥାନ୍ତି। ଏଥିସହ ବ୍ରତ ଓ ଗୁଆକୁ ରଖି ପୂଜାର୍ଚ୍ଚନା କରିଥାନ୍ତି। ପୁତ୍ର ସନ୍ତାନ ପ୍ରାପ୍ତି ଓ ନିଜର ମାନସିକ ପୂରଣ ଲାଗି ବ୍ରତଧାରୀମାନେ ପ୍ରଭୁ ଅନନ୍ତ ବାସୁଦେବଙ୍କୁ ପୂଜା କରିଥାନ୍ତି। ଏହିଦିନ ପୂଜାର୍ଚ୍ଚନା କଲେ ଠାକୁର ପ୍ରସନ୍ନ ହୁଅନ୍ତି ବୋଲି ପୌରାଣିକ ମତ ରହିଛି। ଏଥିଯୋଗୁ ପ୍ରାତଃରୁ ମହିଳାମାନେ ଠାକୁରଙ୍କ ଦର୍ଶନ ଲାଗି ମନ୍ଦିରରେ ପ୍ରବଳ ଭିଡ ଲଗାଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରାୟ ୫ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ଦୁଇ ଏସିପି, ୨୫ ଜଣ ଅଫିସର ଶାନ୍ତିଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ଲାଗି ନିୟୋଜିତ ହେବେ। ଏ ନେଇ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି ବୋଲି ଲିଙ୍ଗରାଜ ଥାନା ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ସୂଚନା ଦେଇଛନ୍ତି। ବିନ୍ଦୁସାଗର ରାସ୍ତାର ଉଭୟପାର୍ଶ୍ୱ ତଳ ବଜାର ଏବଂ କେଦାରଗୌରୀ ଛକକୁ ବନ୍ଦ କରାଯିବ। ଏଥିସହ କୌଣସି ଯାନବାହନ ରାସ୍ତା ମଧ୍ୟକୁ ପ୍ରବେଶ କରା ନ ଯିବା ନେଇ ଟ୍ରାଫିକ ବ୍ୟବସ୍ଥାକୁ ପୋଲିସ ନିୟନ୍ତ୍ରଣ କରିବେ ବୋଲି ଜଣାପଡିଛି।

## ଆମିକସ୍‌କ୍ୟୁରିଙ୍କ ସ୍କାନରରେ ସେବାୟତ

# ବ୍ୟବହାରକୁ ନେଇ ତାଗିଦ୍, ୩ ସପ୍ତାହ ସମୟ ଦେଲେ

**ପୁରୀ ଅଫିସ, ୨୨।୯**



- ପାନ, ଗୁଟ୍‌ଖା ଖାଇ ମନ୍ଦିରକୁ ପ୍ରବେଶ ମନା
- ଜଗନ୍ନାଥଙ୍କୁ ନେଇ ରୋଜଗାର ବନ୍ଦ କର
- ଶାକାହାରୀ ହେବାକୁ ପରାମର୍ଶ ଦେଲେ

ଆପଣମାନେ ହେଉଛନ୍ତି ମହାପ୍ରଭୁଙ୍କ ସେବକ। ହେଲେ ଆପଣମାନଙ୍କୁ କେନ୍ଦ୍ର କରି ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିରକୁ ନେଇ ମାମଲା ରୁଜୁ ହୋଇଛି। ଜଗତର ନାଥ ଜଗନ୍ନାଥଙ୍କ ସେବାରେ ରହିଥିବା ସେବକଙ୍କ ବିରୋଧରେ ଅଭିଯୋଗ ଆସିବା ଦୁର୍ଭାଗ୍ୟର କଥା। ଏଭଳି ମାମଲା ଲଢ଼ିବା ପାଇଁ ଆମକୁ ଖରାପ ଲାଗୁଛି। ତେଣୁ ସମୟ ଅଛି ସୁଧୁରି ଯାଅ। ଶ୍ରୀମନ୍ଦିର ନୀତିକାନ୍ତିଙ୍କୁ ସୁବ୍ୟବସ୍ଥିତ କର। ଆଚାର ବ୍ୟବହାରରେ ବି ପରିବର୍ତ୍ତନ ଆଣ। ଜଗନ୍ନାଥଙ୍କୁ ନେଇ ରୋଜଗାର ବନ୍ଦ କର। ଏଥିପାଇଁ ୩ ସପ୍ତାହ ସମୟ ଦିଆଯାଉଛି। ଏହି ସମୟ ସୀମା ମଧ୍ୟରେ ସବୁକିଛି ଅନୁଧ୍ୟାନ କରାଯିବ। ପରିବର୍ତ୍ତନ ଅନୁଭବ ହେଲେ ବଂଶାନୁକ୍ରମିକ ସେବାକୁ ସୁରକ୍ଷା ଦେବା ଲାଗି ମୁଁ ମୋ ସ୍ତରରେ ଉଦ୍ୟମ କରିବି ବୋଲି ଛତିଶା ନିଯୋଗ ବୈଠକରେ ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଉପସ୍ଥିତ ସେବାୟତଙ୍କୁ କହିଛନ୍ତି। ଅପରାହ୍ନ ୪ଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆରମ୍ଭ ହୋଇଥିବା ଏହି ବୈଠକରେ ପ୍ରାୟ ୪ ଘଣ୍ଟା ଧରି ରୁଦ୍ଧଦ୍ୱାର ଆଲୋଚନା ହୋଇଥିଲା। ରାତି ପ୍ରାୟ ୭ଟା ୪୦ରେ ବୈଠକ ସରିବା ପରେ ବି କେହି କିଛି ମୁହଁ ଖୋଲି ନ ଥିଲେ। ତେବେ ମିଳିଥିବା ସୂଚନା ଅନୁଯାୟୀ, ସେବାୟତଙ୍କୁ ଜଗନ୍ନାଥ ସଂସ୍କୃତିର ପାଠ ପଢ଼ାଇଥିଲେ ଆମିକସ୍‌କ୍ୟୁରି। ଜଗନ୍ନାଥଙ୍କ ସେବା କରୁଥିବା ସେବାୟତମାନେ ଆମିକସ୍‌କ୍ୟୁରିଙ୍କ ପାଣ୍ଡିତ୍ୟକୁ ଦେଖି ଅବାକ୍ ହୋଇଯାଇଥିଲେ। ଆମିକସ୍‌କ୍ୟୁରି ଗୀତା, ବେଦର ଶ୍ଳୋକ କହି ଧାର୍ମିକ ରୀତିନୀତି ସମ୍ପର୍କରେ ସେବାୟତଙ୍କୁ ବୁଝାଇଥିଲେ। ବେଦ, ଉପନିଷଦ ପାଠ କରି ସଂସ୍କାରିତ ହେବାକୁ ପରାମର୍ଶ ଦେଇଥିଲେ। କୌଣସି ପରିସ୍ଥିତିରେ ଭକ୍ତଙ୍କୁ ଦୁର୍ବ୍ୟବହାର ଗ୍ରହଣୀୟ ନୁହେଁ, ଆଚାର ବ୍ୟବହାର ଏବଂ ଉତ୍ତମ ବ୍ୟବହାର କରିବା ଲାଗି କଡ଼ା ତାଗିଦ କରିଥିଲେ। ପାନ, ଗୁଟ୍‌ଖା ଖାଇ ମନ୍ଦିରକୁ ପ୍ରବେଶ କରିବ ନାହିଁ। ମନ୍ଦିରକୁ ପ୍ରବେଶ ପୂର୍ବରୁ ଶୁଦ୍ଧପୁତ ସହ ମୁହଁଧୋଇ ଆସିବାକୁ ପରାମର୍ଶ ଦେଇଥିଲେ। ସୁପ୍ରିମ୍‌କୋର୍ଟ ଦେଇଥିବା ୧୨ଟି ପ୍ରସ୍ତାବ ସମ୍ପର୍କରେ ବୁଝାଇଥିଲେ। କିନ୍ତୁ ସମସ୍ତ ପ୍ରସ୍ତାବ ମଧ୍ୟରୁ ବଂଶାନୁକ୍ରମିକ ସେବାକୁ ନେଇ ଦୀର୍ଘସମୟ ଆଲୋଚନା ହୋଇଥିଲା। ବଂଶାନୁକ୍ରମିକ ସେବାକୁ ସୁରକ୍ଷା ଦିଆଯିବ, କିନ୍ତୁ ଏଥିପାଇଁ ସର୍ତ୍ତ ରହିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଭକ୍ତଙ୍କୁ ଶୋଷଣ, ଦାନ ଦକ୍ଷିଣା ଆଦାୟ ଏବଂ ଭକ୍ତଙ୍କୁ ଦୁର୍ବ୍ୟବହାର ଭଳି ଅଭିଯୋଗ ଯଦି ଆସେ ସମ୍ପୃକ୍ତ ସେବକଙ୍କୁ ସେବାରୁ ଅବ୍ୟାହତି ଦିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଦାନ, ଦକ୍ଷିଣା ହିଁ ଶ୍ରୀମନ୍ଦିରରେ ସୃଷ୍ଟି ହେଉଥିବା ଅପ୍ରୀତିକର ପରିସ୍ଥିତିର ପ୍ରମୁଖ କାରଣ। ତେଣୁ ଏହି ବ୍ୟବସ୍ଥାକୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଆଲୋଚନା ହୋଇଛି। ଏହି ଅବସରରେ ମହାପ୍ରଭୁଙ୍କ ସେବାପୂଜା ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

ସେବାୟତମାନଙ୍କୁ ଶାକାହାରୀ ହେବା ପାଇଁ ଆମିକସ୍‌କ୍ୟୁରି ପରାମର୍ଶ ଦେଇଥିଲେ। କିନ୍ତୁ ଦଶହରା ସମୟରେ ବିମଳାଙ୍କ ପୀଠରେ ବଳି ପଡିବା ପରମ୍ପରା ଶୁଣି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ବିଷ୍ଣୁ ମନ୍ଦିରରେ ଏହା କିଭଳି ସମ୍ଭବ ବୋଲି ସେ ଚକିତ ହୋଇପଡିଥିଲେ। ଶ୍ରୀମନ୍ଦିରର ଏହି ପରମ୍ପରା ସମ୍ପର୍କରେ କେତେଜଣ ସେବାୟତ ତାଙ୍କୁ ବୁଝାଇଥିଲେ। ଅନ୍ୟପକ୍ଷରେ ବୈଠକରେ ସେବାୟତଙ୍କ ପକ୍ଷରୁ ଜଣେ ସେବାୟତ ଆମିକସ୍‌କ୍ୟୁରିଙ୍କ ନିକଟରେ କିଛି ପ୍ରସ୍ତାବ ରଖିଥିଲେ। ଶ୍ରୀମନ୍ଦିରରେ ଏକ ସ୍ୱାଧ୍ୟାୟ କେନ୍ଦ୍ର ଥିଲା। ସେଠାରେ ପ୍ରତ୍ୟହ ବେଦ, ଭାଗବତ, ଉପନିଷଦ ଆଦି ପାଠ କରାଯାଉଥିଲା। ସେବାୟତଙ୍କ ଆଚରଣ, ଉଚ୍ଚାରଣରେ ପରିବର୍ତ୍ତନ ଏବଂ ସଂସ୍କାରୀ ହେବାକୁ ପ୍ରଶିକ୍ଷଣ ଦିଆଯାଉଥିଲା। ସମୟକ୍ରମେ ତାହା ମଧ୍ୟ ବନ୍ଦ ହୋଇଯାଇଛି। ସେବାୟତଙ୍କୁ ସଂସ୍କୃତି ଓ ପରମ୍ପରାର ଶିକ୍ଷା ଦେବା ପାଇଁ କୌଣସି ବ୍ୟବସ୍ଥା ନାହିଁ ବୋଲି ସମ୍ପୃକ୍ତ ସେବାୟତ କହିଥିଲେ। ସେବାୟତଙ୍କ ଏହି ପ୍ରସ୍ତାବକୁ ଆମିକସ୍‌କ୍ୟୁରି ଧ୍ୟାନର ସହ ଶୁଣିଥିଲେ। ଶେଷରେ ଜଣେ ସେବାୟତ ବେଦ ପାଠ କରି ଆମିକସ୍‌କ୍ୟୁରିଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ବୈଠକରେ ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପିଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ଛତିଶା ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଓଡ଼ିଶା ଲଳିତକଳା ଏକାଡେମୀ କାର୍ଯ୍ୟକାରୀ ସମିତି ଗଠିତ

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)**

ଓଡ଼ିଶା ଲଳିତକଳା ଏକାଡେମୀର ନୂତନ କାର୍ଯ୍ୟକାରୀ ସମିତି ଓ ଅର୍ଥ ସମିତି ଶନିବାର ଗଠନ କରାଯାଇଛି। ୨୪ଜଣିଆ ସାଧାରଣ ପରିଷଦକୁ ନେଇ ପାନ୍ଥନିବାସରେ ଅନୁଷ୍ଠିତ ବୈଠକରେ ୨ଟି ସମିତି ପାଇଁ ନାମ ଚୟନ କରାଯାଇଛି। ୯ଜଣଙ୍କୁ କାର୍ଯ୍ୟକାରୀ ସମିତି ଗଠନ କରାଯିବା ନିୟମ ରହିଥିବାବେଳେ ଏଥିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ, ଓଡ଼ିଶା ଲଳିତକଳା ଏମାଡେମୀର ସଭାପତି, ଉପସଭାପତି, ସଚିବ, ଅର୍ଥ ପରାମର୍ଶଦାତା ରହିଛନ୍ତି। ଅନ୍ୟ ୩ଜଣଙ୍କୁ ଏମାଡେମୀ ସମ୍ବିଧାନର ଧାରା ୯ ଅନୁଯାୟୀ ନିର୍ବାଚିତ କରାଯାଇଛି। ନିର୍ବାଚିତ ୩ ଚିତ୍ରଶିଳ୍ପୀ ହେଲେ ଅକ୍ଷୟ କୁମାର ସାମଲ, ପଞ୍ଚାନନ ସାମଲ ଓ ଶ୍ୟାମସୁନ୍ଦର ମେହେର। ତେବେ ପୂର୍ବରୁ ସୁଦର୍ଶନ ପଟ୍ଟନାୟକ କାର୍ଯ୍ୟକାରୀ ସମିତିର ସଦସ୍ୟ ଥିବାବେଳେ ଏବେ ସେ ଏକାଡେମୀର ସଭାପତି ହୋଇଥିବାରୁ ତାଙ୍କ ସ୍ଥାନରେ ଆଉ ଜଣେ ସଦସ୍ୟଙ୍କୁ ମନୋନୀତ କରାଯିବ। ସେହିପରି ଅର୍ଥ ସମିତିକୁ ୨ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ବରଗଡ଼ର ଅଶୋକ କୁମାର ଦାସ ଓ ଜୟପୁରର ଯୁଧିଷ୍ଠିର ମଲ୍ଲିକ।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ସକାଳେ ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜ୍ୟପାଳ ଗଣେଶି ଲାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ତାଙ୍କୁ ସ୍ୱାଗତ କରୁଛନ୍ତି।

## ଲୋକକଳା ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚିବ ବିଏସ୍‌କେୱାଇ

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)**

ଜନସାଧାରଣଙ୍କୁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ରାଜ୍ୟ ସରକାରଙ୍କର ଏକ ଅଭିନବ ପ୍ରୟାସ। ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ନିମନ୍ତେ ଏହା ଉଦ୍ଦିଷ୍ଟ। ଏହି ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଲୋକକଳା ମାଧ୍ୟମରେ ସଚେତନ କରାଯିବ ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଶନିବାର ସୂଚନା ଦେଇଛନ୍ତି।

ସଂସ୍କୃତି ଭବନ ପ୍ରେକ୍ଷାଳୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଲୋକକଳା କଳାକାରମାନଙ୍କ ନିମନ୍ତେ ଆୟୋଜିତ ଏହି କର୍ମଶାଳାକୁ ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକା ପଣ୍ଡିତ ଉଦ୍‌ଘାଟନ କରି କହିଲେ, ବିଏସ୍‌କେୱାଇ ଜରିଆରେ ରାଜ୍ୟର ସ୍ୱାସ୍ଥ୍ୟ ଉପକେନ୍ଦ୍ରଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଲୋକଙ୍କୁ ଚିକିତ୍ସା ମିଳିବ। ରାଜ୍ୟର ୭୦ଲକ୍ଷ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କା ଓ ପରିବାରର ମହିଳା ସଦସ୍ୟଙ୍କ ପାଇଁ ୭ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଦିଆଯିବ। ବିଜୁ କୃଷକ କଲ୍ୟାଣ ଯୋଜନା, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର କାର୍ଡଧାରୀ ଏବଂ ଗ୍ରାମାଞ୍ଚଳରେ ବାର୍ଷିକ ୫୦ ହଜାର ଟଙ୍କାରୁ କମ୍ ଓ ସହରାଞ୍ଚଳରେ ୬୦ ହଜାର ଟଙ୍କାରୁ କମ୍ ଆୟକାରୀ ପରିବାର ଏହି ଯୋଜନାରେ ସାମିଲ ହୋଇଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ ନାୟକ କହିଥିଲେ ଶରୀର ଓ ମନକୁ ସୁସ୍ଥ ରଖିବାକୁ ହେଲେ ସ୍ୱାସ୍ଥ୍ୟ ସଚେତନତାର ଆବଶ୍ୟକତା ରହିଛି। ଲୋକକଳା କଳାକାରମାନେ ଠିକଣା ଭାବରେ ଏହାକୁ ଲୋକଙ୍କ ପାଖରେ ପହଞ୍ଚାଇ ପାରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୁଗ୍ମ ସଚିବ ସୁବାନନ୍ଦ ମହାପାତ୍ର ବିଏସ୍‌କେୱାଇର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଶୋଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଯୁଗ୍ମ ମୁଖ୍ୟ ନିର୍ବାହୀ ଦୀପକ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଆର ମହାସୁଆର ନିଯୋଗ ସହ ଆଲୋଚନା ପରେ ଲାଗିବ ମହାପ୍ରସାଦ ଦର ତାଲିକା

**ପୁରୀ ଅଫିସ, ୨୨।୯**

ଶ୍ରୀମନ୍ଦିର ଆନନ୍ଦ ବଜାର ସମେତ ଦୁଇଟି ସ୍ଥାନରେ ଶୁକ୍ରବାର ମହାପ୍ରସାଦ ଦର ତାଲିକା ଲାଗିଥିଲା। ଶ୍ରୀମନ୍ଦିର ପ୍ରଶାସନ ସ୍ୱାକ୍ଷରରେ ଏହା ଲାଗିଥିଲେ ମଧ୍ୟ ଏହାକୁ ନେଇ ଖୋଦ୍ ଆଶ୍ଚର୍ଯ୍ୟପ୍ରକଟ କରିଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ସେ କିମ୍ବା ପରିଚାଳନା କମିଟି ଏହାକୁ ଅନୁମୋଦନ କରି ନ ଥିବା ବେଳେ ଏହା କିପରି ଲାଗିଲା ବୋଲି ପ୍ରଶ୍ନ କରିଥିଲେ। ପରେ ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶକ୍ରମେ ଏହାକୁ କାଢି ଦିଆଯାଇଥିଲା। ତେବେ ପରିଚାଳନା କମିଟି ବିନା ଅନୁମୋଦନରେ ଏହା କିପରି ଲାଗିଲା ଏବଂ କିଛି ଘଣ୍ଟା ପରେ ଏହାକୁ କାହିଁକି ହଟାଇ ଦିଆଗଲା ତାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ଭକ୍ତ। ଶନିବାର ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ମୁଖ୍ୟ ପ୍ରଶାସକ କହିଥିଲେ ଯେ, ଯେଉଁ ଦର ତାଲିକା ଲଗାଯାଇଥିଲା ଏହା ଏକ ଅନିଚ୍ଛାକୃତ ତ୍ରୁଟି। ଏ ବିଷୟରେ ସୁଆର ମହାସୁଆର ନିଯୋଗ ସହ ଆଉଥରେ ଆଲୋଚନା କରାଯିବ। ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପରିଚାଳନା କମିଟି ବୈଠକରେ ଦର ତାଲିକା ବିଷୟରେ ତର୍ଜମା କରାଯାଇ ଏହାକୁ ଲଗାଯିବ।









ଭାରତୀୟ ରିଜର୍ଭ ବ୍ୟାଙ୍କ
www.rbi.org.in

**ବ୍ୟାଙ୍କଗୁଡ଼ିକ ବିରୁଦ୍ଧରେ ଥିବା ଅଭିଯୋଗଗୁଡ଼ିକର ସମାଧାନ - ବ୍ୟାଙ୍କିଙ୍ଗ୍ ଲୋକପାଳ ଯୋଜନା, ୨୦୦୬**
**(ବାଣିଜ୍ୟିକ ବ୍ୟାଙ୍କ, ସୂଚୀବଦ୍ଧ ପ୍ରାଥମିକ ସହକାରୀ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ)**

ଭାରତୀୟ ରିଜର୍ଭ ବ୍ୟାଙ୍କ **"ବ୍ୟାଙ୍କିଙ୍ଗ୍ ଲୋକପାଳ ଯୋଜନା, ୨୦୦୬"** ପ୍ରବର୍ତ୍ତନ କରିଛି ଯାହାକି ଗ୍ରାହକମାନଙ୍କର **ବାଣିଜ୍ୟିକ ବ୍ୟାଙ୍କ, ସୂଚୀବଦ୍ଧ ପ୍ରାଥମିକ ସହକାରୀ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ** ବିରୁଦ୍ଧରେ ଥିବା ବ୍ୟାଙ୍କିଙ୍ଗ୍ ସେବାରେ ଅବହେଳା ସମ୍ପର୍କିତ ଅଭିଯୋଗ ଗୁଡ଼ିକର ବିନା ଖର୍ଚ୍ଚରେ, ତୁରନ୍ତ ଓ ନ୍ୟାୟସଙ୍ଗତ (ପକ୍ଷପାତିତା ରହିତ) ସମାଧାନ ନିମିତ୍ତ ଉଦ୍ଦିଷ୍ଟ । ମାତ୍ର ଅଭିଯୋଗକାରୀଗଣ ପ୍ରଥମେ ଏହି ସମ୍ପର୍କରେ ସମ୍ପୃକ୍ତ ବ୍ୟାଙ୍କ / ବ୍ୟାଙ୍କ ଶାଖା ସହ ସମ୍ପର୍କ କରି ଅଭିଯୋଗ ସମାଧାନର ପ୍ରଚେଷ୍ଟା କରିବେ । ଯଦି ବ୍ୟାଙ୍କ / ବ୍ୟାଙ୍କ ଶାଖା ଦ୍ୱାରା ଅଭିଯୋଗ ଦାଖଲ କରିବାର ୩୦ ଦିନ ମଧ୍ୟରେ ଅଭିଯୋଗର ସମାଧାନ ନ ହୁଏ କିମ୍ବା ଅଭିଯୋଗକାରୀ ବ୍ୟାଙ୍କ / ବ୍ୟାଙ୍କ ଶାଖାଦ୍ୱାରା ପ୍ରଦତ୍ତ ଉତ୍ତରରେ ସନ୍ତୁଷ୍ଟ ହୋଇ ନ ଥାନ୍ତି, ତେବେ ଅଭିଯୋଗକାରୀ ଦସ୍ତାବିଜ୍ ସମ୍ବଳିତ ସମ୍ପୂର୍ଣ୍ଣ ତଥ୍ୟ ଓ ବିବରଣୀ ସହିତ ଅଭିଯୋଗଟିକୁ ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ କାର୍ଯ୍ୟାଳୟର ନିମ୍ନୋକ୍ତ ଠିକଣାରେ ଦାଖଲ କରି ପାରିବେ ।

**ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ କାର୍ଯ୍ୟାଳୟ**
**ଭାରତୀୟ ରିଜର୍ଭ ବ୍ୟାଙ୍କ (ତୃତୀୟ ମହଲା)**
**ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା – ୭୫୧ ୦୦୧**
**ଟେଲିଫୋନ୍ – (୦୬୭୪) ୨୩୯୪୮୪୪/୨୩୯୬୦୦୮, ୨୩୯୬୨୦୭**
**ଇ-ମେଲ୍ – bobhubaneswar@rbi.org.in**

ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ ନାମ ଓ ଠିକଣା ସମସ୍ତ ବ୍ୟାଙ୍କ ଶାଖାରେ ଉପଲବ୍ଧ ।
ବ୍ୟାଙ୍କିଙ୍ଗ୍ ଲୋକପାଳ ଯୋଜନାରେ ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ ସିଦ୍ଧାନ୍ତ ବିରୁଦ୍ଧରେ ପୁନଃବିଚାର ନିମନ୍ତେ ଆବେଦନ କରାଯାଇ ପାରିବ ଯଦି ଅଭିଯୋଗ ଏହି ଯୋଜନାରେ ବର୍ଣ୍ଣିତ ପୁର୍ନବିଚାର ଯୋଗ୍ୟ ଧାରା ଅନୁଯାୟୀ ସ୍ୱୀକୃତ ହୋଇଥାଏ । ଏହି ପୁର୍ନବିଚାର ଆବେଦନ ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ ସିଦ୍ଧାନ୍ତର ସୂଚନା ପ୍ରାପ୍ତିର ୩୦ ଦିନ ମଧ୍ୟରେ ନିମ୍ନୋକ୍ତ ଠିକଣାରେ ଦାଖଲ କରାଯାଇ ପାରିବ ।

**ଶ୍ରୀ ମହେଶ କୁମାର ଜୈନ**
**ଉପ ଗଭର୍ଣ୍ଣର ଓ ପୁନଃବିଚାର ଅଧିକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ**
**କେନ୍ଦ୍ରୀୟ କାର୍ଯ୍ୟାଳୟ, ଶହୀଦ୍ ଭଗତ ସିଂ ମାର୍ଗ, ମୁମ୍ବାଇ – ୪୦୦ ୦୦୧**

ଅଭିଯୋଗକାରୀମାନେ ଅଧିକ ସୂଚନା ପାଇବା ପାଇଁ ଓ ଅଭିଯୋଗ ଦାଖଲ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବ୍‌ସାଇଟ୍ **http://www.rbi.org.in - Consumer Education and Protection - For Common Person - Complaints - Against Banks - Banking Ombudsman Scheme** କୁ ମଧ୍ୟ ଲଗ୍ ଅନ୍ କରି ପାରିବେ ।

**ଅଭିଯୋଗର ନିରାକରଣ ନିମନ୍ତେ ସିଇପି କକ୍ଷ**

ଯେ କୌଣସି ଅଭିଯୋଗର **(ବ୍ୟାଙ୍କିଙ୍ଗ୍ ଲୋକପାଳ ଯୋଜନା ସମ୍ବନ୍ଧିତ ଅଭିଯୋଗ ବ୍ୟତୀତ)** ଆଶୁ ସମାଧାନ ନିମନ୍ତେ ଭାରତୀୟ ରିଜର୍ଭ ବ୍ୟାଙ୍କ ଓଡ଼ିଶା ରାଜ୍ୟ କ୍ଷେତ୍ରୀୟ ନିର୍ଦ୍ଦେଶକ **ଶ୍ରୀ ମହେଶ କୁମାର ମଲ୍ଲଙ୍କ** ଅଧ୍ୟକ୍ଷତାରେ **ଉପଭୋକ୍ତା ଶିକ୍ଷା ଏବଂ ସଂରକ୍ଷଣ କକ୍ଷ (ସିଇପିସି)** ନାମକ ଏକ ଅଭିଯୋଗ ନିରାକରଣ କକ୍ଷ ନିମ୍ନ ଠିକଣାରେ ସ୍ଥାପନ କରିଛି ।

**ଭାରତୀୟ ରିଜର୍ଭ ବ୍ୟାଙ୍କ, ସିଇପି କକ୍ଷ, ଦ୍ୱିତୀୟ ମହଲା**
**ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧ ୦୦୧**

ଯେ କୌଣସି ବ୍ୟକ୍ତି ଭୁବନେଶ୍ୱରସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କର ଯେ କୌଣସି ବିଭାଗ ବିରୁଦ୍ଧରେ କିମ୍ବା ଭୁବନେଶ୍ୱରସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଓଡ଼ିଶା ରାଜ୍ୟ ଅଧିକାର କ୍ଷେତ୍ରର ଅନ୍ତର୍ଗତ ବ୍ୟାଙ୍କ ଓ ଅନ୍ୟାନ୍ୟ ସଂସ୍ଥାମାନଙ୍କ ସେବା ବିରୁଦ୍ଧରେ ଥିବା ନିଜର ଅଭିଯୋଗର ପୂର୍ଣ୍ଣ ବିବରଣୀ ତଥା ସମ୍ବନ୍ଧିତ କାଗଜ ପତ୍ର ସହିତ ଉପରୋକ୍ତ ଠିକଣାରେ ଦାଖଲ କରିପାରିବେ ।
ଜନସାଧାରଣ ଏ ସମ୍ବନ୍ଧରେ ସଂପୃକ୍ତ ଅଧିକାରୀ **ଶ୍ରୀ ସନ୍ତୋଷ କୁମାର ପଟନାଏକ, ସହାୟକ ମହା ପ୍ରବନ୍ଧକଙ୍କ ଟେଲିଫୋନ୍ ନମ୍ବର ୦୬୭୪-୨୩୯୦୦୭୪** କିମ୍ବା ଇ-ମେଲ୍ cepcbhubaneswar@rbi.org.in ରେ ଯୋଗାଯୋଗ କରିପାରିବେ ।
ଅଭିଯୋଗକାରୀ ସୂଚନାପ୍ରାପ୍ତି ଅଥବା ଅଭିଯୋଗ ଦାଖଲ କରିବା ପାଇଁ ରିଜର୍ଭ ବ୍ୟାଙ୍କର ୱେବ୍‌ସାଇଟ୍ - **http://www.rbi.org.in - Consumer Education and Protection - For Common Person - Complaints Against RBI** -ରେ ମଧ୍ୟ ଲଗ୍ ଅନ୍ କରିପାରିବେ ।

**ଟିପ୍ପଣୀ: ଅଭିଯୋଗକାରୀ ନିଜର ଠିକଣା ଏବଂ ଫୋନ୍ ନମ୍ବର ଅଭିଯୋଗରେ ଦର୍ଶାଇବାପାଇଁ ଅନୁରୋଧ ।**







ପଞ୍ଜାବରେ ଜିଲା ପରିଷଦ ଏବଂ ପଞ୍ଚାୟତ ସମିତି ନିର୍ବାଚନରେ ଅଧିକାଂଶ ଜନସମର୍ଥନ କଂଗ୍ରେସ ଆଡ଼କୁ ଆସିଥିବା ଜଣାପଡ଼ିଛି। ବୁଧବାର ୨୨ଟି ଜିଲା ପରିଷଦ ଏବଂ ୧୫୦ ପଞ୍ଚାୟତ ସମିତି ପାଇଁ ଅନୁଷ୍ଠିତ ନିର୍ବାଚନର ଗଣତି ପ୍ରକ୍ରିୟା ଶନିବାର ଚାଲିଥିଲା। ସନ୍ଧ୍ୟା ସୁଦ୍ଧା କଂଗ୍ରେସ ପ୍ରାର୍ଥୀମାନେ ଆଗରେ ଥିବାବେଳେ ଦ୍ୱିତୀୟ ସ୍ଥାନରେ ଶିରୋମଣି ଅକାଳୀ ଦଳ ଏବଂ ତୃତୀୟରେ ଏଏପି ରହିଥିବା ଜଣାପଡ଼ିଛି। ରବିବାର ଫଳାଫଳ ସ୍ପଷ୍ଟ ହେବ।



## ସଂକ୍ଷେପରେ

### ମହିଳାଙ୍କୁ ଯୌନ ନିର୍ଯାତନା ଦେଲେ ମହିଳା

ଗୁଆହାଟୀ,୨୨।୯- ଆସାମର କରିମ୍‌ଗଞ୍ଜ ଜିଲାରେ ମଦ ବିକ୍ରି କରୁଥିବା ଜଣେ ମହିଳାଙ୍କୁ ଦଣ୍ଡ ଦେବାକୁ ଯାଇ ଗ୍ରାମର ଏକ ମହିଳା ଗୋଷ୍ଠୀ ନିର୍ଯାତନା ଦେଇଛନ୍ତି। ପୀଡ଼ିତା ମହିଳାଙ୍କୁ ବିବସ୍ତ୍ର କରି ତାଙ୍କ ଯୌନାଙ୍ଗରେ ଲଙ୍କା ଗୁଣ୍ଡ ଭର୍ତ୍ତି କରିଛନ୍ତି। ଘଟଣାଟି ସେପ୍ଟେମ୍ବର ୧୦ ତାରିଖରେ ଘଟିଥିବା ଜଣାପଡ଼ିଛି। ଏହାର ଏକ ଭିଡିଓ କେହି ସୋସିଆଲ୍ ମିଡିଆରେ ଅପ୍‌ଲୋଡ୍ କରିବା ପରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ପୋଲିସ ମଧ ତତ୍ପରତା ପ୍ରକାଶ କରି ୧୯ ଜଣ ମହିଳାଙ୍କୁ ଗିରଫ କରିଛି।

### ସାର କାରଖାନା ବଦଳରେ ଚାଷୀଙ୍କୁ ପେନସନ ଦେବାକୁ କୃଷକ ମହାସଂଘର ଦାବି

ଭୁବନେଶ୍ୱର, ୨୨।୯ (ବ୍ୟୁରୋ)- ତାଳଚେର ସାର କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିଳାନ୍ୟାସ କରିଛନ୍ତି। ତେବେ ଏହାକୁ ପୂର୍ବତନ ବିଧାୟକ ତଥା ଓଡିଶା କୃଷକ ମହାସଂଘର ସଭାପତି ବିଭୁଧେନ୍ଦ୍ର ପ୍ରତାପ ଦାସ ବିରୋଧ କରିଛନ୍ତି। ସେ କହିଛନ୍ତି ଯେ, ରାସାୟନିକ ସାର ପ୍ରୟୋଗ ଦ୍ୱାରା ଜମିର ଉର୍ବରତା ହ୍ରାସ ପାଉଛି। ସାର ପ୍ରୟୋଗ ବ୍ୟୟବହୁଳ ହୋଇଥିବା ବେଳେ ସ୍ୱାସ୍ଥ୍ୟ ପାଇଁ ମଧ କ୍ଷତିକାରକ । ରାସାୟନିକ ସାର ବ୍ୟବହାର ଦ୍ୱାରା ଏକର ପିଛା ୧୦ରୁ ୧୫ କୁଇଣ୍ଟାଲ ଧାନ ଉତ୍ପାଦନ ହେଉଥିବା ବେଳେ ନୟାଗଡ ଜିଲା ସମେତ ରାଜ୍ୟର ଅନ୍ୟ କେତେକ ଜିଲାରେ ଜୈବିକ ସାର ପ୍ରୟୋଗ କରି ଶ୍ରୀଧାନ ପ୍ରଣାଳୀରେ ୩୦ରୁ ୩୫ କୁଇଣ୍ଟାଲ ଉତ୍ପାଦନ କରାଯାଇ ପାରୁଛି। ଏହି ପଦ୍ଧତିରେ ଚାଷ କଲେ ୫୦ ଭାଗ କମ୍ ଖର୍ଚ୍ଚ ଓ ୬୦ ଭାଗ କମ୍ ଜଳ ବ୍ୟବହାର ହୁଏ। ଶ୍ରୀ ଧାନ ପ୍ରଣାଳୀକୁ ପ୍ରୋତ୍ସାହନ କରିବା ପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ସ୍ୱରୂପ ବୀମା କମ୍ପାନୀର ପେନସନ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ସାର କାରଖାନାକୁ ପୁନର୍ବାର ଚାଲୁ କରିବା ପାଇଁ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଅର୍ଥ ଜୀବନ ବୀମା କମ୍ପାନୀକୁ ପ୍ରିମିୟମ ବାବଦ ଅର୍ଥ ପଇଠ କରାଗଲେ ରାଜ୍ୟର ୫୦ ଲକ୍ଷ ଚାଷୀ ମାସିକ ଦେଢ ହଜାର ଟଙ୍କା ଲେଖାଏ ପେନସନ ପାଇ ପାରିବେ ବୋଲି ଦାସ କହିଛନ୍ତି। କାରଖାନା ପୁନଃ ଚାଲୁ ନ କରି ଚାଷୀଙ୍କୁ ପେନସନ ଦେବା ବ୍ୟବସ୍ଥା କଲେ ଚାଷୀ ଓ ଚାଷର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି।

# ଚାଷୀଙ୍କୁ ଦିଆଯିବ ‘ମୁଖ୍ୟମନ୍ତ୍ରୀ ଅଭିନବ କୃଷକ ଯନ୍ତ୍ରପାତି ସମ୍ମାନ’

**ଜିଲାସ୍ତରରେ ୯୦, ରାଜ୍ୟସ୍ତରରେ ୧୧ ଚାଷୀଙ୍କୁ ପୁରସ୍କୃତ କରାଯିବ**

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

କୃଷିର ଉନ୍ନତି ନିମନ୍ତେ ନିଜସ୍ୱ ଜ୍ଞାନ କୌଶଳରେ ଅଭିନବ ଯନ୍ତ୍ରପାତି ତିଆରି କରି ଚାଷ କାର୍ଯ୍ୟରେ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଚାଷୀଙ୍କୁ ‘ମୁଖ୍ୟମନ୍ତ୍ରୀ ଅଭିନବ କୃଷକ ଯନ୍ତ୍ରପାତି ସମ୍ମାନ’ ପ୍ରଦାନ କରାଯିବ। ପ୍ରତି ଜିଲାର ୩ଜଣ କୃଷକ ହିସାବରେ ଜିଲାସ୍ତରରେ ୯୦ ଏବଂ ରାଜ୍ୟସ୍ତରରେ ୧୧ ଚାଷୀଙ୍କୁ ପ୍ରତିବର୍ଷ ପୁରସ୍କୃତ କରାଯିବ। ରାଜ୍ୟସ୍ତରୀୟ ୩ଟି ପ୍ରଥମ ପୁରସ୍କାର ପାଇଁ ୨ ଲକ୍ଷ ଟଙ୍କା, ୩ଟି ଦ୍ୱିତୀୟ ପୁରସ୍କାର ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା ଓ ୫ଟି ତୃତୀୟ ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ସେହିପରି ଜିଲାସ୍ତରୀୟ ୯୦ଟି ପୁରସ୍କାର ବାବଦରେ ୧୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ।

ଏ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶନିବାର ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଡ. ସୁବ୍ରତ ବାଗ୍‌ଚୀ ଯୋଗଦେଇ କହିଛନ୍ତି, କୃଷକମାନଙ୍କର ଏକ ଲକ୍ଷ୍ୟ ରହିବା ଉଚିତ ଏବଂ ଏହି ଲକ୍ଷ୍ୟ ବ୍ୟାପକ ହେଲେ କୃଷିକ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆସିପାରିବ। କୃଷି କାର୍ଯ୍ୟରେ ଅଭିନବ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ଉତ୍ପାଦିକା ଶକ୍ତି ବୃଦ୍ଧି ସହିତ କୃଷକମାନଙ୍କ ଆୟ ବୃଦ୍ଧି ପାଇବ। ତେଣୁ ଏ ଦିଗରେ ତୃଣମୂଳସ୍ତରରେ ଚାଷୀମାନେ ନିଜସ୍ୱ ଜ୍ଞାନକୌଶଳ ଉପଯୋଗ କରି ଅଭିନବ ଯନ୍ତ୍ରପାତି ପ୍ରୟୋଗ କରିବା ଉଚିତ। ଏ ଦିଗରେ କୃଷକମାନଙ୍କୁ ଅଧିକ ଉତ୍ସାହିତ କରିବାରେ ଏପରି ଯୋଜନା ସହାୟକ ହେବ ବୋଲି ବାଗ୍‌ଚୀ କହିଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ କହିଲେ, ଅଭିନବ କୃଷି ଯନ୍ତ୍ରପାତିଗୁଡ଼ିକର ପଞ୍ଜୀକରଣ ପାଇଁ ନିର୍ଦ୍ଧାରିତ ଆବେଦନ ଫର୍ମ agrisnetodisha.ori.nic.in ୱେବ୍‌ସାଇଟ୍‌ରେ ଉପଲବ୍ଧ। ଆଗ୍ରହୀ ଚାଷୀମାନେ ଆସନ୍ତା ଅକ୍ଟୋବର ୩୧ ସୁଦ୍ଧା ନିଜ ବ୍ଲକ ଅନ୍ତର୍ଗତ ବ୍ଲକସ୍ତରୀୟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଥିବା ଡ୍ରପ୍ ବକ୍ସରେ ଆବେଦନପତ୍ର ଦାଖଲ କରିପାରିବେ। ଏହାର ଚୟନ ପ୍ରକ୍ରିୟା ଜିଲା ତଥା ରାଜ୍ୟସ୍ତରୀୟ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା କରାଯିବ। ଯୋଜନାର ଯାଞ୍ଚ ପ୍ରକ୍ରିୟା ନ୍ୟାଶନାଲ ଇନୋଭେଶନ୍ ଫାଉଣ୍ଡେଶନ ସହାୟତାରେ କରାଯିବ। ଅକ୍ଟୋବର ୩୧ ସୁଦ୍ଧା ପ୍ରାୟ ୧୦ ହଜାର ଆବେଦନପତ୍ର ପାଇବାର ଲକ୍ଷ୍ୟ ରଖାଯାଇଥିବା ସଚିବ କହିଛନ୍ତି।

ଏହି ଅବସରରେ ନ୍ୟାଶନାଲ ଇନୋଭେଶନ ଫାଉଣ୍ଡେଶନର ଗଭର୍ଣ୍ଣିଂ ବଡି ସଦସ୍ୟ ପଦ୍ମଶ୍ରୀ ପ୍ରଫେସର ଅନିଲ ଗୁପ୍ତା ଏବଂ ଡ. ବିବେକ କୁମାର ଉପସ୍ଥିତ ଥିଲେ। କର୍ମଶାଳାରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଯନ୍ତ୍ରୀ(କୃଷି) ଇଂ. ମନୋଜ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ପି.କେ. ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୩ ଜିଲାକୁ ବୁଡ଼ାଇଲା ବାତ୍ୟା ‘ଡାଏ’

ଭୁବନେଶ୍ୱର, ୨୨।୯ (ବ୍ୟୁରୋ)

ବାତ୍ୟା ‘ଡାଏ’ ଯୋଗୁ ରାଜ୍ୟର ୩ଟି ଜିଲା କ୍ଷତିଗ୍ରସ୍ତ ହୋଇଛି। ମାଲକାନଗିରି ଜିଲାରେ ବ୍ୟାପକ କ୍ଷତି ହୋଇଥିବା ବେଳେ ବାଲେଶ୍ୱର, ମୟୂରଭଞ୍ଜ ଜିଲା ଆଂଶିକ ପ୍ରଭାବିତ ହୋଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରି ଜିଲାର ମାଲକାନଗିରି, କାଲିମେଳା, କୋରକୁଣ୍ଡା, ପୋଡ଼ିଆ ଏବଂ ଚିତ୍ରକୁଣ୍ଡା ବ୍ଲକର ୧୩ଟି ପଞ୍ଚାୟତର ୪୪ ଗ୍ରାମର ୫୨୦୦ ଲୋକ ପ୍ରଭାବିତ ହୋଇଛନ୍ତି। ୨୫ ଗ୍ରାମ ପାଣିଘେରରେ ରହିଥିବାବେଳେ ୪୧୨ଟି ଗୃହ କ୍ଷତିଗ୍ରସ୍ତ ହୋଇଛି। ଏନ.ଏଚ-୩୨୬ ଓ ଏମଭି -୭ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ମାଲକାନଗିରି ଓ କାଲିମେଳା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କାଙ୍ଗୁରକୋଣ୍ଡା ପୋଲ ଉପରେ ପାଣି ଚାଲୁଥିବାରୁ ପୋଟେରୁରୁ ବାଲିମେଳା ଯାତାୟାତରେ ବାଧା ସୃଷ୍ଟି ହୋଇଛି। ମାଲକାନଗିରି ଓ ଛତିଶଗଡ଼ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ୩୮୦ ଜଣଙ୍କୁ ରିଲିଫ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଥିବାବେଳେ ୧୦ଟି ସ୍ଥାନରେ ମାଗଣାରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ପୋଟେରୁଠାରେ ଓଡ୍ରାଫ ଟିମ୍ ମୁତୟନ କରାଯାଇଛି।



ବାତ୍ୟା ଡାଏ ପ୍ରଭାବରେ ମାଲକାନଗିରି ଜିଲାରେ ଭାଙ୍ଗି ପଡିଥିବା ଏକ ଘର ।

- ୫୩୧ଟି ଘର ଭାଙ୍ଗିଲା, ୪୫୦ ଗ୍ରାମ ପ୍ରଭାବିତ
- ୨୬ ଯାଏ ହାଲ୍‌କା ବର୍ଷା

ପୋଡିଆଠାରେ ଅଗ୍ନିଶମ ବିଭାଗ ମୁତୟନ ହୋଇଛନ୍ତି। ୭ ଦିନ ପାଇଁ ରିଲିଫ ଯୋଗାଇବାକୁ ସରକାର ଘୋଷଣା କରିଛନ୍ତି। ସେହିପରି ପ୍ରବଳ ବର୍ଷା ଯୋଗୁ ବାଲେଶ୍ୱର ଜିଲାର ନୀଳଗିରି, ବାହାନଗା, ବାଲେଶ୍ୱର ଓ ରେମୁଣା ବ୍ଲକର ୧୬୮ଟି ଗ୍ରାମର ୧୨୯୩୪ ଲୋକ ପ୍ରଭାବିତ ହୋଇଛନ୍ତି। ୭୨ଟି ଘର କ୍ଷତିଗ୍ରସ୍ତ ହୋଇଛି। ୩ଟି ରିଲିଫ କ୍ୟାମ୍ପରେ ଲୋକମାନଙ୍କୁ ରଖାଯାଇଥିବାବେଳେ ୨ଟି ବ୍ଲକରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ପ୍ରଭାବିତ ଅଞ୍ଚଳରେ ଓଡ୍ରାଫ ଓ ଅଗ୍ନିଶମ ବିଭାଗକୁ ମୁତୟନ କରାଯାଇଛି। ମୟୂରଭଞ୍ଜ ଜିଲାର ୫ଟି ବ୍ଲକର ୩୮ ଗ୍ରାମ ପ୍ରଭାବିତ ହୋଇଛି। ୬ଟି ଗ୍ରାମ ପାଣିଘେରରେ ରହିଛି। ୪୭ଟି ଗୃହ କ୍ଷତିଗ୍ରସ୍ତ ହୋଇଛି।

ପ୍ରବଳ ବର୍ଷା ଯୋଗୁ ବୈତରଣୀ, ବୁଢାବଳଙ୍ଗ ଓ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବର୍ଷା ହ୍ରାସ ପାଇଥିବାରୁ ଉକ୍ତ ନଦୀରେ ଜଳପତନ ହ୍ରାସ ପାଉଥିବା ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି।

## ସୋମବାର ଆସୁଛନ୍ତି ଶାହ

ଭୁବନେଶ୍ୱର, ୨୨।୯(ବ୍ୟୁରୋ): ଆସନ୍ତା ସାଧାରଣ ନିର୍ବାଚନରେ ଓଡ଼ିଶାରେ ଭାଜପା ସରକାର ଗଠନ କରିବ ବୋଲି ଦମ୍ଭୋକ୍ତି ଦେଖାଇ ଆସୁଛି। ଏହାକୁ ସଫଳ କରିବା ପାଇଁ କେନ୍ଦ୍ରୀୟ ନେତାମାନେ ମଧ୍ୟ ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ଶନିବାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବା ଅବସରରେ ଓଡିଶା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସରକାରଙ୍କୁ କଡା ଭାଷାରେ ସମାଲୋଚନା କରିଛନ୍ତି। ମୋଦିଙ୍କ ଗସ୍ତ ପୂର୍ବରୁ ରାଜ୍ୟ ସରକାରଙ୍କ ବିରୋଧରେ ତାଙ୍କର ଆଭିମୁଖ୍ୟ କ’ଣ ହେବ ତାକୁ ନେଇ ଚର୍ଚ୍ଚା ଲାଗି ରହିଥିଲା। ଏହା ସ୍ପଷ୍ଟ ହେବାପରେ ଆସନ୍ତା ୨୪ତାରିଖରେ ଓଡିଶା ଗସ୍ତରେ ଆସିବାକୁ ଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଆଭିମୁଖ୍ୟ କ’ଣ ରହିବ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ କାର୍ଯ୍ୟକ୍ରମ ପୁରୀଠାରେ ରବିବାରଠାରୁ ଆରମ୍ଭ ହୋଇ ୩ଦିନ ଧରି ଚାଲିବ। କାର୍ଯ୍ୟକାରିଣୀର ଦ୍ୱିତୀୟ ଦିନ ଶାହ ପୁରୀଠାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେବେ। ଅନ୍ୟପଟେ ଏକ ସାଧାରଣସଭାରେ ଶାହ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଝାରସୁଗୁଡା ସାଧାରଣସଭାରେ ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ଦେଖିବାପରେ ଶାହଙ୍କ ଭାଷଣ କ’ଣ ରହିବ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଳେ ଚାଳେ ଗଲା ଚାଲୁଆ ମୂଷା**
**କୂଅ ମୂଳେ କଲା ବସା**
**ବୋଉ ଦେଇନାହିଁ ଢୁବେଇ କଂସା**
**ଦାଣ୍ଡେ କଲେ ଲୋକ ହସା ।**

ଯୌତୁକ ଏକ ସାମାଜିକ ବ୍ୟାଧି, ଯାହାକି ଆମ ସମାଜରେ ଏବେ ବି କାୟାବିସ୍ତାର କରିବାରେ ଲାଗିଛି। ବାପଘରୁ ଭଲ ଜାନିଯଉତୁକ ନ ଆଣିଲେ ବୋହୂ ଶାଶୁଘରେ ନାନା କଟୁକଥା ଶୁଣିଥାଏ। ଏପରିକି ବାହାର ଲୋକଙ୍କ ଆଗରେ ଅପଦସ୍ଥ ବା ଅପମାନିତ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚୋର, ଜୁଆଡ଼ୀ, ମଦୁଆ, ବାଇ**
**ଏମାନଙ୍କୁ ବିଶ୍ୱାସ ନାହିଁ ।**

ଯିଏ ଚୋରି କରୁଥାଏ, ଜୁଆ ଖେଳୁଥାଏ, ମଦ୍ୟପାନ କରୁଥାଏ ତଥା ବେଶ୍ୟାଳୟରେ ରହି ନୃତ୍ୟ ତଥା ମନୋରଞ୍ଜନ କରୁଥାଏ ତାଙ୍କ କଥାରେ ଆଦୌ ସତ୍ୟତା ନ ଥାଏ। ଖରାପ ଅଭ୍ୟାସରେ ଲିପ୍ତ ରହିଥିବା ବ୍ୟକ୍ତି କେବେ ବି ଭରସାଯୋଗ୍ୟ ହୋଇ ନ ଥାନ୍ତି। ଏପରି ବ୍ୟକ୍ତିଙ୍କୁ ବିଶ୍ୱାସ କରିବା ଉଚିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମନ୍ତ୍ରୀଙ୍କ ଇସ୍ତଫା ଦାବିରେ କଂଗ୍ରେସର ବିକ୍ଷୋଭ

କେନ୍ଦୁଝର, ୨୨।୯ (ସ୍ୱ.ପ୍ର.)

- ଜିଲାପାଳ ଅଫିସ ଘେରାଉ
- ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ
- ଆନ୍ଦୋଳନ ଜୋରଦାର କରିବାକୁ ପ୍ରସ୍ତୁତି

ବିଦ୍ୟାଳୟ, ଗଣଶିକ୍ଷା ମନ୍ତ୍ରୀ ବଦ୍ରୀ ପାତ୍ରଙ୍କ ଇସ୍ତଫା ଦାବିକରି କେନ୍ଦୁଝର ଜିଲା କଂଗ୍ରେସ ଆନ୍ଦୋଳନକୁ ଜୋରଦାର କରିଛି। ଛାତ୍ର, ମହିଳା ଓ ଯୁବ କଂଗ୍ରେସ କର୍ମୀମାନେ ଏଥିରେ ସାମିଲ ହୋଇଛନ୍ତି। ଶନିବାର କଂଗ୍ରେସ କର୍ମୀମାନେ ଦଳର ଜିଲା କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସଠାରେ ପହଞ୍ଚିଥିଲେ। ସେମାନେ ଜିଲାପାଳଙ୍କ ଅଫିସକୁ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ଇଙ୍ଗୀତରେ କେନ୍ଦୁଝର ଜିଲାରେ ଗୁଣ୍ଡାରାଜ ଚାଲିଥିବାର ଅଭିଯୋଗରେ ସେମାନେ ନାରାବାଜି କରି କୁଶ ପୁତ୍ତଳିକା ଦାହ କରିଥିଲେ। ମାରଣାସ୍ତ୍ରରେ ଆକ୍ରମଣ କରିବା ଓ ପୋଲିସ ଉପରେ ଆକ୍ରମଣ କରି ଅଭିଯୁକ୍ତଙ୍କୁ ଛଡ଼େଇ ନେବା ଘଟଣାରେ ମନ୍ତ୍ରୀଙ୍କ ପୁଅ ଦେବାଶିଷ ପାତ୍ର ଗିରଫ ହେବା ପରେ କଂଗ୍ରେସ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିକରି ସରକାରଙ୍କୁ ସମାଲୋଚନା କରିଛି। ହେଲେ ଦଳର ଦାବିପ୍ରତି ପ୍ରଶାସନ ଉଦାସୀନତା ଅବଲମ୍ବନ କରୁଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଘେରାଉ ଆନ୍ଦୋଳନରେ କଂଗ୍ରେସ ଜିଲା କାର୍ଯ୍ୟକାରୀ ସଭାପତି ବିପ୍ଳବ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ସମ୍ପାଦକ ସଂଗ୍ରାମ ଦାସ, ପାର୍ଥ ସାରଥୀ ପତି, କୀର୍ତ୍ତନ ବିହାରୀ ଜେନା, ସୁନେଶ ଧୀର, ପୟୋଧର ବେହେରା, ରଞ୍ଜନ ସ୍ୱାଇଁ ପ୍ରମୁଖ ନେତା ସାମିଲ ଥିଲେ। ଜିଲା ସଭାପତି ମୋହନ ପରିଡ଼ା ଏହାର ନେତୃତ୍ୱ ନେଇଥିଲେ । ରାଜ୍ୟ ସରକାର ସବୁବେଳେ ସ୍ୱଚ୍ଛତା କଥା କହି ଆସୁଥିବାରୁ ଏହାର ପ୍ରମାଣ ଦେଇ ମନ୍ତ୍ରୀ ପାତ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରୁ ବୋଲି ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର କହିଥିଲେ। ଶାସକ ଦଳ ପ୍ରୋତ୍ସାହନରେ ଜିଲାରେ ଆଇନଶୃଙ୍ଖଳା ସୃଷ୍ଟି ଘଟଣା ନେଇ ବିଜେଡିକୁ ଘେରିବା ସକାଶେ କଂଗ୍ରେସ ରଣନୀତି ପ୍ରସ୍ତୁତ କରିଥିବା ଦଳ ପକ୍ଷରୁ କୁହାଯାଇଛି। ଭାଜପା ପକ୍ଷରୁ ଅନୁରୂପ ଦାବି କରାଯାଇ ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିବାବେଳେ କଂଗ୍ରେସ ପୃଥକ୍ ଭାବେ ବିଜେଡିକୁ ଟାର୍ଗେଟ କରି ରାସ୍ତାକୁ ଓହ୍ଲାଇଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

ମୋବାଇଲ ଉପକରଣ
ଆୟନୀ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ନାମ-ଠିକଣା ଏସ୍‌ଏମ୍‌ଏସ୍/ଫୋନ୍ କରନ୍ତୁ)
9634734514
23/315, Block-23, Trilok Puri, Delhi

ଫାଇନାନ୍ସ
ଓଡ଼ିଶା ଫାଇନାନ୍ସ ଭାରତୀୟ ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ସରକାରୀ ଜନକଲ୍ୟାଣ ଯୋଜନା ଦ୍ୱାରା ସବୁ ପ୍ରକାର ଋଣ ମାର୍କସିଟ୍, ପ୍ରପର୍ଟି, ଆଧାର କାର୍ଡ଼, ପର୍ସନାଲ, କୃଷି, ରାଶନକାର୍ଡ ସମସ୍ତ ଋଣ ୪୦% ସବ୍‌ସିଡି, ୨% ସୁଧ। (ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ)
9193648143
9193648156
Koharaulia, Liladewa, Sonbhadra Yogichaura, Uttar Pradesh, 231222

Ambujha Group
Govt. Registered Gold Medalist କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ ସବୁ କମ୍ପାନୀର ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା - 45,000/- + ବାଇକ୍ ଓ ଅନ୍ୟାନ୍ୟ ସୁବିଧା ପାଆନ୍ତୁ ।
9671892171
7060089488
WZ-94B, TF, Gali No.3, Guru Nanak Nagar, Delhi

ଠକମାନଙ୍କ ପ୍ରତି ସାବଧାନ
ନଂ.1 Govt. Approved Vision Group ଦ୍ୱାରା ଆପଣଙ୍କ ଖାଲି ଜମି, ପ୍ଲଟ୍‌ରେ ଡିଜିଟାଲ ଉପକରଣ ଲଗାନ୍ତୁ ମାତ୍ର 7 ଦିନରେ ଏବଂ ପାଆନ୍ତୁ: ଭଡ଼ା- 60,000/-, ଅଗ୍ରିମ- 45 ଲକ୍ଷ। ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ।
ପୂଜା ବର୍ମା
7526990563
A-65 - Anoop Nagar, Block-A, Bindapur, Indore

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

FINANCE
ନବରାତ୍ର ଋଣ ଧମାକା । ଭାରତର ସବୁଠାରୁ ବଡ କମ୍ପାନୀ Kuber Finance ୧୨ଘଣ୍ଟା ମଧ୍ୟରେ ଯୋଗାଇ ଦେଉଛି 2% ବାର୍ଷିକ ସୁଧରେ ମାର୍କସିଟ, ଆଧାରକାର୍ଡ, ପ୍ରପର୍ଟି, ବ୍ୟବସାୟ, ପ୍ରୋଜେକ୍ଟ ଋଣ । ମହିଳା ଓ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର 50% ରିହାତି । ଅନଲାଇନ ଠକେଇ ପ୍ରତି ସାବଧାନ।
9634685376
7895118679

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

Aital Companyରେ
ଘରେ ବସି ପୁଅ-ଝିଅମାନେ Part Time SMS Job କରି ରୋଜଗାର କରନ୍ତୁ। ମାସିକ 18,600-45,000। Company ତରଫରୁ Laptop + Printer + Mobile + Sim Card ଫ୍ରିରେ।
Contact No.
70332-02011
70332-00821

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
No File Charge No Guarantor
Apply Online From Home
7302721098
8650077892

FINANCE
କମ ସୁଧ ଆକର୍ଷଣୀୟ ଛାଡ
Maa mangalam Finance
ସମସ୍ତ ଋଣ ୩ରୁ ୬ ଦିନ ମଧ୍ୟରେ ଘରେ ବସି ପାଆନ୍ତୁ । ଉଦ୍ୟୋଗ, ପର୍ସନାଲ, ପ୍ରପର୍ଟି, ମାର୍କସିଟ ଋଣ ଉପଲବ୍ଧ । ୩୦ହଜାର ପର୍ଯ୍ୟନ୍ତ ମହିଳାଙ୍କ ଗ୍ରାହକଙ୍କ ପାଇଁ ବିଶେଷ ଛାଡ । (ସର୍ତ୍ତାବଳୀ ଲାଗୁ)
E-36, Ground Floor, Krishna Apartment Boring Rd, Patna-24
9546657102

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

SMS JOB
କମ୍ପାନୀରେ SMS JOB କରି Part/Full Time ଘରେବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Bike + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
09631847145
09006905977

FINANCE
ଭାରତ ସରକାର ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ହୋମ, ଜମି, ଏଜୁକେସନ୍, ବିଜନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ASHOKA FINANCE
ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୧୩୮୦ରେ (୧-୯୦ ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, ୬୦% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ରାଶନକାର୍ଡ, ଆଧାର କାର୍ଡ ସମସ୍ତ ଋଣ ୪୮ ଘଣ୍ଟାରେ।
H-33, Aroda, G. Noida, Delhi
8743042068
7900883466

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45) ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

କମ୍ପାନୀର ସମସ୍ତ ଖର୍ଚ୍ଚ ଋଣରୁ କଟିବ।
ଭାରତର ନଂ.1 କମ୍ପାନୀ
M. GROUP OF FINANCE
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି ଆଦି ସମସ୍ତ ଋଣ ଘରେ ବସି ପାଆନ୍ତୁ 2% ସୁଧ, 50% ରିହାତିରେ।
(ଠକମାନଙ୍କ ପ୍ରତି ସାବଧାନ)
9467916478
9467913850
J/6, B-Block, Jiwan Park, Delhi

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

ଇନଫ୍ରା ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟ୍‌ୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ । ଭଡ଼ା - 30ରୁ ୨୦ ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟ୍‌ୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। ନାମ ଓ ଠିକଣା ଦିଅନ୍ତୁ ତା'ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office G-79 Aadrsh Nagar Krolbagh Delhi
Contact: 8009586581, 8881393751

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
9773820765
8512004851



ଅଡିଶନ୍ ଦ୍ୱାରା ଜଣେ କଳାକାର ନିଜର ଦକ୍ଷତାକୁ ଭଲ ଭାବେ ଚିହ୍ନିପାରେ।

-ରାଧିକା ମଦନ, ବଲିଉଡ୍ ଅଭିନେତ୍ରୀ

# ଭାରତରେ କମୁଛନ୍ତି ଶିଶୁ ଶ୍ରମିକ

ୱାଶିଂଟନ୍



ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ଶିଶୁ ଶ୍ରମିକଙ୍କୁ ଚିହ୍ନଟ କରି ସେଥିରୁ ନିବୃତ୍ତ କରିବାରେ ଭାରତର ଅଗ୍ରଗତି ଉଲ୍ଲେଖନୀୟ ହୋଇପାରିଛି। ଏ କ୍ଷେତ୍ରରେ ଭାରତ ବିଶ୍ୱର ୧୪ଟି ଦେଶ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରିଛି ବୋଲି ଶନିବାର ଆମେରିକାର ଏକ ସରକାରୀ ରିପୋର୍ଟରେ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ୨୦୧୭ରେ ଶିଶୁ ଶ୍ରମିକ ପ୍ରଥା ଦୂରକରିବାରେ ୧୩୨ଟି ଦେଶର ପ୍ରଚେଷ୍ଟାକୁ ଆକଳନ କରିବା ପାଇଁ କଠୋର ମାନଦଣ୍ଡ ରଖାଯାଇଥିଲା। ଭାରତ, କଲମ୍ବିଆ ଏବଂ ପାରାଗୁଏ ସମେତ ୧୪ଟି ଦେଶ ଏହି ମାନଦଣ୍ଡ ପୂରଣ କରିବାରେ ସମର୍ଥ ହୋଇପାରିଛନ୍ତି।

ଶ୍ରମ ବିଭାଗ ପକ୍ଷରୁ କୁହାଯାଇଛି, ଭାରତ ସରକାର ଉଭୟ ଇଣ୍ଟରନ୍ୟାଶନାଲ୍ ଲେବର ଅର୍ଗାନାଇଜେଶନ୍ (ଆଇଏଲ୍‌ଓ) ସମାବେଶ-୧୮୨ ଏବଂ ସମାବେଶ-୧୩୮କୁ ସମର୍ଥନ କରିବା ସହିତ ଶିଶୁ ଶ୍ରମିକ ଆଇନରେ ସଂଶୋଧନ ଆଣିଛି। ଏହାଦ୍ୱାରା ୧୮ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି ବିପଜ୍ଜନକ ପେସାରେ ନିୟୋଜିତ କରାଯାଇପାରିବ ନାହିଁ। ଏଥିପାଇଁ ଭାରତ ଶିଶୁ ଶ୍ରମିକ ଆଇନକୁ ଫଳପ୍ରଦ ଭାବରେ କାର୍ଯ୍ୟକାରୀ କରିବା ସହିତ 'ଜାତୀୟ ଶିଶୁ ଶ୍ରମିକ କାର୍ଯ୍ୟକ୍ରମ' କାର୍ଯ୍ୟକାରୀ କରିଛି। ଏଥି ସହିତ 'ନ୍ୟାଶନାଲ୍ ପଲିସି ଫର ଚିଲ୍‌ଡ୍ରେନ୍' କାର୍ଯ୍ୟ କରୁଛି। ଉକ୍ତ ନୀତି ଅନୁଯାୟୀ, ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବା, ଶିଶୁ ଚୋରାଚାଲାଣ ରୋକିବା ଏବଂ ଅସହାୟ ଶିଶୁଙ୍କୁ ସହାୟତା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଛି।

# ଓସ୍କାର ଦୌଡ଼ରେ 'ଭିଲେଜ୍ ରକ୍‌ଷ୍ଟାର୍ସ'

ମୁମ୍ବାଇ

ରିମା ଦାସଙ୍କ ଦ୍ୱାରା ପ୍ରାୟୋଜିତ ତଥା ନିର୍ଦ୍ଦେଶିତ ଅହମିୟା ଫିଚର ଫିଲ୍ମ 'ଭିଲେଜ ରକ୍‌ଷ୍ଟାର୍ସ' ଆସନ୍ତାବର୍ଷ ୯୧ତମ ଓସ୍କାର୍ସ ଏକାଡେମୀ ଆୱାର୍ଡ୍‌ସ ଲାଗି ବେଷ୍ଟ ଫରେନ୍ ଲାଙ୍ଗୁଏଜ୍ କାଟେଗୋରିରେ ଭାରତର ପ୍ରତିନିଧିତ୍ୱ କରିବ। ଫିଲ୍ମ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଏଫ୍‌ଏଫ୍‌ଆଇ) ପକ୍ଷରୁ ଶନିବାର ଏହା ଘୋଷଣା କରାଯାଇଛି। ଉକ୍ତ ଫିଲ୍ମରେ ଧୁନୁ ନାମ୍ନୀ ଜଣେ ବାଳିକା ଦାରିଦ୍ର୍ୟ ମଧ୍ୟରେ ବଢ଼ିବା ସହିତ ନିଜ ଜୀବନ ନିର୍ବାହର ପନ୍ଥା ନିଜେ କିପରି ନିର୍ଦ୍ଧାରଣ କରିଛି ତାହା ବର୍ଣ୍ଣିତ ହୋଇଛି। ଦାରିଦ୍ର୍ୟ ତାଙ୍କ ସ୍ୱପ୍ନକୁ ବାରଣ କରିପାରି ନାହିଁ। ସେ ଭବିଷ୍ୟତରେ ଜଣେ ଗିଟାର ବାଦିକା ହୋଇ ନିଜକୁ ଏକ ରକ୍‌ଷ୍ଟାର ଭାବରେ ପ୍ରତିଷ୍ଠା କରିପାରିଛନ୍ତି। ଭାରତର ଉତ୍ତର-ପୂର୍ବ ଅଞ୍ଚଳରୁ 'ଭିଲେଜ୍ ରକ୍‌ଷ୍ଟାର୍ସ'କୁ ଚୟନ କରାଯିବା ତାଙ୍କ ପାଇଁ ଏକ ମହାନ୍ ସ୍ୱୀକୃତି ବୋଲି ରିମା ପ୍ରକାଶ କରିଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହନ୍ତି, ଏହା ମୋ ପାଇଁ ମହାନ୍ ଆନନ୍ଦର ବିଷୟ। ଏହାକୁ ପ୍ରକାଶ କରିବାକୁ ମୋର ଭାଷା ନାହିଁ। ଫିଲ୍ମ ଆରମ୍ଭଠୁ ଏ ପର୍ଯ୍ୟନ୍ତ ଯେଉଁ ମହାନ୍ ଯାତ୍ରା ତାହା ପରିକାହାଣୀ ଭଳି ଲାଗୁଛି। ଓସ୍କାର ପୁରସ୍କାର ପାଇଁ ନିର୍ବାଚିତ ହେବାରେ ଏହା ହେଉଛି ପ୍ରଥମ ଅହମିୟା ଫିଲ୍ମ। ଏହା ଫିଲ୍ମ ନିର୍ମାତାଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିବ ବୋଲି ମୁଁ ବିଶ୍ୱାସ କରୁଛି।

'ଭିଲେଜ ରକ୍‌ଷ୍ଟାର୍ସ'ର ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ଭନିତା ଦାସ। ୨୦୧୭ ଟରଣ୍ଟୋ ଇଣ୍ଟରନ୍ୟାଶନାଲ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ଏହାର ପ୍ରିମିୟର ଶୋ' ପ୍ରଦର୍ଶିତ ହୋଇଥିଲା। ଏହା ୭୦ରୁ ଅଧିକ ଅନ୍ତର୍ଜାତୀୟ ଓ ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଅଂଶଗ୍ରହଣ କରିଛି।

ଓସ୍କାର ଆୱାର୍ଡ ନିମିତ୍ତ ଚୟନ କମିଟିର ଚେୟାରମ୍ୟାନ୍ ଏସ୍.ଭି. ରାଜେନ୍ଦ୍ର ସିଂ ବାବୁଙ୍କ କହିବାନୁଯାୟୀ, ଜଣେ ଭଲ ମଣିଷ ହେବାର ବାର୍ତ୍ତା ବହନ କରୁଥିବା ଏହି ଫିଲ୍ମ ସମଗ୍ର ବିଶ୍ୱବାସୀଙ୍କ ହୃଦୟକୁ ଛୁଇଁପାରିବ। ଆସନ୍ତାବର୍ଷ ଓସ୍କାର ପୁରସ୍କାର ଉତ୍ସବ ପାଇଁ ଦାଖଲ କରାଯାଇଥିବା ୨୮ଟି ଫିଲ୍ମ ତାଲିକାରେ ଏହା ସ୍ଥାନ ପାଇଥିଲା।






# 'ନରୋପା'ର ବିଶ୍ୱ ରେକର୍ଡ

ଲେହ



ହିମାଳୟର ହେମିସ୍ ମନାଷ୍ଟରିଠାରେ ଆୟୋଜିତ ନରୋପା ଉତ୍ସବରେ ପାରମ୍ପରିକ ଲଦାଖୀ ଭଙ୍ଗିରେ ୨୯୯ ମହିଳା ନୃତ୍ୟ କରିଥିଲେ। ଏହା ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି।୧୮ରୁ ୬୦ବର୍ଷ ମଧ୍ୟରେ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନେ ପେରକ୍ (ଟର୍କିଜ୍ ହେଡ୍‌ଗିଅର) ପରିଧାନ କରିବା ସହିତ ଲଦାଖୀ ସଂଗୀତର ତାଳେ ତାଳେ ଶୋଣ୍ଡଲ ନୃତ୍ୟ ପରିବେଷଣ କରିଥିଲେ। ଏହି ପାରମ୍ପରିକ ନୃତ୍ୟ ସେଠିକା ରାଜାଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଉତ୍ସବରେ ପରିବେଷଣ କରାଯାଏ। ଉତ୍ସବ ପରେ ଗିନିଜ୍ ବିଶ୍ୱ ରେକର୍ଡ ବିଚାରକ ସ୍ୱପ୍ନିଳ ଡାଙ୍ଗରିକର ଉକ୍ତ ନୃତ୍ୟ କାର୍ଯ୍ୟକ୍ରମକୁ 'ସର୍ବବୃହତ୍ ଲଦାଖୀ ନୃତ୍ୟ' ବୋଲି ଘୋଷଣା କରିଥିଲେ। ଏହି ନୃତ୍ୟରେ ଆମେ ଅଭିଭୂତ ଏବଂ ଏହା ନୂଆ ବିଶ୍ୱ ରେକର୍ଡ ଟାଇଟଲ୍ ହାସଲ କରିଛି ବୋଲି ସେ ପ୍ରକାଶ କରିଥିଲେ।

# ମଙ୍ଗଳ ମିଶନ ପାଇଁ ହେବ ପ୍ରତିଯୋଗିତା

ୱାଶିଂଟନ୍

୨୦୨୦ ମଙ୍ଗଳ ମିଶନ ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନାସା ଏକ ପ୍ରତିଯୋଗିତା ଆୟୋଜନ କରିବ। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରାର୍ଥୀଙ୍କ ନାମ ମଙ୍ଗଳ ଅଭିଯାନରେ ସାମିଲ ହେବ। ମଙ୍ଗଳ ଗ୍ରହ ଜୀବନଧାରଣ ପାଇଁ କେତେ ସହାୟକ ତାହା ଉପରେ ପ୍ରଶ୍ନ ପ୍ରସ୍ତୁତ କରାଯିବ। ପ୍ରତିଯୋଗିତା ଆୟୋଜନ କରାଇବାକୁ ଆଗ୍ରହୀ ନିଗମ,




ଅଣଲାଭକାରୀ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନଗୁଡିକ ସେମାନଙ୍କ ପ୍ରସ୍ତାବ ନାସାକୁ ପଠାଇ ପାରିବେ। ଅକ୍ଟୋବର ୯ ସୁଦ୍ଧା ପ୍ରସ୍ତାବଗୁଡିକୁ ପଠାଇବାକୁ ନାସା ପକ୍ଷରୁ କୁହାଯାଇଛି। ୧୯୯୭ରେ ପ୍ରଥମ ମାର୍ସ ରୋଭର ମିଶନ୍ ବେଳେ ଏଭଳି ପ୍ରତିଦ୍ୱନ୍ଦ୍ୱିତା କରାଯାଇଥିବା ନାସା ସାଇନ୍ସ ମିଶନ ନିର୍ଦ୍ଦେଶାଳୟର ସହଯୋଗୀ ପ୍ରଶାସକ ଥମାସ୍ ଜୁର୍‌ବଚନ୍ କହିଛନ୍ତି। ଉକ୍ତ ପ୍ରତିଯୋଗିତାରେ ହଜାର ହଜାର ଛାତ୍ରୀଛାତ୍ର ଅଂଶଗ୍ରହଣ କରନ୍ତି ବୋଲି ସେ ପ୍ରକାଶ କରିଛନ୍ତି। କୃତୀ ପ୍ରତିଯୋଗୀମାନେ ଐତିହାସିକ ମଙ୍ଗଳ ମିଶନରେ ଭାଗନେବା ଏକ ସୁବର୍ଣ୍ଣ ସୁଯୋଗ। ୨୦୨୦ ମଙ୍ଗଳ ମିଶନକୁ ସେହିବର୍ଷ ଜୁଲାଇ କିମ୍ବା ଅଗଷ୍ଟରେ ଫ୍ଲୋରିଡାସ୍ଥିତ କେପ୍ କାନାଭେରାଲ୍ ଏୟାରଫୋର୍ସ ଷ୍ଟେଶନରୁ ଲଞ୍ଚ୍ କରାଯିବ।

## ଇତିହାସର ଆଇନାରେ — ସେପ୍ଟେମ୍ବର ୨୩ର ପ୍ରମୁଖ ଘଟଣା

୧୮୪୬ ସେପ୍ଟେମ୍ବର ୨୩ରେ ଜ୍ୟୋତିର୍ବିଦ୍ ଉରବେନ୍ ଜନ୍ ଯୋସେଫ୍ ଲି ଭେରିୟର, ଜନ୍ କାଉଚ୍ ଆଡାମ୍ସ ଏବଂ ଜୋହାନ ଗଟ୍‌ଫ୍ରାଇଡ ଗାଲେଙ୍କ ମିଳିତ ପ୍ରଚେଷ୍ଟାରେ ନେପ୍‌ଚ୍ୟୁନ୍ ଗ୍ରହର ଆବିଷ୍କାର ହୋଇଥିଲା। ବ୍ୟାସ ଦୃଷ୍ଟିରୁ ନେପ୍‌ଚ୍ୟୁନ୍ ସୌରମଣ୍ଡଳର ୪ର୍ଥ ବଡ଼ ଗ୍ରହ ଏବଂ ପୃଥିବୀଠାରୁ ଏହା ହେଉଛି ୧୭ ଗୁଣ ବଡ। ସୂର୍ଯ୍ୟ ଚାରିପାଖେ ଘୂରିବାକୁ ଏହାକୁ ୧୬୪.୮ ବର୍ଷ ଲାଗିଥାଏ।

୧୯୮୩ ସେପ୍ଟେମ୍ବର ୨୩ରେ ଗଲଫ୍ ଏୟାର ଫ୍ଲାଇଟ୍ ୭୭୧ରେ ବୋମା ବିସ୍ଫୋରଣ ଯୋଗୁ ବିମାନ କର୍ମଚାରୀ ଏବଂ ଯାତ୍ରୀଙ୍କ ସହ ୧୧୭ ଜଣଙ୍କର ମୃତ୍ୟୁ ଘଟିଥିଲା। ବିମାନଟି କରାଚୀରୁ ଆବୁଧାବୀ ଅଭିମୁଖେ ଯାତ୍ରା କରୁଥିଲା। ବୋଇଂ ୭୩୭-୨ପି୬ ଆବୁଧାବୀ ବିମାନବନ୍ଦରରେ ପହଁଞ୍ଚିବା ବେଳେ ବ୍ୟାଗେଜ୍ କମ୍ପାର୍ଟମେଣ୍ଟରେ ବିସ୍ଫୋରଣ ହୋଇଥିଲା।

## କେମିତି ରହିବ ଆଜିର ପାଗ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୬ | ୨୨.୭ |
| ଚାନ୍ଦବାଲି | ୩୪.୨ | ୨୪.୭ |
| କଟକ | ୩୧.୨ | ୨୨.୬ |
| ପାରାଦ୍ୱୀପ | ୩୨.୧ | ୨୭.୬ |
| ଭୁବନେଶ୍ୱର | ୩୦.୬ | ୨୩.୭ |
| ଗୋପାଳପୁର | ୩୨.୨ | ୨୬.୦ |
| ପୁରୀ | ୩୧.୫ | ୨୬.୪ |
| ଅନୁଗୋଳ | ୨୮.୧ | ୨୧.୬ |
| ବାରିପଦା | ୨୯.୬ | ୨୪.୦ |
| ଝାରସୁଗୁଡ଼ା | ୩୦.୫ | ୨୪.୭ |
| କେନ୍ଦୁଝର | ୨୯.୨ | ୨୨.୧ |
| ସମ୍ବଲପୁର | ୩୦.୭ | ୨୩.୮ |
| ସୁନ୍ଦରଗଡ଼ | ୩୧.୦ | ୨୨.୦ |
| ହୀରାକୁଦ | ୩୦.୨ | ୨୪.୦ |
| ତାଳଚେର | ୩୧.୦ | ୨୪.୩ |
| ଭବାନୀପାଟଣା | ୩୧.୮ | ୨୨.୫ |
| ବଲାଙ୍ଗୀର | ୩୨.୫ | ୨୨.୫ |
| କୋରାପୁଟ | ୨୯.୬ | ୧୭.୦ |
| ଫୁଲବାଣୀ | --- | ୨୧.୦ |
| ଟିଟିଲାଗଡ଼ | ୩୩.୦ | ୨୦.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୦.୬ | ୨୨.୬ |
| ଦାରିଙ୍ଗିବାଡ଼ି | --- | ୧୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍









ଶନିବାର ତାଳଚେର ଫର୍ଟିଲାଇଜର୍ସ ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ (ବାମରୁ) ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ, କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ, ରାଜ୍ୟପାଳ ଗଣେଶି ଲାଲ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ।

# ‘ବିକାଶର ଗାଥା ଲେଖିବ ତାଳଚେର ଫର୍ଟିଲାଇଜର୍ସ’

**ତାଳଚେର,୨୨।୯(ନି.ପ୍ର.)**

ତାଳଚେର ଫର୍ଟିଲାଇଜର୍ସ ପ୍ଲାଣ୍ଟ ପୁନରୁଦ୍ଧାର କାର୍ଯ୍ୟ କିଛି ସମୟ ପୂର୍ବରୁ ଆରମ୍ଭ ହୋଇଯାଇଛି। ଏଥିପାଇଁ ପାଖାପାଖି ୧୩ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ୩୬ ମାସ ପରେ ଏହା କାର୍ଯ୍ୟକ୍ଷମ ହେଲେ ସିଧାସଳଖ ୪୫୦୦ ଜଣ କର୍ମସଂସ୍ଥାନ ପାଇବେ। ଅନ୍ୟ ଭିତ୍ତିଭୂମି ବିକାଶର ମଧ୍ୟ ଏହା ବାଟ ଫିଟାଇବ। ଏହି ପ୍ଲାଣ୍ଟ ନୂଆ ଓଡ଼ିଶାର ବିକାଶ ଗାଥା ଲେଖିବା ସହ ଦେଶ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସ୍ଥାନୀୟ ବକ୍ସି ଜଗବନ୍ଧୁ ଷ୍ଟାଡିୟମ ପରିସରରେ ଭାଜପା ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି।

ତାଳଚେର ଏଫ୍‌ସିଆଇ ନିକଟ ଷ୍ଟାଡିୟମ ଠାରେ ଶନିବାର ଏକ ବିଶାଳ ଜନସଭାକୁ ସମ୍ବୋଧିତ କରିଥିଲେ ପ୍ରଧାନମନ୍ତ୍ରୀ। ଓଡ଼ିଆରେ ଜୟ ଜଗନ୍ନାଥ, ଜୟ ମା’ ହିଙ୍ଗୁଳାରୁ ଅଭିଭାଷଣ ଆରମ୍ଭ କରିଥିବା ମୋଦି କଳାହୀରାର ସହର ତାଳଚେର ମାଟିକୁ ପ୍ରଣାମ କରିଥିଲେ। ଅବିଭକ୍ତ ଢେଙ୍କାନାଳ ଜିଲାକୁ ଆସି ଗୌରବ ଅନୁଭବ କରୁଛି ବୋଲି କହିଥିଲେ। ଏହି ମାଟିର ବୀର ସୂରୀମାନଙ୍କୁ ମନେ ପକାଇବା ସହ ପ୍ରେରଣା ବୋଲି କହିଥିଲେ। ଏହି ଅବସରରେ ସେ ତାଳଚେର ସାର କାରଖାନାର ଆଧୁନିକୀକରଣ ଦ୍ୱାରା ପୂର୍ବ ଭାରତର ବିକାଶ ହେବ ବୋଲି ମତ ରଖିଥିଲେ। ଏଥିସହ ତାଳଚେରବାସୀଙ୍କ ଏହି ସ୍ୱପ୍ନକୁ ୨୦୦୨ରେ ଭାଙ୍ଗି ଦେଇଥିବା ପୂର୍ବ କଂଗ୍ରେସ ସରକାର ଉପରେ ବର୍ଷିଥିଲେ। ସେ କହିଥିଲେ, ପୂର୍ବ ସରକାର ଯୋଗୁ ଦେଶରେ ଅନେକ କାରଖାନା ବନ୍ଦ ହୋଇ ପଡିଥିଲା। ଏନ୍‌ଡିଏ ସରକାର ଆସିବା ପରେ ତାଳଚେର, ଗୋରଖପୁର, ରାମଗୁଣ୍ଡମ, ବରେଲି, ସିନ୍ଦ୍ରୀ ସମେତ ୫ଟି ସାର କାରଖାନାର ପୁନରୁଦ୍ଧାର କାମ ଆରମ୍ଭ ହୋଇଛି। ସେହିପରି ନିଜ ସରକାରର ସଫଳତା ବଖାଣିବାକୁ ଯାଇ ମୋଦି କହିଥିଲେ, ଜନଧନ ଯୋଜନାରେ ଓଡ଼ିଶାରେ ୧କୋଟି ୩୦ ଲକ୍ଷ ଲୋକଙ୍କ ବ୍ୟାଙ୍କ ଖାତା ଖୋଲା ଯାଇଛି। ଏଥିଯୋଗୁ

## ଭାଜପା ସମାବେଶ

କେନ୍ଦ୍ର ସରକାରଙ୍କ ଯୋଜନାର ସବ୍‌ସିଡି ଏବେ ସିଧାସଳଖ ହିତାଧିକାରୀଙ୍କ ଖାତାରେ ଜମାହୋଇ ପାରୁଛି। ୨୦୧୪ରେ ସ୍ୱଚ୍ଛତା କ୍ଷେତ୍ରରେ ଓଡ଼ିଶାର ସଫଳତା ୧୦ ପ୍ରତିଶତ ଥିବାବେଳେ ଆଜି ଭାରତ ସରକାରଙ୍କ ଉଦ୍ୟମ ଓ ଜାଗ୍ରତ ନାଗରିକମାନଙ୍କ ସହଯୋଗରେ ଏହା ୫୫ ପ୍ରତିଶତରେ ପହଞ୍ଚି ପାରିଛି। ଓଡ଼ିଶାରେ ବହୁତ କିଛି କରିବାର ବାକି ଅଛି। ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ସହ ଗରିବମାନଙ୍କ ହିତ ଏବଂ ସ୍ୱାର୍ଥ ପାଇଁ ବନ୍ଧୁ ନବୀନବାବୁ ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସେ ଅନୁରୋଧ କରିଥିଲେ। ରାଜ୍ୟରେ ଆଉ ୫ ଗୋଟି ନୂତନ ମେଡିକାଲ କଲେଜ ହେବାକୁ ଯାଉଛି। ତାଳଚେର ଓ ସୁନ୍ଦରଗଡରେ ସୁପର ସ୍ପେଶିଆଲିଟି ହସ୍ପିଟାଲ କାମ ଚାଲୁ ରହିଛି। କଟକ, ବୁର୍ଲା ଓ ବ୍ରହ୍ମପୁର ମେଡିକାଲ କଲେଜର ବିକାଶ ନିମନ୍ତେ ୩୬୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ ସୂଚନା ଦେଇଥିଲେ। ନିଜ ନିଜ ବିଭାଗର ସଫଳତା ପାଇଁ ଓଡ଼ିଶାର ଦୁଇ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସେ ପ୍ରଶଂସା କରିଥିଲେ। ଉଜ୍ଜ୍ୱଳା ଯୋଜନାରେ ୩୪ ଲକ୍ଷ ଗରିବ ପରିବାରକୁ ମାଗଣା ଗ୍ୟାସ୍ ସଂଯୋଗ ଦିଆଯାଇଛି। ଓଡ଼ିଶାର କୌଣସି ଗରିବ ଭୋକରେ ଶୋଇବ ନାହିଁ। କିଲୋ ପ୍ରତି ୧ ଟଙ୍କାରେ ମିଳୁଥିବା ଚାଉଳ ବାବଦରେ ଭାରତ ସରକାରଙ୍କ ରାଜକୋଷରୁ ପ୍ରତି ମାସରେ ରାଜ୍ୟ ସରକାରଙ୍କୁ ୪୫୦ କୋଟି ଟଙ୍କା ଦେବାକୁ ପଡୁଛି। ଏଥିଯୋଗୁ ୮୫ ଲକ୍ଷ ଗରିବ ଉପକୃତ ହୋଇ ପାରୁଛନ୍ତି। କିନ୍ତୁ ସେମାନେ କେନ୍ଦ୍ର ସରକାରଙ୍କ ଏହି ସହାୟତା ସମ୍ପର୍କରେ କିଛି ଜାଣିନାହାନ୍ତି। ୨୦୨୨ ସୁଦ୍ଧା ଦେଶର ସମସ୍ତ ଗରିବ ପରିବାରକୁ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯିବ। କେନ୍ଦ୍ର ସରକାର ଆପଣମାନଙ୍କ ସହିତ ଅଛି। ନୂତନ ଓଡ଼ିଶା ସ୍ୱପ୍ନ ଖୁବ ଶୀଘ୍ର ପୂରଣ ହେବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ତାଳଚେର ସାର କାରଖାନାର ପୁନରୁଦ୍ଧାର ଦ୍ୱାରା ବେକାର ଯୁବତୀଯୁବକ ନିଯୁକ୍ତି ପାଇବା ସହ ରୋଜଗାର ବଢ଼ିବ। ଏ ଅଞ୍ଚଳ ଗଡ଼ଜାତ ଅଞ୍ଚଳ। ପବିତ୍ରମୋହନଙ୍କ ମାଟି। ନୂଆ ଉତ୍ସାହ ଦେବା ପାଇଁ ପ୍ରଧାନମନ୍ତ୍ରୀ ଏଠାକୁ ଆସିଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଦଳର ରାଷ୍ଟ୍ରୀୟ ପ୍ରଭାରୀ ଅରୁଣ ସିଂହ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବିଶ୍ୱଭୂଷଣ ହରିଚନ୍ଦନ, କନକବର୍ଦ୍ଧନ ସିଂହଦେଓ, ସୁରମା ପାଢ଼ୀ, ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ପ୍ରତାପ ଷଡଙ୍ଗୀ, ଭାଗୀରଥି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଦଳୀୟ କର୍ମୀ ଯୋଗ ଦେଇଥିଲେ।



ତାଳଚେର ବକ୍ସି ଜଗବନ୍ଧୁ ଷ୍ଟାଡିୟମରେ ଶନିବାର ଆୟୋଜିତ ସାଧାରଣ ସଭାରେ ଦଳୀୟ କର୍ମୀମାନେ।



ଦଳୀୟ ସମାବେଶକୁ ଆସୁଥିବା କର୍ମୀମାନେ।

## ତାଳଚେରରେ କ’ଣ କହିଲେ ମୋଦି

### ଆରମ୍ଭ, ଶେଷରେ ପରିବର୍ତ୍ତନ ଇସାରା

ଭାଜପା ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୋଲାଖୋଲି କହି ନ ଥିଲେ ମଧ୍ୟ ଭାଷଣ ପ୍ରସଙ୍ଗରେ ଓଡ଼ିଶାରେ ସରକାର ପରିବର୍ତ୍ତନ ପାଇଁ ଜନସମୂହକୁ ଇସାରା କରିଥିଲେ। ଅଭିଭାଷଣ ଆରମ୍ଭ ଓ ଶେଷରେ ସେ ବେଶ୍ ଚତୁରତାର ସହ ତାଙ୍କ ମନୋଭାବକୁ ସାଧାରଣ ଜନତାର ମନୋଭାବ ବୋଲି ଦର୍ଶାଇଥିଲେ। ସେ କହିଥିଲେ, ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶା ଆସିଥିଲେ। ୨୦୧୪ ଲୋକ ସଭା ନିର୍ବାଚନ ବେଳେ ମଧ୍ୟ ପ୍ରଚାର ପାଇଁ ଏଠାକୁ ଆସିଥିଲେ। ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ ବି ସେ ଅନେକଥର ଓଡ଼ିଶା ଆସିଛନ୍ତି। ହେଲେ ପ୍ରତିଥର ତାଙ୍କ ସଭାରେ ପୂର୍ବାପେକ୍ଷା ଅଧିକ ଜନସମାଗମ ହେଉଥିଲେ ହେଁ ତାଳଚେରସ୍ଥିତ ଆଜିର ସଭା ସବୁ ରେକର୍ଡକୁ ଭାଙ୍ଗି ଦେଇଛି। ଏହି ବିରାଟ ଜନସମୁଦ୍ର, ଏପରି ଉତ୍ସାହ ଓଡ଼ିଶାର ଜନସାଧାରଣ କ’ଣ ଚିନ୍ତା କରୁଛନ୍ତି ତାହାର ଉଦାହରଣ ଦେଉଛି। ଓଡ଼ିଶାର ଲୋକଙ୍କ ମନରେ କ’ଣ ଅଛି ତାହା ସଫା ସଫା ଦେଖାଯାଉଛି। ସେହିପରି ମଞ୍ଚରୁ ବିଦାୟ ନେବା ପୂର୍ବରୁ ମଧ୍ୟ ସେ ପରିବର୍ତ୍ତନର ପୁନଃ ଇସାରା ଦେବାକୁ ଭୁଲି ନ ଥିଲେ। ଶେଷରେ କହିଥିଲେ, ଆପଣମାନଙ୍କ ଆଶୀର୍ବାଦରୁ ଓଡ଼ିଶା ବି ଦେଶ ବିକାଶରେ କାନ୍ଧକୁ କାନ୍ଧ ମିଳାଇ ଚାଲିବାକୁ ପ୍ରସ୍ତୁତ ଅଛି। ହେଲେ ପ୍ରତିବନ୍ଧକ, ସମସ୍ୟା କ’ଣ ତାହା କହିବାର ଆବଶ୍ୟକତା ନାହିଁ। ଭାଜପା ସପକ୍ଷରେ ଆପଣଙ୍କ ଏପରି ସମର୍ଥନ ଦର୍ଶାଉଛି ଯେ ନୂଆ ଓଡ଼ିଶାର ସ୍ୱପ୍ନକୁ ଆପଣମାନେ ଶୀଘ୍ର ପୂରଣ କରିବାକୁ ଚାହାନ୍ତି। ବୋଲି ମୋଦି କହିଥିଲେ।

### ହିଙ୍ଗୁଳା ନିଆଁରୁ ପ୍ରଜାମଣ୍ଡଳ ଆନ୍ଦୋଳନ ଯାଏ

ଜଗନ୍ନାଥଙ୍କ ନାମ ନେଇ ଭାଷଣ ଆରମ୍ଭ କରିଥିବା ମୋଦି ତାଳଚେର ତଥା ଅବିଭକ୍ତ ଢେଙ୍କାନାଳର ଧର୍ମ, ସଂସ୍କୃତି, ସଂଗ୍ରାମ, ଇତିହାସ ଉପରେ ଅନେକ କଥା କହିଥିଲେ। ବିଶେଷକରି ମା’ ହିଙ୍ଗୁଳା ଓ ସ୍ୱାଧୀନତା ପୂର୍ବ ପ୍ରଜାମଣ୍ଡଳ ଆନ୍ଦୋଳନ ସମ୍ପର୍କରେ ସେ ବିଶେଷ ତଥ୍ୟ ରଖିଥିଲେ। ସେ କହିଥିଲେ, ସ୍ୱୟଂ ଜଗନ୍ନାଥଙ୍କ ରୋଷଶାଳାର ଅଗ୍ନି ହେଉଛନ୍ତି ମା’ ହିଙ୍ଗୁଳା। ତାଙ୍କ ସହ ପ୍ରଭୁ ଗଣେଶଙ୍କ ଆଶୀର୍ବାଦ ତାଳଚେର ପ୍ରତି ରହିଛି। ସେଥିପାଇଁ ଏହି ପବିତ୍ର ମାଟି ତଳେ ପ୍ରାକୃତିକ ସମ୍ପଦ ଭରପୂର ରହିଛି। ଏହି ମାଟିରେ ଅନେକ ପରାକ୍ରମୀ ବୀର ଜନ୍ମ ନେଇଛନ୍ତି। ମହାନ୍ ନେତା ପବିତ୍ରମୋହନ ପ୍ରଧାନଙ୍କ ନେତୃତ୍ୱ ଓ ପ୍ରଜାମଣ୍ଡଳ ଆନ୍ଦୋଳନର କାହାଣୀ ଆଜି ବି ପ୍ରେରଣା ହୋଇ ରହିଛି। ଏହି ଆନ୍ଦୋଳନର ବାନର ସେନା ସାଜିଥିବା ବାଳକ ବାଜି ରାଉତ ଏକ ପରାକ୍ରମ ଓ ସାହସର ଉଦାହରଣ। ସେହିପରି ବୀର ମହେଶ୍ୱର ସୁବାହୁ ସିଂ, ସାରଙ୍ଗଧର ଦାସ, ଦାଶରଥ ପାଣି, ବୈଷ୍ଣବ ପଟ୍ଟନାୟକ, ମୂଷା ମଲିକ ଓ ରାଜା ସୋମନାଥ ସିଂହ ଜଗଦ୍ଦେବଙ୍କ ଆଶୀର୍ବାଦରୁ ଏହି ସାର କାରଖାନା ରାଷ୍ଟ୍ର ନିର୍ମାଣରେ ପ୍ରମୁଖ ଭୂମିକା ନେବ ବୋଲି ମୋଦି କହିଥିଲେ।

### ଅସଫଳତା, ସଫଳତାର ପ୍ରତୀକ

ଅଭିଭାଷଣ ବେଳେ ପୂର୍ବ ୟୁପିଏ ସରକାରଙ୍କୁ ମୋଦି ଟାର୍ଗେଟ କରିଥିଲେ। ସେ କହିଥିଲେ, ତାଳଚେର ସାର କାରଖାନା ପୂର୍ବ ସରକାରଙ୍କ ଅସଫଳତାର ପ୍ରତୀକ। ଏଠିକାର ଲୋକେ ଜାଣନ୍ତି କେମିତି ଏ କାରଖାନା ସେମାନଙ୍କ ଜୀବନର ପ୍ରମୁଖ ଅଙ୍ଗ ପାଲଟିଥିଲା। କିନ୍ତୁ ପୂର୍ବ ସରକାରଙ୍କ ନୀତି ଓ ଆଭିମୁଖ୍ୟ, ଲକ୍ଷ୍ୟ ଠିକ୍ ନ ଥିବାରୁ ଏହା ବନ୍ଦ ହୋଇଗଲା। ୨୦୦୦ ମସିହାରେ ଏହାର ପୁନରୁଦ୍ଧାର ପାଇଁ ଯୋଜନା ହୋଇଥିଲେ ବି ତାହା କେବଳ କାଗଜକଲମରେ ରହିଯାଇଥିଲା। ହେଲେ ଭାଜପା କ୍ଷମତାକୁ ଆସିବା ପରେ ଉକ୍ତ ପ୍ରକ୍ରିୟା ଜୋର୍ ଧରିଥିଲା। ଏବେ ଏହି କାରଖାନା ଭାଜପା ସରକାରଙ୍କ ସଫଳତାର ପ୍ରତୀକ ହୋଇ ରହିବ, ଏ ବିଶ୍ୱାସ ଦେଉଛି ବୋଲି ମୋଦି ଆଶ୍ୱାସନା ଦେଇଥିଲେ।

### ଆୟୁଷ୍ମାନ୍ ପାଇଁ କାହିଁକି ଅବୁଝା

ଆସନ୍ତା ରବିବାରଠାରୁ ଭାରତ ସରକାର ପୂରା ଦେଶ ପାଇଁ ଏକ ବିରାଟ ସ୍ୱାସ୍ଥ୍ୟ ଯୋଜନାର ଶୁଭାରମ୍ଭ କରୁଛନ୍ତି। ଆୟୁଷ୍ମାନ୍ ଭାରତ ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଝାଡ଼ଖଣ୍ଡରୁ ଆରମ୍ଭ ହେବାକୁ ଯାଉଛି। ଦେଶର ୧୦ କୋଟି ଗରିବ ପରିବାର ଅର୍ଥାତ୍ ୫୦ କୋଟି ଲୋକଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ଲେଖାଏ ସ୍ୱାସ୍ଥ୍ୟବୀମାର ସୁବିଧା ମିଳିବ। ଅଧିକାଂଶ ରାଜ୍ୟ ଏହି ଯୋଜନାରେ ଯୋଡ଼ି ହୋଇସାରିଛନ୍ତି। ଓଡ଼ିଶାର ଗରିବ ପରିବାରକୁ ମଧ୍ୟ ଏହାର ଫାଇଦା ମିଳିବା ଜରୁରୀ। ଏଥିପାଇଁ ଓଡ଼ିଶା ସରକାର ଆଗେଇ ଆସିବା କଥା। ହେଲେ ଆମ ନବୀନ ବାବୁ କାହିଁକି ଏହା ବୁଝିପାରୁନାହାନ୍ତି ତାହା ବୁଝାପଡୁନି। ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ, ସହାୟତା ପାଇଁ ଆୟୁଷ୍ମାନ୍ ଭାରତ ଯୋଜନାରେ ଯୋଡ଼ି ହେବାକୁ ଏଠାରୁ ମିତ୍ର ନବୀନ ବାବୁଙ୍କୁ ପୁଣି ଆମନ୍ତ୍ରଣ କରୁଛି ବୋଲି ମୋଦି ଆହ୍ୱାନ ଦେଇଥିଲେ।

### ଶିଳାନ୍ୟାସ କଲି, ଉଦ୍‌ଘାଟନ କରିବି

ଏଫ୍‌ସିଆଇରୁ ସାଧାରଣ ସଭା ଯାଏ ମୋଦି ବାରମ୍ବାର ଦୋହରାଇଥିଲେ ସାର କାରଖାନାର ଶିଳାନ୍ୟାସ ଓ ଉଦ୍‌ଘାଟନର କଥା। କହିଥିଲେ, ଆଜି ଏହାର ଶିଳାନ୍ୟାସ କରୁଛି। ଆସନ୍ତା ୩୬ ମାସ ମଧ୍ୟରେ କାରଖାନା କାର୍ଯ୍ୟକ୍ଷମ ହେବ। ସେତେବେଳେ ବି ଆସିବି ଏହାକୁ ଉଦ୍‌ଘାଟନ କରିବାକୁ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ମୋଦିଙ୍କ ଏପରି ଭବିଷ୍ୟବାଣୀ ୨୦୧୯ ନିର୍ବାଚନ ପରେ ବି ଯେ ଭାଜପା ସରକାର ରହିବ ତାହାକୁ ଇଙ୍ଗିତ କରୁଛି।




ଝାରସୁଗୁଡ଼ା ଅମଲିପାଲିରେ ଭାଜପାର ବିଶାଳ ଜନସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଦଳୀୟ ନେତାମାନେ।

## ଝାରସୁଗୁଡ଼ା ଭାଜପା ସମାବେଶ



ସମାବେଶରେ ଉପସ୍ଥିତ ଭାଜପା କର୍ମୀ ଓ ଜନସାଧାରଣ।

### ମୋଦିଙ୍କୁ ସମ୍ବଲପୁରୀ ଜ୍ୟାକେଟ୍

**ଝାରସୁଗୁଡ଼ା ଅଫିସ୍,୨୨।୯:** ଝାରସୁଗୁଡ଼ା ଅମଲିପାଲିଠାରେ ଭାଜପା ପକ୍ଷରୁ ଆୟୋଜିତ ବିଶାଳ ଜନ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜ୍ୟ ନେତୃବୃନ୍ଦ ଏକ ସମ୍ବଲପୁରୀ ଡିଜାଇନ୍‌ର ଜ୍ୟାକେଟ୍ ପିନ୍ଧାଇଥିଲେ। ପରେ ଦଳୀୟ କର୍ମକର୍ତ୍ତାମାନେ ବିରାଟ ପୁଷ୍ପମାଲ୍ୟ ଦେଇ ମୋଦିଙ୍କୁ ସ୍ୱାଗତ କରିଥିଲେ। ମା’ ସମଲେଶ୍ୱରୀଙ୍କୁ ମୋ ମା’ କହି ପ୍ରଧାନମନ୍ତ୍ରୀ ସମ୍ବୋଧନ କରିଥିଲେ। ଅଭିଭାଷଣ ମାଧ୍ୟମରେ ମୋଦି ବୀରସୁରେନ୍ଦ୍ର ସାଏ, ଗଙ୍ଗାଧର ମେହେର, ପାର୍ବତୀ ଗିରି ପ୍ରମୁଖ ମହାମନିଷୀଙ୍କ ନାଁ ନେଇଥିଲେ। ମୋଦିଙ୍କ ଏହି ଶୈଳୀକୁ ଉପସ୍ଥିତ ଜନତା ଖୁବ୍ ପସନ୍ଦ କରିଥିଲେ।

### ଓଡ଼ିଶା ଭାଜପା ନେତା ଖୁସ୍

ଓଡ଼ିଶାର ଭାଜପା ନେତାମାନେ ରାଜ୍ୟ ସରକାରଙ୍କୁ ପ୍ରବଳ ସମାଲୋଚନା କରିଥାନ୍ତି। ହେଲେ ପ୍ରଧାନମନ୍ତ୍ରୀ ମୋଦି କେବେ ସିଧାସଳଖ ଆକ୍ରମଣ କରନ୍ତିନାହିଁ।ହେଲେଶନିବାରସଭାରେମୋଦିରାଜ୍ୟସରକାରଙ୍କୁସିଧାସଳଖ ଆକ୍ରମଣ କରିଥିଲେ। ଯାହା ରାଜ୍ୟ ଭାଜପା ନେତାଙ୍କୁ ଖୁସ୍ କରାଇଥିଲା।

### ଦାମଙ୍କ କଥା କହିଲେ ପ୍ରଦୀପ

ନିକଟରେ ବିଜେଡିରୁ ବହିଷ୍କୃତ ହୋଇଥିବା ଡା. ଦାମୋଦର ରାଉତଙ୍କ ପ୍ରସଙ୍ଗ ବି ବେଶ୍ ଜମିଥିଲା। ପ୍ରଧାନମନ୍ତ୍ରୀ ଆସିବା ପୂର୍ବରୁ ଭାଜପା ବିଧାୟକ ପ୍ରଦୀପ ପୁରୋହିତ ନିଜ ବକ୍ତବ୍ୟରେ ଦାମଙ୍କ କଥା କହିଥିଲେ। ଦାମବାବୁ ଜଣେ ଅଭିଜ୍ଞ ନେତା। ସେ ଦୁର୍ନୀତି ଅଭିଯୋଗ ଆଣିବାରୁ ତାଙ୍କୁ ପ୍ରଥମେ ମନ୍ତ୍ରୀପଦ ଏବଂ ପରେ ଦଳରୁ ବହିଷ୍କାର କରାଯାଇଥିବା ପୁରୋହିତ କହିଥିଲେ। ସେହିପରି ମୋଦି ନିଜ ଭାଷଣରେ ଚାରା, ପାଉଚ୍ ଇତ୍ୟାଦି ଦୁର୍ନୀତି ପ୍ରସଙ୍ଗ ଉଠାଇବା ପରେ ଜନସାଧାରଣ ଉତ୍ସାହିତ ହୋଇଥିଲେ।

### ଭିଡ଼ ଲକ୍ଷେ ଟପିଛି

ସମାବେଶରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀ ଆସିଥିଲେ। ଝାରସୁଗଡ଼ା ସମେତ ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର ଆଦି ଜିଲାରୁ ବହୁ ଲୋକ ଆସିଥିଲେ। ଏପରିକି ଲୋକସଂଖ୍ୟା ଲକ୍ଷେ ଟପିଛି ବୋଲି କେତେଜଣ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ପାରାଦୀପ ପରେ ଝାରସୁଗୁଡ଼ା ସଭାରେ ଭଲ ଲୋକ ହୋଇଥିଲେ ବୋଲି ଭାଜପା ନେତାମାନେ ମତ ରଖିଛନ୍ତି।

### ଭିଡ଼ ଭିତରେ କୋଶଳ ଦାବି

ପ୍ରଧାନମନ୍ତ୍ରୀଙ୍କ ରାଲିରେ ହାତଗଣତି କେତେଜଣ ଯୁବକ ହାତରେ ‘କୋଶଳ ରାଜ୍ୟ ଆମର ଦାବି’ ଲେଖାଥିବା ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ହେଲେ ଲୋକେ ଏହି ପ୍ରସଙ୍ଗ ଅପେକ୍ଷା ମୋଦିଙ୍କ ଭାଷଣକୁ ଅଧିକ ନଜର ଦେଇଥିଲେ। ମୋଦି ଯିବା ପରେ ଉକ୍ତ ଯୁବକମାନେ ନାରା ଦେଇଥିଲେ।

## ବିମାନବନ୍ଦର ଲୋକାର୍ପଣ : ପ୍ରତୀକ୍ଷାର ଅବସାନ

- ଆଜି ପଶ୍ଚିମ ଓଡ଼ିଶା ପାଇଁ ଐତିହାସିକ ଦିନ। କାରଣ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ନାମକରଣ ଏବଂ ଲୋକାର୍ପଣ ହୋଇଛି। ଲୋକଙ୍କ ଦୀର୍ଘଦିନର ପ୍ରତୀକ୍ଷାର ଅବସାନ ଘଟିଛି। ଏଠାରୁ ଦେଶର ବିଭିନ୍ନ ସହରକୁ ବିମାନ ଯୋଗାଯୋଗ ହୋଇପାରିବ। ଲୋକେ ବିମାନ ସେବାର ସୁବିଧା ପାଇବେ। ଏହାଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଶିଳ୍ପର ବିକାଶ ହେବ।
  –ଡା. ପ୍ରଭାସ କୁମାର ସିଂ, ଏମ୍‌ପି, ବରଗଡ଼
- ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଖୁସିର ଦିନ। ବିମାନବନ୍ଦର ଉଦ୍‌ଘାଟନ ହୋଇଥିବାରୁ ପୂର୍ବର କେନ୍ଦ୍ର ସରକାର, ଏବେକାର କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କୁ ଧନ୍ୟବାଦ। ୨୦୧୧ରେ କାମ ଆରମ୍ଭ ହୋଇ ୨୦୧୮ରେ ଏହା ଉଦ୍‌ଘାଟିତ ହେଲା। ଲୋକଙ୍କ ଦାବି ମୁତାବକ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ବିମାନବନ୍ଦର ନାମିତ ହୋଇଥିବାରୁ ପଶ୍ଚିମ ଓଡ଼ିଶାବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ।
  –ନବ କିଶୋର ଦାସ, ଝାରସୁଗୁଡ଼ା ବିଧାୟକ
- କଳାକାରମାନେ ନିୟମିତ ଭାବେ କଳା ପ୍ରଦର୍ଶନ ପାଇଁ ରାଜ୍ୟ ବାହାରକୁ ଯାଇଥାନ୍ତି। ପୂର୍ବରୁ ଭୁବନେଶ୍ୱର କିମ୍ବା ରାୟପୁର ବିମାନବନ୍ଦର ଉପରେ ନିର୍ଭର କରିବାକୁ ପଡୁଥିଲା। ଏହି ବିମାନବନ୍ଦରର ଉଦ୍‌ଘାଟନ ପରେ କଳାକାରମାନେ ସୁବିଧାରେ ଯାତ୍ରା କରିପାରିବେ।
  –ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ସମ୍ବଲପୁରୀ କଣ୍ଠଶିଳ୍ପୀ



ଝାରସୁଗୁଡାରୁ ଶନିବାର ପ୍ରଥମେ ବିମାନରେ ରାୟପୁର ଯାଇଥିବା ଆଶ୍ରମ ସ୍କୁଲର ଛାତ୍ରୀଛାତ୍ର।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ସେପ୍ଟେମ୍ବର, ୨୦୧୮



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରା



## ସଂକ୍ଷେପରେ

### ଯୁକ୍ତ୨ ପତ୍ରବିନିମୟ ପାଠ୍ୟକ୍ରମରେ ନାମ ଲେଖାଯିବ

**ଭୁବନେଶ୍ୱର, ୨୨।୯(ବ୍ୟୁରୋ):** ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ଯୁକ୍ତ୨ କଳା ଏବଂ ବାଣିଜ୍ୟ ବିଭାଗରେ କରେସ୍ପଣ୍ଡେନ୍ସ(ପତ୍ରବିନିମୟ) ପାଠ୍ୟକ୍ରମରେ ଛାତ୍ରୀଛାତ୍ର ନାମ ଲେଖାଇବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଶନିବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସୁନ୍ଦରଲାଲ ସିଲ୍ ଏନେଇ ସାମସ୍ ରିର୍ସୋସ ସେଣ୍ଟର ଅଧକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ପାଠ୍ୟକ୍ରମର ଅନ୍‌ଲାଇନ୍ ଆଡମିଶନ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶକ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ୮୦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଏଠାରେ ଏହି ପାଠ୍ୟକ୍ରମରେ ଛାତ୍ରୀଛାତ୍ରମାନେ ନାମ ଲେଖାଇପାରିବେ।

### ଯୁବତୀଙ୍କୁ ପ୍ରତାରଣା, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୨।୯(ବ୍ୟୁରୋ):** ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ମଞ୍ଚେଶ୍ୱର ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦୁଝର ଜିଲାର ଉମର ହିମାଜୁଦ୍ଦିନ ସାଟ(୨୮)। ସୂଚନା ମୁତାବକ, ସୁନ୍ଦରଗଡ ଜିଲା ଝାରସୁଗୁଡା ଅଞ୍ଚଳର ଜଣେ ଯୁବତୀ ଭୁବନେଶ୍ୱର ଆସିବା ପରେ ଉମରଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା। ଉଭୟେ ମିଶି ପଟିଆରେ ଏକ ସଂସ୍ଥା ଖୋଲିଥିଲେ। କିଛିଦିନ ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଉଭୟେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ପଟିଆ ଅଞ୍ଚଳରେ ଏକ ଘରଭଡ଼ା ନେଇ ଏକାଠି ରହିଥିଲେ। ଏହି ସମୟରେ ଉମର ଉକ୍ତ ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ସେ ଯୁବତୀଙ୍କୁ ବିବାହ ନ କରି ତାଙ୍କଠାରୁ ଦୂରେଇ ଯାଇଥିଲେ। ଏ ନେଇ ଯୁବତୀ ଜଣକ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୪୬୩/୧୮) ରୁଜୁ କରିବା ସହ ଶନିବାର ଉମରଙ୍କୁ ଗିରଫ କରିଛି।

## ଏନ୍‌ଏସ୍‌ଜି ସୁପାରିସ କାର୍ଯ୍ୟକାରୀ ହୋଇପାରିଲାନି

# ଶ୍ରୀମନ୍ଦିର ଉପରେ ଆସିପାରେ ବଡ଼ ବିପଦ

- ସବୁଆଡ଼େ ସୁରକ୍ଷା, ଯାଞ୍ଚ ଢ଼ିଲା
- କାର୍ଯ୍ୟରେ ଆସୁନି ୱାଚ୍ ଟାୱାର
- ଘଟଣା ଘଟିବା ପରେ ପଶିବ ଚେତା

**ପୁରୀ ଅଫିସ,୨୨।୯**

ଦେଶର ସମ୍ବେଦନଶୀଳ ସ୍ଥାନ ତାଲିକାରେ ରହିଛି ଶ୍ରୀମନ୍ଦିର। ଆତଙ୍କବାଦୀଙ୍କ ଟାର୍ଗେଟରେ ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିର ରହିଥିବା କୁହାଯାଉଛି। ଏଥିପାଇଁ ସୁରକ୍ଷା ଯାଞ୍ଚବେଳେ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି) ଟିମ୍ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଏକାଧିକ ସୁପାରିସ କରିଥିଲେ। ଇତିମଧ୍ୟରେ ୧ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ସୁପାରିସଗୁଡ଼ିକ କାର୍ଯ୍ୟକାରୀ କରାଯାଇନାହିଁ। ବରଂ ଶ୍ରୀମନ୍ଦିର ସୁରକ୍ଷା ସ୍ଥିତି ପୂର୍ବପେକ୍ଷା ବିଗିଡ଼ିଯାଇଛି। ସୁପ୍ରିମକୋର୍ଟଙ୍କ ରାୟରେ ଘାଣ୍ଟିଚକଟି ହୋଇପଡ଼ିଥିବା ପ୍ରଶାସନ ସୁରକ୍ଷା ପ୍ରସଙ୍ଗକୁ ସମ୍ପୂର୍ଣ୍ଣ ଭୁଲିଯାଇଛି। ଏଭଳି ସ୍ଥିତିରେ ପୁଣିଥରେ ଶ୍ରୀମନ୍ଦିର ସୁରକ୍ଷା ଅନୁଧ୍ୟାନରେ ଏନ୍‌ଏସ୍‌ଜି ଆସୁଥିବାରୁ କିଛି ବଡ଼ ବିପଦ ଆଶଙ୍କା ରହିଥିବା ଚର୍ଚ୍ଚା ଚାଲିଛି।

୨୦୧୩ରେ ଇଣ୍ଡିଆନ ମୁଜାହିଦ୍ଦିନର ୨ ଆତଙ୍କବାଦୀ ପୁରୀ ବୁଲିବାକୁ ଆସି ବିଭିନ୍ନ ହୋଟେଲରେ ରହିଥିଲେ। ଦିଲ୍ଲୀରେ ଧରାପଡ଼ିଥିବା ଜଣେ ଆତଙ୍କବାଦୀ ଏ ସଂକ୍ରାନ୍ତରେ ବୟାନ ଦେବା ପରେ ଆଲୋଡନ ସୃଷ୍ଟି ହୋଇଥିଲା। ଏହାପରଠାରୁ ଶ୍ରୀମନ୍ଦିର ସୁରକ୍ଷା ନେଇ ଉଠିଛି ବଡ଼ପ୍ରଶ୍ନ। ୨୦୧୭ ଅଗଷ୍ଟ ୨୬ରେ ଏନ୍‌ଏସ୍‌ଜିର ୩ଜଣିଆ ଟିମ୍ ଶ୍ରୀମନ୍ଦିର ଆସି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଏହାର ୨ମାସ ପରେ ଶ୍ରୀମନ୍ଦିର ସୁରକ୍ଷା ନେଇ ଏନ୍‌ଏସ୍‌ଜି ରାଜ୍ୟ ସରକାରଙ୍କୁ କେତେକ ସୁପାରିସ ଦେଇଥିଲେ। ଶ୍ରୀମନ୍ଦିର ସେବାୟତ ଓ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ, ଶ୍ରୀମନ୍ଦିର ପ୍ରବେଶପଥରେ ଯାଞ୍ଚକୁ କଡ଼ାକଡ଼ି କରିବା ଲାଗି ମେଟାଲ ଡିଟେକ୍ଟର ଓ ସ୍କାନର ବ୍ୟବସ୍ଥା ସହ ଶ୍ରୀମନ୍ଦିର ଭିତରରେ ଅଧିକ ଫୋର୍ସ ମୁତୟନ ଲାଗି ସୁପାରିସ ରହିଥିଲା। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ରହିଥିବା ୪ଟି ୱାଚ୍ ଟାୱାରକୁ ସୁଦୃଢ଼ୀକରଣ କରିବା ସହ ଶ୍ରୀମନ୍ଦିର ପ୍ରବେଶ ଓ ପ୍ରସ୍ଥାନକୁ ଅଲଗା କରିବା ଲାଗି ଏନ୍‌ଏସ୍‌ଜି କହିଥିଲା। ଏହାସହିତ ମେଘନାଦ ପାଚେରିକୁ ଲାଗିରହିଥିବା ଦୋକାନ ଓ ବିଭିନ୍ନ ଗୃହକୁ ହଟାଇବାକୁ ସୁପାରିସ ଥିଲା।

କିନ୍ତୁ ବର୍ତ୍ତମାନର ବିପର୍ଯ୍ୟସ୍ତ ସୁରକ୍ଷା ସ୍ଥିତିକୁ ଦେଖିଲେ ଶ୍ରୀମନ୍ଦିର ପ୍ରତି ବଡ଼ ବିପଦ ଆଶଙ୍କାକୁ ଏଡାଇ ଦେଇହେବନି। ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ନିକଟରେ ବ୍ୟାଗେଜ ସ୍କାନର ଖଞ୍ଜାଯାଇଛି। ମାତ୍ର ଉକ୍ତ ସ୍କାନର ଲଗାଯାଇଥିବା କକ୍ଷରେ ତାଲା ଝୁଲୁଛି। ଏହା ନିକଟ ମେଘନାଦ ପାଚେରିକୁ ଲାଗି ଜୋତାଷ୍ଟାଣ୍ଡକୁ ହଟାଯାଉନାହିଁ। ସେହିପରି ଏହି ପାଚେରିକୁ ଲାଗି ଏକାଧିକ ଖଜା ଦୋକାନ ଓ ଜୋତାଷ୍ଟାଣ୍ଡ ଆଦି ରହିଛି। ଏନ୍‌ଏସ୍‌ଜି ସୁପାରିସ ପରେ ଶ୍ରୀମନ୍ଦିର ପାଚେରିକୁ ଲାଗି ରହିଥିବା ୨୬ଟି ଦୋକାନ ଗୃହକୁ ଉଚ୍ଛେଦ ପାଇଁ ପୁରୀ ପୋଲିସ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। କିନ୍ତୁ ଜଣେ ଦୋକାନୀ ହାଇକୋର୍ଟରୁ ସ୍ଥଗିତାଦେଶ ଆଣିବା ପରେ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ହୋଇ ଯାଇଛି। ଏଥିସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଉଠାଦୋକାନ ମଧ୍ୟ ବୃଦ୍ଧିପାଇବାରେ ଲାଗିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି, ଶ୍ରୀମନ୍ଦିର ସୂଚନା ଅଧିକାରୀ ଓ ସେବାୟତଙ୍କୁ ମନ୍ଦିର ମଧ୍ୟକୁ ସାଧାରଣ ମୋବାଇଲ ଫୋନ ନେବା ପାଇଁ ଅନୁମତି ରହିଥିବାବେଳେ ଆଣ୍ଡ୍ରଏଡ୍ ମୋବାଇଲ ଫୋନ ଭିତରକୁ ଯାଉଛି। ଭକ୍ତଙ୍କ ପାଇଁ ମୋବାଇଲ୍ ଫୋନ୍ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ମାତ୍ର ଅନେକ ସମୟରେ ଶ୍ରୀମନ୍ଦିର ଭିତରକୁ ଭକ୍ତ ମୋବାଇଲ୍ ଫୋନ୍ ନେଇ ଧରାପଡୁଥିବା ନଜିର ରହିଛି। ଏହା ଶ୍ରୀମନ୍ଦିରରେ ଚାରିଦ୍ୱାରରେ ରହିଥିବା ଯାଞ୍ଚ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଅନ୍ୟପକ୍ଷରେ, ଶ୍ରୀମନ୍ଦିରକୁ ଲାଗି ରହିଛି ସିଂହଦ୍ୱାର ଥାନା। ଏହା ଦେଶର ସର୍ବବୃହତ ଥାନା କୁହାଯାଉଥିଲେ ମଧ୍ୟ ଅଧିକାଂଶ ପଦବୀ ଖାଲି ପଡ଼ିଛି। ପୁଣି ଏହି ଥାନା ମଧ୍ୟ ଏକ ମଠଘରେ ଭଡାରେ ଚାଲିଛି। ଶ୍ରୀମନ୍ଦିରର ଚାରିଦ୍ୱାରରେ ସଶସ୍ତ୍ର ବାହିନୀକୁ ମୁତୟନ କରାଯାଇଛି। କିନ୍ତୁ ଚତୁଃପାର୍ଶ୍ୱରେ ରହିଥିବା ୪ଟି ୱାଚ୍ ଟାୱାର ଅବସ୍ଥାକୁ ଦେଖିଲେ ଶ୍ରୀମନ୍ଦିରର ସୁରକ୍ଷାର ସ୍ଥିତି ବାରି ହୋଇପଡୁଛି। ୱାଚ୍ ଟାୱାରକୁ ଅତ୍ୟାଧୁନିକ ଶୈଳୀରେ ନବୀକରଣ ଲାଗି ଜଷ୍ଟିସ ବି.ପି.ଦାସ କମିଶନ ସୁପାରିସ କରିଥିଲେ ମଧ୍ୟ ସେଥିପ୍ରତି ଗୁରୁତ୍ୱ ଦିଆଯାଇନି। ଏପରିସ୍ଥଳେ ଶ୍ରୀମନ୍ଦିର ପରିସରକୁ ଅସ୍ତ୍ରଶସ୍ତ୍ର ଯିବା ପରମ୍ପରା ବିରୋଧୀ ହୋଇଥିବାରୁ ବାହ୍ୟ ସୁରକ୍ଷାକୁ ସୁଦୃଢ଼ କରାଯିବା ଜରୁରୀ ହୋଇପଡ଼ିଛି।



ସୁରକ୍ଷା କାର୍ଯ୍ୟରେ ଲାଗୁ ନ ଥିବା ୱାଚ୍ ଟାୱାର।

### ଆଜି ଆସୁଛି ଏନ୍‌ଏସ୍‌ଜି ଟିମ୍: ୨୪ରୁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ

**ପୁରୀ ଅଫିସ,୨୨।୯:** ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପାଇଁ ପୁଣି ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି)ର ଏକ ୩ଜଣିଆ ଟିମ୍ ଆସନ୍ତା ୨୩ ତାରିଖରେ ପୁରୀ ଆସୁଛନ୍ତି। ୨୪ ଓ ୨୫ ତାରିଖ ଦୁଇ ଦିନ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ। ଏଥିନେଇ ଏନ୍‌ଏସ୍‌ଜି ପକ୍ଷରୁ ପୁରୀ ଜିଲାପାଳ ଓ ପୁରୀ ଏସ୍‌ପିଙ୍କୁ ଚିଠି ହୋଇଥିବା ଜଣାପଡିଛି। ୩ଜଣିଆ ଟିମ୍‌ରେ ଏନ୍‌ଏସ୍‌ଜିର କଲୋନେଲ୍ ଅନିଲ କୁମାର, ଆସିଷ୍ଟାଣ୍ଟ କମାଣ୍ଡର-୧ ସୁନୀଲ କୁମାର ସିଂ ଏବଂ କିରନ୍ ବୋଷ ରହିଛନ୍ତି।

## ଚର୍ଚ୍ଚାରେ ଆମିକସ୍ କ୍ୟୁରିଙ୍କ ବେଶ ପୋଷାକ



**ପୁରୀ ଅଫିସ,୨୨।୯**

ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଆସି ଶ୍ରୀମନ୍ଦିର ସଂସ୍କାର ମାମଲା ନେଇ ବିଭିନ୍ନ ପକ୍ଷଙ୍କଠାରୁ ମତ ସଂଗ୍ରହ କରିଛନ୍ତି। ତେବେ ଆମିକସ୍ କ୍ୟୁରିଙ୍କ ବେଶ ପୋଷାକ ପରିଧାନ ଏବଂ ପାଣ୍ଡିତ୍ୟକୁ ନେଇ ପୁରୀ ସହରରେ ଚର୍ଚ୍ଚା ଲାଗି ରହିଛି। ଅଧିକାଂଶ ସମୟ ପ୍ୟାଣ୍ଟ ଶାର୍ଟ ଏବଂ କଳା କୋଟ୍ ପିନ୍ଧୁଥିବା ସୁବ୍ରମଣ୍ୟମ୍ ପୁରୀରେ କାର୍ଯ୍ୟକ୍ରମ ଆରମ୍ଭ କରିବା ପରଠାରୁ ତାଙ୍କୁ ଭିନ୍ନ ପୋଷାକରେ ଦେଖିବାକୁ ମିଳିଥିଲା। ସର୍ବଦା ପାଟ, ଧୋତି, କୁର୍ତ୍ତାରେ ହିଁ ରହିଥିଲେ। ପ୍ରଥମଦିନ ଶୁକ୍ରବାର ପ୍ରତ୍ୟୁଷରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରବାକୁ ଗଲାବେଳେ ପାଟ ପରିଧାନ କରିଥିଲେ। ଲକ୍ଷ୍ମୀ ମନ୍ଦିରରେ ଦୀର୍ଘ ସମୟ ଧରି ସ୍ତୋତ୍ର ପାଠ ଦେଖି ଶ୍ରଦ୍ଧାଳୁମାନେ ବି ଚକିତ ହୋଇପଡିଥିଲେ। ଏହାପରେ ଶ୍ରୀମନ୍ଦିର ପ୍ରଶାସନ, ଶଙ୍କରାଚାର୍ଯ୍ୟ, ଗଜପତିଙ୍କ ସହ ଆଲୋଚନାବେଳେ ଏହିସବୁ ବସ୍ତ୍ରରେ ହିଁ ତାଙ୍କୁ ଦେଖିବାକୁ ପାଇଥିଲେ ସହରବାସୀ ଓ ପ୍ରଶାସନିକ ଅଧିକାରୀ। ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ୍ ସମୟରେ ତାଙ୍କୁ ମୁଣ୍ଡିଆ ମାରି ସମ୍ମାନ ଜଣାଇବା ସହ ଗୁରୁ ବନ୍ଦନା ବୋଲିଥିଲେ। ସେହିପରି ଏକାଧିକ ବୈଠକରେ ଶ୍ଳୋକ ଆବୃତ୍ତି କରି ବୁଝାଇବା ତାଙ୍କର ଥିଲା ଏକ ସ୍ୱତନ୍ତ୍ର କଳା। ଶନିବାର ଛତିଶା ନିଯୋଗ ବୈଠକରେ ପାଟ, ଉତ୍ତରୀୟ ପରିଧାନ କରି ସେବକଙ୍କ ସମ୍ମୁଖରେ ଅନର୍ଗଳ ଗୀତା, ଭାଗବତର ପଂକ୍ତି ଶୁଣାଇଥିଲେ। ଏଥିସହ ଜଗନ୍ନାଥ ସଂସ୍କୃତି ବିଷୟରେ ମଧ୍ୟ ବୁଝାଇଥିଲେ। ଏହିଭଳି ଏକ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ବିଭିନ୍ନ ପକ୍ଷଙ୍କଠାରୁ ମତ ସଂଗ୍ରହ କରିଥିଲେ ଆମିକସ୍ କ୍ୟୁରି ସୁବ୍ରମଣ୍ୟମ୍।

### ଦ୍ୱିତୀୟ ଥର ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ

ଶୁକ୍ରବାର ଗୋବର୍ଦ୍ଧନ ମଠକୁ ଯାଇ ଶଙ୍କରାଚାର୍ଯ୍ୟଙ୍କ ସହ ଶ୍ରୀମନ୍ଦିର ସଂସ୍କାର ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାୟ ୨ ଘଣ୍ଟା ଧରି ସେ ମଠରେ ରହିଥିଲେ। ଶନିବାର ଅପରାହ୍ନ ସାଢେ ୨ଟାରେ ପୁଣିଥରେ ଗୋବର୍ଦ୍ଧନ ମଠକୁ ଯାଇ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ୍ କରିଥିଲେ। ଏହି ଅବସରରେ ସେ ମଠରେ ପ୍ରସାଦ ସେବନ କରିଥିଲେ। ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଶ୍ରୀମନ୍ଦିରର ଧାର୍ମିକ ବ୍ୟବସ୍ଥା ଉପରେ ନିଜେ ଲେଖିଥିବା ୧୨୦ ପୃଷ୍ଠା ବିଶିଷ୍ଟ ଏକ ପୁସ୍ତକର ପାଣ୍ଡୁଲିପିକୁ ଆମିକସ୍‌କ୍ୟୁରିଙ୍କୁ ପ୍ରଦାନ କରିଥିଲେ।

## ଭୁବନେଶ୍ୱରରୁ ଚିଲିକା ଉପକୂଳକୁ ସ୍ଥାନାନ୍ତର ହେଉ ସିଡିଏ କାର୍ଯ୍ୟାଳୟ

**ଖୋର୍ଦ୍ଧା ଅଫିସ,୨୨।୯**

ଭୁବନେଶ୍ୱର ବିଜେବିନଗରରୁ ଚିଲିକା ଉପକୂଳକୁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ହେଉ ବୋଲି ଦାବି ଉଠିଲାଣି। ଏ ନେଇ ଚିଲିକା ମତ୍ସ୍ୟଜୀବୀ ସଂଘ ଦାବି ଉପସ୍ଥାପନ କରି ଯୁକ୍ତି ବାଢ଼ିଛି। ଆନ୍ତର୍ଜାତୀୟ ରାମସାର ମାନ୍ୟତା, ଇନ୍ଦିରାଗାନ୍ଧୀ ପର୍ଯ୍ୟାବରଣ ପୁରସ୍କାର ପାଇଥିବା ଏସିଆର ବୃହତ୍ତମ ଲୁଣା ହ୍ରଦ ଚିଲିକାର ଉନ୍ନତି ପାଇଁ ଏପରି ଦାବିର ଯଥାର୍ଥତା ରହିଛି। ବହୁ ଆନ୍ତର୍ଜାତୀୟ ପାଣ୍ଠି, ଅର୍ଥ କମିଶନ ଓ ହଜାର ହଜାର କୋଟି ଟଙ୍କା ଚିଲିକା ମତ୍ସ୍ୟଜୀବୀଙ୍କ ପାଇଁ ଆସୁଛି। ତେବେ ଏହି ଅନୁଦାନ ପାଶବର୍ତ୍ତୀ ଜିଲାରେ ଖର୍ଚ୍ଚ ହେଉଥିବାରୁ ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଏତଦ୍ ବ୍ୟତୀତ ସିଡିଏ ପରିଚାଳନା ପରିଷଦରେ କୌଣସି ମତ୍ସ୍ୟଜୀବୀ ପ୍ରତିନିଧି ସଦସ୍ୟ ନାନାନ୍ତି। ସେହିଭଳି ପକ୍ଷୀ ଓ ଡଲଫିନ୍ ଗଣନାରେ ମତ୍ସ୍ୟଜୀବୀଙ୍କୁ ସାମିଲ କରାଯିବା ଦାବି ରହିଛି।



# ମା' ଆସୁଛନ୍ତି

## ପୁରୁଣା ଷ୍ଟେଶନ ବଜାର ଦୁର୍ଗା ମଣ୍ଡପ

- ଚାନ୍ଦି ଅଳଙ୍କାରରେ ଝଟକିବେ ମା'
- ଲଗାଯିବ ୨୫ ସିସି କ୍ୟାମେରା



# ଶୋଭା ପାଇବ ବିଷ୍ଣୁଙ୍କ ନବଗୁଞ୍ଜର ତୋରଣ

**ପ୍ରଶାନ୍ତ ଦାସ**
**କଟକ ରୋଡ,୨୨।୯(ଡି.ଏନ୍.ଏ.)**

ଭୁବନେଶ୍ୱର ପୁରୁଣା ଷ୍ଟେଶନ ବଜାର ସାର୍ବଜନୀନ ଦୁର୍ଗାପୂଜା ସମିତି ୬୩ବର୍ଷରେ ପଦାର୍ପଣ କରୁଛି। ପ୍ରତିବର୍ଷ କିଛି ନୂଆ କରିବାର ପ୍ରୟାସ ଜାରି ରଖିଛି ଏହି ଦୁର୍ଗାପୂଜା ସମିତି। ପଶ୍ଚିମବଙ୍ଗ ଅଞ୍ଚଳର କାରିଗରଙ୍କ ଦ୍ୱାରା ବିଷ୍ଣୁଙ୍କ ନବଗୁଞ୍ଜର ତୋରଣ ଚଳିତଥର ଶୋଭାପାଇବ। ତୋରଣର ଉଚ୍ଚତା ୧୨୦ଫୁଟ ରହିଥିବା ବେଳେ ଚଉଡା ୬୦ଫୁଟ ରଖାଯାଇଛି ବୋଲି ଯୁଗ୍ମ ସମ୍ପାଦକ ରାଜୀବ ଚମ୍ପତି କହିଛନ୍ତି।

ଚଳିତବର୍ଷ ଜନସମାଗମକୁ ଦୃଷ୍ଟିରେ ରଖି ପୂଜା ସମିତି ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ପ୍ରବେଶ ଓ ପ୍ରସ୍ଥାନ ପଥ ରଖାଯିବ। ଟ୍ରାଫିକ ନିୟନ୍ତ୍ରଣ ସାଙ୍ଗକୁ ଶୃଙ୍ଖଳା ରକ୍ଷା ଦିଗରେ ୧୫୦ଜଣ ସ୍ୱେଚ୍ଛାସେବୀଙ୍କ ସହ ୨୫ଜଣ ମହିଳା ସ୍ୱେଚ୍ଛାସେବୀ ମଧ୍ୟ ନିୟୋଜିତ ହେବେ। ଏହା ସହ ପୂଜାମଣ୍ଡପରେ ୨୫ ସିସି କ୍ୟାମେରା ଲଗାଯିବ। ଅନ୍ୟପକ୍ଷରେ ୬ଟି ଏଲଇଡି ଆଲୋକ ଗେଟ କରାଯିବ।

ଚଳିତବର୍ଷ ପୂଜା ବଜେଟ ପାଇଁ ପ୍ରାୟ ୪୦ଲକ୍ଷ ଟଙ୍କା ରହିଥିବା ସମିତିର ଅନ୍ୟତମ ଯୁଗ୍ମ ସମ୍ପାଦକ ଧୀରେନ୍ଦ୍ର କୁମାର ବଳ କହିଛନ୍ତି। ଆଭ୍ୟନ୍ତରୀଣରେ ଦେବୀ ଦୁର୍ଗାଙ୍କ ଦଶ ଅବତାର ଅବିକଳ ନକଲ ସ୍ଥାନ ଦେବାକୁ ଚିନ୍ତା କରିଛନ୍ତି ଶିଳ୍ପୀ ସୁବାସ ବେହେରା। ୧୫ଫୁଟ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ହେବ। ପ୍ରାୟ ୨କୁଇଣ୍ଟାଲ ଓଜନର ଚାନ୍ଦିରେ ମା' ଦୁର୍ଗାଙ୍କ ମେଢ ସହ ଅନ୍ୟ ପାର୍ଶ୍ୱ ଦେବଦେବୀ ସଜ୍ଜିତ ହେବେ। ଏଥି ସହ ୧କେଜି ଓଜନର ସୁନା ଦେବୀଙ୍କ ମୁକୁଟ ତଥା ଅଳଙ୍କାର ଖଚିତ ହେବ। ଅଷ୍ଟମୀ ତିଥିରେ ମହିଳାଙ୍କ ପୂଜାର୍ଚ୍ଚନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରଖାଯାଇଛି। ଅଷ୍ଟମୀ ଓ ନବମୀ ତିଥିରେ ଚରୁ ଅନ୍ନ ଭୋଗ ସହ ଦଶମୀରେ ଦହି ପଖାଳ ଭୋଗ ଲାଗି ହେବ। ଯାହାକି ଶ୍ରଦ୍ଧାଳୁଙ୍କୁ ବଣ୍ଟନ ପାଇଁ ବ୍ୟବସ୍ଥା ରହିଛି। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ବିଭିନ୍ନ ନାମୀ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଚଳିତଥର ପାରମ୍ପରିକ ବାଦ୍ୟରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ।

> ଦୀର୍ଘବର୍ଷ ଧରି ପୁରୁଣା ଷ୍ଟେଶନ ବଜାର ସାର୍ବଜନୀନ ଦୁର୍ଗାପୂଜା ସମିତି ଶୃଙ୍ଖଳିତ ପୂଜା ପାଳନରେ ଏଯାବତ ସକ୍ଷମ ହୋଇଛି। ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ତଥା କର୍ମକର୍ତ୍ତାଙ୍କ ଅକୁଣ୍ଠ ସହଯୋଗ ପୂଜାକୁ ବଳିଷ୍ଠ କରିଛି।
>
> **- ଗଣେଶ ପ୍ରସାଦ ସାହୁ, ସଭାପତି**



> ସୀମିତ ସ୍ଥାନରେ ପୂଜା ଆୟୋଜନ ହେଉଥିଲେ ମଧ ମା' ଦୁର୍ଗାଙ୍କ ଅଶେଷ ଆଶୀର୍ବାଦ ଯୋଗୁ ପୁରୁଣା ଷ୍ଟେଶନ ବଜାର ପୂଜା ରାଜଧାନୀରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିବା ସହ ଅନ୍ୟ ଅଞ୍ଚଳରେ ମଧ ଭିନ୍ନ ପରିଚୟ ସୃଷ୍ଟି କରିଛି। ସ୍ୱେଚ୍ଛାସେବୀଙ୍କ ସହ କର୍ମକର୍ତ୍ତାଙ୍କ ଅଗ୍ରଣୀ ଭୂମିକା ରହୁଥିବା ବେଳେ କମିଶନରେଟ ପୋଲିସର ମଧ ସହଯୋଗ ରହିଛି।
>
> **- ଦୀପକ କୁମାର ଜେନା, ସମ୍ପାଦକ**





ଭୁବନେଶ୍ୱରସ୍ଥିତ ହୋଟେଲ ନ୍ୟୁ ମ୍ୟାରିୟନ୍‌ରେ ଶନିବାର ଅନୁଷ୍ଠିତ 'ନ୍ୟାଶନାଲ ସିଲ୍କ ଏକ୍ସପୋ'ରେ ଯୁବତୀମାନେ ଶାଢ଼ି ଦେଖୁଛନ୍ତି।

## ଓଡ଼ିଶାରେ ହୋଇପାରିବ ମାନୁଫାକ୍ଚରିଂ ହବ୍: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)**

ଓଡିଶା କେବଳ ଖଣିଜ ସମ୍ପଦ ରପ୍ତାନି ନୁହେଁ, ବରଂ ମାନୁଫାକ୍ଚରିଂ ହବ୍ ହୋଇପାରିବ। ଏଠାରେ ରପ୍ତାନି ସୁଯୋଗ ସୃଷ୍ଟିକରି ରୋଜଗାର ବଢାଇବା ଆବଶ୍ୟକ। ଏହାଦ୍ୱାରା ରାଜ୍ୟ ଅଧିକ ସମୃଦ୍ଧ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶନିବାର ଚନ୍ଦକା ଶିଳ୍ପାଞ୍ଚଳଠାରେ ଭାରତ ସରକାରଙ୍କ ରପ୍ତାନି ନିରୀକ୍ଷଣ ଏଜେନ୍ସିର ନୂତନ ଗୃହ ଓ ପରୀକ୍ଷାଗାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ, ଓଡିଶାରେ ଉଚ୍ଚମାନର ଇସ୍ପାତ, ଆଲୁମିନିୟମ ଓ ପ୍ଲାଷ୍ଟିକ ଉପଲବ୍ଧ ରହିଛି। ତେଣୁ ଓଡିଶାକୁ କାହିଁକି ଉଡାଜାହାଜ ଯନ୍ତ୍ରାଂଶ ନିର୍ମାଣର ଏକ ପ୍ରମୁଖ କେନ୍ଦ୍ର କରାଯାଇପାରିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ୨୦୧୪ରେ ଦେଶରେ ମୋଟ ୪ଶହ ଯାତ୍ରୀବାହୀ ବଡ଼ ଉଡାଜାହାଜ ଥିଲା। ମୋଦି ସରକାରଙ୍କ ନୀତି ଯୋଗୁ ଏବେ ଆଉ ୫ଶହ ଉଡାଜାହାଜର ଆବଶ୍ୟକତା ରହିଛି। ଏହି ସୁଯୋଗ କିପରି ଓଡିଶା ପାଇଁ ବେଶ୍ ସହାୟକ ହୋଇପାରିବ ଏଥିପାଇଁ ସେ ଉପସ୍ଥିତ ଥିବା କେନ୍ଦ୍ର ଶିଳ୍ପ, ବାଣିଜ୍ୟ ତଥା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଗାଇଡ କରନ୍ତୁ ବୋଲି କହିଥିଲେ। ବାର୍ଷିକ ୫୨ହଜାର କୋଟିର ଲୁହା ପଥର ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ରପ୍ତାନି ସହ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଆହୁରି ସମୃଦ୍ଧ ହୋଇ 'ଓଡ଼ିଶା ମେକ୍ ଇନ୍ ଇଣ୍ଡିଆ'ରେ ସ୍ୱତନ୍ତ୍ରତା ହାସଲ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି।



କେନ୍ଦ୍ରମନ୍ତ୍ରୀ ସୁରେଶ ପ୍ରଭୁ ରପ୍ତାନି ନିରୀକ୍ଷଣ ଏଜେନ୍ସିର ନୂତନ ଗୃହ ଓ ପରୀକ୍ଷାଗାରକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ।



ଘୋର ସଙ୍କଟ ସମୟରେ ସାହସଠାରୁ ବଳି ବଡ଼ ସହାୟକ ବନ୍ଧୁ ଆଉ କେହି ନାହିଁ।

- ସକ୍ରେଟିସ୍



# ଏଇ ସପ୍ତାହର କାର୍ଯ୍ୟକ୍ରମ

## ୨୩।୯।୨୦୧୮ (ରବିବାର)

### ଭୁବନେଶ୍ୱର

- ସେବା ପ୍ରତିନିଧି ପକ୍ଷରୁ ମନ୍ଦିର ସଫେଇ, ବାସୁଦେବ ମନ୍ଦିର, ବିନ୍ଦୁସାଗର, ପ୍ରାତଃ ୫ଟା।
- ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ସକାଳ ୬ଟାରୁ ଆରମ୍ଭ। ସନ୍ଧ୍ୟା ଅଧିବେଶନ, ସନ୍ଧ୍ୟା ୬ଟା।
- ନୟାପଲ୍ଲୀ ବ୍ରୀଟ୍ କଲୋନୀ ଉନ୍ନୟନ କମିଟି ପକ୍ଷରୁ ରକ୍ତଦାନ ଶିବିର, ବ୍ରୀଟ୍ କଲୋନୀ, ପାର୍କ ନଂ. ୪, ସକାଳ ୯ଟା।
- ଲେକ୍ସ ଆୱାରନେସ୍ ଫାଉଣ୍ଡେଶନ ପକ୍ଷରୁ ଦାନୋତ୍ସବ, ଫେଜ୍-୨, ଭୀମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀ, ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତ ହିନ୍ଦୁ ମହାସଭାର ରାଜ୍ୟସ୍ତରୀୟ ସମ୍ମିଳନୀ, ରୟାଲ୍ ସୁଇଟ୍, ସତ୍ୟନଗର, ପୂର୍ବାହ୍ନ ୧୦ଟା ୩୦।
- ଅହମଦୀୟା ମୁସ୍‌ଲିମ ସମ୍ପ୍ରଦାୟ ଆନୁକୂଲ୍ୟରେ ଶାନ୍ତି ଆଲୋଚନା ସମ୍ମିଳନୀ, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ପୂର୍ବାହ୍ନ ୧୦ଟା ୩୦।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ନ୍ୟାଶନାଲ୍ ସିଲ୍କ ଏକ୍ସପୋ, ହୋଟେଲ ନ୍ୟୁ ମାରିୟନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା।
- ସିଲ୍‌କ ଫ୍ୟାବ୍ ପ୍ରଦର୍ଶନୀ, ହୋଟେଲ କଳିଙ୍ଗ ଅଶୋକ, ଗୌତମ ନଗର, ପୂର୍ବାହ୍ନ ୧୧ଟାରୁ ରାତି ୮ଟା।
- ସଙ୍ଗୀତ ଲହରୀ ଉତ୍ସବ, ରିଜିଓନାଲ୍ ସେଣ୍ଟର, ରିଜିଓନାଲ୍ କଲେଜ ନିକଟ, ମଧ୍ୟାହ୍ନ ୧୨ଟା।
- 'ଅନ୍ନବ୍ରହ୍ମ ରେଷ୍ଟୁରାଣ୍ଟ'ର ଉଦ୍‌ଘାଟନୀ ଉତ୍ସବ, ପ୍ଲଟ୍ ନଂ. ୧୨୮, ତଳ ମହଲା, କପିଳେଶ୍ୱର ଗେଟ୍ ନିକଟ, ଲୁଇସ୍ ରୋଡ୍, ସାମନ୍ତରାପୁର ବଜାର, ଅପରାହ୍ନ ୧ଟା।
- ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ସମ୍ପର୍କିତ ପ୍ରସ୍ତୁତି ବୈଠକ, ରାଜ୍ୟ କାର୍ଯ୍ୟାଳୟ, ଅପରାହ୍ନ ୫ଟା।
- ଫ୍ରେଣ୍ଡ୍ସ ଅଫ୍ ଟ୍ରାଇବାଲ୍ ସୋସାଇଟି, ଭୁବନେଶ୍ୱର ଚାପ୍ଟର ପକ୍ଷରୁ ସ୍ନେହ ମିଳନ କାର୍ଯ୍ୟକ୍ରମ, ତେରାପନ୍ଥ୍ ଭବନ, କଟକ ରୋଡ୍, ଅପରାହ୍ନ ୫ଟା ୩୦।
- ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟାର ଉଦ୍‌ଯାପନୀ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ସ୍ମୃତି ସନ୍ଧ୍ୟା, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ, ସନ୍ଧ୍ୟା ୬ଟା।
- ଆଶ୍ରୟର ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚନ, ରେଡ୍‌କ୍ରସ ଭବନ, ସନ୍ଧ୍ୟା ୬ଟା।
- ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ପକ୍ଷରୁ ସପ୍ତମ ଆଧାତ୍ମିକ ପୁସ୍ତକ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ, ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା ୩୦।
- ଗଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍-୨୦୧୮, ବୁଦ୍ଧ ମନ୍ଦିର, ୟୁନିଟ୍-୩, ସନ୍ଧ୍ୟା ୬ଟା ୩୦।
- ସାଜ୍ ଔର୍ ଆୱାଜ୍ ଓ ପ୍ରଗତିର ମିଳିତ ଆନୁକୂଲ୍ୟରେ ୧୧ତମ ଅମିତାଭ ମିଶ୍ର ଆୱାର୍ଡ ନାଇଟ୍ ଏବଂ ୨୧ତମ ବାର୍ଷିକ ସାଂସ୍କୃତିକ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଶ୍ୱେତସଙ୍କେତ ପକ୍ଷରୁ ମାସିକ ସାହିତ୍ୟ ଆସର, ରାଜଧାନୀ କଳା ସଂସଦ ସଭାଗୃହ, ୟୁନିଟ୍-୩, ସନ୍ଧ୍ୟା ୬ଟା ୩୦।
- ଜନକଲ୍ୟାଣ କ୍ଲବର ସୁବର୍ଣ୍ଣ ଜୟନ୍ତୀ ସମାରୋହ, କ୍ଲବ ପରିସର, ୟୁନିଟ୍-୯, ରୋଡ୍ ନଂ. ୨, ରାତି ୭ଟା।
- ଖୁଦୁରୁକୁଣୀ ମହୋତ୍ସବର ଶେଷ ପାଳି, ଗୋଖିବାବା ଆଶ୍ରମ, ସୁନ୍ଦରପଦା, ରାତି ୭ଟା ୩୦।

### ପୁରୀ

- ନାମ ସଂକୀର୍ତ୍ତନ ପରିବେଷଣର ଉଦ୍‌ଯାପନୀ ଦିବସ, ସିଦ୍ଧବକୁଳ ମଠ, ବାଲିସାହି, ସକାଳ ୬ଟା।
- ରାମକୃଷ୍ଣ ମିଶନ ଆଶ୍ରମ ପକ୍ଷରୁ ଯୁବ କର୍ମଶାଳା, ମିଶନ କାର୍ଯ୍ୟାଳୟ, ସକାଳ ୮ଟା।
- ଶ୍ରୀନୀଳାଚଳ ତତ୍ତ୍ୱସନ୍ଧାନ ପରିଷଦ ବାର୍ଷିକ ଉତ୍ସବ, ସଦ୍‌ଭାବନା ସଭାଗୃହ, ପୂର୍ବାହ୍ନ ୧୦ଟା।
- ଅନୁଷ୍ଠାନ 'ନିର୍ମାଲ୍ୟ' ପକ୍ଷରୁ କର୍ମଶାଳା, ହଲିଡେ' ରିସର୍ଟ, ପୂର୍ବାହ୍ନ ୧୦ଟା ୩୦।
- ଏସ୍‌ବିଆଇର ସାଧାରଣ କାଉନ୍‌ସିଲ ମିଟିଂ, ହୋଟେଲ ବ୍ଲୁଲିଲି, ପୂର୍ବାହ୍ନ ୧୦ଟା ୩୦।
- କୁମାର କବିଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ, ଜିଲା ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା ୩୦।
- କଳିଙ୍ଗ ବୈଶ୍ୟ ସଂଘର ପଲିଥିନ୍‌ମୁକ୍ତ ଅଭିଯାନ, ସଂଘ ପରିସର, ଜହ୍ନିମୁଣ୍ଡିଆ ଛକ, ପୂର୍ବାହ୍ନ ୧୧ଟା।
- ରାଜଯୋଗ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ କର୍ମଶାଳା, ରାଜଯୋଗ କେନ୍ଦ୍ର, ସମୁଦ୍ରକୂଳ ନିକଟ, ବଳିଆପଣ୍ଡା, ପୂର୍ବାହ୍ନ ୧୧ଟା।
- ଦାନୋତ୍ସବ ପ୍ରସ୍ତୁତି ବୈଠକ, ଗୋପବନ୍ଧୁ ଆୟୁର୍ବେଦ କଲେଜ, ଅପରାହ୍ନ ୪ଟା।
- ପୁରୀ ଆର୍ଟିଷ୍ଟ ଆସୋସିଏଶନର ମାସିକ ନାଟକ ଉତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ରାତି ୭ଟା।

### ଖୋର୍ଦ୍ଧା

- ପ୍ରାକୃତିକ ସମ୍ପଦ ସଂରକ୍ଷଣ ପାଇଁ ସମାବେଶ, ଜୟମଙ୍ଗଳ ସମବାୟ ଗୃହ, ପୂର୍ବାହ୍ନ ୧୦ଟା।
- ଉତ୍କୃଷ୍ଟ ରାଷ୍ଟ୍ର ଗଠନର ଆଧାର ସମ୍ପର୍କିତ ଆଲୋଚନାଚକ୍ର, ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ, ମୁକୁନ୍ଦପ୍ରସାଦ, ଅପରାହ୍ନ ୪ଟା।
- ବ୍ରହ୍ମଗିରି
- ମା' ପାଦୁକାଇ ଡ୍ରାମାଟିକ୍ କ୍ଲବ ଆନୁକୂଲ୍ୟରେ ନାଟକ 'ମେଘ ବରଷିଲା ଟୁପୁରୁ ଟୁପୁର' ପରିବେଷଣ, ରାତି ୧୦ଟା।

## ୨୪।୯।୨୦୧୮ (ସୋମବାର)

### ଭୁବନେଶ୍ୱର

- ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ୧୦୨ତମ ଜୟନ୍ତୀ ମହୋତ୍ସବ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ସକାଳ ୬ଟାରୁ ଆରମ୍ଭ।
- ୨୦ତମ ବାର୍ଷିକ ଭାଗବତ ପାଠ ପ୍ରତିଯୋଗିତା, ଶ୍ରୀପାଦୁକା ମନ୍ଦିର ପରିସର, ଶ୍ରୀରାମ ନଗର, ଚକେଇସିହାଣୀ, ସକାଳ ୮ଟା।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ନ୍ୟାଶନାଲ୍ ସିଲ୍କ ଏକ୍ସପୋ, ହୋଟେଲ ନ୍ୟୁ ମାରିୟନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା।
- ସିଲ୍‌କ ଫ୍ୟାବ୍ ପ୍ରଦର୍ଶନୀ, ହୋଟେଲ କଳିଙ୍ଗ ଅଶୋକ, ଗୌତମ ନଗର, ପୂର୍ବାହ୍ନ ୧୧ଟାରୁ ରାତି ୮ଟା।

### ପୁରୀ

- ଜିଏମ୍ ଆଇନ ମହାବିଦ୍ୟାଳୟ ପକ୍ଷରୁ ଆନ୍ତଃମହାବିଦ୍ୟାଳୟ ବକ୍ସିଂ ପ୍ରତିଯୋଗିତା, ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ, ସନ୍ଧ୍ୟା ୬ଟା ୩୦।

## ୨୫।୯।୨୦୧୮ (ମଙ୍ଗଳବାର)

### ଭୁବନେଶ୍ୱର

- ୨୦ତମ ବାର୍ଷିକ ଭାଗବତ ପାଠ ଉଦ୍‌ଯାପନ ଅବସରରେ ଭାଗବତ ଜନ୍ମ, ଶ୍ରୀପାଦୁକା ମନ୍ଦିର ପରିସର, ଶ୍ରୀରାମ ନଗର, ଚକେଇସିହାଣୀ, ସକାଳ ୮ଟାରୁ ଆରମ୍ଭ। ଭଜନ ସନ୍ଧ୍ୟା, ରାତି ୭ଟା।
- ଉତ୍କଳ ସିଏସ୍‌ଆର୍ ସମ୍ମିଳନୀ ଓ ଆୱାର୍ଡସ୍-୨୦୧୮, ସୂଚନା ଭବନ, ସକାଳ ୯ଟା।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ନ୍ୟାଶନାଲ୍ ସିଲ୍କ ଏକ୍ସପୋ, ହୋଟେଲ ନ୍ୟୁ ମାରିୟନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା।
- ସିଲ୍‌କ ଫ୍ୟାବ୍ ପ୍ରଦର୍ଶନୀ, ହୋଟେଲ କଳିଙ୍ଗ ଅଶୋକ, ଗୌତମ ନଗର, ପୂର୍ବାହ୍ନ ୧୧ଟାରୁ ରାତି ୮ଟା।

## ୨୬।୯।୨୦୧୮ (ବୁଧବାର)

### ଭୁବନେଶ୍ୱର

- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ନ୍ୟାଶନାଲ୍ ସିଲ୍କ ଏକ୍ସପୋ, ହୋଟେଲ ନ୍ୟୁ ମାରିୟନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା।
- ସିଲ୍‌କ ଫ୍ୟାବ୍ ପ୍ରଦର୍ଶନୀ, ହୋଟେଲ କଳିଙ୍ଗ ଅଶୋକ, ଗୌତମ ନଗର, ପୂର୍ବାହ୍ନ ୧୧ଟାରୁ ରାତି ୮ଟା।

## ୨୭।୯।୨୦୧୮ (ଗୁରୁବାର)

### ଭୁବନେଶ୍ୱର

- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ନ୍ୟାଶନାଲ୍ ସିଲ୍କ ଏକ୍ସପୋ, ହୋଟେଲ ନ୍ୟୁ ମାରିୟନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା।
- ସିଲ୍‌କ ଫ୍ୟାବ୍ ପ୍ରଦର୍ଶନୀ, ହୋଟେଲ କଳିଙ୍ଗ ଅଶୋକ, ଗୌତମ ନଗର, ପୂର୍ବାହ୍ନ ୧୧ଟାରୁ ରାତି ୮ଟା।

## ୨୮।୯।୨୦୧୮ (ଶୁକ୍ରବାର)

### ଭୁବନେଶ୍ୱର

- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ନ୍ୟାଶନାଲ୍ ସିଲ୍କ ଏକ୍ସପୋ, ହୋଟେଲ ନ୍ୟୁ ମାରିୟନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା।
- ସିଲ୍‌କ ଫ୍ୟାବ୍ ପ୍ରଦର୍ଶନୀ, ହୋଟେଲ କଳିଙ୍ଗ ଅଶୋକ, ଗୌତମ ନଗର, ପୂର୍ବାହ୍ନ ୧୧ଟାରୁ ରାତି ୮ଟା।

### କଟକ

- ଯୋଗଦା ସତ୍‌ସଙ୍ଗ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ 'କ୍ରିୟା ଯୋଗ: ମାନସିକ ଉତ୍ତେଜନା, ଭୟ ଓ ଉଦ୍‌ବିଗ୍ନତାର ବିରୋଧକ' ଶୀର୍ଷକ ଆଲୋଚନା, ଭିଏସ୍ ଟାୱାର, ମହତାବ ରୋଡ୍, ଦୋଳମୁଣ୍ଡାଇ, ସନ୍ଧ୍ୟା ୬ଟାରୁ ଆରମ୍ଭ।

## ୨୯।୯।୨୦୧୮ (ଶନିବାର)

### ଭୁବନେଶ୍ୱର

- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ନ୍ୟାଶନାଲ୍ ସିଲ୍କ ଏକ୍ସପୋ, ହୋଟେଲ ନ୍ୟୁ ମାରିୟନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା।
- ସିଲ୍‌କ ଫ୍ୟାବ୍ ପ୍ରଦର୍ଶନୀ, ହୋଟେଲ କଳିଙ୍ଗ ଅଶୋକ, ଗୌତମ ନଗର, ପୂର୍ବାହ୍ନ ୧୧ଟାରୁ ରାତି ୮ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଓକିଲ-ପୋଲିସ ବିବାଦ
# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ବିଧାୟକ

**କଟକ ଅଫିସ, ୨୨।୯:** କଟକରେ ଓକିଲ ପୋଲିସ ବିବାଦକୁ ନେଇ ଆଇନସେବାରେ ଅଚଳାବସ୍ଥା ଉପୁଜିଛି। ଗତ ଅଗଷ୍ଟ ୨୯ ତାରିଖରୁ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବାରୁ ରାଜ୍ୟରେ ଗମ୍ଭୀର ପରିସ୍ଥିତି ଉପୁଜିଛି। ଏହାକୁ ନେଇ ହାଇକୋର୍ଟରେ ପୃଥକ୍ ଭାବେ ଦୁଇଟି ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉଛି। ହେଲେ ଇତିମଧ୍ୟରେ ଘଟଣାକୁ ୩ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ କୌଣସି ସମାଧାନର ସୂତ୍ର ବାହାରିପାରୁନାହିଁ। ତେଣୁ ଘଟଣାରେ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ କରିବାକୁ ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁକ୍ରବାର ଚିଠି ଲେଖିଛନ୍ତି। ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ, କମିଶନରେଟ ପୋଲିସ ଓ ହାଇକୋର୍ଟ ବାର ମଧ୍ୟରେ ତିକ୍ତ ସମ୍ପର୍କ ଲାଗି ରହିଛି। ଯେଉଁଥି ପାଇଁ ବିବାଦର ସମାଧାନ ହୋଇପାରୁନି। ଏହି ବିବାଦ ଏବେ କଟକ ମଧ୍ୟରେ ସୀମିତ ନ ରହି ରାଜ୍ୟର ଅନ୍ୟ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି। ଫଳରେ ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମାଞ୍ଚଳର ଗରିବ ଲୋକେ ନ୍ୟାୟିକ ସହାୟତା ପାଇଁ କଟକ ଆସି ଖର୍ଚ୍ଚାନ୍ତ ହୋଇ ନିରାଶରେ ଘରକୁ ଫେରୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗକୁ ସମ୍ବେଦନଶୀଳତାର ସହିତ ଗ୍ରହଣ କରିବାକୁ ବିଧାୟକ ବେହେରା ଚିଠିରେ ଉଲ୍ଲେଖ କରିଛନ୍ତି।




ଆଇଆଇଟିର ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି।

# ଶିକ୍ଷା ସମସ୍ୟା ସମାଧାନର ମନ୍ତ୍ର

**ଆଇଆଇଟିର ସପ୍ତମ ସମାବର୍ତ୍ତନ ଉତ୍ସବ**
- ନନ୍ଦୁରୀ ଦିବାକରଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ
- ଶିକ୍ଷା ଜନକଲ୍ୟାଣକାରୀ ହେବା ଦରକାର
- ୩୩୨ରୁ ୨୧୫ଜଣ ଡିଗ୍ରୀ ଉପାଧି ଗ୍ରହଣ କଲେ

**ଜଟଣୀ, ୨୨।୯ (ଡି.ଏନ.ଏ)**

ଆଇଆଇଟିଆନ୍‌ମାନେ ଜୀବିକା ଅନୁସନ୍ଧିତ୍ସୁ ନ ରହି ଅନ୍ୟମାନଙ୍କ ପାଇଁ ସୃଷ୍ଟିକାରୀ ହୋଇପାରିଲେ ବୈଷୟିକ ଶିକ୍ଷାର ସଫଳତା ପ୍ରମାଣିତ ହେବ। ସୁଯୋଗର ଦ୍ୱାର ସର୍ବଦା ଖୋଲା ନ ଥାଏ। ଏହାକୁ ଖୋଲିବାକୁ ପଡ଼ିଥାଏ। ଯାହାର କୌଶଳ ଆଇଆଇଟିଆନ୍ ଜାଣିଛନ୍ତି। ଶିକ୍ଷା ଜୀବିକା ସନ୍ଧାନର ସୂତ୍ର ନୁହେଁ, ଏହା ସମସ୍ୟା ସମାଧାନର ମନ୍ତ୍ର। ପ୍ରତ୍ୟେକ ଶିକ୍ଷା ଜନକଲ୍ୟାଣକାରୀ ହେବା ଦରକାର ବୋଲି କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରାଦ୍ୟୋଗିକ ବିଭାଗର ସଚିବ ପ୍ରଫେସର ଆଶୁତୋଷ ଶର୍ମା କହିଛନ୍ତି। ଶନିବାର ଜଟଣୀ ଅରଗୁଳସ୍ଥିତ ଆଇଆଇଟିର ସପ୍ତମ ସମାବର୍ତ୍ତନ ଉତ୍ସବରେ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ।

ସେ କହିଥିଲେ ଯେ, ଅଧ୍ୟୟନ ସମୟରେ ଆଇଆଇଟି ବିଦ୍ୟାର୍ଥୀମାନେ ଜ୍ଞାନର ଉପଭୋକ୍ତା ଥିଲେ। ତେବେ ବର୍ତ୍ତମାନ ସେମାନେ ଆହରଣ କରିଥିବା ଜ୍ଞାନର ବିତରକ ଭାବେ ସମାଜର ଉପକାରରେ ଲାଗିବା ଆବଶ୍ୟକତା ରହିଛି। ଆହରଣ କରିଥିବା ବୈଷୟିକ ଜ୍ଞାନ କୌଶଳକୁ ନିଜର ଜୀବିକା ସନ୍ଧାନ ବା ପରିବାର ପ୍ରତିପୋଷଣରେ ସୀମିତ ନ ରଖି ସମାଜ ଓ ମାନବ ଜାତିର କଲ୍ୟାଣ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ମନୋବୃତ୍ତି ରଖିବାର ଆବଶ୍ୟକତା ରହିଛି ବୋଲି ସେ ଆଇଆଇଟି ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ଯୁବ ବୈଜ୍ଞାନିକମାନେ ବର୍ତ୍ତମାନ ଭାରତର ଦର୍ପଣ ସଦୃଶ ବୋଲି ସେ କହିଥିଲେ। ଆଇଆଇଟି ପରିଚାଳନା ବୋର୍ଡର ଚେୟାରମ୍ୟାନ ପଙ୍କଜ ରମଣଭାଇ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର ପ୍ରାରମ୍ଭିକ ସୂଚନା ଦେଇଥିଲେ। ସେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବାର ୧୦ ବର୍ଷ ମଧ୍ୟରେ ଅନେକ ଅଗ୍ରଗତି କରି ଏକ ମାଇଲ୍‌ଖୁଣ୍ଟ ଭାବେ ଉଭା ହୋଇଥିବା କହିଥିଲେ। ଗବେଷଣାଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ଏହି ଆଇଆଇଟି ଦେଶ ତଥା ଅନ୍ତର୍ଜାତୀୟ ସ୍ତରରେ କିପରି ସୁନାମ ଅର୍ଜନ କରିଛି ତା'ର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଆଗାମୀଦିନରେ ବିଶ୍ୱସ୍ତରରେ ଏହା ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ସ୍ଥାନ ପାଇବାକୁ ଯାଉଥିବା ଦୃଢ଼ତାର ସହିତ କହିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବି ଟେକ୍‌ରେ ସ୍କୁଲ ଅଫ୍ ମେକାନିକାଲ୍ ସାଇନ୍ସର ନନ୍ଦୁରୀ ଦିବାକର ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ ଗ୍ରହଣ କରିଥିଲେ। ଏମ୍‌ଏସି ସ୍କୁଲ ଅଫ୍ ବେସିକ୍ ସାଇନ୍ସର ସୟାନ୍ ରାୟ ଡାଇରେକ୍ଟରସ୍ ଗୋଲ୍ଡ ମେଡାଲରେ ଭୂଷିତ ହୋଇଥିଲେ। ସେହିପରି ବି ଟେକ୍‌ରେ ନନ୍ଦୁରୀ ଦିବାକର, ରାମରେଡିଗାରୀ, ରାହୁଲ ରେଡ୍‌ଡୀ, କୋଲା ଲକ୍ଷ୍ମୀ ସାଇ ଶ୍ରୀ, ସ୍ନେହସୁଶାନ ଗର୍ଗ, ସୁଧାଂଶୁ ଶ୍ରୀବାସ୍ତବ, ଏମ୍‌ଟେକ୍‌ରେ ଦେବଲୀନା ମୁଖାର୍ଜୀ, ବିକାଶ ଶର୍ମା ବିଏସ୍, ବାରିକ ଅନସୂୟା ଅନୁପମ ସ୍ୱାତି, ପଲାସ ସ୍ୱର୍ଣ୍ଣକାର, କୁପିଲି ରାଭିତେଜା, ନାଜନିନ୍ ନିଘାର ସୁଲତାନ ଓ ଏମ୍‌ଏସି ବ୍ୟାଚ୍‌ର ସାୟନ୍ ରାୟ, ଅସ୍ମିତା ସିଂହରାୟ, ରାହୁଲ ରାନା, ଦୀପାଞ୍ଜଳି ହାଲଦାରଙ୍କୁ ଇନ୍‌ଷ୍ଟିଚ୍ୟୁଟ୍ ସିଲଭର ମେଡାଲରେ ଭୂଷିତ କରାଯାଇଥିଲା। ସେହିପରି ପାଇବାକୁ ଥିବା ୩୩୨ ଜଣ ମଧ୍ୟରୁ ୨୧୫ ଜଣ ବିଦ୍ୟାର୍ଥୀ ଡିଗ୍ରୀ ଉପାଧି ଗ୍ରହଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନର ରେଜିଷ୍ଟ୍ରାର ଦେବରାଜ ରଥ, ଡିନ୍ (ଆରଆଣ୍ଡଡି) ଆର୍.କେ. ପଣ୍ଡା, ପ୍ରଫେସର ପି.ଆର୍. ସାହୁ, ପ୍ରଫେସର ଭି.ଆର୍. ପେଡ୍ଡିରେଡ଼ି, ଅନ୍ୟ ଫାକ୍‌ଲଟି, କର୍ମଚାରୀ, ଆଇଆଇଟିର ବିଦ୍ୟାର୍ଥୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

ରାଷ୍ଟ୍ରପତି ଗୋଲ୍ଡ ମେଡ଼ାଲ ପାଇଥିବା ନନ୍ଦୁରୀ ଦିବାକରଙ୍କୁ ତାଙ୍କ ସଫଳତା ସମ୍ପର୍କରେ ପଚାରିବାରେ, ଏହି ପଛରେ ପିତାମାତା ଓ ପରିବାରର ସମସ୍ତ ସଦସ୍ୟଙ୍କ ସମେତ ଶିକ୍ଷାନୁଷ୍ଠାନର ଫାକ୍‌ଲଟିମାନଙ୍କର ବହୁ ଅବଦାନ ରହିଛି। ବର୍ତ୍ତମାନ ସେ ଆଇଓସିଏଲ୍‌ରେ କାର୍ଯ୍ୟରତ। ତେବେ ଆଗକୁ ସେ ଅଧିକ ଗବେଷଣା କରିବା ସହ ସମାଜ କଲ୍ୟାଣରେ ସେ ଆହରଣ କରିଥିବା ଜ୍ଞାନକୁ ବିନିଯୋଗ କରିବା ତାଙ୍କର ପ୍ରମୁଖ ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ।



ସ୍ୱର୍ଣ୍ଣପଦକ ପାଇଥିବା ନନ୍ଦୁରୀ ଦିବାକର।



ଅରୁନ୍ଧତି ଜୁଏଲର୍ସର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଅଭିନେତ୍ରୀ ଅର୍ଚ୍ଚିତା କେକ୍ କାଟୁଛନ୍ତି।

# ଅରୁନ୍ଧତି ଜୁଏଲର୍ସ ଭୁବନେଶ୍ୱର ଷ୍ଟୋର ପକ୍ଷରୁ ପୂର୍ତ୍ତି ପାଳନ

**ଭୁବନେଶ୍ୱର, ୨୨।୯**

ଅରୁନ୍ଧତି ଜୁଏଲର୍ସ ଭୁବନେଶ୍ୱର ଫ୍ଲାଗଶିପ୍ ଶୋ'ରୁମ ପକ୍ଷରୁ ପ୍ରଥମ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ଶୋ'ରୁମର ପରିଚାଳନା ବ୍ରହ୍ମାନନ୍ଦ ମେହେର, ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ ଉପସ୍ଥିତ ରହି ଗ୍ରାହକ ତଥା କର୍ମକର୍ତ୍ତାଙ୍କ ସହ ଏହି ଉତ୍ସବକୁ ପାଳନ କରିଥିଲେ। ନିକଟରେ ଷ୍ଟୋର ପକ୍ଷରୁ 'ବିଗ୍ ଆନିଭରସାରି ସେଲ' ଅଫର ଘୋଷଣା ହୋଇଛି। ଏହା ୨୧ରୁ ୩୦ ସେପ୍ଟେମ୍ବର ଯାଏ ଚାଲିବ। ଏହି ସମୟରେ ରେଗୁଲାର ଗୋଲ୍ଡ ଜୁଏଲେରୀ ଗଢ଼ା ମୂଲ୍ୟ ଫ୍ଲାଟ ୨୯୯ ଟଙ୍କା ରହିଛି। ଗ୍ରାହକଙ୍କ ପାଇଁ ୟୁନିକ ଡିଜାଇନ, ଶୋ'ରୁମରୁ ଗହଣା କ୍ରୟ ଉପରେ ଲାଇଫ ଟାଇମ ମାଗଣା ମରାମତି, ନିର୍ଦ୍ଦିଷ୍ଟ କ୍ରୟରେ ମାଗଣା ବୀମା ସୁବିଧା, ଲୟାଲଟି ପ୍ରୋଗ୍ରାମ୍, ଗୋଲ୍ଡ ଟେଷ୍ଟିଂ ମେଶିନ ଭଳି ସୁବିଧା ରହିଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି। ଗୋଟିଏ ବର୍ଷ ମଧ୍ୟରେ ଏକ ପସନ୍ଦଯୋଗ୍ୟ ବ୍ରାଣ୍ଡ ଭାବେ ଚୟନ କରିଥିବାରୁ ଶୋ'ରୁମ ପକ୍ଷରୁ ଗ୍ରାହକଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି। ଉନ୍ନତ ସେବା ପ୍ରଦାନ ଦିଗରେ ବିଭିନ୍ନ ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଏହା ପ୍ରକାଶ କରିଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ବିଜୟ



@ ଆଶିଷ



@ ବାପି



@ ତାପସ



@ ଜ୍ଞାନରଞ୍ଜନ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଅନ୍ୟର ଧନ ଅପହରଣ, ମିତ୍ରଙ୍କୁ ଅପମାନ ଦେବା ଏବଂ ଚରିତ୍ରହୀନତା, ଏହି ତିନୋଟି ଗୁଣ ବିନାଶକୁ ଡାକିଆଣେ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଆଇଏଲଏସ୍‌ରେ ୨ଦିନିଆ ବିଜ୍ଞାନମେଳା



**ଭୁବନେଶ୍ୱର, ୨୨।୯(ବ୍ୟୁରୋ):** ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ (ଆଇଏଲ୍‌ଏସ୍) ଏବଂ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି) ମିଳିତ ଆନୁକୂଲ୍ୟରେ ଶନିବାର ଆଇଏଲ୍‌ଏସ୍‌ଠାରେ ଦୁଇଦିନିଆ ବିଜ୍ଞାନ ମେଳା ଆରମ୍ଭ ହୋଇଛି। ଏହାକୁ ବିଜ୍ଞାନ ଓ ବୈଷୟିକ ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏଥିରେ ସରକାରୀ ଓ ବେସରକାରୀ ସ୍କୁଲରୁ ୭୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି ବୋଲି ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଅଜୟ୍ ପରିଡା ଏବଂ ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ସଂଘମିତ୍ରା ପତି କହିଛନ୍ତି। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ନାଇଜର ନିର୍ଦ୍ଦେଶକ ସୁଧାକର ପଣ୍ଡା ଯୋଗଦେଇଥିଲେ। ଏହି ବିଜ୍ଞାନମେଳାରେ ୩୦ ଷ୍ଟଲ ଖୋଲିଥିବାବେଳେ ନବମ, ଦଶମ ଏବଂ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ନିଜ ଜ୍ଞାନରେ କୃଷି, ପରିବେଶ ଓ ସ୍ୱାସ୍ଥ୍ୟ ସଂକ୍ରାନ୍ତ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ଏଠାରୁ ମନୋନୀତ ଛାତ୍ରୀଛାତ୍ରମାନେ ଆସନ୍ତା ଅକ୍ଟୋବର ୪ରୁ ୯ ପର୍ଯ୍ୟନ୍ତ ଦିଲ୍ଲୀରେ ହେବାକୁ ଥିବା ଇଣ୍ଡିଆ ଇଣ୍ଟରନ୍ୟାଶନାଲ ବିଜ୍ଞାନମେଳାରେ ଭାଗନେବେ।

### ଆରମ୍ଭ ହେଲା 'ଗୁରୁକୁଳ ଗୀତାଞ୍ଜଳି'ର ଶାସ୍ତ୍ରୀୟ ସନ୍ଧ୍ୟା

**ଭୁବନେଶ୍ୱର,୨୨।୯(ବ୍ୟୁରୋ):** ଶାସ୍ତ୍ରୀୟ ସଙ୍ଗୀତ ଅନୁଷ୍ଠାନ 'ଗୁରୁକୁଳ ଗୀତାଞ୍ଜଳି'ର ବାର୍ଷିକ ଉତ୍ସବ ଶନିବାର ସୂଚନା ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଶାସ୍ତ୍ରୀୟ ସନ୍ଧ୍ୟାର ଆରମ୍ଭ ହୋଇଥିଲା ଧମାର ଗାୟନରୁ। ପରେ ହିନ୍ଦୋଳ ରାଗରେ 'ଶାମ୍ ମୋସୋ ଖେଲୋନା ହୋରି' ଗୀତକୁ ଅନୁଷ୍ଠାନର ସମସ୍ତ ଶିଳ୍ପୀ ଅତି ଚମତ୍କାର ଢଙ୍ଗରେ ପରିବେଷଣ କରିଥିଲେ। ଏହାପରେ ପଣ୍ଡିତ ଡ. ଚିତ୍ତରଞ୍ଜନ ପାଣିଙ୍କ ପୁତ୍ର ଅରୋଶିଷ୍ 'ଜୋଗ୍' ରାଗ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ। ପରବର୍ତ୍ତୀ ପ୍ରସ୍ତୁତି ନେଇ ମଞ୍ଚକୁ ଓହ୍ଲାଇଥିଲେ ଶିଳ୍ପୀ ସସ୍ମିତା ଏବଂ ଜସ୍ମିନ୍। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ପଣ୍ଡିତ୍ ଏମ୍.ଭେଙ୍କଟେଶ୍ କୁମାର। ରାଗ 'କେଦାର୍' ରାଗ 'ଶଙ୍କରା' ତଥା ଭଜନ ପରିବେଷଣ କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ। ତାଙ୍କୁ ତବଲାରେ କେଶବ୍ ଜୋଶୀ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠାନର କଳାକାର ଅନନ୍ୟା ଶ୍ରୀତମ୍ ନନ୍ଦ ଓ ଶିବ ପ୍ରସାଦ ଷଡଙ୍ଗୀଙ୍କୁ 'ସଙ୍ଗୀତ ସାଧନା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଡ.ଏସ୍.କେ.ତାମୋଟିଆ, ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଡ. ଦାମୋଦର ହୋତା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡ. ମମତା ତ୍ରିପାଠୀ।

### ଜିଲାପାଳଙ୍କୁ ୫ସମସ୍ୟା ଜଣାଇଲେ କର୍ମକର୍ତ୍ତା

**କଟକ ରୋଡ,୨୨।୯(ଡି.ଏନ୍.ଏ.):** ରସୁଲଗଡ-କଳ୍ପନା ଛକ ରାସ୍ତା ପାର୍ଶ୍ୱରେ ୫ପୂଜା ମଣ୍ଡପ ରହିଛି। ତେବେ ପୂଜା ପୂର୍ବରୁ କେତେକ ପ୍ରମୁଖ ସମସ୍ୟାର ସମାଧାନ ପାଇଁ ପୁରୁଣା ଷ୍ଟେଶନ ବଜାର ପୂଜା ସମିତି କର୍ମକର୍ତ୍ତା ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କୁ ଏକ ଦାବିପତ୍ର ଜରିଆରେ ଅବଗତ କରାଇଛନ୍ତି। ଏହି ଅଞ୍ଚଳରେ ରାସ୍ତାର ମରାମତି, ବନ୍ଦ କରାଯାଇଥିବା ବୁଦ୍ଧନଗରଠାରୁ ରେଲୱେ ଷ୍ଟେଶନ ଦେଇ କଟକ ରୋଡକୁ ସଂଯୁକ୍ତ କରୁଥିବା ବାଇପାସ ରାସ୍ତାକୁ ଟ୍ରାଫିକ ଜାମ କମାଇବା ପାଇଁ ସାମୟିକ ଖୋଲାଯିବା, ପୂଜା ସମୟରେ ରସୁଲଗଡ-କଳ୍ପନା ଛକ ରାସ୍ତାରେ ଭାରିଯାନ ସାଙ୍ଗକୁ ବସ ଚଳାଚଳ ବନ୍ଦ ରଖିବା, ଚାନ୍ଦି ଓ ସ୍ୱର୍ଣ୍ଣ ଅଳଙ୍କାର ନେଇ ଅଧିକ ସଂଖ୍ୟକ ବନ୍ଧୁକଧାରୀ ପୋଲିସ ମୁତୟନ ଓ ସମ୍ପୃକ୍ତ ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଯଥେଷ୍ଟ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯିବା ନେଇ ଜଣାଇଛନ୍ତି। ଏ ସମ୍ପର୍କରେ ପୋଲିସ, ପୂର୍ତ୍ତ ବିଭାଗ, ବିଏମ୍‌ସି ଓ ଟ୍ରାଫିକ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିବା କର୍ମକର୍ତ୍ତାଙ୍କ ପକ୍ଷରୁ କୁହାଯାଇଛି।

## ■ ପଳାଶୁଣୀ ଛକରେ ଯାତ୍ରୀ ଉଠାଇବାବେଳେ ଦୁର୍ଘଟଣା

# ବସ୍‌କୁ ପଛରୁ ପିଟିଲା ଦ୍ରୁତଗାମୀ ଟ୍ରକ୍

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)**

### ୯ ଗୁରୁତର, ମହିଳାଙ୍କ ଦୁଇଗୋଡ଼ ଭାଙ୍ଗିଲା



ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍।

ପଳାଶୁଣୀ ଛକରେ ଶନିବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ରାସ୍ତାପାର୍ଶ୍ୱରୁ ଯାତ୍ରୀ ଉଠାଇବାବେଳେ ଏକ ବସ୍‌କୁ ଗୋଟିଏ ଦ୍ରୁତଗାମୀ ଟ୍ରକ୍ ପଛପଟୁ ଧକ୍କାଦେବା ଫଳରେ ୮ ଯାତ୍ରୀଙ୍କ ସମେତ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଯାତ୍ରୀଙ୍କର ଦୁଇଗୋଡ଼ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ଆହତମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଦୁଇ ଗୁରୁତରଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଆହତମାନେ ହେଲେ ଟ୍ରକ୍ ଡ୍ରାଇଭର ବାଳା ସୁବ୍ରମଣିୟମ୍ ଏବଂ କଟକ କାଜୁ ବଜାରର ରବୀନ୍ଦ୍ର କୁମାର ସାହୁ(୫୬), ତାଙ୍କ ସ୍ତ୍ରୀ ସୁଷମା ସାହୁ(୪୩), ଡାକ୍ତର ଆର. ଅଲ୍ଲୀ(୬୬), ସ୍ନେହରଞ୍ଜନ ପ୍ରଧାନ(୬୦), ବଡଗଡର ସବିତା ବାରିକ(୪୫), ନୟାଗଡ ଓଡଗାଁର ନିକୁଞ୍ଜ ବାରିକ(୩୪), ଜଗତ୍‌ସିଂହପୁର ଜିଲାର କୁଞ୍ଜ ସେଠୀ(୫୦) ଓ ଧର୍ମଶାଳାରର ପି.କେ. ବେହେରା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ବରମୁଣ୍ଡା ବସ୍ ଷ୍ଟାଣ୍ଡରୁ ସୟୋନାରା ନାମକ ଏକ ଘରୋଇ ବସ୍ (ଓଆର-୦୨ଏୟୁ୯୯୪୧) ପ୍ରାୟ ୩୯ ଯାତ୍ରୀଙ୍କୁ ନେଇ କଟକ ଅଭିମୁଖେ ଯାଉଥିଲା। ଅପରାହ୍ନ ପ୍ରାୟ ୨ଟା ୪୫ରେ ବସ୍‌ଟି ପଳାଶୁଣୀ ଛକରେ ଜଣେ ଯାତ୍ରୀଙ୍କୁ ଉଠାଇବା ଲାଗି ରାସ୍ତାପାର୍ଶ୍ୱରେ ଅଟକିଥିଲା। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ (ଟିଏନ୍-୩୭ସିଏକ୍ସ-୫୯୩୧) ଭାରସାମ୍ୟ ହରାଇ ବସ୍‌ର ପଛପଟକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଏକ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଦୁର୍ଘଟଣା ପରେ ବସ୍‌ଟି କିଛିବାଟ ଆଗକୁ ମାଡ଼ିଯାଇଥିଲା। ଆଗରେ ଥିବା ଏକ ସ୍କୁଟିକୁ ମଧ୍ୟ ବସ୍ ଧକ୍କା ଦେଇଥିଲା। ସ୍କୁଟି ଚାଳକ ଉପସ୍ଥିତ ବୁଦ୍ଧି ଖଟାଇ ସ୍କୁଟିରୁ ଡେଇଁ ପଡ଼ିବାରୁ ତାଙ୍କ ଜୀବନ ବର୍ତ୍ତି ଯାଇଥିଲା। ସେହିଭଳି ବସ୍ ଆଗରେ ଥିବା ଅନ୍ୟ କେତେକ ବାଇକ୍ ଚାଳକ ଜୀବନ ବଞ୍ଚାଇବା ପାଇଁ ଗାଡି ଛାଡି ପଳାଇଥିଲେ। ଦୁର୍ଘଟଣା ଯୋଗୁ ଟ୍ରକ୍‌ର ସମ୍ମୁଖ ଭାଗ ବସ୍ ଭିତରକୁ କିଛି ଅଂଶ ପଶିଯାଇଥିଲା। ବସ୍ ପଛରେ ବସିଥିବା ଯାତ୍ରୀ ଅଧିକ ଆହତ ହୋଇଥିଲେ। ଘଟଣା ପରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ।

# ଆଉ ଜଣେ ଛଟେଇ ଗୃହରକ୍ଷୀ ଦେଲେ ଆତ୍ମାହୁତି ଧମକ

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**


ହୋମଗାର୍ଡ ବିଦ୍ୟାଧର ଜେନା।

ବିନା କାରଣରେ ଗୃହରକ୍ଷୀମାନଙ୍କୁ ଛଟେଇ କରାଯାଉଥିବା ନେଇ ଗୋଟିକ ପରେ ଗୋଟିଏ ଅଭିଯୋଗ ହେବାରେ ଲାଗିଛି। ଏଭଳି ଅଭିଯୋଗ ଆଣି ଇତିମଧ୍ୟରେ ଛଟେଇ ହୋଇଥିବା ହୋମ୍‌ଗାର୍ଡ କାଞ୍ଚନ ପାତ୍ର ଏକାଧିକଥର ଆତ୍ମହତ୍ୟା ଓ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଏବେ ଆଉଜଣେ ଛଟେଇ ହୋମଗାର୍ଡ ବିଦ୍ୟାଧର ଜେନା ଆତ୍ମାହୁତି ଧମକ ଦେଇଛନ୍ତି। ତାଙ୍କୁ ନିଯୁକ୍ତି ଦିଆ ନ ଗଲେ ତାଙ୍କ ପରିବାର ସଦସ୍ୟ ଧାରଣାରେ ବସିବା ସହ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ସ୍ତ୍ରୀ ରୋଗାଗ୍ରସ୍ତ ଥିବାରୁ ଆର୍ଥିକ ଅନଟନରେ ଦିନ କାଟୁଛନ୍ତି। ଚିକିତ୍ସା ପାଇଁ ପାଖରେ ଟଙ୍କାଟିଏ ନାହିଁ। ତେଣୁ ତାଙ୍କୁ ବିନା କାରଣରୁ ଛଟେଇ କରାଯାଇଥିବାରୁ ପୁଣି ଚାକିରି ଦେବା ପାଇଁ ସେ ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି। ବିଦ୍ୟାଧରଙ୍କ ଘର ବାଲେଶ୍ୱର ଜିଲାରେ ହୋଇଥିବାବେଳେ ସେ ଭୁବନେଶ୍ୱରର ସାଇନ୍ସପାର୍କ ବସ୍ତିରେ ପରିବାର ସହ ରହୁଛନ୍ତି। ସେ ୧୯୮୯ରେ ହୋମ୍‌ଗାର୍ଡଭାବେ ଚାକିରି କରିଥିଲେ। ହେଲେ ୧୯୯୭ରେ ତାଙ୍କ ଜେଜେ ମା'ଙ୍କ ମୃତ୍ୟୁ ଘଟିଥିଲା। ଶୁଦ୍ଧିକ୍ରିୟା ପାଇଁ ସେ ୫ଦିନ ଛୁଟି ନେଇ ଘରକୁ ଯାଇଥିଲେ। ଫେରିବା ପରେ ତାଙ୍କର ଚାକିରି ନ ଥିଲା। ବିନା ନୋଟିସରେ ଛୁଟିରେ ଯାଇଥିବା ଆଳ ଦେଖାଇଥିଲେ ଅଧିକାରୀ। ହାଇକୋର୍ଟ ଏକ ମାମଲାର ବିଚାର କରି ରାୟ ଦେଇଥିଲେ ଯେ, ଜଣେ ହୋମ୍‌ଗାର୍ଡ ୩ ବର୍ଷ ପରେ ମଧ୍ୟ କାର୍ଯ୍ୟରେ ଯୋଗଦେଇ ପାରିବେ, କିନ୍ତୁ ତାଙ୍କୁ ଛଟେଇ କରାଯାଇ ପାରିବ ନାହିଁ। କିନ୍ତୁ ବିଦ୍ୟାଧରଙ୍କ କ୍ଷେତ୍ରରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଗଲା ନାହିଁ। ପରବର୍ତ୍ତୀ ସମୟରେ ସେ ପ୍ରଧାନମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ତେବେ ବିଦ୍ୟାଧରଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପୋଲିସ ଡିଜିଙ୍କ ଅଫିସକୁ ଏକ ଚିଠି କରାଯାଇଥିଲା। ପରେ ବିଦ୍ୟାଧରଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ଡିଜିପିଙ୍କ ଅଫିସରୁ ଭୁବନେଶ୍ୱର ଡିସିପିଙ୍କ ଅଫିସ୍‌କୁ ଚିଠି ହୋଇଥିଲା। କିନ୍ତୁ ଦିନ ପରେ ଦିନ ଗଡି ଚାଲିଥିଲେ ମଧ୍ୟ ବିଦ୍ୟାଧରଙ୍କୁ ନିଯୁକ୍ତି ଏଯାଏ ଦିଆଯାଇ ନାହିଁ। ଚାକିରି ପାଇଁ ସେ ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଭେଟୁଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳୁଥିବା ବିଦ୍ୟାଧର କହିଛନ୍ତି। ଏପଟେ ଦିନ ମଜୁରୀଆ ଭାବେ କାର୍ଯ୍ୟକରି ଯାହା କିଛି ରୋଜଗାର କରୁଛନ୍ତି ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ତେଣୁ ସେ ଓ ତାଙ୍କ ପରିବାର ସଦସ୍ୟ ସମୂହ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି। ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ବିଦ୍ୟାଧରଙ୍କ କ୍ଷେତ୍ରରେ କ'ଣ ହୋଇଛି ଦେଖିବାକୁ ପଡିବ।

# ମୁକ୍ତିଲାଭ କଲା 'ବାଜି ରାଉତ: ଇଣ୍ଡିଆଜ୍ ୟଙ୍ଗେଷ୍ଟ ଫ୍ରିଡମ୍ ଫାଇଟର୍'

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)**




ଶହୀଦ ବାଜି ରାଉତଙ୍କ ଜୀବନୀକୁ ନେଇ ପୂର୍ଣ୍ଣାଙ୍ଗ ହିନ୍ଦୀ ଚଳଚ୍ଚିତ୍ର 'ବାଜି ରାଉତ: ଇଣ୍ଡିଆଜ୍ ୟଙ୍ଗେଷ୍ଟ ଫ୍ରିଡମ୍ ଫାଇଟର୍' ଶୁକ୍ରବାର ସୋସିଆଲ ମିଡିଆ ୟୁ-ଟ୍ୟୁବ୍‌ରେ ରିଲିଜ୍ ହୋଇଛି। ୩୦ ମିନିଟ୍‌ର ଏହି ଚଳଚ୍ଚିତ୍ରଟି କେବଳ ୧୭-୧୮ବର୍ଷ ବୟସର ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ହୋଇଛି। ବାଜି ରାଉତ ଭୂମିକାରେ ଅଭିନୟ କରିଥିବା ୧୨ ବର୍ଷୀୟ ମୁନାଫ୍ ହୁସେନ୍ ୭ମ ଶ୍ରେଣୀର ଛାତ୍ର। କ୍ୟାନ୍‌ଡିଡ୍ ଫିଲ୍ମସ ତରଫରୁ ରିଆନ ଫାରୁକ୍‌ଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି କଟକରେ ସମସ୍ତ ସୁଟିଂ ହୋଇଛି। ଗତ ଅଗଷ୍ଟ ୧୫ରେ ଏହାର ଟ୍ରେଲର 'ୟୁ-ଟ୍ୟୁବ୍' ଚ୍ୟାନେଲ୍‌ରେ ପ୍ରସାରିତ ହୋଇଥିଲା। ଏବେ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବାର ଅଳ୍ପ ସମୟରେ ବହୁ ଦର୍ଶକ ଦେଖିଛନ୍ତି। କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଯୁକ୍ତ୩ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଏହି ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। କଥାବସ୍ତୁର ଗବେଷଣା କ୍ଷେତ୍ରରେ ରେଭେନ୍ ବିଶ୍ୱବିଦ୍ୟାଳୟର ଇତିହାସ ପ୍ରଫେସର ଡ. ନେହା ଶର୍ମା ଦିଗ୍‌ଦର୍ଶନ ପ୍ରଦାନ କରିଛନ୍ତି। ପ୍ରଫେସର ଡ. ନିତ୍ୟାନ୍ଦ ମିଶ୍ରଙ୍କ ରଚିତ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳର ସେନାପତି ସାରଙ୍ଗଧର ଦାସଙ୍କ ଜୀବନୀ ଉପରେ ରଚିତ ପୁସ୍ତକ 'ଗଡ଼ଜାତ ଗାନ୍ଧୀ'ରୁ ମଧ୍ୟ କିଛି ତଥ୍ୟ ସଂଗ୍ରହ କରାଯାଇଛି। ସାରା ଭାରତକୁ ବାଜିରାଉତଙ୍କ ବୀରତ୍ୱର ଗାଥା ଜଣାଇବା ପାଇଁ ଚଳଚ୍ଚିତ୍ରଟି ହିନ୍ଦୀ ଭାଷାରେ ନିର୍ମିତ ହୋଇଥିବା ହୁସେନ କହିଛନ୍ତି।

### ସମାଜରେ ଶାନ୍ତି, ସଦ୍‌ଭାବନା ପ୍ରତିଷ୍ଠା ହେବା ଆବଶ୍ୟକ

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**

ଅନ୍ତର୍ଜାତୀୟ ଶାନ୍ତି ଦିବସ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସାଇଟି ଫର୍ ନେଚର, ଏଜୁକେଶନ ଆଣ୍ଡ ହେଲଥ୍(ସ୍ନେହ) ଆନୁକୂଲ୍ୟରେ ଶନିବାର ଭଞ୍ଜକଳା ମଣ୍ଡପଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାନେତ୍ରୀ ସୁବର୍ଣ୍ଣ ଘୋଷଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ 'ସ୍ନେହ'ର ଉପଦେଷ୍ଟା ସୁବାସ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ସାହାଯ୍ୟରେ ପାଠ ପଢି ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିଥିବା ଛାତ୍ରୀ ମାନସୀ ନାୟକ, ଲିଟୁ କୁନ୍ତୁକା ଓ ଗୌତମୀ ସବରଙ୍କୁ ଆର୍ଥିକ ପ୍ରୋତ୍ସାହନ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ୪ଜଣ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୁକ୍ତ ସନ୍ଧ୍ୟାବତୀ ପ୍ରଧାନ, ଓଡିଶାର ପୂର୍ବତନ ସୂଚନା ଆୟୁକ୍ତ ପ୍ରଫେସର ରାଧାମୋହନ, କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ହରେକୃଷ୍ଣ ଶତ୍‌ପଥୀ ଯୋଗଦେଇ ମାନବ ସଭ୍ୟତାର ବିଭିନ୍ନ ସମୟରେ କିଭଳି ହିଂସାର କ୍ରମାଗତ ପ୍ରସାର ଏବଂ ବର୍ତ୍ତମାନ ସମାଜରେ ଏହାର ସ୍ଥିତି ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର, ଯୁବକ ଏବଂ ନାଗରିକ ସମାଜ ସଂକୀର୍ଣ୍ଣ ସ୍ୱାର୍ଥର ଉର୍ଦ୍ଧ୍ୱକୁ ଯାଇ ବିଶ୍ୱ ଭ୍ରାତୃତ୍ୱ ପ୍ରତିଷ୍ଠା କରିଲେ ମାନବ ଜୀବନ ସାର୍ଥକ ହେବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।

# ଆମ୍ରି ପକ୍ଷରୁ ଆମ୍ରିକନ୍ ନ୍ୟୁରୋ ଅପ୍‌ଡେଟ୍ ୨୦୧୮




**ଭୁବନେଶ୍ୱର,୨୨।୯**

ଆମ୍ରି ହସ୍ପିଟାଲ ପକ୍ଷରୁ ଆମ୍ରିକନ୍ ନ୍ୟୁରୋ ଅପ୍‌ଡେଟ ୨୦୧୮ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇ ଯାଇଛି। ନ୍ୟୁରୋ ବିଜ୍ଞାନରେ ହେଉଥିବା ସଦ୍ୟତମ ଉନ୍ନତୀକରଣ ତଥା ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଚିକିତ୍ସା ଭଳି ପ୍ରମୁଖ ପ୍ରସଙ୍ଗ ଉପରେ ଏଠାରେ ଆଲୋଚନା ହୋଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରର ୧୫୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେବା ସହ ନ୍ୟୁରୋ ସାଇନ୍ସର ବିଭିନ୍ନ ଦିଗ ଉପରେ କାର୍ଯ୍ୟକ୍ରମରେ ଆଲୋଚନା କରିଥିଲେ। ନ୍ୟୁରୋ ସାଇନ୍ସର ୫ ନୂଆ ଦିଗ ଉପରେ ଆଲୋଚନାଚକ୍ର ମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶେଷଜ୍ଞ ଭାବେ ୨ ନ୍ୟୁରୋ ସର୍ଜନ ଏବଂ ୩ ବିଶିଷ୍ଟ ନ୍ୟୁରୋଲୋଜିଷ୍ଟ ଯୋଗ ଦେଇଥିଲେ। ବିଶେଷଜ୍ଞଙ୍କ ମଧ୍ୟରେ ଆର୍.ଏନ୍ ଭଟ୍ଟାଚାର୍ଯ୍ୟ, ଡ. ଶିଶିର ଦାସ ପ୍ରମୁଖ ସାମିଲ ହୋଇଥିଲେ। ଅପରପକ୍ଷରେ ବିଶିଷ୍ଟ ଫିଜିସିଆନ୍ ଡ. ମିନକେତନ କର, ଆମ୍ରି ହସ୍ପିଟାଲ ୟୁନିଟ ମୁଖ୍ୟ ତଥା ଭି.ପି ସିଏଲ୍‌ଏନ୍ ରେଡ୍ଡି ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# ପ୍ରତ୍ୟେକ ମୁହୂର୍ତ୍ତ କନ୍ୟାର ଦିବସ

**ଭୁବନେଶ୍ୱର, ୨୨।୯(ବ୍ୟୁରୋ):** 'କନ୍ୟା ଅନ୍‌ମୋଲ ହେଁ' ପକ୍ଷରୁ ଶନିବାର ୟୁନିଟ୍-୯ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'କନ୍ୟା ଅନ୍‌ମୋଲ ହେଁ'ର ରାଷ୍ଟ୍ରୀୟ ସଂଯୋଜକ ସରୋଜ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ୟା ସନ୍ତାନର ବିକାଶ ନିମନ୍ତେ ରାଷ୍ଟ୍ରର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସଭାପତି ଅମିୟବାଳା ପରିଡ଼ା ପ୍ରତ୍ୟେକ ମୁହୂର୍ତ୍ତ, ପ୍ରତ୍ୟେକ ଦିବସ କନ୍ୟାର ଦିବସ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ 'କନ୍ୟା ଅନ୍‌ମୋଲ ହେଁ' ଶୀର୍ଷକ ବିଷୟ ଉପରେ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ରାଜ୍ୟ ସଂଯୋଜକ ସାଗର ଦାସ, ସଂଯୋଜିକା ଅର୍ଚ୍ଚନା ପାଣିଗ୍ରାହୀ, ସଦସ୍ୟ ଦେବାଶିଷ ମହାପାତ୍ର, ପ୍ରଭଞ୍ଜନ ମିଶ୍ର, ରୋଜା ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# 'ବିବେକାନନ୍ଦଙ୍କ ଭଳି ଲକ୍ଷ୍ୟ ରଖ'

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**

ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଭୁବନେଶ୍ୱର ଶାଖା ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କର ଚିକାଗୋ ଅଭିଭାଷଣର ୧୨୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଶନିବାର ବିଶ୍ୱ ଭ୍ରାତୃତ୍ୱ ଦିବସ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାଣିଜ୍ୟ, ଶିଳ୍ପ ଓ ବେସାମରିକ ବିମାନ ଚଳାଚଳ କେନ୍ଦ୍ର ମନ୍ତ୍ରୀ ସୁରେଶ ପ୍ରଭାକର ପ୍ରଭୁ ଯୋଗଦେଇ ଆଜିର ଦିନରେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀର ଗୁରୁତ୍ୱ ବିଷୟରେ କହିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସ୍ୱାମୀ ବିବେକାନନ୍ଦ ଚିକାଗୋ ଅଭିଭାଷଣରେ ଧର୍ମ ନିର୍ବିଶେଷରେ ମାନବ ସମାଜରେ ଶାନ୍ତି ଏବଂ ସାମଗ୍ରିକ ସମୃଦ୍ଧି ପାଇଁ ବିଶ୍ୱ ଭ୍ରାତୃତ୍ୱର ଆବଶ୍ୟକତା ରହିଛି ବୋଲି ଯେଉଁ ଭାଷଣ ଦେଇଥିଲେ ତାହାର ଆବଶ୍ୟକତା ସାମ୍ପ୍ରତିକ ସମୟରେ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। କେନ୍ଦ୍ରର ନଗରର ସଞ୍ଚାଳକ ପ୍ରଫେସର ଗୋପେନ୍ଦ୍ର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀର ଅଖିଳ ଭାରତୀୟ କୋଷାଧ୍ୟକ୍ଷ ହନୁମନ୍ତା ରାଓ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଭୁବନେଶ୍ୱର ଶାଖାର ସହର ସଞ୍ଚାଳକ ତଥା ଏନ୍‌ଆଇଟି ରାଉରକେଲାର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର, ଜି.କେ. ରଏ, ଅଭ୍ୟର୍ଥନା କମିଟିର ସଭାପତି ବି.ଏନ. ପଟ୍ଟନାୟକ, କେନ୍ଦ୍ରର ନଗର ପ୍ରମୁଖ ସନ୍ତୋଷ କୁମାର ଜେନା ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ଆତ୍ମବିକାଶ ବାର୍ତ୍ତା ସମ୍ବଳିତ ପୁସ୍ତକକୁ ନେଇ ହୋଇଥିବା ସ୍ୱାଧ୍ୟାୟ ପରୀକ୍ଷାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।


ହୋଟେଲ ମେଫେୟାର କନ୍‌ଭେନଶନରେ ଚାଲିଥିବା ଇଣ୍ଟରନ୍ୟାଶନାଲ ବ୍ରାଣ୍ଡେଡ୍ ଗାରମେଣ୍ଟସ ମେଳାକୁ ଗ୍ରାହକମାନେ ବୁଲି ଦେଖୁଛନ୍ତି।

# କିଟ୍‌ରେ ୯ମ ଜାତୀୟ ମାର୍କେଟିଂ କନ୍‌କ୍ଲେଭ




**ଭୁବନେଶ୍ୱର, ୨୨।୯(ବ୍ୟୁରୋ)**

କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟରେ ଶନିବାର ୯ମ ଜାତୀୟ ମାର୍କେଟିଂ କନ୍‌କ୍ଲେଭ ଅନୁଷ୍ଠିତ ହୋଇଯାଇଛି। ଏହାକୁ ରେଡିଫ୍ୟୁଜନ୍‌ର ଯୁଗ୍ମ ସଭାପତି ନବନୀଳ ଚାଟାର୍ଜୀ ଏବଂ ୱ ମୋମୋର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାଗର ଦରିଆନି ଉଦ୍‌ଘାଟନ କରିଥିଲେ। ଚାଟାର୍ଜୀ ମାର୍କେଟିଂର ଭବିଷ୍ୟତ ଉପରେ କେତେକ ଉପାଦେୟ ତଥ୍ୟ ପ୍ରଦାନ କରି ବିଭିନ୍ନ ପ୍ରକାର ଆପ୍‌ର ଉପଯୋଗିତା, ଗୁରୁତ୍ୱ, ଉତ୍ପାଦର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଦରିଆନି ଭାରତରେ ପିଜା ବ୍ୟବସାୟର ସଫଳତାରେ ଉଦ୍‌ବୁଦ୍ଧ ହୋଇ କିପରି ୱ ମୋମୋଜ୍ ବ୍ୟବସାୟ ଆରମ୍ଭ କରିଥିଲେ ତା' ଉପରେ କହିଥିଲେ। ବ୍ୟବସାୟ କ୍ଷେତ୍ରରେ ଆସୁଥିବା ବିଭିନ୍ନ ବାଧାବନ୍ଧନକୁ କିପରି ସୁଯୋଗରେ ପରିଣତ କରିବାକୁ ହୁଏ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମାର୍କେଟିଂ ଟୁ ଜେନ୍ ଜେଡ୍ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ହୋମ୍‌ଟାଉନ୍‌ର ସିଇଓ ମହେଶ ଶାହା, ଡେଲ୍ ଇଏମ୍‌ସି ଆଲାଏନ୍ସର ବରିଷ୍ଠ ନିର୍ଦ୍ଦେଶକ ଏ. ଏଲ୍. ଜଗନ୍ନାଥ, ହାଭେଲ୍‌ସ ଇଲେକ୍ଟ୍ରୋନିକ୍ସ ଓ କନ୍‌ଜ୍ୟୁମର ଡ୍ୟୁରେବଲ୍‌ସର ମୁଖ୍ୟ ଜୟ ତିଳକ ମଜୁମଦାର, ପବ୍ଲିସିସ୍ ଇଏମ୍‌ଆଇଏଲ୍ ଭାରତ ମୁଖ୍ୟ ଆଦିତ୍ୟନ୍ କାୟଲାକାଲ, ସିଗ୍ନେଟକ୍ ମାର୍କେଟିଂ ମୁଖ୍ୟ ନୀଳାଞ୍ଜନ ରାୟ, ଏଫ୍‌ବିବି ସିଏମ୍‌ଓ ପ୍ରାଚୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜେନ୍ ଜେଡ୍‌ର ଧ୍ୟାନ ଆକର୍ଷଣ ସମୟ ମାତ୍ର ଅଳ୍ପ ସେକେଣ୍ଡ ହୋଇଥିବା ବେଳେ ଏହା ଗ୍ରାହକଙ୍କୁ ଆକର୍ଷିତ କରିବା କ୍ଷେତ୍ରରେ ବ୍ୟବସାୟୀଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇଛି ବୋଲି ସେମାନେ କହିଥିଲେ। ବର୍ତ୍ତମାନର ମାର୍କେଟିଂ କ୍ଷେତ୍ରରେ ସେଲିବ୍ରିଟିଙ୍କ ଅପେକ୍ଷା ପ୍ରଭାବ ସୃଷ୍ଟିକାରୀମାନେ ଅଧିକ ଗ୍ରହଣୀୟ ହୋଇଛନ୍ତି। ବିଭିନ୍ନ ବିଷୟବସ୍ତୁ ଉପରେ ୧୨ଟି କର୍ମଶାଳା ଆୟୋଜିତ ହୋଇଥିଲା।



# ଯୁବାବସ୍ଥାରେ ହୃଦ୍‌ରୋଗ



**ପ୍ରଫେସର ଡା. ରମାରମଣ ଷଡ଼ଙ୍ଗୀ**

ଭାରତର ସମଗ୍ର ଜନସଂଖ୍ୟାର ପ୍ରାୟ ଏକପଞ୍ଚମାଂଶରୁ ଊର୍ଦ୍ଧ୍ୱ ହେଉଛନ୍ତି ଯୁବପିଢ଼ି। ଶିଳ୍ପାୟନ ଓ ବିଜ୍ଞାନର ଅଗ୍ରଗତି ସାଙ୍ଗକୁ ପାଠ ଓ ବିଦ୍ୟାଳୟର ବୋଝ, ମାନସିକ ଓ ଶାରୀରିକ ଚାପ ତଥା ସାମାଜିକ ଅସନ୍ତୁଳନତା ତାଙ୍କୁ ଏମିତି ସ୍ତରକୁ ନେଇ ଯାଉଛି, ଯଦ୍ଦ୍ୱାରା ଏଇ ଯୁବପିଢ଼ି ଅଳ୍ପବୟସରେ ବିଭିନ୍ନ ପ୍ରକାର ରୋଗ, ବିଶେଷକରି ହୃଦ୍‌ରୋଗର ଶିକାର ହେଉଛନ୍ତି। କେବଳ ମଧ୍ୟବୟସ୍କ ଓ ବୟସ୍କ ଲୋକ ନୁହନ୍ତି, ଶୈଶବରୁ ଯୁବପିଢ଼ି ପର୍ଯ୍ୟନ୍ତ ସବୁ ବୟସର ଯୁବତୀଯୁବକ ଏ ରୋଗରୁ ବାଦ୍ ପଡ଼ନ୍ତି ନାହିଁ।

ଆପଣମାନେ ଜାଣିବା କଥା କେତେକ ପ୍ରକାର ହୃଦ୍‌ରୋଗ ଜନ୍ମବେଳରୁ ବି ରହିଥାଏ, ଯାହାକୁ କି ଆମେ ଜନ୍ମଗତ ହୃଦ୍‌ରୋଗ (Congenital Heart disease) କହିଥାଉ। ଏହାଛଡ଼ା ଶିଶୁ ଜନ୍ମହେଲା ପରେ ବହୁ ପ୍ରକାର ହୃଦ୍‌ରୋଗ ହୋଇଥାଏ, ତନ୍ମଧ୍ୟରୁ ମୁଖ୍ୟ ହେଲା ଆଣ୍ଠୁଗଣ୍ଠିଜନିତ ହୃଦ୍‌ରୋଗ (Rheumatic Heart disease)। ଏହି ରୋଗ ଗଳାରେ ବିଟା ହିମୋଲିଟିକସ୍ ଷ୍ଟ୍ରେପ୍ଟୋକକସ୍ ଜୀବାଣୁ ଦ୍ୱାରା ଆରମ୍ଭ ହୋଇଥାଏ। ଏହି ସଂକ୍ରମଣ ଦ୍ୱାରା ଟନ୍‌ସିଲାଇଟିସ୍ ଆଦି ହେଲେ ରିଉମାଟିକ୍ ଆର୍ଥ୍ରାଇଟିସ୍ ଓ ରିଉମାଟିକ୍ କାର୍ଡାଇଟିସ୍ କରିଥାଏ। ରିଉମାଟିକ୍ କାର୍ଡାଇଟିସ୍‌ରେ ହୃତ୍‌ପିଣ୍ଡର କପାଟିକାମାନ ବିଶେଷ ଭାବରେ ଆକ୍ରାନ୍ତ ହୋଇଥାନ୍ତି। ଏଥିରେ ଅତିଶୀଘ୍ର ହୃଦ୍‌ରାଗର କପାଟିକାମାନ ସଙ୍କୁଚିତ ହୋଇଯାନ୍ତି ବା ଭାଲ୍‌ଭ ମାଧ୍ୟମରେ ରକ୍ତ ଲିକ୍ ହୋଇଥାଏ। ଏହା ଖୁବ୍‌ଶୀଘ୍ର ଶିଶୁକୁ ଅକର୍ମଣ୍ୟ କରିଦେଇଥାଏ। ଯେତେବେଳେ ଖେଳକୁଦ କରିବା କଥା ସେ ସେତିକି ବେଳେ ଖେଳିପାରେନାହିଁ। ଏଭଳି କ୍ଷେତ୍ରରେ ଆକ୍ରାନ୍ତ ହେବାର ୩-୬ ମାସ ମଧ୍ୟରେ ହୃତ୍‌ପିଣ୍ଡକୁ ଅପରେଶନ କରିବାକୁ ହୋଇଥାଏ। ନଚେତ୍ ରୋଗୀ ସମ୍ପୂର୍ଣ୍ଣ ଅକର୍ମଣ୍ୟ ହୋଇଯାନ୍ତି କିମ୍ବା ମୃତ୍ୟୁମୁଖରେ ପଡ଼ିଥାନ୍ତି।

ଏହାଛଡ଼ା ହୃତ୍‌ପିଣ୍ଡରେ ଅନ୍ୟ ରୋଗମାନ ମଧ୍ୟ ଦେଖାଦେଇଥାଏ। ତନ୍ମଧ୍ୟରୁ ହୃଦ୍‌ଘାତ ବି ଯୁବାବସ୍ଥାରେ ହୋଇପାରେ, ଯେଉଁଥିରେ ରୋଗୀର ହଠାତ୍ ମୃତ୍ୟୁ ବା ସଡନ୍ ଡେଥ୍ ହୋଇଥାଏ। ଏହି ରକ୍ତ ପ୍ରବାହଜନିତ ହୃଦ୍‌ରୋଗ ହେବାର ପ୍ରଧାନ କାରଣଗୁଡ଼ିକ ହେଉଛି ଫାମିଲିଆଲ (Familial) ବା ବଂଶଗତଭାବେ ରକ୍ତରେ କୋଲେଷ୍ଟେରଲର ଆଧିକ୍ୟ, ତା'ଛଡ଼ା ଓବେସିଟି ବା ମେଦବହୁଳତା, ଉଚ୍ଚ ରକ୍ତଚାପ, ମଧୁମେହ ଇତ୍ୟାଦି। ଏସବୁ ରୋଗ ଥାଇ ଯଦି ତା'ସହିତ ଜଣଙ୍କର ଧୂମପାନ, ଅଧିକ ଚର୍ବିଜାତୀୟ ଖାଦ୍ୟ ବା ଜଙ୍କ୍‌ଫୁଡ଼ ଖାଇବା, ଆଳସ୍ୟପରାୟଣ ହୋଇ ଗୋଟିଏ ସ୍ଥାନରେ ଦୀର୍ଘସମୟ ବସିରହିବା ଭଳି ବଦଭ୍ୟାସ ଥାଏ ତେବେ କମ୍ ବୟସରୁ ହିଁ ଏହି ରୋଗ ହୋଇଥାଏ। ଅଳ୍ପ

**ହୃଦ୍‌ରୋଗ ଏଭଳି ଏକ ମାରାତ୍ମକ ରୋଗ ଯାହା ଦେଖେନି ବୟସ। ଏହି ରୋଗରେ ଆକ୍ରାନ୍ତ ହେଲେ ଅସମୟରେ ରୋଗୀ ଟାଣି ହୋଇଯାଏ ମୃତ୍ୟୁମୁଖକୁ। ତେବେ ଯୁବାବସ୍ଥାରେ ବଢୁଥିବା ହୃଦ୍‌ରୋଗ ସମସ୍ୟାକୁ ଏଡାଇବାକୁ ହେଲେ ଜୀବନଶୈଳୀରେ ପରିବର୍ତ୍ତନ ସହ କେତୋଟି ଦିଗ ପ୍ରତି ବିଶେଷ ଯତ୍ନଶୀଳ ହେବା ଆବଶ୍ୟକ...**



ବୟସରେ ଏହି ରୋଗରେ ମୃତ୍ୟୁ ମୁଖରେ ପଡୁଥିବା ରୋଗୀଙ୍କ ମଧ୍ୟରୁ ପ୍ରାୟ ୯୯ ଭାଗଙ୍କ ମୃତ୍ୟୁ ଧୂମପାନଜନିତ କାରଣରୁ ହୋଇଥାଏ।

**ଯୁବାବସ୍ଥାରେ ହୃଦ୍‌ଘାତର ପ୍ରମୁଖ କାରଣ:** ଆଜିକାଲି ପିଲାମାନେ ବିଭିନ୍ନ ପ୍ରକାର ଖେଳ, କସରତ (ଆଉଟ୍ ଡୋର ଗେମ୍)କୁ ଏଡ଼ାଇ ପାଠପଢା ଛଡ଼ା ଟିଭି, ମୋବାଇଲ, କମ୍ପ୍ୟୁଟର ଆଦିରେ ଅଧିକ ସମୟ ବିତାଉଛନ୍ତି। ଫଳରେ ଶାରୀରିକ ପରିଶ୍ରମ ଅଭାବରୁ ଧମନୀରେ ଚର୍ବି ଜମାଇବାରେ ସାହାଯ୍ୟ କରୁଛି ଏବଂ ରକ୍ତରେ ଖରାପ କୋଲେଷ୍ଟେରଲର ମାତ୍ରା ବଢ଼ି ଭଲ କୋଲେଷ୍ଟେରଲ କମୁଛି। ଫଳରେ ସେମାନେ ମେଦବହୁଳତାର ଶିକାର ହେଉଛନ୍ତି। ଏହା ଏକ ରୋଗ ଏବଂ ହୃଦ୍‌ରୋଗ ବା ହୃଦ୍‌ଘାତ ଆଶଙ୍କା ବୃଦ୍ଧି କରୁଛି।

**ପ୍ରତିଷେଧକ ବ୍ୟବସ୍ଥା:**

■ଯୁବତୀଯୁବକମାନଙ୍କ କ୍ଷେତ୍ରରେ ହୃଦ୍‌ଘାତକୁ ରୋକିବା ପାଇଁ ଉଚ୍ଚ ରକ୍ତଚାପ, ମଧୁମେହ, ମୋଟାପଣ ତଥା ରକ୍ତରେ କୋଲେଷ୍ଟେରଲ ବୃଦ୍ଧିକୁ ରୋକିବା ଆବଶ୍ୟକ। ସେଥିପାଇଁ ଧୂମପାନ ନ କରିବାକୁ ପରାମର୍ଶ ଦେବାଲାଗି ପରିବାରଠାରୁ ଆରମ୍ଭକରି ଶିକ୍ଷକ, ଶିକ୍ଷୟିତ୍ରୀ, ଡାକ୍ତର ତଥା ସମାଜର ସବୁ ସ୍ତରର ଲୋକମାନେ ଆଗେଇ ଆସିବା ଜରୁରୀ।

■ବ୍ୟାୟାମ, ଶାରୀରିକ ପରିଶ୍ରମ କରି ନିଜ ଓଜନ କମାଇବା ଆବଶ୍ୟକ। ଏହାଛଡ଼ା ଉଚ୍ଚ ରକ୍ତଚାପ ପାଇଁ ଔଷଧ ଖାଇ ତଥା ଖାଦ୍ୟ ନିୟନ୍ତ୍ରଣ କରି ଏହାକୁ କମାଇବା ଜରୁରୀ। ଶେଷରେ ସମସ୍ତେ ଜାଣିରଖିବା ଉଚିତ ଯେ ହୃଦ୍‌ଘାତ ପାଇଁ କୌଣସି ବୟସ ସୀମା ନାହିଁ। ଅତି ଅଳ୍ପ ବୟସରୁ ବି ଅନେକେ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରନ୍ତି।

■ଚର୍ବିଜାତୀୟ ଖାଦ୍ୟ ବା ଫାଷ୍ଟଫୁଡ୍ ଭଳି ଖାଦ୍ୟ ପରିବର୍ତ୍ତେ ସୁଷମ ଖାଦ୍ୟ ତଥା ପ୍ରଚୁର ପୁଷ୍ଟିସାର, ଫଳ, ତନ୍ତୁଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପ୍ରଚୁର ପାଣି ପିଅନ୍ତୁ। ମଇଦା, ପାଉଁରୁଟି, କେକ୍, ତେଲ ଓ ଘିଅରେ ଛଣାଛଣି ମିଠା, ଖାସିମାଂସ, ଅଣ୍ଡାର କେଶର, ଲହୁଣୀ, ଛେନା, ଖାସ୍ତା, ପିଜା, ବର୍ଗର, ଆଳୁ ଚିପ୍‌ସ୍ ଆଦି ଖାଇବା ଉଚିତ ନୁହେଁ।

■ଏହାଛଡ଼ା ଧୂମପାନ ଓ ମଦ୍ୟପାନ ପରିହାର କରିବା ଉଚିତ। ଯଦି ଖାଦ୍ୟ ବା ବ୍ୟାୟାମ ଦ୍ୱାରା ଉଚ୍ଚ ରକ୍ତଚାପ, ମଧୁମେହ ଓ ରକ୍ତରେ କୋଲେଷ୍ଟେରଲର ପରିମାଣ ନ କମିଲା ତେବେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିବା ଆବଶ୍ୟକ। ମୋଟାମୋଟି ଅଳ୍ପ ବୟସରୁ ହିଁ ଏସବୁ କଥା ପ୍ରତି ଧ୍ୟାନଦେଲେ ଏହି ରୋଗରୁ ଦୂରେଇରହିବା ସହ ଏକ ସୁସ୍ଥ ଜୀବନ ଜୀଇଁବା ସହଜ ହୋଇପାରିବ।

*– ଲିଙ୍କ୍ ରୋଡ୍, କଟକ-୧୨*
*ମୋ-୯୪୩୭୦୫୧୦୦୭*

## ଏ ସପ୍ତାହର ପ୍ରଶ୍ନ

୧- ଭାରତର ପ୍ରଥମ କୁକୁର ପାର୍କ.......ସହରରେ ପ୍ରତିଷ୍ଠା ହେବାକୁ ଯାଉଛି ?

୨- ଚଳିତ ବର୍ଷ ୱାର୍ଲ୍ଡ ସୁଇସାଇଡ୍ ପ୍ରିଭେନ୍‌ସନ୍ ଡେ'ର ଥିମ୍........... ?

୩- ବିଏସ୍‌ଏନ୍‌ଏଲ୍‌ର ନୂଆ ବ୍ରାଣ୍ଡ ଆମ୍ବାସାଡର ଭାବେ....... ନିଯୁକ୍ତ ହୋଇଛନ୍ତି ?

୪- 'ଦି ରୁଲ୍ ବ୍ରେକର୍ସ' ଉପନ୍ୟାସ........ ଲେଖିଛନ୍ତି ?

୫-ଇଣ୍ଡୋ-ଆମେରିକା ମିଲିଟାରି ଟ୍ରେନିଂ ଏକ୍ସରସାଇଜ 'ଯୁଦ୍ଧ ଅଭ୍ୟାସ ୨୦୧୮'........ଠାରେ ଆୟୋଜିତ ହୋଇଥିଲା ?

## ଗତ ସପ୍ତାହର ଉତ୍ତର

୧ ସଞ୍ଜୟ ମଞ୍ଜ୍ରେକର

୨ ଲାକ୍ଷାଦ୍ୱୀପ

୩ ଆନି ବେସାନ୍ତ

୪ ଡଲ୍‌ଫିନ୍

୫ ସୌଦି ଆରବ

## ଉତ୍ତର ଦାତା



ଦେବାଶିଷ ମିଶ୍ର
କେନ୍ଦୁଝର



ଶରତ କୁମାର ଗୌଡ଼
ଗଞ୍ଜାମ



ବିନୋଦ ବିହାରୀ ବେହେରା
କଟକ

ଯୁବ ଆଲର୍ଟ

# ନିଜ ଫୋନ୍‌କୁ ରଖନ୍ତୁ ସୁରକ୍ଷିତ

**ବର୍ତ୍ତମାନ କାହା ପାଖରେ ବା ସ୍ମାର୍ଟଫୋନ୍ ନାହିଁ। କେବଳ କଥା ହେବା କିମ୍ବା ଇଣ୍ଟରନେଟ୍ ବ୍ୟବହାର ପାଇଁ ନୁହେଁ, ପର୍ସନାଲ ଡାଟା ଷ୍ଟୋରେଜ୍ ପାଇଁ ମଧ୍ୟ ଏହା ଏକ ଆବଶ୍ୟକ ସାମଗ୍ରୀରେ ପରିଣତ ହୋଇଗଲାଣି। ହେଲେ କେବେ କେବେ ଫୋନ୍ ଚୋରି କିମ୍ବା ଡାଟା ହ୍ୟାକ୍ ହୋଇଯିବା, ହଜିଯିବା କିମ୍ବା ଅନ୍ୟ କାହା ହାତରେ ପଡ଼ିଯିବା କାରଣରୁ ଏହି ଡାଟାଗୁଡ଼ିକର ଅପବ୍ୟବହାର ହେବା ଆଶଙ୍କା ବଢ଼ିଥାଏ। ହେଲେ ଯଦି ଆପଣ ନିଜ ଡାଟା ସୁରକ୍ଷିତ ରଖିବାକୁ ଚାହୁଁଛନ୍ତି ତେବେ କେତୋଟି ସିକ୍ୟୁରିଟି ଫିଚର ବ୍ୟବହାର ସମ୍ପର୍କରେ ଜାଣିରଖନ୍ତୁ...**

**ଆପ୍ ଲକ୍ କରନ୍ତୁ:** ବର୍ତ୍ତମାନ ଅଧିକାଂଶ ସ୍ମାର୍ଟଫୋନ୍‌ରେ ବିଲ୍ଟ ଇନ୍ ଆପ୍‌ଲକ୍ ଅପ୍ସନ ରହୁଛି। ଏହାକୁ ବ୍ୟବହାରକରି ଆପଣ ନିଜ ଫୋନ୍‌ର ସମସ୍ତ ଡାଟା, କଣ୍ଟାକ୍ଟ ଆଦିକୁ ସୁରକ୍ଷିତ ରଖିପାରିବେ। ଫୋନ୍‌ର ବିଭିନ୍ନ ଇନ୍‌ଷ୍ଟଲ୍ଡ ଆପ୍‌କୁ ଅଲଗା ଅଲଗା ପାସ୍‌କୋଡ୍‌ରେ ଲକ୍ କରିପାରିବେ କିମ୍ବା ଫିଙ୍ଗରପ୍ରିଣ୍ଟ ସ୍କାନ୍ ଲକ୍ କରିପାରିବେ। ଆପଣଙ୍କ ଫୋନ୍‌ରେ ଏହି ଫିଚର ନ ଥିଲେ ମଧ୍ୟ ଆପଣ ଡାଉନ୍‌ଲୋଡ୍ କରି ଏହାର ସୁବିଧା ନେଇପାରିବେ।

**ବିଶ୍ୱସନୀୟ ଆପ୍ ହିଁ ରଖନ୍ତୁ:** ଇଣ୍ଟରନେଟ୍‌ରୁ ଯେକୌଣସି ଆପ୍ ଡାଉନ୍‌ଲୋଡ୍ କରିନେବା ବିପଦପୂର୍ଣ୍ଣ। କାରଣ ଏହାଦ୍ୱାରା ଆପଣଙ୍କ ଫୋନ୍‌କୁ ଭାଇରସ୍ ଆସିବା ସହ ପର୍ସନାଲ ଡାଟା ହ୍ୟାକ୍ ହେବା କିମ୍ବା ଅପବ୍ୟବହାର ହେବା ଯୋଗୁ ଆପଣ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ତେଣୁ ଯେକୌଣସି ଆପ୍ କେବଳ ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ ହିଁ ଡାଉନ୍‌ଲୋଡ୍ କରନ୍ତୁ। ଗୁଗୁଲ୍ ପ୍ରଥମେ ଯାଞ୍ଚ କରିବା ପରେ ହାନିକାରକ ଆପ୍‌କୁ ହଟାଇ ଦେଇଥାଏ ଏବଂ କେବଳ ସୁରକ୍ଷିତ ଆପ୍‌ଗୁଡିକୁ ହିଁ ଇନ୍‌ଷ୍ଟଲ୍ ହେବାକୁ ଦେଇଥାଏ।

**ମଜଭୁତ ପାସ୍‌କୋଡ୍ ବ୍ୟବହାର କରନ୍ତୁ:** ଯଦି ଆପଣଙ୍କ ଫୋନ୍‌ରେ ଫିଙ୍ଗରପ୍ରିଣ୍ଟ ସ୍କାନ୍ ଲକ୍ ଅଛି ତେବେ ଏହାକୁ ବ୍ୟବହାର କରନ୍ତୁ। ହେଲେ ଏହି ଅପ୍ସନ୍ ନ ଥିଲେ ପାର୍ଟନ୍ ଲକ୍ ପାଇଁ ସହଜ ବଦଳରେ କିଛି ଭିନ୍ନ ପାର୍ଟନ ବାଛନ୍ତୁ। ଯଦି ପାସ୍‌କୋଡ୍ ରଖୁଛନ୍ତି ତେବେ ସେଥିରେ ଜନ୍ମ ତାରିଖ, ନିଜ ନାମ କିମ୍ବା ଏଭଳି କିଛି ସହଜରେ ଜାଣି ହେବା ଭଳି କୋଡ୍ ବ୍ୟବହାର ନ କରି କିଛି ନୂଆ ତଥା ମଜଭୁତ ପାସ୍‌କୋଡ୍ ରଖନ୍ତୁ। ମନେରଖନ୍ତୁ, ବର୍ତ୍ତମାନ ଅନେକ ଫୋନ୍‌ରେ ଫେସ୍ ଅନ୍‌ଲକ୍ ଅପ୍ସନ ଆସୁଛି। ହେଲେ ଡାଟା ସିକ୍ୟୁରିଟି ଲାଗି ଏହା ନିରାପଦ ନୁହେଁ। କାରଣ ଆପଣଙ୍କ ଫଟୋ ଦ୍ୱାରା ମଧ୍ୟ କେହି ଏହାର ଲକ୍ ଖୋଲିପାରନ୍ତି।

**ଆଣ୍ଟି ଭାଇରସ୍ ଲୋଡ୍ କରନ୍ତୁ:** ଆପଣ ଚାହିଁଲେ ନିଜ କମ୍ପ୍ୟୁଟର, ଲାପ୍‌ଟପ୍ ଆଦି ଭଳି ସ୍ମାର୍ଟଫୋନ୍‌ର ଡାଟା ସୁରକ୍ଷା ଲାଗି କୌଣସି ଭଲ କମ୍ପାନୀର ୬ମାସିଆ, ବର୍ଷିକିଆ କିମ୍ବା ଅଧିକ ଅବଧିଯୁକ୍ତ ଆଣ୍ଟି ଭାଇରସ୍ ଇନ୍‌ଷ୍ଟାଲ୍ କରିପାରିବେ, ଯାହାକି ଆପଣଙ୍କ ଫୋନ୍‌କୁ ଅଟୋମେଟିକ୍ ସ୍କାନ୍, ମାଲ୍‌ୱେର୍ ଡିଟେକ୍ସନ୍, ଆଣ୍ଟି ଥେଫ୍ଟ, କଲ୍ ବ୍ଲକିଂ, ରିମୋଟ ଲକ୍, ପ୍ରାଇଭେସି ସ୍କାନର ଭଳି ସୁବିଧା ଯୋଗାଇଦେବ।

**ଫୋନ୍‌କୁ ନିୟମିତ ଅପ୍‌ଡେଟ୍ କରନ୍ତୁ:** ଫୋନ୍‌ର ସଫ୍ଟୱେର୍ ଏବଂ ଆପ୍‌ଗୁଡ଼ିକୁ ନିୟମିତ ଅପ୍‌ଡେଟ୍ କରନ୍ତୁ। ଅନେକେ ଗୁଗୁଲ୍‌ରୁ ଆପ୍ ଅପ୍‌ଡେଟ୍ ପାଇଁ ଆସୁଥିବା ନୋଟିଫିକେଶନ୍‌କୁ ଅଣଦେଖା କରିଥାନ୍ତି। ହେଲେ ଏପରି ନ କରି ଫୋନ୍‌ର ସୁରକ୍ଷା ଦୃଷ୍ଟିରୁ ଅପ୍‌ଡେଟ୍ କରିବା ଆବଶ୍ୟକ।






ଜାଣନ୍ତୁ ଦୁନିଆ

# ହାତର ବିଭିନ୍ନ ସିମ୍ବଲ ଏବଂ ଏହାର ଉତ୍ପତ୍ତି



**ମଣିଷ ସାଧାରଣତଃ ବିଭିନ୍ନ ଅଙ୍ଗଭଙ୍ଗୀ କରିଥାଏ। ହେଲେ ସେସବୁ ମଧ୍ୟରୁ କେତୋଟି ନିର୍ଦ୍ଦିଷ୍ଟ ଭଙ୍ଗୀକୁ କିଛି ସିମ୍ବଲ ଭାବେ ଗ୍ରହଣ କରାଯାଇଥାଏ। ଠିକ୍ ଯେମିତି ହାତର ଆଙ୍ଗୁଳିରେ କରାଯାଉଥିବା କିଛି ଭଙ୍ଗୀ ବା ମୁଦ୍ରା ବି ବିଭିନ୍ନ ସିମ୍ବଲ ଭାବେ ଜନ ସାଧାରଣରେ ବେଶ୍ ଆଦୃତ। ତେବେ ଏହାର ପ୍ରଚଳନ ଯେ କେତେ ପୁରୁଣା ଜାଣିଲେ ଆଶ୍ଚର୍ଯ୍ୟ ହେବେ...**

**ହ୍ୟାଣ୍ଡ ଶେକ୍:** ବନ୍ଧୁ, କୌଣସି ପରିଚିତ ହୁଅନ୍ତୁ ଅବା କାହାକୁ ଭେଟିବାକୁ ଗଲେ ପରସ୍ପରକୁ ହାତ ମିଳାଇବା ବା ହ୍ୟାଣ୍ଡ ଶେକ୍ କରି ଶୁଭେଚ୍ଛା ତଥା ସମ୍ମାନ ଜଣାଇବା ଏକ ସାଧାରଣ କଥା। ଆମ ଦେଶ ତୁଳନାରେ ଅନ୍ୟ ଦେଶରେ ଏହା ବହୁ ପ୍ରଚଳିତ। ହେଲେ ଏହାକୁ କିଏ ଏବଂ କେବେ ଆରମ୍ଭ କରିଥିଲେ ସେ ସମ୍ପର୍କରେ କିଏ ବା ଜାଣେ। ତଥାପି ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀରୁ ଏହା ପ୍ରଚଳିତ ବୋଲି ଅନୁମାନ କରାଯାଏ। ସେ ସମୟର ଅନେକ ମୂର୍ତ୍ତିରେ ସୈନିକମାନେ ଅନ୍ୟମାନଙ୍କ ସହ ହାତ ମିଳାଉଥିବା ଦେଖିବାକୁ ମିଳେ। ତେବେ ସେ ସମୟରେ ହାତରେ କେହି ଅସ୍ତ୍ର ଧରି ଆସୁ ନ ଥିବା ପରୀକ୍ଷା କରିବା ଲାଗି ସୈନିକମାନେ ହାତ ମିଳାଉଥିବା ଅନୁମାନ କରାଯାଏ। ତା' ଛଡ଼ା ଅସ୍ତ୍ର ସାଧାରଣତଃ ଡାହାଣ ହାତରେ ଧରାଯାଉଥିବାରୁ ଏହି ହାତ ମିଳାଯାଉଥିଲା ଏବଂ ପୋଷାକର ହାତରେ ଯେପରି ଏହା ଲୁଚା ନ ଯାଇଥାଏ ଜାଣିବା ଲାଗି ହାତ ହଲାଯାଉଥିଲା, ଯାହାକି କ୍ରମଶଃ ହ୍ୟାଣ୍ଡ ଶେକ୍ ଭାବେ ଏକ ପରମ୍ପରାରେ ପରିଣତ ହୋଇଗଲା।

**ଥମ୍ବସ୍ ଅପ୍:** କୌଣସି କାର୍ଯ୍ୟରେ କିମ୍ବା ପ୍ରତିଯୋଗିତାରେ କେହି ଭଲ ପ୍ରଦର୍ଶନ କଲେ ସାଧାରଣତଃ ଆମେ ଥମ୍ବସ୍ ଅପ୍ କରିଥାଉ। ଏହାକୁ ସ୍ୱୀକୃତିର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ। ଫେସ୍‌ବୁକ୍‌ରେ ମଧ୍ୟ ଲାଇକ୍ ସିମ୍ବଲ ଭାବେ ଏହା ବହୁ ପ୍ରଚଳିତ। ହେଲେ ଆପଣ ଜାଣନ୍ତି କି ଏହା ଆରମ୍ଭ ହେବା ପଛର କାହାଣୀ। ବହୁ ପୁରାତନ କାଳରେ ରୋମ୍‌ରେ ଅନେକ ସମୟରେ ମଲ୍ଲଯୁଦ୍ଧ ହେଉଥିଲା। ଏହାକୁ ଦର୍ଶକେ ମନଭରି ଉପଭୋଗ କରୁଥିଲେ। ଆଉ ଯୁଦ୍ଧରେ ହାରୁଥିବା ଯୋଦ୍ଧାକୁ ମୃତ୍ୟୁ କିମ୍ବା ଛାଡ଼ ଦେବା ଲାଗି ଜିତୁଥିବା ଯୋଦ୍ଧାକୁ ବୁଢ଼ା ଆଙ୍ଗୁଠିରେ ଉପରକୁ କିମ୍ବା ତଳକୁ ବା ଥମ୍ବସ୍ ଅପ୍ କିମ୍ବା ଥମ୍ବସ୍ ଡାଉନ୍ କରି ମତ ଜଣାଉଥିଲେ।

**ଫିଙ୍ଗର କ୍ରସ୍:** କୌଣସି ଭଲ ଖବର କିମ୍ବା ପରୀକ୍ଷା, ଇଣ୍ଟରଭ୍ୟୁ ଆଦିର ରେଜଲ୍ଟ ଆଦି ଶୁଣିବାର ଥିଲେ ଅନେକଙ୍କୁ ହାତର ବିଶି ଏବଂ ମଧ୍ୟମ ଆଙ୍ଗୁଠିକୁ ଛନ୍ଦିଥିବା ବା ଫିଙ୍ଗର କ୍ରସ୍ କରିଥିବା ଦେଖିବାକୁ ମିଳେ। ଏହାଦ୍ୱାରା ଖବର ଶୁଭ ହୁଏ ବା ସୌଭାଗ୍ୟ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରାଯାଏ। ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏହି ପ୍ରଥା ଖ୍ରୀଷ୍ଟଯୁଗ ଆରମ୍ଭ ପୂର୍ବରୁ ଚଳିଆସୁଛି। ହେଲେ ତଫାତ୍ ଏତିକି ସେ ସମୟରେ ଦୁଇଜଣ ନିଜର ବିଶି ଆଙ୍ଗୁଠି ପରସ୍ପର ଛନ୍ଦି କୌଣସି କାମନା କରୁଥିଲେ। ସେ ସମୟରେ ବିଶ୍ୱାସ କରାଯାଉଥିଲା ଯେ, ଦୁଇ ଆଙ୍ଗୁଳି ଛନ୍ଦିବା ସ୍ଥାନ ହେଉଛି ପୁଣ୍ୟାତ୍ମାଙ୍କ ଆବାସସ୍ଥଳ। ତେଣୁ ସେ ସମସ୍ତ ରିଷ୍ଟ ଖଣ୍ଡନକରି ଶୁଭଫଳ ଦେବେ। ଧୀରେ ଧୀରେ ଏହା ଦୁଇଜଣଙ୍କ ବଦଳରେ ଜଣଙ୍କ ଠାରେ ହିଁ ସୀମତ ହୋଇଗଲା ଏବଂ ଜଣେ ମନକାମନା ପୂର୍ଣ୍ଣ ଲାଗି ନିଜର ଫିଙ୍ଗର କ୍ରସ୍ କଲେ।

**ଦୁଇ ଆଙ୍ଗୁଠି ଟେକିବା ବା ଭି' ସାଇନ୍:** କୌଣସି ପ୍ରତିଯୋଗିତାରେ ବିଜେତାଙ୍କୁ ନିଜ ହାତର କେବଳ ବିଶି ଏବଂ ମଧ୍ୟମ ଆଙ୍ଗୁଠି ଉପରକୁ କରି ବା ଭି' ସିମ୍ବଲ୍ ଦେଖାଇ ଖୁସି ମନାଉଥିବା ଦେଖିବାକୁ ମିଳେ। ବିଶେଷ କରି ଫଟୋ ଉଠାଇବା ସମୟରେ ସେମାନେ ଏହି ପୋଜ୍ ଦେଉଥିବା ଦେଖାଯାଏ। ଭି' ସିମ୍ବଲ୍‌ର ଅର୍ଥ ଭିକ୍ଟୋରୀ ବା ବିଜୟ। ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜଣେ ବେଲ୍‌ଜିଆନ୍ ରାଷ୍ଟ୍ରନେତା ବିବିସି ରେଡିଓ ମାଧ୍ୟମରେ ଜନସାଧାରଣଙ୍କୁ ହାତରେ ଏପରି ଭି' କରିବାକୁ ଅନୁରୋଧ କରିଥିଲେ। ଏହାର ଅର୍ଥ ଫ୍ରେଞ୍ଚରେ ଭିକ୍ଟୋରୀ ବା ବିଜୟ ହୋଇଥିବା ବେଳେ ଡଚ୍‌ରେ ଭ୍ରିଝେଡ୍ ବା ଫ୍ରିଡମ୍ ଅର୍ଥାତ୍ ମୁକ୍ତି। ସେବେଠୁ ଏହି ସିମ୍ବଲ ବହୁଳ ଭାବେ ବ୍ୟବହାର କରାଯାଇ ଆସୁଛି।

## ପାଠକଙ୍କ ମତ

❖ଗତ ସପ୍ତାହରେ କ୍ରେଡିଟ୍ କାର୍ଡ ବ୍ୟବହାର ଏବଂ ଏହାର ବିଭିନ୍ନ ଦିଗ ପ୍ରତି ସତର୍କତା ସମ୍ପର୍କରେ ପ୍ରକାଶିତ ପାଠଟି ଶିକ୍ଷଣୀୟ ହୋଇପାରିଛି।

*– ନିକୁଞ୍ଜ ମହାନ୍ତି, ପାଣିକୋଇଲି*

❖ଯୁବପ୍ରତିଭା ସନ୍ତୋଷ ଶେଖର ମହାନ୍ତିଙ୍କ କାର୍ଯ୍ୟ ପ୍ରେରଣାଦାୟକ।

*– ମୋନାଲିସା ସାହୁ, ଜଟଣୀ, ଖୋର୍ଦ୍ଧା*

❖ବାରମ୍ବାର ମୋବାଇଲ୍‌ର ଚାର୍ଜ କମିବା ଯୋଗୁ ଦରକାର ସମୟରେ ଅନେକଥର ହଇରାଣ ହେବାକୁ ପଡିଛି। ଏହି ସମସ୍ୟା ଦୂର କରିବାର ସହଜ ଉପାୟ ଜଣାଥିବାରୁ ଧନ୍ୟବାଦ।

– ସୌଭାଗ୍ୟ ପତି, ପୁରୀ

❖ଜାଣନ୍ତୁ ଦୁନିଆ ସ୍ତମ୍ଭରେ ପ୍ରତିଥର ପ୍ରକାଶ ପାଉଥିବା ନୂଆ ନୂଆ ତଥ୍ୟ ଜାଣିବାକୁ ମନରେ ଉତ୍କଣ୍ଠା ଭରି ରହିଥାଏ।

*– ଡିମ୍ପଲ୍ ବେଉରା, ଜଗତସିଂହପୁର*

❖ଏହି ସ୍ତମ୍ଭରେ ଯୁବ ଲେଖିକା ଲେଖକଙ୍କ ଗଳ୍ପ, କବିତା ପ୍ରକାଶ କରିବାକୁ ଅନୁରୋଧ।

*– ବାସନ୍ତୀ ମଞ୍ଜରୀ ପ୍ରଧାନ, ବାଲେଶ୍ୱର*

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha@gmail.com



'ଗୋଲ୍ଡେନ୍ ଗ୍ଲୋବ୍ ରେସ୍ ୨୦୧୮'ରେ ଭାଗ ନେଇ ବିଶ୍ୱ ଭ୍ରମଣରେ ଯାଇଥିବା ଭାରତୀୟ ନୌସେନାର ଅଧିକାରୀ ଅଭିନାଶ ଟୋମି ଆହତ ହୋଇଛନ୍ତି। ତାଙ୍କ ବୋଟ୍ ଭୟଙ୍କର ସାମୁଦ୍ରିକ ଝଡ଼ର ସମ୍ମୁଖୀନ ହେବା ପରେ ତାଙ୍କ ବେକରେ ଗଭୀର ଆଘାତ ଲାଗିଛି। ଏପରକି ସେ ନିଜେ ଏପଟ ସେପଟ ମଧ ହୋଇପାରୁ ନାହାନ୍ତି। ଫ୍ରାନ୍ସରେ ଥିବା ପ୍ରତିଯୋଗିତା ଆୟୋଜକଙ୍କ ସହ କମାଣ୍ଡର ଟୋମିଙ୍କ ଯୋଗାଯୋଗ ସମ୍ପନ୍ନ ହୋଇଯାଇଛି। ତାଙ୍କ ଉଦ୍ଧାର ଲାଗି ଅଷ୍ଟ୍ରେଲୀୟ ବୋଟ୍ ଯାତ୍ରାରମ୍ଭ କରିଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ଶିଳ୍ପ ଭିତ୍ତିଭୂମି ବିକାଶ ପାଇଁ ୬ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର, ୨୨।୯(ବ୍ୟୁରୋ): ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୪ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ୬ଟି ନୂତନ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଶନିବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶିଳ୍ପାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠିର ଅନ୍ତଃ-ବିଭାଗୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏହି ପ୍ରକଳ୍ପଗୁଡ଼ିକର ଅନୁଧ୍ୟାନ କରାଯାଇ ସେଗୁଡ଼ିକୁ ମଞ୍ଜୁର କରାଯାଇଛି। ସଚିବାଳୟଠାରେ ଅନୁଷ୍ଠିତ ବୈଠକରେ ଇଡ୍‌କୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂ ପ୍ରକଳ୍ପଗୁଡ଼ିକର ବିଷୟବସ୍ତୁ ଉପରେ ଆଲୋଚନା ପାଇଁ ତଥ୍ୟ ଉପସ୍ଥାପିତ କରିଥିଲେ। ଇଡ୍‌କୋର ବିଭିନ୍ନ ଶିଳ୍ପାଞ୍ଚଳର ଭିତ୍ତିଭୂମି ବିକାଶକୁ ଅନୁଧ୍ୟାନ କରି ଶିଳ୍ପାନୁଷ୍ଠାନ ପାଇଁ ଭୂତଳ ଜଳର ବ୍ୟବହାର ନିଷିଦ୍ଧ କରିବା ପାଇଁ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପଗୁଡ଼ିକୁ ଇଡ୍‌କୋ ମାଧ୍ୟମରେ ଯୋଗାଯାଉଥିବା ଜଳଯୋଗାଣ ବ୍ୟବସ୍ଥାରୁ ଆବଶ୍ୟକ ଜଳ ନେବା ଲାଗି ଶିଳ୍ପାନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ବୈଠକରେ ପ୍ଲାଷ୍ଟିକ ପାର୍କ, ଅନୁଗୋଳ ଆଲୁମିନିୟମ ପାର୍କ, ଖୋର୍ଦ୍ଧା ଜିଲାସ୍ଥିତ ଜୟମଙ୍ଗଳ ଶିଳ୍ପାଞ୍ଚଳ, କଟକ ଜିଲାସ୍ଥିତ ରାମଦାସପୁର ଶିଳ୍ପାଞ୍ଚଳ, ଖୋର୍ଦ୍ଧା ଜିଲାସ୍ଥିତ ଛତାବର ଶିଳ୍ପାଞ୍ଚଳ ଏବଂ ନବରଙ୍ଗପୁର ଜିଲାସ୍ଥିତ ବାମୁଣୀ ଶିଳ୍ପାଞ୍ଚଳଗୁଡ଼ିକର ଭିତ୍ତିଭୂମି ବିକାଶ ବିଷୟରେ ବିଶେଷ ଆଲୋଚନା କରାଯାଇଛି।

### 'ଗଣମାଧ୍ୟମକୁ ସଂଗଠିତ ଭାବେ କିଣାଯାଉଛି'



ନୂଆଦିଲ୍ଲୀ,୨୨।୯(ପି.ଟି.): ଭାରତରେ ଗଣମାଧ୍ୟମର ସ୍ୱାଧୀନତାର ଦୁଃସ୍ଥିତି ନେଇ ଅଭିନେତା ପ୍ରକାଶ ରାଜ୍ ଶନିବାର ଚିନ୍ତା ପ୍ରକଟ କରିଛନ୍ତି। 'ସାମ୍ବାଦିକଙ୍କୁ ଆକ୍ରମଣ ବିରୋଧରେ ରାଷ୍ଟ୍ରୀୟ ସମ୍ମିଳନୀ'ରେ ଯୋଗଦେଇ ସେ କହିଛନ୍ତି, ଗଣମାଧ୍ୟମକୁ ସଂଗଠିତ ଭାବରେ କିଣାଯାଉଛି। କୌଣସି ଅଧିକାରୀଙ୍କ ସମ୍ପର୍କରେ କୁହାଗଲେ ଗଣମାଧ୍ୟମ ତାଙ୍କ କଥା ପ୍ରସାରଣ କରାଯାଏ ନାହିଁ। ସେ ବହୁବାର ସାମ୍ବାଦିକ ସମ୍ମିଳନୀ ଡକାଇଛନ୍ତି। କିନ୍ତୁ ତାଙ୍କ କଥାକୁ କେହି ଶୁଣୁନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି।

### ଏମ୍‌ପି-ବିଧାୟକଙ୍କ ଜିଭ କାଟିବାକୁ ଇନ୍ସପେକ୍ଟରଙ୍କ ଧମକ

ଅମରାବତୀ,୨୨।୯(ପି.ଟି.): ଏମ୍‌ପି କିମ୍ବା ବିଧାୟକମାନେ ପୋଲିସର ମନୋବଳ ଭାଙ୍ଗିବାକୁ ଚେଷ୍ଟା କଲେ ସେମାନଙ୍କ ଜିଭ କାଟି ଦିଆଯିବ ବୋଲି ଆନ୍ଧ୍ରପ୍ରଦେଶର ଜଣେ ଇନ୍ସପେକ୍ଟର ଧମକ ଦେଇଛନ୍ତି। ଅନନ୍ତପୁରମ ଜିଲାର କାଦ୍ରି ଥାନାରେ ଇନ୍ସପେକ୍ଟର ଥିବା ମାଧବ ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଥିଲେ। ଏମ୍‌ପି ଜିସି ରେଡ୍ଡୀ ପୋଲିସ ଇନ୍ସପେକ୍ଟରଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି।

■ ଅଭିଜିତ୍‌ଙ୍କ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗ

# ଗୃହ କମିଟିର କଡ଼ା ଆଭିମୁଖ୍ୟ

ଭୁବନେଶ୍ୱର,୨୨।୯(ବ୍ୟୁରୋ)



■ ଡିଜିପି, ଗୋଇନ୍ଦା ନିର୍ଦ୍ଦେଶକ, ଜଣେ ଖବରକାଗଜ ସମ୍ପାଦକଙ୍କୁ ସମନ ଜାରି

■ ୨୮ରେ ହାଜର ହେବାକୁ ନିର୍ଦ୍ଦେଶ

ପୁରୀ ଶ୍ରୀ ମନ୍ଦିର ଓ କୋଣାର୍କକୁ ନେଇ ଅଭିଜିତ ଆୟର ମିତ୍ର ଦେଇଥିବା ଆପତ୍ତିଜନକ ମନ୍ତବ୍ୟକୁ ଶନିବାର ବିଧାନସଭା ଗୃହ କମିଟି ଯାଞ୍ଚ କରିବା ପ୍ରକ୍ରିୟା ଆରମ୍ଭ କରିଛି। ଶନିବାର ଅପରାହ୍ନରେ ବିଧାନସଭା ପରିସରରେ ଗୃହ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ପୋଲିସ ମହାନିର୍ଦ୍ଦେଶକ(ଡିଜିପି), ଗୋଇନ୍ଦା ନିର୍ଦ୍ଦେଶକ ଏବଂ ଏକ ନିର୍ଦ୍ଦିଷ୍ଟ ଖବରକାଗଜର ସମ୍ପାଦକ ଓ ସେହି ସଂସ୍ଥାର ବୈଦ୍ୟୁତିକ ଚ୍ୟାନେଲର ବ୍ୟୁରୋ ମୁଖ୍ୟଙ୍କୁ ପ୍ରମାଣ ଦେବା ସକାଶେ ଆସନ୍ତା ୨୮ ତାରିଖରେ ହଜାର ହେବାକୁ କମିଟି ସମନ ଜାରି କରିଛି। ପୋଲିସ ମହାନିର୍ଦ୍ଦେଶକ ଏବଂ ଗୋଇନ୍ଦା ନିର୍ଦ୍ଦେଶକଙ୍କ ପାଖରେ ଅଭିଜିତଙ୍କ ଆପତ୍ତିଜନକ ମନ୍ତବ୍ୟ ନେଇ କ'ଣ ସବୁ ତଥ୍ୟ ରହିଛି। ସେସବୁର ଲିଖିତ ପ୍ରମାଣପତ୍ର ଆଣି କମିଟି ନିକଟରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପ୍ଟେମ୍ବର ୨୦ ତାରିଖରେ ଦିଲ୍ଲୀ ପୋଲିସ କେଉଁ ପରିସ୍ଥିତିରେ ଆୟରଙ୍କୁ ଗିରଫ କରିଥିଲା। ସେ କିପରି ତୁରନ୍ତ ଜାମିନରେ ମୁକୁଳିଲେ ଓ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କେତେଦୂର ଯାଇଛି ସେ ସବୁର ସମସ୍ତ ତଥ୍ୟ ପୋଲିସ ବିଭାଗ ଗୃହ କମିଟି ନିକଟରେ ରଖିବାକୁ କୁହାଯାଇଛି। ସେହିପରି ଏକ ଓଡ଼ିଆ ଖବରକାଗଜ ଓ ସେହି ସଂସ୍ଥାର ଏକ ବୈଦ୍ୟୁତିକ ଚ୍ୟାନେଲ କେଉଁ ପ୍ରମାଣ ଆଧାରରେ 'ବିଧାୟକ ବୁଢ଼ୁ' ଖବର ଛାପିଥିଲେ ଓ ପ୍ରଦର୍ଶିତ କରିଥିଲେ ସେମାନଙ୍କ ପାଖରେ କି ପ୍ରମାଣ ରହିଛି ସେସବୁକୁ ଆଣି କମିଟି ନିକଟରେ ହାଜର ହେବାକୁ ସମ୍ପୃକ୍ତ ଖବରକାଗଜର ସମ୍ପାଦକ ଓ ବ୍ୟୁରୋ ହେଡ୍‌ଙ୍କୁ ବିଧାନସଭା ଗୃହ କମିଟି ସମନ ଜାରି କରିଛି।

ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ଆୟରଙ୍କ ଟୁଇଟର ଯାଞ୍ଚ କରିବା ସହ ସ୍ୱାଧିକାର ଭଙ୍ଗ ନୋଟିସ ଜାରି କରିବା ପୂର୍ବରୁ ଆଇନଗତ ଦିଗଗୁଡ଼ିକର ତର୍ଜମା କରିବ। ଏହି ୬ ଜଣିଆ କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି। ତେବେ ପ୍ରଥମ ବୈଠକରେ ଭାଜପା ବିଧାୟକ ଦଳ ନେତା କେ.ଭି ସିଂଦେଓଙ୍କ ବ୍ୟତୀତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ବିଧାନସଭାର ଗତ ମୌସୁମୀ ଅଧିବେଶନରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର, କୋଣାର୍କ ଓ ବିଧାନସଭା ସଭ୍ୟଙ୍କ ବିରୋଧରେ ଅଭିଜିତ ଦେଇଥିବା ଆପତ୍ତିଜନକ ମନ୍ତବ୍ୟକୁ ନେଇ ହଟ୍ଟଗୋଳ ହୋଇଥିଲା। ବିରୋଧୀ ଦଳ ନେତା ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଥିଲେ। ଗୃହରେ ସର୍ବସମ୍ମତିକ୍ରମେ ଏହାକୁ ପାରିତ କରାଯିବା ପରେ ବାଚସ୍ପତି ଘଟଣାର ତଦନ୍ତ କରିବାକୁ ବିଧାନସଭା ଗୃହ କମିଟି ଗଠନ କରିଛନ୍ତି। ଏହି କମିଟି ଆସନ୍ତା ଅଧିବେଶନରେ ବିଧାନସଭାରେ ରିପୋର୍ଟ ଉପସ୍ଥାପନ କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ବିଧାନସଭାରେ ଏ ନେଇ ତୁମ୍ଭିତୋଫାନ ହେବା ପରେ ଓଡ଼ିଶା ପୋଲିସର ଅନୁରୋଧ କ୍ରମେ ଦିଲ୍ଲୀ ପୋଲିସ ଆୟରଙ୍କୁ ଗୁରୁବାର ଗିରଫ କରିଥିଲା। ପରେ ସେ ଜାମିନରେ ମୁକୁଳିଥିଲେ।

■ କୃମିନାଶକ ଦିବସ ଅଭିଯାନ

# ୧.୪ କୋଟି ପିଲାଙ୍କୁ ସାମିଲ ଲକ୍ଷ୍ୟ

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

**୨୬ରେ ବଣ୍ଟନ କରାଯିବ କୃମିନାଶକ, ଫାଇଲେରିଆ ଔଷଧ**

କୃମି ଯୋଗୁ ପିଲାଙ୍କଠାରେ ପୁଷ୍ଟିହୀନତା ଏବଂ ରକ୍ତହୀନତା ଦେଖାଦେଇଥାଏ। ସେମାନଙ୍କ ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ରାଜ୍ୟ ସରକାର କୃମିନାଶକ ଦିବସ ଅଭିଯାନରେ ୩୦ ଜିଲାର ୧ରୁ ୧୯ ବର୍ଷ ମଧ୍ୟରେ ୧କୋଟି ୪୦ ଲକ୍ଷ ପିଲାଙ୍କୁ ସାମିଲ କରି କୃମିନାଶକ ଔଷଧ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ୟୁନିସେଫ୍ ପକ୍ଷରୁ ଶନିବାର ସିଓ୍ୱାଇଏସ୍‌ଡିଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ଲିଙ୍ଗରାଜ ମିଶ୍ର ଏହି ସୂଚନା ଦେଇଛନ୍ତି।

ଅଭିଯାନରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ପଞ୍ଚାୟତିରାଜ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗର ମିଳିତ ସହଯୋଗରେ ସଫଳ କରାଯିବ। ଏହା ସହ ଫାଇଲେରିଆ ପ୍ରବଣ(ଲିମ୍ଫାଟିକ୍ ଫାଇଲେରିଆସିସ୍) ୩ ଜିଲା(କଟକ, ଢେଙ୍କାନାଳ, ଖୋର୍ଦ୍ଧା)ରେ ଘରକୁ ଘର ବୁଲି ସାମୂହିକ ଭାବେ କୃମିନାଶକ ବଟିକା ସହ ଫାଇଲେରିଆ ଔଷଧ ବଣ୍ଟନ କରାଯିବ। ୧ରୁ ୨ ବର୍ଷ ପର୍ଯ୍ୟନ୍ତ ଶିଶୁ କେବଳ କୃମିନାଶକ ଔଷଧ ଖାଇବେ ଓ ୨ରୁ ୧୯ ବର୍ଷ ପର୍ଯ୍ୟନ୍ତ ଶିଶୁ କୃମିନାଶକ ଔଷଧ ସହିତ ଫାଇଲେରିଆ ଔଷଧ ଖାଇବେ। ଆସନ୍ତା ୨୬ ତାରିଖ ଜାତୀୟ କୃମିନାଶକ ଦିବସରେ ଏହି ଔଷଧ ବଣ୍ଟନ କରାଯିବ। ଏହି ଦିନ ଯଦି କୌଣସି ପିଲା ଅନୁପସ୍ଥିତ ଥିବେ, ତେବେ ଆସନ୍ତା ଅକ୍ଟୋବର ୩ରେ ସେମାନଙ୍କୁ ଔଷଧ ବଣ୍ଟନ କରାଯିବ ବୋଲି ମିଶ୍ର କହିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ବିନାୟକ ପୃଷ୍ଟି ଅଭିଯାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉପରେ ପ୍ରାଧାନ୍ୟ ଦେଇଥିଲେ। ସମସ୍ତ ସୂଚନା ଓଡ଼ିଆ ଭାଷାରେ ପ୍ରସ୍ତୁତ କରି ଖବରକାଗଜ ଓ ଟେଲିଭିଜନ ଜରିଆରେ ପ୍ରଚାର କରିବା ପାଇଁ କହିଛନ୍ତି। ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ହରପ୍ରସଦ ପଟ୍ଟନାୟକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ସ୍ୱପ୍ନେଶ୍ୱର ଗଡ଼ନାୟକ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଏମ୍‌କେସିଜିରେ ଶିଶୁକନ୍ୟା ଚୋରି

ବ୍ରହ୍ମପୁର ଅଫିସ୍,୨୨।୯

ଶିଶୁକନ୍ୟା ଚୋରିକୁ ନେଇ ପୁଣି ଥରେ ଚର୍ଚ୍ଚାକୁ ଆସିଛି ବ୍ରହ୍ମପୁର ବଡ ମେଡିକାଲ। ଶନିବାର ମଧ୍ୟାହ୍ନରେ ୨ଦିନର ଶିଶୁକନ୍ୟାକୁ ଅଜଣା ମହିଳା ଚୋରି କରି ନେବା ଅଭିଯୋଗ ଆସିବା ପରେ ଏମ୍‌କେସିଜି ମେଡିକାଲର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି। ଏନେଇ ବୈଦ୍ୟନାଥପୁର ପୋଲିସ ତଦନ୍ତ ଆରମ୍ଭ କରିଛି। ଚୋରି କରି ନେଇଥିବା ମହିଳାଙ୍କ ସମ୍ପର୍କରେ କୌଣସି ସନ୍ଧାନ ମିଳି ନ ଥିବା ବେଳେ ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ପକ୍ଷରୁ ବୈଦ୍ୟନାଥପୁର ଥାନାରେ ଏତଲା ଦିଆଯାଇଥିବା ଜଣାପଡ଼ିଛି।

ପ୍ରକାଶଯେ, ପୁରୁଷୋତ୍ତମପୁର ଥାନା କବିସୂର୍ଯ୍ୟନଗର ବ୍ଲକ ଅଧୀନ ରାମ୍‌ସା ନାରାୟଣପୁର ଗ୍ରାମର ଭିକାରୀ ନାୟକଙ୍କ ସ୍ତ୍ରୀ ଜ୍ୟୋତି ଶୁକ୍ରବାର ରାତି ୯ଟାରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ପ୍ରସବ ପରେ ପରିବାର ଲୋକେ ଆଶା କର୍ମୀଙ୍କ ସହାୟତାରେ ତାଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ଲାଗି ବିଳମ୍ବିତ ରାତିରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇ ଏଣ୍ଟିମେଣ୍ଟାଲ୍ ରୁମ୍ (ପ୍ରସବ ପୂର୍ବ କକ୍ଷ)ରେ ଭର୍ତ୍ତିକରାଯାଇଥିଲା। ଏଲ-୧୯ ବେଡ୍‌ରେ ତାଙ୍କର ଚିକିତ୍ସା ଚାଲିଥିବାବେଳେ ଜଣେ ଅଚିହ୍ନା ମହିଳା ଜ୍ୟୋତିଙ୍କ ପରିବାର ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ଶନିବାର ପୂର୍ବାହ୍ନରେ ଜ୍ୟୋତିଙ୍କୁ ରକ୍ତ ପରୀକ୍ଷା ପାଇଁ ନିଆଯାଇଥିବାବେଳେ ଶିଶୁଙ୍କୁ ଜ୍ୟୋତିଙ୍କ ମାଆ ଗୁରୁବାରୀ ନାୟକ ରଖିଥିଲେ। ଗୁରୁବାରୀ ଏକା ଥିବା ସୁଯୋଗ ନେଇ ଶିଶୁ କନ୍ୟାକୁ ଟିକା ଦେବା ପାଇଁ ମହିଳା ପ୍ରବର୍ତ୍ତାଇଥିଲେ। ଗୁରୁବାରୀ ତାଙ୍କ ସହିତ ଆଉଟଡୋରକୁ ଯାଇଥିଲେ। ସେତେବେଳେ ଡାକ୍ତର ଅନୁପସ୍ଥିତ ଥିବାରୁ ଉଭୟ ଫେରି ଆସିଥିଲେ। ପରେ ମହିଳା ଜଣକ ଗୁରୁବାରୀଙ୍କ ନିକଟକୁ ଯାଇ ଟିକା ଦେବା ପାଇଁ ଡାକ୍ତର ଡକାଇଥିବା କହି ତାଙ୍କୁ ଆଉଥରେ ଆଉଟଡୋରକୁ ନେଇଯାଇଥିଲେ। ସମ୍ପୃକ୍ତା ମହିଳା ଜଣକ ଟିକା ଦେବା ପାଇଁ ଗୁରୁବାରୀଙ୍କୁ ଧାଡିରେ ରହି ଟିକାକରଣ ପାଇଁ ଟିକଟ କାଟିବାକୁ କହି ଶିଶୁଟିକୁ ଧରିଥିଲେ । ଏହି ସମୟରେ ସୁଯୋଗ ଉଣ୍ଡି ଶିଶୁ କନ୍ୟାଟିକୁ ନେଇ କେଉଁଆଡେ ଫେରାର ହୋଇଯାଇଥିଲେ। ଗୁରୁବାରୀ ଟିକଟ କାଟି ଫେରିବା ବେଳକୁ ମହିଳା ଓ ତାଙ୍କ ଶିଶୁ କନ୍ୟାକୁ ପାଇ ନ ଥିଲେ ।

# ମିଳିତ ମଞ୍ଚର କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ୪ହଜାର ସ୍କୁଲ ଏବଂ ଦେଢ଼ ହଜାର କଲେଜର ଫାଟକ ଖୋଲୁନି। ୩୦ ଲକ୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଛି। ତେବେ ଆସନ୍ତା ୨୪ ତାରିଖଠାରୁ ପ୍ରିବୋର୍ଡ-୧ ପରୀକ୍ଷା ଆରମ୍ଭ ହେଉଥିବାରୁ ମିଳିତ ମଞ୍ଚ ବୁଦ୍ଧିଜୀବୀ ଓ ଅଭିଭାବକଙ୍କ ପରାମର୍ଶ ଏବଂ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ସମ୍ମାନ ଜଣାଇ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖିଛି। ଶିକ୍ଷକ, ଅଧ୍ୟାପକମାନେ କଳାବ୍ୟାଜ ପିନ୍ଧି ପରୀକ୍ଷାରେ ସହଯୋଗ କରିବା ସହିତ ଶିକ୍ଷାଦାନ କରିବେ। କିନ୍ତୁ ଦାବିପୂରଣ ନ ହେବା ଯାଏ ଆନ୍ଦୋଳନ ପୂର୍ବବତ୍ ଚାଲୁ ରହିବ। ପାଳି କରି ଦୁଇଟି ଜିଲାରୁ ସମୂହ ଶିକ୍ଷକ ଆସି ୨ଦିନ ପାଇଁ ଆନ୍ଦୋଳନ ସ୍ଥଳରେ ରହିବେ ବୋଲି ମିଳିତ ମଞ୍ଚର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା ଶନିବାର ଶ୍ରମିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# 'ବିଜୟା' ଜନ୍ମ ଦେଲା ୨ ଶାବକ

ବାରଙ୍ଗ,୨୨।୯(ଡି.ଏନ୍.ଏ.)



**ନନ୍ଦନକାନନ**

■ ପ୍ରଥମଥର ବିନା ସିସିଟିଭିରେ ଜନ୍ମ ପ୍ରକ୍ରିୟା ଅନୁଧ୍ୟାନ

■ ନବଜନ୍ମିତ ଦୁଇ ଶାବକ ଧଳା ଓ ସାଧାରଣ ରଙ୍ଗର

■ ବାଘସଂଖ୍ୟା ୨୬କୁ ବୃଦ୍ଧି

ନନ୍ଦନକାନନ ପାଇଁ ଖୁସିର ଖବର। ଧଳା ବାଘୁଣୀ 'ବିଜୟା' ପୁଣିଥରେ ମା' ହୋଇଛି। ଏଥର ମଧ୍ୟ ବିଜୟା ଓ ରୋଶନର ମିଳନରୁ ନନ୍ଦନକାନନ ପାଇଛି ଦୁଇଟି ବାଘଛୁଆ। ନବଜନ୍ମିତ ୨ ଶାବକଙ୍କ ମଧ୍ୟରେ ଗୋଟିଏ ଧଳା ହୋଇଥିବା ବେଳେ ଅନ୍ୟଟି ସାଧାରଣ ରଙ୍ଗର ବୋଲି ଜଣାପଡ଼ିଛି। ଶନିବାର ସକାଳେ ଏହି ଦୁଇ ଶାବକ ଜନ୍ମ ହେବା ପରେ ନନ୍ଦନକାନନରେ ବାଘସଂଖ୍ୟା ୨୬କୁ ବୃଦ୍ଧିପାଇଛି।

ଦୀର୍ଘଦିନର ବ୍ୟବଧାନ ପରେ ପ୍ରଥମକରି ବିନା ସିସିଟିଭି କ୍ୟାମେରା ନଜରରେ ବିଜୟା ବାଘୁଣୀ ଦୁଇଟି ଛୁଆ ଜନ୍ମ ଦେଇଛି। କର୍ମଚାରୀମାନେ ଏଥର ବିନା ସିସିଟିଭିରେ ବିଜୟାର ଶାବକ ଜନ୍ମ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ। ଶନିବାର ସକାଳ ୭ଟାରେ ପ୍ରଥମ ଛୁଆ ଓ ଦ୍ୱିତୀୟଟି ଏହାର ୧ଘଣ୍ଟା ପରେ ଜନ୍ମ ହୋଇଥିଲା। ବର୍ତ୍ତମାନ ଶାବକଦ୍ୱୟ ସୁସ୍ଥ ଥିବା ଜଣାପଡ଼ିଛି। ଗତ ଜୁନ୍ ମାସରେ ସାଧାରଣ ରଙ୍ଗର ବାଘ ରୋଶନ ସହ ବିଜୟାର ମିଳନ ଘଟି ବିଜୟା ଦ୍ୱିତୀୟ ଥର ପାଇଁ ଗର୍ଭଧାରଣ କରିଥିଲା। ଏହି ଖବର ଜଣାପଡ଼ିବା ପରେ ନନ୍ଦନକାନନ କର୍ତ୍ତୃପକ୍ଷ ବିଜୟା ବାଘୁଣୀ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିଥିଲେ। ସେ ରହୁଥିବା ୩୨ ଓ ୩୩ନଂ. ଏନ୍‌କ୍ଲୋଜରକୁ ଗତ କିଛିଦିନ ଧରି ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇ ନ ଥିଲା। କେବଳ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ଏନ୍‌କ୍ଲୋଜର ଭିତରକୁ ଛଡ଼ାଯାଉଥିଲା। ଏବେ ଶାବକ ଜନ୍ମ ପରେ ମା' ଓ ଛୁଆଙ୍କ ଉପରେ ନଜର ରଖିବା ପାଇଁ ଏନ୍‌କ୍ଲୋଜରରେ ୪ ସିସିଟିଭି କ୍ୟାମେରା ଲଗାଯିବାକୁ ଯୋଜନା ହେଉଥିବା ଜନ୍ତୁ ବିଭାଗ ଏସିଏଫ୍ ଅଞ୍ଜନ କୁମାର ମହାନ୍ତି କହିଛନ୍ତି। ୨୦୧୧ ଜୁଲାଇ ୧୩ରେ ବିଜୟା କୁସୁମ ଓ ନିଶାନ ଔରସରୁ ଜନ୍ମଗ୍ରହଣ କରିଥିବା ବେଳେ ରୋଶନ ଶ୍ରୀୟା ଓ ରାମ ଔରସରୁ ୨୦୦୯ ସେପ୍ଟେମ୍ବର ୫ରେ ଜନ୍ମ ହୋଇଥିଲା। ଦୃଷ୍ଟିଶକ୍ତି ହରାଇଥିବା ବାଘ ରୋଶନ ସହ ବିଜୟାର ପ୍ରଥମ ମିଳନରେ ୨୦୧୬ ଅଗଷ୍ଟ ୮ରେ ଆଦ୍ୟାଶା ଓ ସାହିଲ ଜନ୍ମ ନେଇଥିଲେ। ବର୍ତ୍ତମାନ ନନ୍ଦନକାନନରେ ଥିବା ୨୬ଟି ବାଘ ମଧ୍ୟରୁ ୯ଟି ଧଳା ରଙ୍ଗର, ୧୫ଟି ସାଧାରଣ ରଙ୍ଗର ଓ ଦୁଇଟି କଳାଲୋମଯୁକ୍ତ ଅଛନ୍ତି। ତେବେ ଧଳାବାଘ ମଧ୍ୟରେ ୪ ମାଈ ଓ ୪ ଅଣ୍ଡିରା ଥିବା ବେଳେ ନବଜନ୍ମିତ ଶାବକର ଲିଙ୍ଗ ନିରୂପଣ ହୋଇନାହିଁ। ସେହିଭଳି ୧୫ଟି ସାଧାରଣ ରଙ୍ଗର ବାଘ ମଧ୍ୟରେ ୯ ମାଈ ଓ ୫ ଅଣ୍ଡିରା ଥିବା ବେଳେ ଅନ୍ୟ ଏକ ଶାବକର ଲିଙ୍ଗ ନିରୂପଣ କରାଯାଇନାହିଁ। ଏଥିସହ ଦୁଇଟି କଳାଲୋମଯୁକ୍ତ ବାଘ ଅଛନ୍ତି ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

ନନ୍ଦନକାନନରେ ଧଳାବାଘ ବଂଶବୃଦ୍ଧି ପାଇଁ ଗତ କିଛିମାସ ହେବ ଉଦ୍ୟମ ଆରମ୍ଭ ହୋଇଛି। ଏବେ ବିଜୟାର ଛୁଆ ଜନ୍ମ ପରେ ଆଗକୁ 'ରେଣୁକା' ଉପରେ ରହିଛି ସମସ୍ତଙ୍କ ନଜର। ସମ୍ରାଟ ସହ ରେଣୁକାର ମିଳନ ସଫଳ ହୋଇଥିବାରୁ ଖୁବ୍‌ଶୀଘ୍ର ନନ୍ଦନକାନନକୁ ଆଉଏକ ଖୁସି ଖବର ମିଳିବ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି। ପୂର୍ବରୁ ରେଣୁକା ଗୋଟିଏ କଳାଲୋମଯୁକ୍ତ ଛୁଆ ଜନ୍ମ ଦେଇଥିଲା। ତେଣୁ ସେ କଳାଲୋମଯୁକ୍ତ ଓ ଧଳାରଙ୍ଗର ଛୁଆ ଜନ୍ମ କରିପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟପଟେ ଜଙ୍ଗଲି ବାଘବଂଶ ବୃଦ୍ଧି ପାଇଁ ମଧ୍ୟ ଉଦ୍ୟମ ଜାରି ରହିଛି। ଜଙ୍ଗଲି ବାଘ 'ନନ୍ଦନ' ସହ ଜଙ୍ଗଲି ବାଘୁଣୀ 'ସାରା'ର ଏହାଭିତରେ ମିଳନ ହୋଇଥିବାରୁ ଏମାନେ ମଧ୍ୟ ବାଘବଂଶ ବୃଦ୍ଧିରେ ସହାୟକ ହେବେ। ସେହିପରି ଧଳାବାଘୁଣୀ ରାଗିଣୀ ଓ ସ୍ନେହା ବି ଖୁବ୍‌ଶୀଘ୍ର ଗର୍ଭଧାରଣ କରିପାରନ୍ତି ବୋଲି ଆଶା ରଖାଯାଇଛି।

ପ୍ରଥମ ପୃଷ୍ଠାରୁ...

### ଦେଶକୁ ଦେଖାଇବ...







ଉଦ୍‌ବୋଧନ ଦେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ତାହା ଭାଙ୍ଗି ଯାଇଥିଲା। ଲୋକମାନେ ମଧ ଆଶା ହରାଇ ବସିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ତାଳଚେର ଅଞ୍ଚଳର ଚାଷୀ, ବେକାର ଯୁବତୀଯୁବକଙ୍କ ବହୁ ଉପକାର ହେବା ସହିତ ସେମାନେ ରୋଜଗାରକ୍ଷମ ହୋଇପାରିବେ। ଏଥିରେ ସିଧାସଳଖ ଭାବେ ସାଢ଼େ ଚାରି ହଜାର ଲୋକ ଯୋଡ଼ି ହେବେ। ସେହିପରି ପାରିପାର୍ଶ୍ୱିକ ଉନ୍ନତି ସହ ଅଞ୍ଚଳର ମଧ ବିକାଶ ହେବ। ଆଜିଠାରୁ ଠିକ୍ ୩୬ ମାସ ପରେ ନିର୍ଦ୍ଧାରିତ ସମୟରେ ଏହି ପ୍ରକଳ୍ପ ଶେଷ ହେବ। ମୁଁ ପୁଣି ଏହାକୁ ଉଦ୍‌ଘାଟନ କରିବାକୁ ଆସିବି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ନୀତି ଓ ଲକ୍ଷ୍ୟ ସ୍ପଷ୍ଟ ରହିଲେ ଦେଶର ବିକାଶ ପ୍ରକ୍ରିୟାରେ ସମସ୍ତଙ୍କ ସହଯୋଗ ରହିବ। ଏଠିକାର କଳା ହୀରାରୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳରେ ବାଷ୍ପୀକରଣ ମାଧ୍ୟମରେ ୟୁରିଆ ଉତ୍ପାଦନ କରାଯିବ। ଫଳରେ ବିଦେଶରୁ ଯେଉଁ ଗ୍ୟାସ୍ ଓ ୟୁରିଆ ଅଣାଯାଉଛି, ସେଥିରୁ ଆମକୁ ମୁକ୍ତି ମିଳିବ। ଆମ ଦେଶରେ ନବରତ୍ନ, ମହାରତ୍ନ କମ୍ପାନୀମାନଙ୍କ ଉତ୍ଥାନ ପତନ ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ହେଉଛି। ଏସବୁକୁ ଏକାଠି କରି ଏକ ନବଶକ୍ତି ପ୍ରକଳ୍ପ କରାଯାଇପାରିଲେ ଦେଶ ଏକ ନୂତନ ଉଦାହରଣ ସୃଷ୍ଟି କରିପାରିବ। ତେଣୁ ଏଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ, ଆଜି ଓଡ଼ିଶାବାସୀଙ୍କ ପାଇଁ ଏକ ଆନନ୍ଦର ଦିନ। ସାର କାରଖାନାର ପୁନରୁଦ୍ଧାର ଆମର ଦୀର୍ଘ ଦିନର ଦାବି ଥିଲା। ଓଡ଼ିଶାର ଚାଷୀଙ୍କ ସେହି ସ୍ୱପ୍ନ ଆଜି ପୂରଣ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ବାର୍ଷିକ ୧.୨୭ ମେଟ୍ରିକ ଟନ୍ ୟୁରିଆ ଉତ୍ପାଦନ ହେବାକୁ ଥିବାବେଳେ ଓଡ଼ିଶାର ଚାଷୀଙ୍କୁ ୫୦ ପ୍ରତିଶତ ସାର ଯୋଗାଇ ଦେବାକୁ ସେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ, ଓଡ଼ିଶାର ଅଧିକାଂଶ ଚାଷୀ କେବଳ ଧାନଚାଷ ଉପରେ ନିର୍ଭରଶୀଳ। ତାଳଚେରରେ ହେଉଥିବା ୟୁରିଆ କାରଖାନା ଏଥିଲାଗି ବେଶ୍ ଲାଭଦାୟକ ହେବ। ରାଜ୍ୟର ଚାଷୀ ହେକ୍ଟର ପିଛା ୬୮ କେଜି ସାର ବ୍ୟବହାର କରୁଛନ୍ତି, ଯାହା ଜାତୀୟ ହାରର ପାଖାପାଖି। ପୂର୍ବ ଭାରତରେ ୟୁରିଆ ସାର ଉତ୍ପାଦନ ପାଇଁ ବୃହତ୍ କାରଖାନା ନ ଥିବାରୁ ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଉପରେ ଓଡ଼ିଶା ନିର୍ଭରଶୀଳ ଥିଲା। ତାଳଚେର ସାର କାରଖାନା କାର୍ଯ୍ୟକ୍ଷମ ହେବା ପରେ ଏବେ ରାଜ୍ୟର ଚାଷୀ ଉପକୃତ ହେବେ। ଏଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହିତ ସାର ରସାୟନ ବିଜ୍ଞାନର ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରି ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଅବିଭକ୍ତ ଢେଙ୍କାନାଳ ଜିଲା, ଓଡ଼ିଶା ତଥା ମୋ ଜନ୍ମଭୂମି ତାଳଚେରରେ ଆମମାନଙ୍କ ଆଖି ସାମ୍ନାରେ ଏହି ପ୍ରକଳ୍ପ ତିଆରି ହୋଇଥିଲା। ସେହିପରି ଆଖି ସାମ୍ନାରେ ମଧ ବନ୍ଦ ହୋଇଗଲା। କିନ୍ତୁ ଆଜି ଆମ ପାଇଁ ସୌଭାଗ୍ୟର ବିଷୟ ଯେ ୧୩ ହଜାର କୋଟି ଟଙ୍କା ବ୍ୟୟରେ ଏହି ସାର କାରଖାନାର ପୁନରୁଦ୍ଧାର ପାଇଁ ପ୍ରଧାନମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉର୍ଜା ଓ ଶକ୍ତି କ୍ଷେତ୍ରରେ ଭାରତକୁ ବିଶ୍ୱରେ ପ୍ରତିଷ୍ଠିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଏହାପରେ ସାର ରସାୟନ ବିଭାଗ ପକ୍ଷରୁ ଆଠମଲ୍ଲିକର ହସ୍ତଶିଳ୍ପ କରିଗରଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ତରୀୟ, ଯୋରନ୍ଦା ଶିଳ୍ପୀମାନଙ୍କ ଦ୍ୱାରା ନିର୍ମିତ ପିତଳ ଶଗଡ଼ର ମେମେଣ୍ଟୋ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାର ରସାୟନ ବିଭାଗର ଅଧିକାରୀ, ଜିଲା ପ୍ରଶାସନିକ ଅଧିକାରୀ, ଗେଲ୍ ଇଣ୍ଡିଆର ଅଧିକାରୀ ଓ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ୩ ଶିଶୁଙ୍କ ସଲିଳ ସମାଧି

ଧାମନଗର/ପଦ୍ମପୁର, ୨୨।୯(ଡି.ଏନ.ଏ.)

ଭଦ୍ରକ ଜିଲାର ୨ ପୃଥକ୍ ସ୍ଥାନରେ ପାଣିରେ ବୁଡ଼ିଯାଇ ୩ ଶିଶୁଙ୍କ ମୃତ୍ୟୁ ଘଟିଛି। ଧାମନଗର ବ୍ଲକ କଟସାହି ପଞ୍ଚାୟତ ଶ୍ୟାମଚାନ୍ଦପାଟଣା ଗ୍ରାମର ଗଣେଶ ପଣ୍ଡାଙ୍କ ୩ ବର୍ଷର ଶିଶୁପୁତ୍ର ସମରେଶ ପଣ୍ଡା ଶନିବାର କପାଳୀ ନଦୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ଏନେଇ ଧାମନଗର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୦/୧୮) ରୁଜୁ କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟକୁ ପଠାଇଛି। ଶନିବାର ପୂର୍ବାହ୍ନରେ ସମରେଶ ତାଙ୍କ ବୁଢ଼ୀମା'ଙ୍କ ସହ ଶ୍ୟାମଚାନ୍ଦ ମନ୍ଦିରକୁ ଯାଇଥିଲେ। ସେ ମନ୍ଦିରରେ ବାହାରୁ ଆସିଥିବା ଜଣେ ଭକ୍ତଙ୍କ ପ୍ରସାଦ ଖାଉଥିବାବେଳେ ବୁଢ଼ୀମା' ନିକଟସ୍ଥ ପଡ଼ିଆରେ ବନ୍ଧା ହୋଇଥିବା ଛେଳି ଦେଖିବାକୁ ଯାଇଥିଲେ। ସେଠାରୁ ଆସି ବୁଢ଼ୀମା' ସମରେଶଙ୍କୁ ପାଇ ନ ଥିଲେ। ବାହାରୁ ଆସିଥିବା ଜନୈକ ଭକ୍ତଙ୍କ ଅଟୋରେ ସେ ପଳାଇଯାଇଥିବା ସନ୍ଦେହ କରି ଖୋଜାଖୋଜି କରିଥିଲେ। ଅଟୋରେ ତାଙ୍କୁ ନ ପାଇବାରୁ ସ୍ଥାନୀୟ କପାଳୀ ନଦୀ ବନ୍ୟାଜଳରେ ସମରେଶ ବୁଡ଼ି ଯାଇଥିବା ସେ ସନ୍ଦେହ କରିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳ ବାହିନୀ ଓ ସ୍ଥାନୀୟ ଯୁବକମାନେ ମିଳିତ ଭାବେ ନଦୀରେ ଖୋଜାଖୋଜି କରି ବହୁ ସମୟ ପରେ ସମରେଶଙ୍କ ମୃତଦେହ ଉଦ୍ଧାର କରିଥିଲେ। ବାସୁଦେବପୁର ବ୍ଲକ ଶାଶୁଭୁଆଶୁଣି ପଞ୍ଚାୟତ ଆଡିଆ ଗ୍ରାମର ଖଗେଶ୍ୱର ମଲ୍ଲିକଙ୍କ ପୁଅ ରାଜା(୮) ଶୁକ୍ରବାର ଅପରାହ୍ନରୁ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ଚୁଡାମଣି ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ଶନିବାର ସକାଳୁ ଘର ନିକଟସ୍ଥ ଏକ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ସେହିପରି ଏହି ଗ୍ରାମକୁ ଅଜାଘରକୁ ବୁଲିବାକୁ ଆସିଥିବା କାନ୍ଥି ଅଞ୍ଚଳର ଭାନୁକଳାଙ୍କ ଝିଅ ସୁପର୍ଣ୍ଣା କଳା(୨) ଶନିବାର ସକାଳେ ଅନ୍ୟ ଏକ ପୋଖରୀରେ ପଡ଼ିଯାଇ ପ୍ରାଣ ହରାଇଛନ୍ତି। ଚୁଡାମଣି ସାମୁଦ୍ରିକ ପୋଲିସ ୨ ଜଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ୨ଟି ଅପମୃତ୍ୟୁ ମାମଲା(ନଂ.୪/୧୮ ଓ ୫/୧୮) ରୁଜୁ କରାଯାଇଛି।

Dollar 72.20 (17)

| | | |
|---|---|---|
| Sensex | 279.62 | 36,841.60 |
| Nifty | 91.25 | 11,143.10 |
| Gold | ₹ 250 | 31,450.00 |
| Silver | ₹ 70 | 38,150.00 |

“ଆମେରିକା-ଚାଇନା ଟ୍ରେଡ୍ ୱାର୍ ଚିନ୍ତା ବଢ଼ାଇଛି । ଏଥିଯୋଗୁ ଚାଇନାକୁ ଯାଉଥିବା ସାମଗ୍ରୀ ଭାରତକୁ ରପ୍ତାନି ହେବାର ସମ୍ଭାବନା ବୃଦ୍ଧି ପାଇଛି। ଏହି କାରଣରୁ ଏହା ଭାରତ ଉପରେ ନକାରାତ୍ମକ ପ୍ରଭାବ ପକାଇବ ।

– କୁମାର ମଙ୍ଗଳମ ବିର୍ଲା, ଅଧ୍ୟକ୍ଷ,ଆଦିତ୍ୟ ବିର୍ଲା ଗ୍ରୁପ



“ଚାଇନା ନିଜର ମୁଦ୍ରା ୟୁଆନର ଅବମୂଲ୍ୟାୟନ କରିବ ନାହିଁ। ନିଜର ଫାଇଦା ପାଇଁ ଏଭଳି ଉଦ୍ୟମ କରାଯାଉଛି ବୋଲି ହେଉଥିବା ଅଭିଯୋଗ ସତ ନୁହେଁ ।

– ଲି କେକିୟାଙ୍ଗ, ପ୍ରଧାନମନ୍ତ୍ରୀ, ଚାଇନା



# ସିଏଡି ବଢ଼ାଉଛନ୍ତି ୧୦ କୋଟି ଧନୀ

ନୂଆଦିଲ୍ଲୀ,୨୨-୯




- ଚଳନ୍ତି ଜମା ନିଅଣ୍ଟ ଜିଡିପିର ୨.୮% ଛୁଇଁବ
- ଜୁନ୍ ତ୍ରୈମାସ ସୁଦ୍ଧା ନିଅଣ୍ଟ ପରିମାଣ ୨.୪% ରହିଛି
- ବିଦେଶୀ କାର୍ କିଣା, ବିଦେଶରେ ପାଠପଢ଼ା ଓ ବୁଲିବା ଯୋଗୁ ଖର୍ଚ୍ଚ ବଢ଼ୁଛି

ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଦେଶର ଚଳନ୍ତି ଜମା ନିଅଣ୍ଟ (ସିଏଡି) ପରିମାଣ ବୃଦ୍ଧି କେନ୍ଦ୍ର ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଏଥିପାଇଁ ଦେଶର ୧୦ କୋଟି ଧନୀ ବ୍ୟକ୍ତି ପରୋକ୍ଷରେ ଦାୟୀ ବୋଲି ରିପୋର୍ଟ ପ୍ରକାଶ ପାଇଛି। ରପ୍ତାନି ସାମାନ୍ୟ ବଢ଼ିଥିଲେ ହେଁ ଆମଦାନୀ ତହୁଁ ଅନୁପାତରେ ଢ଼େର ବଢ଼ିଛି। ଫଳରେ ଜୁନ ତ୍ରୈମାସ ସୁଦ୍ଧା ଦେଶର ସିଏଡି ଜିଡିପିର ୨.୪%ରେ ପହଞ୍ଚିଗଲାଣି, ଯାହାକି ପୂର୍ବ ବର୍ଷର ଏହି ସମୟଠାରୁ ସାମାନ୍ୟ କମ୍ (୨.୫%)। ଟଙ୍କାରେ ଧରିଲେ ଗତ ବର୍ଷ ଜୁନ୍ ଅବଧିରେ ଦେଶରେ ସିଏଡି ୧୫୦୦ କୋଟି ଡଲାର ଥିବା ବେଳେ ଚଳିତ ବର୍ଷ ଏହା ୧୫୮୦ କୋଟି ଡଲାରକୁ ବୃଦ୍ଧି ପାଇଛି। ରପ୍ତାନି ବୃଦ୍ଧି ପାଉଥିଲେ ହେଁ ଅଶୋଧିତ ତୈଳ ଦରବୃଦ୍ଧି ଯୋଗୁ ଚଳିତ ଆର୍ଥିକ ବର୍ଷରେ ଦେଶର ସିଏଡି ଜିଡିପିର ୨.୮%କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଦେଶର ୧୦ କୋଟି ଧନୀ ସିଏଡି ବଢ଼ାଉଛନ୍ତି ବୋଲି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରସ୍ତୁତ ଇକୋରାପ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ଉପଦେଷ୍ଟା ପରିଷଦର ଅନ୍ୟତମ ସଦସ୍ୟ ତଥା ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ ପବ୍ଲିକ ଫାଇନାନ୍ସ ଆଣ୍ଡ ପଲିସିର ଡାଇରେକ୍ଟର ରଥୀନ ରାୟଙ୍କ ବକ୍ତବ୍ୟକୁ ଉଦ୍ଧାର କରି ଏଥିରେ ଲେଖାଯାଇଛି ଯେ, ସିଏଡିରେ ଢ଼ାଞ୍ଚାଗତ ସମସ୍ୟା ରହିଛି। ଏହାର ତୁରନ୍ତ ସମାଧାନ ଜରୁରୀ। ସିଏଡି ବୃଦ୍ଧି ଲାଗି ଦେଶର ୧୦ କୋଟି ଧନୀ ଦାୟୀ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ତାଙ୍କ ମତରେ ଏହି ଶ୍ରେଣୀର ବ୍ୟକ୍ତିବିଶେଷ ଦାମୀ ବିଦେଶୀ କାର୍ ବ୍ୟବହାର କରିବା, ଉଚ୍ଚଶିକ୍ଷା ପାଇଁ ବିଦେଶକୁ ଯିବା, ଅଧିକ ମାତ୍ରାରେ ବିମାନରେ ବିଦେଶ ବୁଲିବା ଯୋଗୁ ସିଏଡି ବଢ଼ୁଛି। ଏହି ଶ୍ରେଣୀ ଦେଶର ମୋଟ୍ ଜନସଂଖ୍ୟାର ଏକ ଛୋଟ ଅଂଶବିଶେଷ ହୋଇଥିଲେ ହେଁ ଦେଶର ଚଳନ୍ତି ଜମା ନିଅଣ୍ଟ ବୃଦ୍ଧିରେ ଅଗ୍ରଣୀ ରହିଛନ୍ତି। ଉପଭୋଗ କରୁଥିବା ଉପଭୋକ୍ତାଙ୍କ ଯୋଗୁ ଦେଶର ଅର୍ଥନୀତି ଅଭିବୃଦ୍ଧି ବଢ଼ୁଥିବା ବେଳେ ସେମାନଙ୍କ ପାଇଁ ଦେଶକୁ ଅଧିକ ଆମଦାନୀ କରିବାକୁ ପଡ଼ୁଛି। ଫଳରେ ସିଏଡି ବଢ଼ୁଛି। ନିଜକୁ ବିକାଶଶୀଳ ଦେଶରୁ ବିକଶିତ ଦେଶ ଭାବେ ଉନ୍ନୀତ କରିଥିବା ଚାଇନା ଓ ଦକ୍ଷିଣ କୋରିଆ ଭଳି ଦେଶ ଆମଦାନୀ କରିବା ବଦଳରେ ରପ୍ତାନି ଉପରେ ଅଧିକ ଜୋର୍ ଦେଉଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ବିଦେଶୀଙ୍କ ଚାହିଦା ପୂରଣ କରି ଦେଶର ଅଭିବୃଦ୍ଧି କରିବା ପରିବର୍ତ୍ତେ ଦେଶରେ ଶସ୍ତାରେ ସାମଗ୍ରୀ ନିର୍ମାଣ କରି ନିଜର ଚାହିଦା ବୃଦ୍ଧି କରିବାକୁ ପଡ଼ିବ। ଏହାଦ୍ୱାରା ଚଳନ୍ତି ଜମା ସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସାପ୍ତାହିକ ସମୀକ୍ଷା

### ସେନସେକ୍ସରେ ୧,୨୪୯ ପଏଣ୍ଟ ହ୍ରାସ

ମୁମ୍ବାଇ,୨୨-୯



କ୍ରମାଗତ ତୃତୀୟ ସପ୍ତାହ ସୁଦ୍ଧା ସେନସେକ୍ସ ୧,୨୪୯.୦୪ ପଏଣ୍ଟ ହ୍ରାସ ପାଇ ୩୬ ହଜାର ସ୍ତରରେ ପହଞ୍ଚିଛି, ଯାହାକି ଦୁଇ ମାସର ସର୍ବନିମ୍ନ ସ୍ତର ରହିଛି। ସେହିପରି ନିଫ୍ଟି ମଧ୍ୟ ଏହି ସମୟରେ ୩୭୨.୧୦ ପଏଣ୍ଟ ହ୍ରାସ ପାଇ ପ୍ରଥମ ଥର ୧୧,୨୦୦ ସ୍ତର ତଳକୁ ଖସି ଆସି ୧୧,୧୪୩.୧୦ରେ ବନ୍ଦ ହୋଇଛି। ଛୁଟି ଯୋଗୁ ମାର୍କେଟରେ କମ୍ ଦିନ କାରବାର ହୋଇଥିଲା। ଆମେରିକା-ଚାଇନା ଟ୍ରେଡ ୱାର ଚିନ୍ତା ଏବଂ ଟଙ୍କା ମୂଲ୍ୟ ତଥା ଆର୍ଥିକ ବଜାର ଶିଳ୍ପରେ ଅସ୍ଥିରତାର ପ୍ରଭାବ ସେନସେକ୍ସ ଓ ନିଫ୍ଟିରେ ବେଶ୍ ଅନୁଭୂତ ହୋଇଥିଲା। ନିବେଶକମାନେ ନିଜର ନିବେଶ ସୁରକ୍ଷିତ ରଖିବା ଲକ୍ଷ୍ୟରେ ଗତ ୪ଟି ସେସନ୍‌ରେ ଶେୟାର ବିକ୍ରି କରିବାକୁ ସେନସେକ୍ସ ହ୍ରାସ ପାଇଥିଲା। ଚଳିତ ସପ୍ତାହରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୭୨.୯୯ ସ୍ତର ଛୁଇଁଥିଲା, ଫଳରେ ଏହାର ପ୍ରଭାବ ମାର୍କେଟରେ ପଡିଥିଲା। ସପ୍ତାହର ଆରମ୍ଭରେ ସେନସେକ୍ସ ୩୮,୦୨୭.୮୧ରୁ କାରବାର ଆରମ୍ଭ କରିଥିଲା। ଏହା ଏକ ସମୟରେ ୩୫,୯୯୩.୬୪ର ସର୍ବନିମ୍ନ ସ୍ତର ଛୁଇଁବା ପରେ ୩୬,୮୪୧.୬୦ରେ ବନ୍ଦ ହୋଇଛି। ଫଳରେ ଏଥିରେ ୩.୨୮% ଅର୍ଥାତ ୧,୨୪୯.୦୪ ପଏଣ୍ଟ ହ୍ରାସ ପାଇଛି। ସେହିପରି ୧୧,୪୬୪.୯୫ରୁ ନିଫ୍ଟି କାରବାର ଆରମ୍ଭ କରି ୧୦,୮୬୬.୪୫କୁ ଖସିବା ପରେ ୧୧,୧୪୩.୧୦ରେ ବନ୍ଦ ହୋଇଥିଲା। ଫଳରେ ଏଥିରେ ୩.୨୩ ପ୍ରତିଶତ ବା ୩୭୨,୧୦ପଏଣ୍ଟ ହ୍ରାସ ପାଇଛି।

## ଖବର ଏଇ ସପ୍ତାହ

### ଦୁଇଗୁଣ ବଢ଼ିଛି ନେତା, ମ୍ୟାନେଜରଙ୍କ ଦରମା

ଅନ୍ତର୍ଜାତୀୟ ଶ୍ରମ ସଂଗଠନ(ଆଇଏଲ୍‌ଓ) ଇଣ୍ଡିଆ ୱେଜ ରିପୋର୍ଟ ଅନୁଯାୟୀ ୧୯୯୩-୯୪ରୁ ୨୦୧୧-୧୨ ମଧ୍ୟରେ ଦେଶରେ ନେତା ଓ ମ୍ୟାନେଜରଙ୍କ ଦରମା ଦୁଇଗୁଣା ବଢ଼ିଛି। ନ୍ୟାଶନାଲ ସାମ୍ପଲ ସର୍ଭେ ସଂସ୍ଥାର ଡାଟାକୁ ବିଶ୍ଳେଷଣ କରି ପ୍ରସ୍ତୁତ ରିପୋର୍ଟରେ କୁହାଯାଇଛି ଯେ, ଏହି ଅବଧିରେ ସାଂସଦ, ବିଧାୟକ, ବରିଷ୍ଠ ଅଧିକାରୀ ଏବଂ ମ୍ୟାନେଜରଙ୍କ ବାସ୍ତବିକ ହାରାହାରି ବେତନରେ ୯୮% ବୃଦ୍ଧି ହୋଇଛି।

# ଭଦ୍ରକରେ ନୂଆ ଷ୍ଟେଶନ ବିଲ୍‌ଡିଂ ଉଦ୍‌ଘାଟନ ଆଜି

ଭୁବନେଶ୍ୱର,୨୨-୯




ଭଦ୍ରକ ରେଳ ଷ୍ଟେଶନରେ ନୂଆ ବିଲଡିଂ ଓ ଫୁଟ ଓଭର ବ୍ରିଜ୍ ରବିବାର ଉଦଘାଟନ ହେବ। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏହାକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଷ୍ଟେଶନ ବିଲଡିଂ ସହ ପ୍ଲାଟଫର୍ମ, ବ୍ୟାରିକେଡ୍ ଥିବା ସର୍କୁଲେଟିଂ ଏରିଆକୁ ପ୍ରାୟ ୬.୧୮ କୋଟି ଟଙ୍କା ବିନିଯୋଗରେ ନିର୍ମାଣ କରାଯାଇଥିବା ରେଲୱେ ପକ୍ଷରୁ ସୂଚନା ରହିଛି। ନୂଆ ବିଲଡିଂରେ ଉଭୟ ସଂରକ୍ଷିତ ତଥା ଅଣ ସଂରକ୍ଷିତ ଟିକେଟ ପ୍ରଣାଳୀ, ଯାତ୍ରୀ ବିଶ୍ରାମାଗାର, ଷ୍ଟେଶନ କାର୍ଯ୍ୟାଳୟ ସହ ଅନ୍ୟାନ୍ୟ ଯାତ୍ରୀ ସୁବିଧା ଉପଲବ୍ଧ। ଅପରପକ୍ଷରେ ସମସ୍ତ ପ୍ଲାଟଫର୍ମକୁ ସଂଯୋଗ କରୁଥିବା ୬ ମିଟର ଚଉଡା ବିଶିଷ୍ଟ ଫୁଟ୍ ଓଭରବ୍ରିଜ ୩.୨୦ କୋଟି ଟଙ୍କାରେ ନିର୍ମିତ ହୋଇଛି। କାର୍ଯ୍ୟକ୍ରମରେ ଲୋକସଭା ସଦସ୍ୟ ଅର୍ଜ୍ଜୁନ ଚରଣ ସେଠୀ, ବିଧାୟକ ଯୁଗୋଳ କିଶୋର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିବେ ବୋଲି ରେଲୱେ ପକ୍ଷରୁ ପ୍ରକାଶ।

# ଫିଟ୍‌ଜୀ ପକ୍ଷରୁ ବିଗ୍ ବ୍ୟାଙ୍ଗ ଏଜ୍ ଟେଷ୍ଟ

ଭୁବନେଶ୍ୱର,୨୨-୯

FIITJEE

ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଫିଟଜୀ ପକ୍ଷରୁ ବିଗ୍ ବ୍ୟାଙ୍ଗ ଏଜ୍ ଟେଷ୍ଟ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଦ୍ୱାରା ଛାତ୍ରୀଛାତ୍ର ନିଜର କାର୍ଯ୍ୟଦକ୍ଷତା ଏବଂ ଫିଟଜୀ ମେନ ଆଣ୍ଡ ଆଡଭାନ୍ସ, କେଭିପିୱାଇ, ଏନ୍‌ଟିଏସ୍‌ଇ, ସିନିୟର ଏବଂ ଜୁନିୟର ଅଲିମ୍ପିଆଡ ପ୍ରସ୍ତୁତି ସମ୍ପର୍କରେ ଜାଣି ପାରିବେ। ପଞ୍ଚମ ଶ୍ରେଣୀଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଉକ୍ତ ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ। ଅକ୍ଟୋବର ୧୪ରେ ହେବାକୁ ଥିବା ପରୀକ୍ଷା ଲାଗି ଅନ୍‌ଲାଇନ ଓ ଅଫଲାଇନ ପଞ୍ଜୀକରଣ ସେହିମାସ ୧୧ ଯାଏ ଚାଲିବ। ଫିଟଜୀର ଅଫିସିଆଲ ୱେବସାଇଟକୁ ଯାଇ ଛାତ୍ରୀଛାତ୍ର ପଞ୍ଜୀକରଣ କରିପାରିବେ। ସେହିଭଳି ସବିଶେଷ ବିବରଣୀ ପାଇଁ ଫିଟ୍‌ଜୀ ସେଣ୍ଟର ସହ ସମ୍ପର୍କ କରିପାରିବେ। ଏଭଳି ଏକ ଟେଷ୍ଟ ଇଞ୍ଜିନିୟରିଂ ଏବଂ ବିଜ୍ଞାନର ପ୍ରତିଯୋଗିତାମୂଳକ ପରୀକ୍ଷା ଦିଗରେ ବିଶେଷ ଭାବେ ସହାୟକ ହେବ ବୋଲି ଫିଟ୍‌ଜୀ ଭୁବନେଶ୍ୱର ସେଣ୍ଟର ମୁଖ୍ୟ ରାଣାଜୟ ବର୍ଦ୍ଧନ ସୂଚନା ଦେଇଛନ୍ତି। ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ପ୍ରତିଷ୍ଠାନର ସମସ୍ତ ଫାକଲଟି ସହଯୋଗ କରୁଥିବା ଓଡିଶା ଅପରେଶନ ପ୍ରତିନିଧି ପି.କେ. ଦାସ କହିଛନ୍ତି।

# ଟାଇଟାନ କମ୍ପାନୀର ୩ ନୂଆ ଷ୍ଟୋର

ଭୁବନେଶ୍ୱର,୨୨-୯

TITAN COMPANY

ଟାଇଟାନ କମ୍ପାନୀ ପକ୍ଷରୁ ସ୍ଥାନୀୟ ଏସ୍‌ପ୍ଲାନେଡ ୱାନ୍ ମଲ୍‌ଠାରେ ମିଆ, ଟାଇଟାନ ଆଇପ୍ଲସ ଏବଂ ୱାର୍ଲଡ ଅଫ୍ ଟାଇଟାନ ଭଳି ୩ଟି ନୂଆ ଷ୍ଟୋର ଖୋଲିଛି। ଭୁବନେଶ୍ୱରରେ ତନିସ୍କ ପକ୍ଷରୁ ଏହା ପ୍ରଥମ ମିଆ ଷ୍ଟୋର ହୋଇଥିବା ବେଳେ ପଞ୍ଚମ ଟାଇଟାନ ଆଇପ୍ଲସ ଓ ସପ୍ତମ ୱାର୍ଲଡ ଅଫ୍ ଟାଇଟାନ ଷ୍ଟୋର। ଟାଇଟାନ କମ୍ପାନୀ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାସ୍କର ଭଟ୍ଟ ଏହି ଷ୍ଟୋରଗୁଡିକୁ ଉଦ୍‌ଘାଟନ କରିଛନ୍ତି। ଗ୍ରାହକଙ୍କୁ ଉନ୍ନତ କ୍ରୟ ଅଭିଜ୍ଞତା, ବିକଳ୍ପ ତଥା ଅତୁଳନୀୟ ସେବା ପ୍ରଦାନ ଲକ୍ଷରେ ଏଭଳି ପଦକ୍ଷେପ ନିଆଯାଇଥିବା କମ୍ପାନୀ ପ୍ରକାଶ କରିଛି। ୨୦୦୩ରେ ଭୁବନେଶ୍ୱରର ପ୍ରଥମ ୱାର୍ଲଡ ଅଫ୍ ଟାଇଟାନ ଷ୍ଟୋର ସ୍ଥାପନ କରିବା ପରେ ଅନେକ ପଥ ଅତିକ୍ରମ କରିଛୁ ବୋଲି ଭଟ୍ଟ କହିଛନ୍ତି। ନୂତନତ୍ୱ ତଥା ଡିଜାଇନ ଉପରେ ବର୍ତ୍ତମାନ ଧ୍ୟାନ କେନ୍ଦ୍ରିତ କରୁଛୁ ବୋଲି ସେ କହିଛନ୍ତି।

# ଅନିଲ କୁମାର ଚୌଧୁରୀ ସେଲ୍ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୨-୯



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିଯୁକ୍ତି ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଅନିଲ କୁମାର ଚୌଧୁରୀଙ୍କୁ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ(ସେଲ୍)ର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି। ସେ ବର୍ତ୍ତମାନ କମ୍ପାନୀର ଅର୍ଥ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ମାତ୍ର ୨ ବର୍ଷ ପାଇଁ ସେ ଏହି ନୂତନ ଦାୟିତ୍ୱରେ ରହିବେ। କାରଣ ୨୦୨୦ ଡିସେମ୍ବର ୩୧ରେ ସେ ଅବସର ନେବେ। ୨୦୧୧ରୁ ଚୌଧୁରୀ ସେଲ୍‌ରେ ଅର୍ଥ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଏଥିପୂର୍ବରୁ ସେ ବୋକାରୋ ଷ୍ଟିଲ ପ୍ଲାଣ୍ଟରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଅର୍ଥ ଓ ପ୍ରଶାସନ) ଭାବେ ଦାୟିତ୍ୱ ତୁଲାଇଥିଲେ। ପୂର୍ବରୁ ପବ୍ଲିକ ଏଣ୍ଟରପ୍ରାଇଜେସ୍ ସିଲେକଶନ ବୋର୍ଡ ଚୌଧୁରୀଙ୍କ ନାମ ସୁପାରିସ କରିଥିଲା। ସେ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି।

# ଆମୱେର ଏକ୍ସପ୍ରେସ ପିକ୍ ଆଣ୍ଡ ପେ ଷ୍ଟୋର

ଭୁବନେଶ୍ୱର,୨୨-୯

ଆମୱେ ଇଣ୍ଡିଆ ପକ୍ଷରୁ ରାଉରକେଲାରେ ଏହାର ନୂତନ ଏକ୍ସପ୍ରେସ ଆଣ୍ଡ ପିକ୍ ଷ୍ଟୋର ଖୋଲିଛି। ନୂଆ ଷ୍ଟୋରଟି ଉଦିତନଗର କଚେରି ରୋଡସ୍ଥିତ ସୁମିତ୍ରା ହାଇଟ୍ସରେ ଖୋଲିଛି। ଗ୍ରାହକଙ୍କ ନିକଟତର ହେବା ଲାଗି କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। ଉକ୍ତ ବର୍ଗରେ ଏହା କମ୍ପାନୀର ୬୦ତମ ଷ୍ଟୋର। ଏଭଳି ଷ୍ଟୋର କଟକ ଓ ବ୍ରହ୍ମପୁରରେ ମଧ୍ୟ ଖୋଲିଛି। ଏକ ମିନି ସେଣ୍ଟର ଭଳି ଆମୱେର ଗ୍ରାହକ ଓ ବିତରକମାନଙ୍କୁ ଟଚ୍ ତଥା ଫିଲ ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟ ନେଇ କମ୍ପାନୀ ଏଭଳି ପଦକ୍ଷେପ ନେଇଛି। କମ୍ପାନୀ ପାଇଁ ଓଡିଶା ଏକ ପ୍ରମୁଖ ବଜାର ହୋଇଥିବା ବେଳେ ପଶ୍ଚିମ ଓଡିଶାରେ ଏହି ଷ୍ଟୋର କାରବାର କ୍ଷେତ୍ରରେ ବିଶେଷ ଅବଦାନ ରଖିବ ବୋଲି ପୂର୍ବାଞ୍ଚଳ ଆଞ୍ଚଳିକ ପ୍ରବନ୍ଧକ ଚନ୍ଦ୍ରା ଚକ୍ରବର୍ତ୍ତି ସୂଚନା ଦେଇଛନ୍ତି। ଏହି ଷ୍ଟୋରରେ କମ୍ପାନୀର ସମସ୍ତ ପ୍ରଡକ୍ଟ ଉପଲବ୍ଧ ହେବ।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂଆ ଏମ୍‌ଡି

ଭୁବନେଶ୍ୱର,୨୨-୯



ରାଷ୍ଟ୍ରାୟତ୍ତ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ପଲ୍ଲବ ମହାପାତ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଉପ-ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ୧୯୮୩ରେ ଏସ୍‌ବିଆଇରେ ସେ ପ୍ରୋବେସନାରୀ ଅଧିକାରୀ ଭାବେ ଯୋଗ ଦେଇଥିଲେ। ବ୍ୟାଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିବା ସହ ଦୀର୍ଘ ଦିନର ଅଭିଜ୍ଞତା ସେ ହାସଲ କରିଛନ୍ତି। ଏସ୍‌ବିଆଇ କାର୍ଡର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ନୂତନ ବ୍ୟବସାୟିକ କର୍ପୋରେଟ ସେଣ୍ଟରର ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ଉପ-ମହାପ୍ରବନ୍ଧକ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସେ କାର୍ଯ୍ୟ କରିଛନ୍ତି।

# ୟୁକୋ ବ୍ୟାଙ୍କର ମେଗା ବ୍ୟାଙ୍କିଂ ଶିବିର

**ଭୁବନେଶ୍ୱର,୨୨-୯:** ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ମେଗା ବ୍ୟାଙ୍କିଂ ଶିବିର କଟକର ତେଲେଙ୍ଗାପୀଠ ସ୍ଥିତ ଗାନ୍ଧୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର କୋଲକାତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଚରଣ ସିଂ ଉପସ୍ଥିତ ଥିଲେ। ଏଠାରେ ୨୪ ଶାଖାରୁ ଆସିଥିବା ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।





## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର,
ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨

ସଂଖ୍ୟା : ୧୧୩୭୪ / IND-II-PH-770 ତାରିଖ : ୨୨.୦୯.୨୦୧୮

### ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଫିଗ୍ରେଡ଼ ଏଣ୍ଡ କୋ (ପ୍ରା) ଲି. ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, କୋଇଡ଼ା ତହସିଲ୍ ଅନ୍ତର୍ଗତ ନଦୀକାଶୀରା ଏବଂ ରେଙ୍ଗାଲବେଡ଼ା ଗ୍ରାମରେ ୧୨୧.୪୦୫ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ନଦୀଡିହି ଲୌହ ଏବଂ ମାଙ୍ଗାନିଜ ଖଣିର ଆର୍.ଓ.ଏମ୍. ଲୌହ ଖଣିଜ ଉତ୍ପାଦନ କ୍ଷମତା ବାର୍ଷିକ ୨.୮୮ ନିୟୁତ ଟନ୍‌ରୁ ୬.୦ ନିୟୁତ ଟନ୍‌କୁ ବୃଦ୍ଧି କରିବା ଏବଂ ପୁରୁଣା ଡମ୍ପ/ ଗଦାରୁ ୪.୫୭୧ ନିୟୁତ ଟନ୍/ ବର୍ଷ ନିମ୍ନମାନ ଖଣିଜର ଶୁଷ୍କ ପ୍ରକ୍ରିୟାକରଣ (କ୍ରସିଂ ଏବଂ ସ୍କ୍ରିନିଂ)ରୁ ୧.୪୫୧ ନିୟୁତ ଟନ୍ / ବର୍ଷ ହ୍ରାସ (ସମୁଦାୟ ପରିଚାଳନା ବାର୍ଷିକ ୭.୪୫୧ ନିୟୁତ ଟନ୍) କରିବା** ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି। ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମିତ୍ତ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା.୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୨୫.୧୦.୨୦୧୮ରିଖ ଦିବା ୧୦.୩୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, କୋଇଡ଼ା ବ୍ଲକ୍ ଅନ୍ତର୍ଗତ ନଦୀକାଶିରା ଗ୍ରାମରେ ଅବସ୍ଥିତ ନଦୀଡିହି ପ୍ରାଥମିକ ବିଦ୍ୟାଳୟ ଖେଳପଡ଼ିଆ ନିକଟରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ଼ ।**
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସୁନ୍ଦରଗଡ଼ ।**
୩. ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ସୁନ୍ଦରଗଡ଼ ।**
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର-୭୫୧ ୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାଉରକେଲା।**
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍ ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ରାଉରକେଲା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**


# ‘ଭାଲ୍ୟୁ ଫର୍ ମନି’ ଦେଉଛି ପିଏମ୍‌ଜି ମୋଟର୍ସ

**ପାଖେଇ ଆସୁଛି ପାର୍ବଣ । ଏହି ସମୟରେ ଦୁଇଚକିଆ ଯାନ କ୍ରୟ କ୍ଷେତ୍ରରେ କମ୍ପାନୀଗୁଡିକ ବିଭିନ୍ନ ଅଫର ସୁବିଧା ପ୍ରଦାନ କରିଥାନ୍ତି। ଦୁଇଚକିଆ ଯାନ କ୍ଷେତ୍ରରେ ୟାମାହା ଏକ ପ୍ରମୁଖ କମ୍ପାନୀ। ରାଜ୍ୟରେ ଏହା ନିଜର ଉପସ୍ଥିତି ଜାହିର କରିଛି। କମ୍ପାନୀର କଟକ ସ୍ଥିତ ଶୋ’ରୁମ ପିଏମ୍‌ଜି ମୋଟର୍ସ ୨୦୧୨ଠାରୁ ଗ୍ରାହକଙ୍କୁ ନିରନ୍ତର ସେବା ଯୋଗାଣ ଦିଗରେ କାର୍ଯ୍ୟ କରୁଛି। ଗ୍ରାହକ ସେବା ତଥା ଡିଲରଶିପ ଅଭିଜ୍ଞତାକୁ ନେଇ ଶୋ’ରୁମର ସ୍ୱତ୍ୱାଧିକାରୀ ମନୋରଞ୍ଜନ ଦାସଙ୍କ ସହ ସାକ୍ଷାତ୍‌କାର.....**

**◆ଉନ୍ନତ ଗ୍ରାହକ ସେବା ନେଇ କ’ଣ ଆଭିମୁଖ୍ୟ ରଖନ୍ତି?**

▸▸ଗ୍ରାହକଙ୍କୁ ସର୍ବଦା ପ୍ରାଥମିକତା ଦେଇ ଆସିଛୁ। ସେମାନେ ଯେଭଳି ଭାବେ ଭାଲ୍ୟୁ ଫର୍ ମନି ଲାଭ କରିବେ ତାକୁ ଧ୍ୟାନରେ ରଖାଯାଏ। ସେହିଭଳି ଶୋ’ରୁମରେ କିଭଳି ଭାବେ ସହଜ ଫାଇନାନ୍ସ ସୁବିଧା ଉପଲବ୍ଧ ହେବ ତାକୁ ନେଇ ବିଭିନ୍ନ ପଦକ୍ଷେପ ନେଇଛୁ।

**◆ନିରନ୍ତର ଭାବେ ଗୁଣାତ୍ମକ ସେବା ପ୍ରଦାନ କ୍ଷେତ୍ରରେ କମ୍ପାନୀ କିଭଳି ଯୋଗଦାନ ରଖିଛି?**

▸▸ଆମେ ଗୁଣାତ୍ମକ ସେବା ଦ୍ୱାରା ହିଁ ଗ୍ରାହକଙ୍କ ନିକଟତର ହୋଇଛୁ। ନିରନ୍ତର ଭାବେ ଗୁଣାତ୍ମକ ସେବା ପ୍ରଦାନଧାରା ଜାରି ରହିଛି। ଏହି ଦିଗରେ ବିଭିନ୍ନ ପଦକ୍ଷେପମାନ ହାତକୁ ନେଉଛୁ। ଏହି ଦିଗରେ ଗ୍ରୁପ କିଛି ଆୱାର୍ଡ ଲାଭ କରିଛି। ଏହା ମଧ୍ୟରେ ଏକ୍ସଲେନ୍ସ ଇନ୍ କଷ୍ଟମର ମାଇଣ୍ଡ ଫ୍ଲୋ-୨୦୧୫, ବେଷ୍ଟ ଆକ୍ଟିଭିଟି ଡିଲର-୨୦୧୬ ଭଳି ଆୱାର୍ଡ ସାମିଲ ରହିଛି।

**◆ଶୋ’ରୁମ ପ୍ରଦର୍ଶନକୁ କିଭଳି ଭାବେ ଦେଖୁଛନ୍ତି?**

▸▸ଆମେ ବର୍ଷକୁ ବର୍ଷ ବ୍ୟବସାୟ କ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଛୁ। ୨୦୧୭ରେ ପୂର୍ବାଞ୍ଚଳରେ ଆମର ଅଭିବୃଦ୍ଧି ଅନୁପାତ ସବୁଠାରୁ ଉଚ୍ଚରେ ରହିଥିଲା। ଆଗାମୀ ଦିନରେ ଏହି ଧାରା ବଜାୟ ରଖିବା ଲାଗି ପ୍ରୟାସରତ। ଚଳିତ ବର୍ଷର ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ୮,୭୦୦ ଯାନ ବିକ୍ରି କରିଥିବା ବେଳେ ୧୦,୫୦୦ରୁ ଅଧିକ ଯାନ ସର୍ଭିସ କରିବାକୁ ସକ୍ଷମ ହୋଇଛୁ।



**◆ଗ୍ରାହକଙ୍କ ପାଇଁ ଶୋ’ରୁମ ପକ୍ଷରୁ କିଛି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି କି?**

▸▸ହଁ ନିଶ୍ଚିତ। ଆମେ ଏହି ଦିଗ ପ୍ରତି ବିଶେଷ ଭାବେ ଯତ୍ନବାନ ରହିଛୁ। ସମୟ ସମୟରେ ଆମେ ୟାମାହା ଫ୍ୟାମିଲି ସେଫ୍‌ଟି ପ୍ରୋଗ୍ରାମ ସହ ଅନ୍ୟ କେତେକ ଗ୍ରାହକ ସମ୍ପର୍କ ଅଭିଯାନ ଆୟୋଜନ କରିଥାଉ। ଶୋ’ରୁମରେ ଲୋନ୍ ତଥା ଏକ୍ସଚେଞ୍ଜ ମେଳା ଆୟୋଜନ କରାଯାଉଛି।

**◆ପାର୍ବଣରେ କିଛି ଅଫର ଆଣିବେ କି?**

▸▸ପାର୍ବଣ ସମୟରେ ଭଲ ବିକ୍ରି ନେଇ ଆଶାବାଦୀ ରହିଛୁ। ସ୍କୁଟର ସେଗମେଣ୍ଟ ଭଲ କରିବ ବୋଲି ଆଶା ରହିଛି। ୩୭୭୭ ଟଙ୍କାର ସ୍ୱତନ୍ତ୍ର ସ୍କିମ୍ ଫ୍ୟାସିନୋ ସ୍କୁଟର ପାଇଁ ଯୋଜନା ହୋଇଛି।

“ଆମର ପ୍ରତ୍ୟେକ ଖେଳାଳି ଭଲ ଫର୍ମରେ ଥିବା ବାଂଲାଦେଶ ବିପକ୍ଷ ଏସିଆ କପ୍ ମ୍ୟାଚ୍‌ରୁ ସୂଚନା ମିଳୁଛି।
–ରୋହିତ ଶର୍ମା, ଭାରତୀୟ କ୍ରିକେଟର




“ଗାବ୍ରିଏଲ ଜେସସ ବ୍ରାଜିଲର ବିଶ୍ୱକପ୍ ଅଭିଯାନ ବେଳେ ଭଲ ଖେଳି ନ ଥିଲେ ମଧ୍ୟ ବିଶ୍ୱର ଜଣେ ଅନ୍ୟତମ ଉଚ୍ଚକୋଟୀର ଖେଳାଳି ।
–ପେପ୍ ଗାର୍ଡିଓଲା, ମାଞ୍ଚେଷ୍ଟର ସିଟି ମ୍ୟାନେଜର



## ସଂକ୍ଷେପରେ

### ଭାରତର ବିଜୟ ଅଭିଯାନ

**କୁଆଲାଲମ୍ପୁର,୨୨।୯(ପି.ଟି.):** ୧୬ ବର୍ଷରୁ କମ୍ ଏସିଆନ ଫୁଟବଲ କନଫେଡେରେଶନ (ଏଏଫସି) ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଭାରତ ତା’ର ପ୍ରଥମ ମ୍ୟାଚରେ ଭିଏତ୍‌ନାମକୁ ୧-୦ ଗୋଲରେ ପରାସ୍ତ କରିଛି। ସ୍ଥାନୀୟ ୟୁଏମ୍ ଏରିନାରେ ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ର ୮୬ତମ ମିନିଟ୍‌ରେ ଭାରତ ବିକ୍ରମ ସିଂ ପେନାଲ୍ଟି ଜରିଆରେ ଗୋଲ ଦେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ୪ଟି ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ସଫଳ ହୋଇଥିଲେ ଭାରତ ବଡ଼ ବ୍ୟବଧାନରେ ବିଜୟୀ ହୋଇଥାନ୍ତା। ମ୍ୟାଚ୍‌ର ଅଷ୍ଟମ, ୧୭, ୨୫, ୬୧ତମ ମିନିଟରେ ଭାରତ ପାଇଁ ଗୋଲ ସୁଯୋଗ ସୃଷ୍ଟି ହୋଇଥିଲା। ତେବେ ଶେଷରେ ୮୩ତମ ମିନିଟରେ ଭାରତ ଶେଷରେ ଗୋଲ ଦେବାକୁ ସକ୍ଷମ ହୋଇଥିଲା।

### ଜିଓ ଟିଭିରେ ଭାରତୀୟ କ୍ରିକେଟ ପ୍ରସାରଣ

**ମୁମ୍ବାଇ, ୨୨।୯:** ବିଶ୍ୱର ସର୍ବବୃହତ୍ ମୋବାଇଲ୍ ଡାଟା ନେଟ୍‌ୱର୍କ ଜିଓ ଭାରତର ଅଗ୍ରଣୀ ପ୍ରସାରଣ ସଂସ୍ଥା ଷ୍ଟାର ଇଣ୍ଡିଆ ସହିତ ଏକ ୫ ବର୍ଷିୟା ସହବନ୍ଧନ ଘୋଷଣା କରିଛି, ଯାହା ଦେଶରେ କ୍ରୀଡ଼ା ମନୋରଞ୍ଜନ କ୍ଷେତ୍ରରେ ଏକ ନୂଆ ଧାରା ସୃଷ୍ଟି କରିବ। ଜିଓ ଏବଂ ଷ୍ଟାର ମିଳିତ ଭାବରେ ପ୍ରସାରିତ ହେଉଥିବା ସମସ୍ତ ଭାରତୀୟ କ୍ରିକେଟ୍ ମ୍ୟାଚ୍‌କୁ ଜିଓ ଟିଭି ଓ ହଟ୍‌ଷ୍ଟାର୍ ଜରିଆରେ ଉପଭୋକ୍ତାମାନଙ୍କୁ ଉପଲବ୍ଧ କରାଇବେ। ଏଥିନେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ଷ୍ଟାର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସହିତ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଭାରତ ଖେଳିବାକୁ ଥିବା ସମସ୍ତ ମ୍ୟାଚ୍ (ଟେଷ୍ଟ, ଏକଦିବସୀୟ ଓ ଟି୨୦) ସମେତ ବିସିସିଆଇର ପ୍ରମୁଖ ଘରୋଇ ପ୍ରତିଯୋଗିତା ସମୂହ ଏଥିରେ ପ୍ରସାରିତ ହେବ।

# ତ୍ରୁଟିରୁ ଶିକ୍ଷାଲାଭ କରିଛୁ: ମନପ୍ରୀତ



ମନପ୍ରୀତ ସିଂ

**ଭୁବନେଶ୍ୱର, ୨୨।୯ (କ୍ରୀଡ଼ା ପ୍ରତିନିଧି):** ଗତ ଏସିଆନ ଗେମ୍ସରେ ଭାରତୀୟ ହକି ଦଳ ସ୍ୱର୍ଣ୍ଣ ପଦକ ଜିତିବ ବୋଲି ଅନେକେ ଆଶା କରୁଥିଲେ। ମାତ୍ର ତାହା ହୋଇ ନ ଥିଲା। ଭାରତ ସେମିଫାଇନାଲରେ ମାଲେସିଆଠାରୁ ହାରିବା ଦ୍ୱାରା ପ୍ଲେ-ଅଫ୍ ଖେଳିବାକୁ ବାଧ୍ୟ ହୋଇଥିଲା ଏବଂ ସେଥିରେ ପାକିସ୍ତାନକୁ ହରାଇ ବ୍ରୋଞ୍ଜ ପଦକ ଜିତିଥିଲା। ଏସିଆନ ଗେମ୍ସରେ ଭାରତ ଭଲ ପ୍ରଦର୍ଶନ କରିଥିଲେ ହେଁ ଗୋଟିଏ ମ୍ୟାଚରେ ଖରାପ ପ୍ରଦର୍ଶନ ଯୋଗୁ ଟାଇଟଲ ଦୌଡ଼ରୁ ବାଦ୍ ପଡ଼ି ଯାଇଥିଲା। ଏହା ସମସ୍ତଙ୍କୁ ନିରାଶ କରିଛି। ସେଠାରେ କରିଥିବା ତ୍ରୁଟିରୁ ଶିକ୍ଷାଲାଭ କରି ଆମେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଏବଂ ହକି ବିଶ୍ୱକପ ଖେଳିବାକୁ ଯିବୁ ବୋଲି କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଅବସରରେ ପ୍ରକାଶ କରିଛନ୍ତି ତାରକା ଖେଳାଳି ମନପ୍ରୀତ ସିଂ।

ଏସିଆଡ୍‌ର ଦୁଃଖ ଏବେ ମଧ୍ୟ ମନରେ ଅଛି କି ପ୍ରଶ୍ନର ଉତ୍ତରରେ ମନପ୍ରୀତ କହିଲେ ଯେ, ଆମ ଟିମ୍ ବହୁତ ଭଲ। ନିକଟ ଅତୀତରେ ପ୍ରାୟ ସବୁ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ ଦେଇ ଆସିଛି। ମାତ୍ର ଏସିଆନ ଗେମ୍ସରେ ଗୋଟିଏ ମ୍ୟାଚକୁ ନେଇ ପୂରା ଟିମ୍ ନିରାଶ ରହିଛି। ସେଠାରେ କରିଥିବା ତ୍ରୁଟିରୁ ଶିକ୍ଷା ମିଳିଛି। କୋଚ୍‌ଙ୍କ ଅନୁସାରେ ଆମେ ମ୍ୟାଚ ବାଇ ମ୍ୟାଚ ଉପରେ ଫୋକସ କରିବୁ। ପ୍ରତିପକ୍ଷ ଯେଉଁ ଦଳ ହେଉ ନା କାହିଁକି ଆମେ ଶତ ପ୍ରତିଶତ ଦେବାକୁ ଚେଷ୍ଟା କରିବୁ। ଜାକର୍ତ୍ତାରେ ତ୍ରୁଟି ସମ୍ପର୍କରେ ସେ କହିଲେ ଯେ, ଦୁର୍ଭାଗ୍ୟବଶତଃ ଆମେ ଶେଷ ମୁହୂର୍ତ୍ତରେ ଏକ ପେନାଲ୍ଟି କର୍ନର ଦେଲୁ। ଭୁଲ କରିବାରୁ କାର୍ଡ ପାଇଲୁ। ଏହା ପୂରା ଦଳ ପାଇଁ କ୍ଷତିକାରକ ହୋଇଥିଲା। ପୂର୍ବରୁ ଆମକୁ ବହୁ ସୁଯୋଗ ମିଳିଥିଲା। ତାହାର ସଦୁପଯୋଗ କରିଥିଲେ ଆମେ ବହୁ ଆଗରୁ ଭଲ ସ୍ଥିତିରେ ରହି ପାରିଥାନ୍ତୁ। ମାତ୍ର ତ୍ରୁଟି କରିବାରୁ ତାହାର ଫାଇଦା ନେଇପାରି ନ ଥିଲୁ। ଏଥିରୁ ଆମେ ବହୁତ କିଛି ଶିକ୍ଷା ପାଇଛୁ। ଏପରି ଭୁଲ ପୁଣି ନ କରିବା ଉପରେ ଧ୍ୟାନ ଦେବୁ।

ଏସିଆନ ଗେମ୍ସର ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ମୁଖ୍ୟ ଖେଳାଳିଙ୍କୁ ବିଶ୍ରାମ ଦିଆ ଯାଇଥିଲେ ସେମାନେ ସେମିଫାଇନାଲ ପାଇଁ ଅଧିକ ସତେଜ ରହି ପାରିଥାନ୍ତେ କି ପ୍ରଶ୍ନର ଉତ୍ତରରେ ମନପ୍ରୀତ କହିଲେ ଯେ, ପ୍ରତି ମ୍ୟାଚ ଜିତିବା ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ କୌଣସି ଟିମ୍‌କୁ ଦୁର୍ବଳ ମନେ କରି ହେଉନି। ଜାପାନ ଟିମ୍‌କୁ ଏତେ କେହି ଗୁରୁତ୍ୱ ଦେଉ ନ ଥିଲେ। ମାତ୍ର ସେ ଏସିଆନ ଗେମ୍ସରେ ଚାମ୍ପିୟନ ହେଲା। ଫାଇନାଲରେ ସମସ୍ତେ ଆଶା ରଖିଥିଲେ ଯେ ମାଲେସିଆ ଜିତିବ, ମାତ୍ର ତାହା ହୋଇ ନ ଥିଲା। ତେଣୁ ପ୍ରତିପକ୍ଷ ଦଳ ଯିଏ ହେଉ ନା କାହିଁକି ସବୁବେଳେ ଆମେ ଶ୍ରେଷ୍ଠ ଦଳ ସହ ଖେଳିବା ସପକ୍ଷରେ ରହିଛୁ।

ଅନେକ ସମୟରେ ମନପ୍ରୀତଙ୍କ ପୋଜିଶନ ବଦଳି ଯାଇଥାଏ। ଏ ସମ୍ପର୍କରେ ସେ କୁହନ୍ତି ଯେ, ମୁଁ ଫରୱାର୍ଡ ପୋଜିଶନରେ ଖେଳିବି କିମ୍ବା ଡିଫେନ୍ସରେ ରହିବି ତାହା ଦଳୀୟ ରଣନୀତି ଉପରେ ନିର୍ଭର କରିଥାଏ। ସିମରନଜିତ ଓ ଆକାଶଦୀପଙ୍କ ପରି ଆମ ଦଳର ଅନ୍ୟ ମିଡ୍‌ଫିଲ୍ଡରମାନେ ମଧ୍ୟ ବହୁତ ଭଲ। ସେମାନେ ଭଲ ଷ୍ଟ୍ରାଇକର ମଧ୍ୟ। ସେମାନଙ୍କୁ ବଲ୍ ଯେତେ ଯୋଗାଇ ଦିଆଯିବ ଦଳପାଇଁ ସେତେ ଭଲ। ତେଣୁ ସବୁକିଛି ପ୍ଲାନ ଅନୁସାରେ ହୋଇଥାଏ। ସର୍ଦ୍ଦାର ସିଂ ଅବସର ନେଇଯିବାପରେ ଦଳରେ ତାଙ୍କର ଯେଉଁ କାର୍ଯ୍ୟ ଏବେ ତାହା ଆପଣଙ୍କ ଉପରକୁ ଆସିଛି କି ବୋଲି ପ୍ରଶ୍ନର ଉତ୍ତରରେ ମନପ୍ରୀତ କହିଲେ ଯେ, ହକି ଏକ ଟିମ୍ ଗେମ୍ ହୋଇଥିବାରୁ ଏହି ଭାର ଏବେ କେବଳ ମୋ ଉପରେ ନାହିଁ। ସମସ୍ତଙ୍କ ଯୋଗଦାନ ବହୁତ ଜରୁରୀ। ଯେପରି ଡିଫେନ୍ସ ଗୋଲକିପରଙ୍କଠାରୁ ଆରମ୍ଭ ହୋଇଥାଏ ସେହିପରି ଆକ୍ରମଣ କ୍ଷେତ୍ରରେ ସମସ୍ତ ଖେଳାଳିଙ୍କ ଅବଦାନ ଜରୁରୀ ହୋଇଥାଏ।

ଶେଷ ମୁହୂର୍ତ୍ତରେ ଗୋଲ ବରଣ ସମ୍ପର୍କରେ ମନପ୍ରୀତଙ୍କ ମତ ହେଲା ଯେ, ଏଥିରୁ ଆମେ ଉଦ୍ଧାର ପାଇ ପାରିନାହୁଁ ସତ, ମାତ୍ର ଏହାକୁ କୌଣସି ଜଣେ ଖେଳାଳିର ତ୍ରୁଟି କହି ହେବନି। ଶେଷ ମୁହୂର୍ତ୍ତରେ କମ୍ୟୁନିକେଶନରେ କିଛିଟା ତ୍ରୁଟି ରହୁଥିବାରୁ ଏପରି ହେଉଛି। ଏସିଆନ ଗେମ୍ସରେ ମଧ୍ୟ ତାହାର ପୁନରାବୃତ୍ତି ହୋଇଥିଲା। ଏବେ ଭାରତୀୟ ଦଳ ଅଧିକ ଦୃଢ଼ ହେଉଛି। ତେଣୁ ଏହା ଉପରେ କାମ କରି ତ୍ରୁଟିକୁ ଆମେ ନିଶ୍ଚିତ ସୁଧାରିବୁ।

ଏସିଆନ ଗେମ୍ସରେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କ ପ୍ରଦର୍ଶନ ବହୁତ ଭଲ ଥିଲା। ବୀରେନ୍ଦ୍ର ଡିଫେନ୍ସରେ ବହୁତ ଭଲ ଖେଳାଳି। ତାଙ୍କ ନିକଟରେ ବହୁତ ଅଭିଜ୍ଞତା ରହିଛି। ଅମିତ ଜଣେ ଆକ୍ରମଣାତ୍ମକ ଖେଳାଳି। ସେମାନେ ଦଳ ପାଇଁ ଭଲ ଯୋଗଦାନ ଦେଉଛନ୍ତି। ଅମିତ କୋର ଖେଳାଳିଙ୍କ ସହିତ ମିଶି ଆମ ସହିତ କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ କରୁଛନ୍ତି ବୋଲି କହିଛନ୍ତି ମନପ୍ରୀତ।

ଆସନ୍ତା ୨୫ ତାରିଖରେ ଅର୍ଜୁନ ପୁରସ୍କାର ପାଇବାକୁ ଯାଉଛନ୍ତି ମନପ୍ରୀତ। ‘‘ଜାତୀୟ ପୁରସ୍କାର ଅଧିକ ସଫଳତା ପାଇଁ ଉତ୍ସାହିତ କରିଥାଏ। ମୋ କ୍ଷେତ୍ରରେ ମଧ୍ୟ ତାହା ହୋଇଛି। ଗ୍ରାଉଣ୍ଡ ଉପରେ ଭଲ ପ୍ରଦର୍ଶନ କଲେ ପୁରସ୍କାର ଆପେ ଆସିବ ବୋଲି ମୋର ମତ। ଦେଶପାଇଁ ଭଲ ପ୍ରଦର୍ଶନ କରି ଚାଲିବା ମୋର ମୁଖ୍ୟ ଲକ୍ଷ୍ୟ। ଏହି ପୁରସ୍କାର ମୋତେ ମିଳିଥିବାରୁ ମୁଁ ବହୁତ ଖୁସି। ହକି ଏକ ଟିମ୍ ଗେମ୍। ଏଥିରେ ପୂରା ଦଳର ଯୋଗଦାନ ରହିଥାଏ। କେହି ଜଣେ ଚାହିଁଲେ କିଛି କରି ପାରିବ ନାହିଁ। ତେଣୁ ମୋର କଠିନ ପରିଶ୍ରମ,ଉତ୍ସର୍ଗୀକୃତ ମନୋଭାବ ଏବଂ ପୂ ରା ଦଳର ସହଯୋଗ ଯୋଗୁ ମୋତେ ଏହି ପୁରସ୍କାର ମିଳିବାକୁ ଯାଉଛି’’ ବୋଲି ମନପ୍ରୀତ ପ୍ରକାଶ କରିଛନ୍ତି।

# ‘ଭୁବନେଶ୍ୱର ଦେଶର କ୍ରୀଡ଼ା ରାଜଧାନୀ’

**ଭୁବନେଶ୍ୱର, ୨୨।୯(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ନଭେମ୍ବର ଓ ଡିସେମ୍ବର ମାସରେ ପୁରୁଷ ହକି ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାବେଳେ ଏନେଇ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟକୁ ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଅଧ୍ୟକ୍ଷ ନରିନ୍ଦର ବାତ୍ରା ପ୍ରଶଂସା କରିଛନ୍ତି। ବାସ୍ତବରେ ଭୁବନେଶ୍ୱର ହେଉଛି ଦେଶର କ୍ରୀଡ଼ା ରାଜଧାନୀ। ବିଶ୍ୱକ୍ରୀଡ଼ାରେ ମଧ୍ୟ ଭୁବନେଶ୍ୱର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ଆୟୋଜନ ହେବାକୁ ଯାଉଥିବା ହକି ବିଶ୍ୱକପ୍ ଭାରତୀୟ କ୍ରୀଡ଼ା ଇତିହାସରେ ଏକ ଉଲ୍ଲେଖନୀୟ ଘଟଣା ହୋଇ ରହିବ ବୋଲି ସେ କହିଛନ୍ତି। ବିଶ୍ୱକପ୍ ପାଇଁ ଚାଲିଥିବା ପ୍ରସ୍ତୁତି ଓ ନିର୍ମାଣ କରାଯାଉଥିବା ବିଭିନ୍ନ ଆନୁଷଙ୍ଗିକ ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ ବୋଲି ସେ କହିଛନ୍ତି। ଶନିବାର ସଚିବାଳୟ କନଫରେନ୍ସ ହଲ୍‌ରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହକି ବିଶ୍ୱକପ୍ ଗଭର୍ନିଂ ବଡି ବୈଠକରେ ଯୋଗ ଦେଇ ସେ ଏହି କଥା କହିଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ସଚିବ ବିଶାଲ ଦେବ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ। ବୈଠକରେ ବିଶ୍ୱକପ୍ ପ୍ରସ୍ତୁତି କାର୍ଯ୍ୟର ତଦାରଖ କରାଯାଇଥିଲା। ବିଶ୍ୱକପ୍ ପ୍ରସ୍ତୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପାଢୀ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ସବୁକାର୍ଯ୍ୟ ସମାପ୍ତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଖେଳାଳି ଓ ଅତିଥିମାନଙ୍କ ପାଇଁ ଉତ୍କୃଷ୍ଟମାନର ଖାଦ୍ୟ, ପାନୀୟ ଓ ରହିବା ବ୍ୟବସ୍ଥା ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଖେଳାଳିମାନଙ୍କ ଟିମ୍ ହୋଟେଲ, ଗେଷ୍ଟ ହାଉସଗୁଡ଼ିକରେ ଅଗ୍ନିନିର୍ବାପକ ବ୍ୟବସ୍ଥା ସହ ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ସେ ଜୋର ଦେଇଥିଲେ।

# ଓଡ଼ିଶା ଦଳରେ କ୍ରୀଷ୍ଣା ସାମିଲ



**କଟକ ଅଫିସ,୨୨।୯:** ଚଳିତ ବିଜୟ ହଜାରେ ଟ୍ରଫିର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଓଡ଼ିଶା ରବିବାର ସୁରେଶ ରାଇନାଙ୍କ ନେତୃତ୍ୱାଧୀନ ଉତ୍ତରପ୍ରଦେଶକୁ ଭେଟିବ। ନୂଆଦିଲ୍ଲୀସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ଯଥାକ୍ରମେ ଆନ୍ଧ୍ରପ୍ରଦେଶ ଓ କେରଳ ଠାରୁ ପରାସ୍ତ ହୋଇଥିବା ଓଡ଼ିଶା ନିମନ୍ତେ ଏହି ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ। ଏଲିଟ୍ ଗ୍ରୁପ୍-ବି’ରେ ରହିଥିବା ଓଡ଼ିଶା ବର୍ତ୍ତମାନ ପଏଣ୍ଟ ଟେବୁଲର ୮ମ ସ୍ଥାନରେ ରହିଛି। ତେବେ ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍ ନିମନ୍ତେ ଦଳରେ ଅନ୍ୟଜଣେ ସ୍ପିନରଙ୍କ ଆବଶ୍ୟକତା ରହିଥିବା ଅନୁଭବ କରି ବାମହାତୀ ସ୍ପିନର କ୍ରୀଷ୍ଣା ପଲାଇଙ୍କୁ ଦଳରେ ସାମିଲ କରାଯାଇଛି। କ୍ରୀଷ୍ଣା ସମ୍ଭାବ୍ୟ ୨୦ ଜଣିଆ ଦଳରେ ରହିଥିବା ବେଳେ ପ୍ରଥମଥର ନିମନ୍ତେ ସିନିୟର ଦଳରେ ଯୋଗ ଦେଇଛନ୍ତି। ଶନିବାର କ୍ରୀଷ୍ଣା ଦିଲ୍ଲୀରେ ପହଞ୍ଚି ଦଳ ସହ ଅଭ୍ୟାସ କରିଥିବା ଜଣାପଡ଼ିଛି।

# ‘ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ୍ ଅନୁସରଣ କରାଯାଇଛି’

**କଟକ ଅଫିସ, ୨୨।୯**


ଆଶୀର୍ବାଦ ବେହେରା

### ଜବାବ ରଖିଲେ ଆଶୀର୍ବାଦ

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ବିଧାନ ସଂଶୋଧନ ନେଇ କଟକର ବିଭିନ୍ନ କ୍ଲବର କର୍ମକର୍ତ୍ତା, ସ୍କୁଲ, କଲେଜ ସଦସ୍ୟମାନେ ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ ଟାର୍ଗେଟ କରି ମନ୍ତବ୍ୟ ଦେବା ପରେ ସେ ଏହାର ଜବାବ ରଖିଛନ୍ତି। ଶନିବାର ସନ୍ଧ୍ୟାରେ ବାରବାଟୀ ଷ୍ଟାଡିୟମ ସ୍ଥିତ ଓସିଏ କ୍ଲବଠାରେ ଏକ ଖବରଦାତା ସମ୍ମିଳନୀ ଡାକିବା ଅବସରରେ ସୁପ୍ରିମକୋର୍ଟ ଦ୍ୱାରା ପ୍ରଦତ୍ତ ଗାଇଡ୍‌ଲାଇନ୍ ଅନୁଯାୟୀ କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି। କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇଙ୍କୁ ପୂର୍ବରୁ ସବୁ ସମୟରେ ବିଭିନ୍ନ କାର୍ଯ୍ୟ କିପରି ଠିକ୍ ଢ଼ଙ୍ଗରେ ହେବ ସେ ନେଇ ପରାମର୍ଶ ଦେଇଛି। ଏବେ ମଧ୍ୟ ତାଙ୍କୁ ଭୁଲ ବାଟ ଦେଖାଉନାହିଁ। ଆଇନ ପରାମର୍ଶଦାତା ଦୟାନନ୍ଦ ମହାପାତ୍ରଙ୍କ ପରାମର୍ଶକ୍ରମେ ସମ୍ବିଧାନ ସଂଶୋଧନ ନେଇ ଯୋଜନା ହୋଇଥିଲା। ସୁପ୍ରିମକୋର୍ଟର ଗାଇଡ୍‌ଲାଇନରେ ଯେଉଁ ସମସ୍ତ ନିର୍ଦ୍ଦେଶ ରହିଛି ତାହାକୁ କେବଳ ପାଳନ କରାଯାଇଛି। ଯଦି ଏହା ପାଳନ କରାଯାଇ ନ ଥାନ୍ତା ତେବେ ଅଦାଲତ ଅବମାନନା ମାମଲାରେ ଓସିଏ ଫସିଥାନ୍ତା ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ବିନା ସାଧାରଣ ପରିଷଦ ବୈଠକରେ ସମ୍ବିଧାନ ସଂଶୋଧନ କରାଯିବା ପ୍ରଶ୍ନର ଉତ୍ତର ଦେଇ ଆଶୀର୍ବାଦ କହିଥିଲେ, ସାଧାରଣ ପରିଷଦ ବୈଠକ ଡକାଯାଇଥିଲେ ହୁଏତ ଏଭଳି ବିରୋଧର ସ୍ୱର ଉଠି ନ ଥାନ୍ତା। ଯଦି ଅବା ବୈଠକ ଡକାଯାଇଥାନ୍ତା ତେବେ ସୁଦ୍ଧା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କ୍ଲବ, ସ୍କୁଲ, କଲେଜକୁ ସଦସ୍ୟତା ମିଳି ପାରି ନ ଥାନ୍ତା। ଯେଉଁ କେତେକ ରାଜ୍ୟ ଆସୋସିଏଶନ କ୍ଲବର ନାମ ସେମାନଙ୍କ ସମ୍ବିଧାନ ସଂଶୋଧନ ରିପୋର୍ଟରେ ପଠାଇଛନ୍ତି ସେମାନେ ଏହାର ଫଳାଫଳ ମଧ୍ୟ ଖୁବଶୀଘ୍ର ଦେଖିବାକୁ ପାଇବେ ବୋଲି ଆଶୀର୍ବାଦ କହିଥିଲେ। ଏହାଛଡ଼ା ପୂର୍ବରୁ ସମ୍ବିଧାନ ସଂଶୋଧନ କରାଯିବା ନେଇ କାର୍ଯ୍ୟକାରୀ କମିଟି ପକ୍ଷରୁ ବିସିସିଆଇକୁ ବାରମ୍ବାର ଚିଠି ଲେଖା ଯାଇଥିଲେ ସୁଦ୍ଧା କୌଣସି ଉତ୍ତର ମିଳି ନ ଥିଲା। ଯାହା ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା ବୋଲି ସେ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ, ପାରାଦୀପ ପୋର୍ଟ ଟ୍ରଷ୍ଟ, ପୂର୍ବତଟ ରେଲୱେକୁ ସଦସ୍ୟତା ଦିଆଯିବା ପ୍ରଶ୍ନରେ ଆଶୀର୍ବାଦ ଏହାର ସ୍ପଷ୍ଟୀକରଣ ରଖିଛନ୍ତି। ଏହି ୩ଟି ଦଳ ଓସିଏ ଆନୁକୂଲ୍ୟରେ ହେଉଥିବା ଘରୋଇ ଟୁର୍ନାମେଣ୍ଟ ଗୁଡ଼ିକରେ ଗତ କିଛି ବର୍ଷ ହେବ ଦଳ ପଠାଇବା ସହ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଆସୁଛନ୍ତି। ଏଣୁ ସମ୍ବିଧାନ ସଂଶୋଧନ ନେଇ ହୋଇଥିବା ଗାଇଡ୍‌ଲାଇନ୍‌ରେ ଏହା ଆସୁଛି ବୋଲି ଆଶୀର୍ବାଦ କହିଥିଲେ। ଅନ୍ୟପକ୍ଷରେ ସମ୍ବିଧାନ ସଂଶୋଧନକୁ ବିରୋଧ କରୁଥିବା କ୍ରୀଡ଼ା ସଙ୍ଗଠକମାନେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବାକୁ ସଜବାଜ ହେଉଛନ୍ତି।

# ଭାରତୀୟ ମହିଳା ଦଳ ବିଜୟୀ

**କଲମ୍ବୋ,୨୨।୯:** ଯୁବ ବ୍ୟାଟ୍ସଓମ୍ୟାନ ଜେମିମା ରୋଡ୍ରିଗୁଏଜଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ୍ ଯୋଗୁ ଶ୍ରୀଲଙ୍କା ବିପକ୍ଷ ୩ୟ ଟି୨୦ ମ୍ୟାଚ୍‌ରେ ଭାରତ ସହଜ ବିଜୟ ହାସଲ କରିଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୩୨ ରନ୍‌ର ବିଜୟ ଲକ୍ଷ୍ୟକୁ ୧୮.୨ ଓଭରରେ ଭାରତ ହାସଲ କରିନେଇଥିଲା। ଏଥିସହ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଭାରତ ୨-୦ ବ୍ୟବଧାନରେ ଆଗୁଆ ରହିଛି।

### ଜେମିମାଙ୍କ ଅର୍ଦ୍ଧଶତକ

ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଧାର୍ଯ୍ୟ ୨୦ ଓଭର୍‌ରେ ୮ ଉଇକେଟ ହରାଇ ୧୩୧ ରନ୍ କରିଥିଲା। ଦଳ ପକ୍ଷରୁ ଶଶିକଳା ସିରିୱର୍ଦ୍ଧେନେ ୩୫ ଓ ନିଲାକ୍ଷୀ ଡି ସିଲ୍‌ଭା ୩୧ ରନ୍ କରିଥିଲେ। ବୋଲିଂରେ ଭାରତୀୟ ଦଳ ଲାଗି ଅଧିନାୟିକା ହରମନପ୍ରୀତ କୌର ଓ ପେସର ଅରୁନ୍ଧତି ରେଡ୍ଡୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ୩୮ ରନ୍ ମଧ୍ୟରେ ମିଥାଲି ରାଜ (୧୩) ଓ ସ୍ମୃତି ମନ୍ଧାନା (୬)ଙ୍କ ଉଇକେଟ ହରାଇଥିଲା। ଏହାପରେ ରୋଡ୍ରିଗୁଏଜ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ସେ ୩୬ ବଲରୁ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ମାରିଥିଲେ। ମୋଟରେ ସେ ୪୦ ବଲରୁ ୫୭ ରନ କରି ଆଉଟ୍ ହୋଇଥିଲେ। ତାଙ୍କ ଇନିଂସ୍‌ରେ ୨ଛକା ଓ ୬ ଚୌକା ସାମିଲ ଥିଲା। ଏହାବାଦ୍ ଅଧିନାୟିକା ହରମନପ୍ରୀତ ୨୪ ରନ୍ କରିଥିଲେ। ଫଳରେ ଦଳ ୧୦ଟି ବଲ୍ ଥାଇ ୫ ଉଇକେଟ ବିନିମୟରେ ମ୍ୟାଚ୍ ଜିତି ନେଇଥିଲା। ଘରୋଇ ଦଳ ପକ୍ଷରୁ ଅଧିନାୟିକା ଚାମାରି ଆଟାପାଟୁ ୨ ଉଇକେଟ ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଶ୍ରୀଲଙ୍କା:** ୨୦ ଓଭରରେ ୧୩୧/୮ (ସିରିୱର୍ଦ୍ଧନେ- ୩୫, ଡି’ସିଲ୍‌ଭା-୩୧, ହରମନପ୍ରୀତ- ୨/୩, ଅରୁନ୍ଧତି- ୧/୧୯)।
**ଭାରତ:** ୧୮.୨ ଓଭରରେ ୧୩୨/୫ (ରୋଡ୍ରିଗୁଏଜ- ୫୭, ହରମନପ୍ରୀତ- ୨୪, ଆଟାପାଟୁ -୨/୨୯)।



ଅର୍ଦ୍ଧଶତକ ହାସଲ ପରେ ଜେମିମା ରୋଡ୍ରିଗୁଏଜ (ଡାହାଣ)।


**DIRECTORATE OF MEDICAL EDUCATION AND TRAINING, ODISHA**

No. 13335 Dt. 20.09.2018

**NOTICE FOR DMLT/ DMRT COUNSELING 2018**

No.441-E: The revised schedule of counseling of DMLT DMRT in the academic session is published in the website of DMET, Odisha in the DMLT/DMRT admission section. The choice locking will be done from **23.09.2018** to **27.09.2018**. Prospective candidates are requested to log in to the website **www.dmetodisha.gov.in**.

10016/11/0035/1819 **Sd./-Convener**

GOVT OF ODISHA
**OFFICE OF THE EXECUTIVE ENGINEER MINOR IRRIGATION DIVISION, JEYPORE**
AT/PO : JEYPORE, DIST : KORAPUT.
PHONE NO : 06854-231104, e-mail- mijeypore@yahoo.co.in
e-Procurement Notice
BID IDENTIFICATION NO. MIDJEY 05/2018-19

No. 3252 Date. 19.09.2018

**No.526-A:-** The Executive Engineer, Minor Irrigation Division, Jeypore on behalf of Governor of Odisha invites Percentage Rate bid in Single Cover System in ONLINE MODE Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1. | Name of the work | : | Construction of Foot Over Bridge other Renovation works. |
| 2. | No of works | : | 1 No. |
| 3. | Estimated cost | : | Approximately from Rs. 69.00 Lakhs. |
| 4. | Period of completion | : | 6 (Six) calendar months. |
| 5. | Date and time of availability of bid documents in the portal | : | From 10.00 hours of 26.09.2018 to 17.00 hours of 09.10.2018. |
| 6. | Last date/ time for receipt of bids in the portal | : | 17.00 hours of 09.10.2018. |
| 7. | Date of opening of Bid | : | 11.00 hours on 12.10.2018. |
| 8. | The bidders have to participate in ONLINE bidding only. | | |
| 9. | Name of the Officer inviting Bid | : | Executive Engineer, Minor Irrigation Division, Jeypore. |

Further details can be seen from the e-procurement portal https://tendersodisha.gov.in

Sd./- S.C.Sethi
19.09.2018
Executive Engineer
MI Division, Jeypore

32374/11/0006/1819

GOVERNMENT OF ODISHA
**OFFICE OF THE SUPERINTENDING ENGINEER NORTHERN (R&B) CIRCLE, SAMBALPUR**
Mail ID: sepwdsbp@rediffmail.com,
Fax & Ph. No.: 0663-2412303
**e-Procurement**
BID IDENTIFICATION No SENC (R&B) /09/ 2018-19

No. 2483 Dtd. 06.09.2018

No. 611-B:-

| | | | |
|---|---|---|---|
| 1. | The Superintending Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for execution of Road works as detailed in the DTCN from the eligible class of contractors. | | |
| 2. | No. of works = 14 (Fourteen) Nos. Road Works | | |
| 3. | Tender Cost | : | 10,000.00 |
| 4. | Class of contractor | : | "B" Class, "A" & "Special Class |
| 5. | Date & Time of available in website & receipt of Bids From 24.09.2018 to 17.00 hours of 09.10.2018. | | |
| 6. | Date of opening of Technical Bid 12.10.2018 at 11.00 hours. | | |
| 7. | The Bidders have to participate in ONLINE bidding only. Further details can be seen from the website www.tendersodisha.gov.in. | | |
| 8. | Any corrigendum / Addendum will be displayed in the website www.tendersodisha.gov.in. | | |

34035/11/0014/1819
Sd./- Superintending Engineer
Northern (R&B) Circle, Sambalpur

**OFFICE OF THE EXECUTIVE ENGINEER RWSS DIVISION, KORAPUT**
Phone : 06852-250281, e-mail-eerwss_kpt@rediffmail.com
**QUOTATION/TENDER CALL NOTICE**
**No. 01 of 2018-19 Dt.19.9.2018**

No.789-O: Sealed quotations/tender are invited from the registered firms/vehicle owners (preferably Bolero) with valid PAN/ GST holders to engage at least two vehicle (Bolero) on hire basis to render services under RWS&S, Sub-Divn., Koraput & Laxmipur, to be received at RWS&S Division Koraput upto **1 PM, dtd. 5.10.2018**. The quotation/tender schedule & application forms are to be made available by the RWS&S Division, Koraput on working hours up to 4th Oct. 2018 on payment of Rs.400.00 for cost of tender schedule (non refundable) by cash only.

The quotations /tenders such received shall be opened by **4.00 P.M. dtd.5.10.2018** in the office of the E.E. R.W.S & S Division. Koraput in presence of the tenderer or their authorized representatives who wish to be present. Quotations /tender received after due date and time shall not be entertained and the authority shall not be held responsible for delay or missing of the tender during postal transit. Telegraphic quotation/ tenders by E-mail / Fax shall not be entertained. If the office happens to be closed on last date of receipt and opening of this quotation/tender as specified, the quotation/tender will be received on the next working day without any change in time & venue.

25034/11/0014/1819
Sd./- Executive Engineer,
RWS&S Divn, Koraput

**DISTRICT MINERAL FOUNDATION, KEONJHAR**
(2nd Floor, DRDA Building, Keonjhar - 758001)
(E-mail: dmfkeonjhar@gmail.com)

No.: 1303/DMF Date: 22.09.2018

**REQUEST FOR PROPOSAL**

Sealed proposals are invited from the eligible reputed and qualified Agencies/Organisations for “Livelihood enhancement of people in mining affected areas of Keonjhar through plantation of Tasar Host Trees (Asan and Arjun)”. The detail terms and conditions along with the RFP documents can be downloaded from the district website **www.kendujhar.nic.in**.
The proposal complete in all respect should reach the undersigned on or before 10.10.2018 upto 5 P.M. and will be opened on 11.10.2018 at 3 P.M. in the presence of the committee constituted for the purpose.
The undersigned reserves the right to reject or cancel any or all the tenders without assigning any reason thereof.

Sd./- Collector-cum-Chairman &
Managing Trustee, D.M.F. Keonjhar



"ମୋର ଅଲ୍‌ଟାଇମ୍ ଫେଭରାଇଟ୍ ସଚିନ ତେନ୍ଦୁଲକରଙ୍କ ପରେ ବର୍ତ୍ତମାନ ମୁଁ ବିରାଟ କୋହଲିଙ୍କର ଜଣେ ଜବରଦସ୍ତ ସମର୍ଥକ।

–ଟିମ୍ କାହିଲ, ଅଷ୍ଟ୍ରେଲିଆ ଫୁଟ୍‌ବଲ କିମ୍ବଦନ୍ତୀ



"ଇଣ୍ଡିଆନ ସୁପର ଲିଗ୍‌ର ୫ମ ସିଜନରେ ଏଟିକେ ଫୁଟ୍‌ବଲ କ୍ଲବ ଯଦି ଭଲ ପ୍ରଦର୍ଶନ ନ କରେ ତେବେ ବହିଷ୍କାର ଲାଗି ମୁଁ ପ୍ରସ୍ତୁତ ।

–ଷ୍ଟିଭ୍ କୋପଲେ, ଏଟିକେ କୋଚ୍

## ସଂକ୍ଷେପରେ

### କ୍ୱାର୍ଟରରେ ଓଡ଼ିଶା

**କଟକ ଅଫିସ,୨୨।୯:** କଟକରେ ଚାଲିଥିବା ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପର କ୍ୱାର୍ଟରଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୫-୦ ଗୋଲରେ ତେଲେଙ୍ଗାନାକୁ ପରାସ୍ତ କରିବା ସହ ଲିଗ୍ ପର୍ଯ୍ୟାୟର ୨ଟି ଯାକ ମ୍ୟାଚ୍ ବିଜୟୀ ହୋଇ କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିନେଇଛି। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ୫-୦ ଗୋଲରେ ଛତିଶଗଡ଼କୁ ହରାଇଥିଲା। ତେଲେଙ୍ଗାନା ବିପକ୍ଷ ମ୍ୟାଚ୍‌ରେ ଅଞ୍ଜୁ ତମାଙ୍ଗ ସର୍ବାଧିକ ୨ଟି ଗୋଲ ଦେଇଛନ୍ତି। ଅଞ୍ଜୁ ୩୭ତମ ଓ ୪୧ତମ ମିନିଟରେ ଏହି ୨ଟି ଗୋଲ ସ୍କୋର କରିଥିଲେ। ଦମୟନ୍ତୀ ତିରିଆ ୩୯ତମ ମିନିଟରେ, ସୁଭଦ୍ରା ସାହୁ ୮୩ତମ ମିନିଟରେ, ଆରତୀ ସେଠୀ ୮୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି। ଅନ୍ୟ ମ୍ୟାଚ୍‌ରେ ହରିୟାଣା ୧୧-୦ ଗୋଲରେ ଉତ୍ତରପ୍ରଦେଶକୁ, ପଶ୍ଚିମବଙ୍ଗ ୧୮-୦ ଗୋଲରେ ଗୁଜୁରାଟକୁ, ରେଲୱେ ୯-୦ ଗୋଲରେ ଗୋଆକୁ ହରାଇଛି।

### ଚୋଙ୍ଗ୍ ୱିଙ୍କୁ ନାସା କର୍କଟ

**କୁଆଲାଲମ୍ପୁର, ୨୨।୯ (ପି.ଟି.):** କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ଖେଳାଳି ଲି ଚୋଙ୍ଗ ୱି ନାସା କର୍କଟ ରୋଗରେ ପୀଡ଼ିତ ହୋଇଛନ୍ତି। ସେ ତାଇୱାନରେ ଚିକିତ୍ସିତ ହେଉଥିବା ମାଲେସିଆ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପ୍ରକାଶ କରିଛି। ଲି' ଚୋଙ୍ଗଙ୍କ ଶ୍ୱାସ ପ୍ରକ୍ରିୟାରେ ସମସ୍ୟା ଦେଖାଦେଇଥିବା ବିଷୟ ଆସୋସିଏଶନ ତରଫରୁ ଦୁଇ ମାସ ପୂର୍ବେ ସୂଚନା ଦିଆଯାଇଥିଲା। ତିନିଥର ଅଲିମ୍ପିକ ରୌପ୍ୟ ଜିତିଥିବା ବିଶ୍ୱର ପୂର୍ବତନ ନମ୍ବର ୱାନ ଖେଳାଳି ଚୋଙ୍ଗ ୱି ଅସୁସ୍ଥତା କାରଣରୁ ଗତ ମାସରେ ଇଣ୍ଡୋନେସିଆରେ ଅନୁଷ୍ଠିତ ୧୮ତମ ଏସିଆନ ଗେମ୍ସ ଏବଂ ଅଗଷ୍ଟରେ ଚାଇନାର ନାନ୍‌ଜିଙ୍ଗଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରୁ ଓହରି ଯାଇଥିଲେ।

### ଫାଓ ଲିଗ୍: ସନ୍‌ରାଇଜ୍ କ୍ଲବ ବିଜୟୀ

**କଟକ ଅଫିସ,୨୨।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ଶନିବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସନ୍‌ରାଇଜ୍ କ୍ଲବ ୪-୦ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି। କ୍ଲବ ପକ୍ଷରୁ ମହମ୍ମଦ ଫୟାସ ଡବଲ ଗୋଲ (୪ର୍ଥ ଓ ୭୩ତମ ମିନିଟ)ଦେଇଥିବା ବେଳେ ଭାରତ ମୁଣ୍ଡା ୨୩ତମ ମିନିଟରେ ଓ ଅମ୍ବିକା ଲାକ୍ରା ୭୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲସ୍କୋର କରିଛନ୍ତି।

### ଆଇଓଏ ଗଠନ କଲା ଆଡହକ୍ କମିଟି

**ନୂଆଦିଲ୍ଲୀ, ୨୨।୯ (ପି.ଟି.):** ଭାରତୀୟ କରାଟେ ମହାସଂଘ (କେଏଫ୍‌ଆଇ) କର୍ମକର୍ତ୍ତା ନିର୍ବାଚନ ପରିଚାଳନା ପାଇଁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ୩ଜଣିଆ ସଦସ୍ୟ ବିଶିଷ୍ଟ ଆଡହକ୍ କମିଟି ଗଠନ କରିଛି। କାରଣ ଏହି ଜାତୀୟ କ୍ରୀଡ଼ା ମହାସଂଘର କାର୍ଯ୍ୟକାଳ ଶେଷ ହୋଇଯାଇଥିଲେ ମଧ ନିର୍ବାଚନ ପ୍ରକ୍ରିୟାରେ ବିଳମ୍ବ ଘଟିଛି। ଆଡହକ୍ କମିଟି ଗଠନ ହେବା ଦ୍ୱାରା କେଏଫ୍‌ଆଇ ପ୍ରସ୍ତାବ ଅନୁସାରେ ଯଦି ନିର୍ବାଚନ ସେପ୍ଟେମ୍ବର ୨୩ରେ ହୋଇଥାନ୍ତା ତେବେ ଆଇଓଏ ତାହା ଗ୍ରହଣ କରି ନ ଥାନ୍ତା। ଭୁବନେଶ୍ୱର କାଲ୍‌ଟାଙ୍କୁ ଆଡହକ୍ କମିଟିର ଅଧକ୍ଷ କରାଯାଇଛି, ଯିଏକି ପୂର୍ବରୁ ଆଇଓଏରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିସାରିଛନ୍ତି। ଦୁଇ ଜଣ ସଦସ୍ୟ ହେଲେ ଆଇଓଏ ଯୁଗ୍ମ ସମ୍ପାଦକ ରାକେଶ ଗୁପ୍ତା ଏବଂ ଭାରତୀୟ ଭାରୋତ୍ତୋଳନ ମହାସଂଘ ସମ୍ପାଦକ ସହଦେବ ଯାଦବ। ଆଇଓଏ କହିଛି,କେଏଫ୍‌ଆଇ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଫଳତଃ ଏହାର କର୍ମକର୍ତ୍ତା ଏବଂ କାଉନ୍‌ସିଲ ସଦସ୍ୟମାନେ ଆଉ କ୍ଷମତାରେ ରହିବା କଥା ନୁହେଁ। ନିର୍ବାଚନ ପ୍ରକ୍ରିୟାରେ ବିଳମ୍ବ ଘଟିବା ଦ୍ୱାରା ଜଣେ ରିଟର୍ନିଂ ଅଫିସରଙ୍କୁ ନିଯୁକ୍ତି ଦେବା ସମେତ ନାନା ସନ୍ଦେହଜନକ ପ୍ରଶ୍ନ ମନରେ ଆସୁଛି। କେଏଫ୍‌ଆଇର ନିର୍ବାଚନ ଯେପରି ମୁକ୍ତ ଓ ଅବାଧ ଭାବେ ଗଣତାନ୍ତ୍ରିକ ଧାରା ଅନୁସାରେ ହୁଏ ତାହାକୁ ଦୃଷ୍ଟିରେ ରଖି ଆଇଓଏ ଆଡହକ୍ କମିଟି ଗଠନ କରିଛି। ପୁନଶ୍ଚ ୧୨୦ ଦିନ ମଧରେ ଯେପରି ନିର୍ବାଚନ ହୁଏ ସେ ଦିଗରେ କମିଟି ଧ୍ୟାନ ଦେବ ବୋଲି ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା କେଏଫଆଇ ସଭାପତି କେ. ଆର. ତ୍ୟାଗରାଜନଙ୍କ ନିକଟକୁ ପଠାଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି।

# ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ

**ଦୁବାଇ, ୨୨।୯ (ପି.ଟି.)**

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ସୁପର-୪ ପର୍ଯ୍ୟାୟର ତୃତୀୟ ମ୍ୟାଚ୍‌ରେ ଭାରତ ରବିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ ଉପରେ ସାରା ବିଶ୍ୱର ନଜର ରହିଛି। ଏହା ପୂର୍ବରୁ ୩ ଦିନ ତଳେ ଗ୍ରୁପ୍ ପର୍ଯ୍ୟାୟରେ ଭାରତ ପାକିସ୍ତାନକୁ ୧୨୬ଟି ବଲ ବାକିଥାଇ ୮ ଉଇକେଟରେ ପରାସ୍ତ କରିଥିଲା। ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କଲେ ପାକିସ୍ତାନ ବିପକ୍ଷରେ ଭାରତ ଫେଭରାଇଟ୍ ମନେହେଉଛି। କିନ୍ତୁ ପାକିସ୍ତାନ ଦଳ ବିପଜ୍ଜନକ ଓ ଅପ୍ରତ୍ୟାଶିତ ଦଳ ହୋଇଥିବାର ଭାରତ ଅବଶ୍ୟ ଚିନ୍ତାରେ ଥିବ। ଟୁର୍ନାମେଣ୍ଟରେ ଭାରତ ଏପର୍ଯ୍ୟନ୍ତ କ୍ରମାଗତ ୩ଟି ବିଜୟ ହାସଲ କରି ଟପ୍ ଫର୍ମରେ ରହିଛି। ସୁପର-୪ରେ ପାକିସ୍ତାନକୁ ହରାଇ ଭାରତ ଫାଇନାଲର ନିକଟତର ହେବା ଲକ୍ଷ୍ୟରେ ରହିଛି। ଶୁକ୍ରବାର ଆଫଗାନିସ୍ତାନକୁ ହରାଇବାରେ ପାକିସ୍ତାନକୁ ବେଶ୍ କଷ୍ଟ କରିବାକୁ ପଡ଼ିଥିଲା। ଏବେ ପ୍ରଦର୍ଶନରେ ଉନ୍ନତି ଆଣି ଭାରତକୁ ହରାଇବା ସହ ଲୟକୁ ଫେରିବା ଲକ୍ଷ୍ୟରେ ପାକିସ୍ତାନ ରହିଛି।

ଭାରତ ମଧ ତା'ର ପ୍ରଥମ ମ୍ୟାଚ୍‌ରେ ହଂକଂ ବିପକ୍ଷରେ ବେଶ୍ ସଂଘର୍ଷ କରିଥିଲା। କିନ୍ତୁ ପର ମ୍ୟାଚରେ ତ୍ରୁଟି ସୁଧାରି ଭାରତ ପ୍ରଦର୍ଶନରେ ଉନ୍ନତି ଆଣି ପାକିସ୍ତାନକୁ ସହଜରେ ପରାସ୍ତ କରିଥିଲା। ବିରାଟ କୋହଲିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତୀୟ ବ୍ୟାଟିଂ ବେଶ୍ ଶକ୍ତିଶାଳୀ ମନେହେଉଛି। ଦୁବାଇର ଏହି ଉଇକେଟ ବ୍ୟାଟିଂ ତଥା ଷ୍ଟ୍ରୋକ ଖେଳିବା ପାଇଁ ସେତେଟା ସୁବିଧାଜନକ ହୋଇ ନ ଥିଲେ ମଧ ଭାରତୀୟ ବ୍ୟାଟ୍ସମ୍ୟାନମାନେ ଏଠାରେ ସହଜରେ ବଡ଼ ଶଟ୍ ଖେଳିବା ସହ ରନ ସଂଗ୍ରହ କରିପାରିଛନ୍ତି।

ବାଂଲାଦେଶ ଓ ପାକିସ୍ତାନ ବିପକ୍ଷରେ ଅଧିନାୟକ ତଥା ଓପନର ରୋହିତ ଶର୍ମା ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଯଦିଓ ସେ ହଂକଂ ବିପକ୍ଷ ପ୍ରଥମ ମ୍ୟାଚରେ ସଫଳ ହୋଇପାରି ନ ଥିଲେ। ରୋହିତଙ୍କ ଓପନର ପାର୍ଟନର ଶିଖର ଧାୱନ ମଧ ହଂକଂ ବିପକ୍ଷରେ ଶତକ ହାସଲ କରିବା ସହ ବାକି ଦୁଇଟି ମ୍ୟାଚ୍‌ରେ ରନ ସଂଗ୍ରହ କରିବାରେ ସଫଳ ହୋଇଛନ୍ତି। ମିଡଲ ଅର୍ଡରରେ ଅମ୍ବାତି ରାୟୁଡୁ ଓ ଦୀନେଶ କାର୍ତ୍ତିକ ମଧ ସଫଳ ପ୍ରଦର୍ଶନ କରିଛନ୍ତି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ବାଂଲାଦେଶ ବିପକ୍ଷରେ ମିଡଲ ଅର୍ଡରରେ କିଛି ସମୟ ଦୃଢତାର ସହ ବ୍ୟାଟିଂ କରିଥିଲେ। ୩୭ଟି ବଲର ସମ୍ମୁଖୀନ ହୋଇ ସେ ୩୩ ରନ କରିଥିଲେ। କେଦାର ଯାଦବ ମଧ ବୋଲିଂରେ କମାଲ କରିବା ସହ ବ୍ୟାଟିଂରେ ଦମ୍ ଦେଖାଇବାରେ ସଫଳ ହୋଇଛନ୍ତି।

ପାଖାପାଖି ଗୋଟିଏ ବର୍ଷ ପରେ ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ରବୀନ୍ଦ୍ର ଜାଡେଜା ବାଂଲାଦେଶ ବିପକ୍ଷରେ କଞ୍ଜୁସ୍ ବୋଲିଂ କରି ୪ ଉଇକେଟ ନେବା ସହ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତେଣୁ ବାମହାତୀ ସ୍ପିନର ଜାଡେଜା ପାକିସ୍ତାନ ପାଇଁ ବିପଦ ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଜାଡେଜା ପାକିସ୍ତାନ ବିପକ୍ଷରେ ଅଧିକ ସଫଳତା ହାସଲ ଲାଗି ବ୍ୟଗ୍ର ହେବେ। ତେଣୁ ଜାଡେଜାଙ୍କ ପ୍ରତି ପାକିସ୍ତାନ ସତର୍କ ରହିବା ଆଶା କରାଯାଉଛି। ପାକିସ୍ତାନର ଲୋୟର ଅର୍ଡର ସେତେଟା ଦୃଢ ନ ଥିବାରୁ ଜାଡେଜା ନିଶ୍ଚିତ ଭାବେ ସମସ୍ୟା ସୃଷ୍ଟି କରିବେ।

ଭାରତର ଦୁଇ ତାରକା ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମରା ଆରମ୍ଭରୁ ପାକିସ୍ତାନ ଟପ୍ ଅର୍ଡର କ୍ଷତି ଘଟାଇପାରିଲେ ସ୍ପିନରମାନଙ୍କ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି ହେବ। ଦୁଇ ମୁଖ୍ୟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବଙ୍କୁ ବାଦ୍ ଦେଲେ କାମଚଳା ସ୍ପିନର ତଥା ସ୍ଲୋ ବୋଲର କେଦାର ଯାଦବ ମଧ ପାକିସ୍ତାନ ବିପକ୍ଷରେ କମାଲ କରିବା ଆଶା କରାଯାଉଛି।

ଅପରପକ୍ଷରେ ଅଭିଜ୍ଞ ସୋଏବ ମଲିକଙ୍କ ପ୍ରଦର୍ଶନ ଅନ୍ୟ ପାକିସ୍ତାନ ବ୍ୟାଟ୍ସମ୍ୟାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଭାରତ ବିପକ୍ଷରେ ମଲିକ ୪୩ ରନ କରିବା ସହ ଶୁକ୍ରବାର ଆଫଗାନିସ୍ତାନ ବିପକ୍ଷରେ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ଭାରତ ବିପକ୍ଷ ଗତ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଚମତ୍କାର ଶତକ ହାସଲ କରି ପାକିସ୍ତାନକୁ ଚାମ୍ପିୟନ କରାଇଥିବା ଓପନର ଫକର ଜମାନ ଏପର୍ଯ୍ୟନ୍ତ ଫ୍ଲପ୍ ସାବ୍ୟସ୍ତ ହୋଇଛନ୍ତି। ତେବେ ଜମାନଙ୍କ ସମେତ ବାବର ଆଜମ, ସର୍ଫରାଜ ଓ ଇମାମ-ଉଲ- ହକଙ୍କ ପରି ବ୍ୟାଟ୍ସମ୍ୟାନ ବ୍ୟାଟିଂରେ ସୁଧାର ଆଣିବା ଆଶା କରାଯାଉଛି। ପୁଣି ପାକିସ୍ତାନ ପାଇଁ ବଡ଼ ସମସ୍ୟା ହେଉଛି ମୁଖ୍ୟ ଷ୍ଟ୍ରାଇକ ବୋଲର ମହମ୍ମଦ ଅମୀର ସେତେଟା ପ୍ରଭାବୀ ପ୍ରଦର୍ଶନ କରିପାରିନାହାନ୍ତି। ଭାରତ ବିପକ୍ଷରେ ଅମୀର ସେତେଟା ଭଲ ପ୍ରଦର୍ଶନ କରିପାରି ନ ଥିବା ବେଳେ ଆଫଗାନିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳି ନ ଥିଲେ। ଅମୀରଙ୍କ ସମେତ ହାସନ ଅଲୀ ଓ ଉସମାନ ଖାଁ ଭାରତ ବିପକ୍ଷରେ ଲୟକୁ ଫେରିବେ ବୋଲି ଆଶା କରାଯାଉଛି। ମୋଟାମୋଟି ଉପରେ ରବିବାର ଭାରତ ଓ ପାକିସ୍ତାନ ମଧରେ ଖେଳାଯିବାକୁଥିବା ଏହି ମ୍ୟାଚ୍ କ୍ରିକେଟ ପ୍ରଶଂସକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶା କରାଯାଉଛି।

**ଆଜିର ଏସିଆ କପ୍ ମ୍ୟାଚ**

**ଭାରତ ବନାମ ପାକିସ୍ତାନ**
**ସ୍ଥାନ: ଦୁବାଇ**
**ସମୟ: ସନ୍ଧ୍ୟା ୫ଟା**

**ଆଫଗାନିସ୍ତାନ ବନାମ ବାଂଲାଦେଶ**
**ସ୍ଥାନ: ଆବୁଧାବି**
**ସମୟ: ସନ୍ଧ୍ୟା ୫ଟା**

**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**



ରୋହିତ ଶର୍ମା



ସର୍ଫରାଜ ଅହମ୍ମଦ

- **ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ଅମ୍ବାତି ରାୟୁଡୁ, ଦୀନେଶ କାର୍ତ୍ତିକ, ମହେନ୍ଦ୍ର ସିଂ ଧୋନି, ମନୀଷ ପାଣ୍ଡେ, କେଦାର ଯାଦବ, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମରା, ଖଲିଲ ଅହମ୍ମଦ, ସିଦ୍ଧାର୍ଥ କାଉଲ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ରବୀନ୍ଦ୍ର ଜାଡେଜା ଓ ଦୀପକ ଚହର ।
- **ପାକିସ୍ତାନ ଦଳ:** ସର୍ଫରାଜ ଅହମ୍ମଦ (ଅଧିନାୟକ), ଫକର ଜମାନ, ଇମାମ- ଉଲ -ହକ, ବାବର ଆଜମ, ଶାନ ମାସୁଦ, ସୋଏବ ମଲିକ, ହାରିସ ସୋହଲେ, ଶଦାବ ଖାନ, ମହମ୍ମଦ ନୱାଜ, ଫହିମ ଆଶ୍ରଫ୍, ହାସନ ଅଲୀ, ଜୁନେଦ ଖାଁ, ଉସମାନ ଖାଁ, ଶାହିନ ଆଫ୍ରିଦି, ଆସିଫ ଅଲୀ, ମହମ୍ମଦ ଅମୀର ।

## ଟ୍ରାକ୍ ଏସିଆ କପ୍ ସାଇକ୍ଲିଂ
## ଭାରତକୁ ୧ ସ୍ୱର୍ଣ୍ଣ, ୨ ରୌପ୍ୟ

**ନୂଆଦିଲ୍ଲୀ,୨୨।୯(ପି.ଟି.)**

ପଞ୍ଚମ ଟ୍ରାକ୍ ଏସିଆ କପ୍ ସାଇକ୍ଲିଂ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଭାରତୀୟ ଖେଳାଳି ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ଭାରତ ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ୍ ହାସଲ କରି ଶୀର୍ଷରେ ରହିଛି। ସାଇ ନ୍ୟାଶନାଲ ସାଇକ୍ଲିଂ ଏକାଡେମୀ (ଏସଏଆଇଏନ୍‌ସିଏ) ଜୁନିୟର ସାଇକ୍ଲିଷ୍ଟ ଇ. ଚାଓବା ଦେବୀ ଭାରତର ନୟନା ରାଜେଶ ପି.ଙ୍କୁ ମହିଳା ଏଲିଟ ୩ କି.ମି. ବ୍ୟକ୍ତିଗତ ପରସୁଇଟ୍ ଫାଇନାଲରେ ପଛରେ ପକାଇ ସ୍ୱର୍ଣ୍ଣ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ବାଂଲାଦେଶର ସୁବର୍ଣ୍ଣା ବର୍ମା ବ୍ରୋଞ୍ଜ ପଦକ ହାସଲ କରିଥିଲା। ସେହିପରି ପୁରୁ ଜୁନିୟର ୩ କି.ମି. ବ୍ୟକ୍ତିଗତ ପରସୁଇଟ ଫାଇନାଲରେ ବିଲାଲା ଅହମ୍ମଦ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୩:୨୮.୯୦୩ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି କାଜାଖସ୍ତାନର ଡାନିଲ ପେଖୋଟିନ୍ ଏହି ଇଭେଣ୍ଟରେ ୩:୨୮.୨୭୩ ସେକେଣ୍ଡ ସମୟ ନେଇ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୟପଟେ ମହିଳା ଜୁନିୟର ୨ କି.ମି. ବ୍ୟକ୍ତିଗତ ପରସୁଇଟ ଇଭେଣ୍ଟରେ ଭାରତର ସ୍ୱାତୀ ସିଂ ୨:୪୧.୧୨୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଜିତିଛନ୍ତି। ତାଙ୍କର ହାରାହାରି ଗତି ଥିଲା ଘଣ୍ଟାପ୍ରତି ୮୯.୩୭ କି.ମି.। ଏସ୍‌ଏଆଇଏନସିଏର ଦନମ୍ମା ରୌପ୍ୟ ପଦକ ହାସଲ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ଭାରତ ୩ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ୍ ପଦକ ହାସଲ କରିଥିଲା। ସାଇକ୍ଲିଂ ଫେଡେରେଶନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଏହି ସାଇକ୍ଲିଂ ଟୁର୍ନାମେଣ୍ଟ ଆୟୋଜନ ହେଉଛି। ଏଥିରେ ୧୨ଟି ଦେଶର ପ୍ରତିଯୋଗୀମାନେ ଅଂଶଗ୍ରହଣ କରୁଛନ୍ତି।

## ଫେଡେରର-ଜୋକୋଭିଚ୍ ଯୋଡ଼ି ହାରିଲେ



ମ୍ୟାଚ୍ ଅବସରରେ ନୋଭାକ ଜୋକୋଭିଚ୍ ଓ ରୋଜର ଫେଡେରର।

**ସିକାଗୋ,୨୨।୯**

ଦୁଇ ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ପୁରୁଷ ସିଙ୍ଗଲ୍ସ ଟେନିସ୍ ଖେଳାଳି ରୋଜର ଫେଡେରର ଓ ନୋଭାକ ଜୋକୋଭିଚ୍ ଚଳିତ ଲାଭର କପ୍ ଟୁର୍ନାମେଣ୍ଟର ଡବଲ୍ସ ମୁକାବିଲାରେ ପରାସ୍ତ ହୋଇଛନ୍ତି। ଏହାସତ୍ତ୍ୱେ ୟୁରୋପ ଦଳ ୩-୧ ବ୍ୟବଧାନରେ ୱାର୍ଲ୍ଡ ଟିମ୍‌ଠାରୁ ଆଗୁଆ ରହିଛି। ଗ୍ରିଗୋର ଦିମିତ୍ରୋଭ, ଡାଭିଡ ଗଫିନ ଓ କାଇଲ ଏଡମୁଣ୍ଡ ନିଜ ସିଙ୍ଗଲ୍ସ ମୁକାବିଲା ଜିତି ଦଳକୁ ୩-୦ ଅଗ୍ରଣୀ ହାସଲ ଆଣିଦେଇଥିଲେ। ଏହାପରେ ଡବଲ୍ସ ମୁକାବିଲା ପାଇଁ କୋର୍ଟକୁ ଓହ୍ଲାଇଥିଲେ ଦୁଇ ସଫଳତମ ସିଙ୍ଗଲ୍ସ ଖେଳାଳି। ଫେଡେରର ଓ ଜୋକୋଭିଚ୍‌ଙ୍କ ଯୋଡ଼ିକୁ ୭-୬, ୩-୬, ୬-୧୦ ବ୍ୟବଧାନରେ କେଭିନ ଆଣ୍ଡରସନ ଓ ଜ୍ୟାକ ସକ ହରାଇ ଦେଇଛନ୍ତି। ମୁକାବିଲାର ପ୍ରଥମ ଦୁଇ ସେଟ୍‌କୁ ଉଭୟ ଯୋଡ଼ି ଜିତିବା ପରେ ଫଳାଫଳ ପାଇଁ ଟାଇବ୍ରେକର ରାଉଣ୍ଡର ସହାୟତା ନିଆଯାଇଥିଲା। ଏଥିରେ ୧୦-୬ ବ୍ୟବଧାନରେ ଜୋକୋଭିଚ୍-ଫେଡେରର ପରାସ୍ତ ହୋଇଥିଲେ। ଏଥିପୂର୍ବରୁ ୟୁରୋପ ପକ୍ଷରୁ ଦିମିତ୍ରୋଭ ଫ୍ରାନ୍ସର ଟିଆଫାଇଙ୍କୁ ୬-୧, ୬-୪ ବ୍ୟବଧାନରେ ହରାଇଥିଲେ। ତାଙ୍କ ଭଳି ଗଫିନ ୬-୪, ୪-୬, ୧୧-୯ ସେଟ୍‌ରେ ଡିଏଗୋ ସ୍କ୍ୱାର୍ଜମ୍ୟାନଙ୍କୁ ପରାସ୍ତ କରିଥିଲେ। ଅନ୍ତିମ ସିଙ୍ଗଲ୍ସ ମୁକାବିଲାରେ ଇଡ୍‌ମୁଣ୍ଡ ୱାର୍ଲ୍ଡ ଦଳର ସକଙ୍କୁ ୬-୪, ୫-୭, ୧୦-୬ ସେଟ୍‌ରେ ହରାଇ ଥିଲେ।

## ସୁବୋଧଙ୍କ ନାଁରେ ଅଭିଯୋଗ ଆଣିଲେ ପ୍ରଦୀପ

**କଟକ ଅଫିସ, ୨୨।୯**

ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ) କାର୍ଯ୍ୟାଳୟରେ ରବିବାର ଦିନ ୩ଟାରେ ଓଡ଼ିଶା ଭଲିବଲ ଆସୋସିଏଶନ(ଓଭିଏ)ର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ତେବେ ନିର୍ବାଚନ ତାରିଖର ଗୋଟିଏ ଦିନ ପୂର୍ବରୁ ସଭାପତି ଆଶାୟୀ ପ୍ରାର୍ଥୀ ସୁବୋଧ କୁମାର ରାଉତରାୟଙ୍କ ନାମରେ ଅନ୍ୟତମ ସଭାପତି ଆଶାୟୀ ପ୍ରାର୍ଥୀ ପ୍ରଦୀପ କୁମାର ମହାନ୍ତି ଅଭିଯୋଗ ଉଠାଇବାକୁ ନେଇ ଓଭିଏ ମହଲ ବେଶ ସରଗରମ ହୋଇଛି। ସୁବୋଧ ପୂର୍ବରୁ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ବେଳେ ତାଙ୍କ ପ୍ରାର୍ଥୀପତ୍ର ରଦ୍ଦ କରିବାକୁ ପ୍ରଦୀପ ଓଓଏର ସମ୍ପାଦକ ଏମ.ଏ ଆଲାମଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ପତ୍ରକୁ ଗ୍ରହଣ କରାଯାଇଥିବା ବେଳେ ରବିବାର ପୂର୍ବାହ୍ନରେ ଏ ନେଇ ଆଲୋଚନା ହେବ ବୋଲି ଓଓଏ ସମ୍ପାଦକ ଆଲାମ କହିଛନ୍ତି। ସୂଚନାଥାଉକି, ଓଭିଏର ଅନ୍ୟ ସମସ୍ତ ପଦବୀ ନିର୍ଦ୍ୱନ୍ଦ୍ୱରେ ପୂରଣ ହୋଇଥିବା ବେଳେ କେବଳ ସଭାପତି ପଦବୀକୁ ନେଇ ରବିବାର ନିର୍ବାଚନ କରାଯିବ। ସଭାପତି ପଦବୀରେ ଥିବା ସୁବୋଧ କୁମାର ରାଉତରାୟ ଓ ସମ୍ପାଦକ ପଦବୀରେ ଥିବା ପ୍ରଦୀପ କୁମାର ମହାନ୍ତି ଏହି ପଦବୀ ନିମନ୍ତେ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ସୁବୋଧ ଗତ ୨୦୧୪ ମସିହାରେ ପ୍ରଥମେ ଓଭିଏର ସଭାପତି ହୋଇଥିଲେ। ଏହାଛଡ଼ା ପ୍ରଦୀପ ଗତ ୨୦୧୦ରୁ ଓଭିଏର ସମ୍ପାଦକ ରହି ଆସିଛନ୍ତି। ପ୍ରଦୀପ ଚଳିତବର୍ଷ ନିର୍ବାଚନ ନିମନ୍ତେ ଉଭୟ ସଭାପତି ଓ ସମ୍ପାଦକ ପଦବୀ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ମଧ ପରବର୍ତ୍ତୀ ସମୟରେ ସମ୍ପାଦକ ପଦବୀରୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଥିଲେ । ଯାହା ଫଳରେ ଜଗତ୍‌ସିଂହପୁର ଜିଲା ସଂଘର ଗଗନେନ୍ଦୁ ଦାସ ନିଦ୍ୱର୍ନ୍ଦରେ ଓଭିଏର ନୂତନ ସମ୍ପାଦକ ହୋଇଥିଲେ। ସୁବୋଧ କେବଳ ସଭାପତି ପଦବୀ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏଣୁ ପ୍ରଦୀପ ଓ ସୁବୋଧଙ୍କ ମଧରେ ସଭାପତି ପଦବୀକୁ ନେଇ ମୁକାବିଲା ହେବ ବୋଲି ସ୍ପଷ୍ଟ ହୋଇଥିଲା । ମାତ୍ର ଶନିବାର ହଠାତ୍ ପ୍ରଦୀପ ସୁବୋଧଙ୍କ ନାମରେ ଏହିଭଳି ସଙ୍ଗୀନ ଅଭିଯୋଗ ଉଠାଇବା ଫଳରେ ଓଭିଏର ନିର୍ବାଚନୀ ପରିବେଶ ଆହୁରି ଜଟିଳ ହୋଇଛି । ଏ ନେଇ ସୁବୋଧଙ୍କୁ ପଚାରିବାରୁ ସେ କହିଥିଲେ, ମୋ ନିକଟରେ କୌଣସି ବି ଖବର ନାହିଁ। ପ୍ରଦୀପ ଉଠାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ କହିଛନ୍ତି ।

**ଓଭିଏ ନିର୍ବାଚନ ପୂର୍ବରୁ ବିବାଦ**

## ଏସିଆନ୍ ଦଳଗତ ସ୍ନୁକର: ଭାରତକୁ ରୌପ୍ୟ

**ଦୋହା, ୨୨।୯**



ମାଲକିତ ସିଂ

ଏଠାରେ ଚାଲିଥିବା ଏସିଆନ ଦଳଗତ ସ୍ନୁକର ଚାମ୍ପିୟନଶିପ୍‌ରେ ଭାରତୀୟ ଦଳକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଶନିବାର ଖେଳାଯାଇଥିବା ଫାଇନାଲରେ ଭାରତ ୨-୩ ଫ୍ରେମ୍‌ରେ ପାକିସ୍ତାନଠାରୁ ହାରିଯାଇଛି। ପ୍ରଥମ ଫ୍ରେମ୍‌ରେ ଭାରତୀୟ ସ୍ନୁକର ପଙ୍କଜ ଆଡଭାନୀଙ୍କୁ ୮୧ ପଏଣ୍ଟରେ ବାବର ମାସି ହରାଇ ଦେଇଥିଲେ। ସେମିଫାଇନାଲରେ ଚମତ୍କାର ପ୍ରଦର୍ଶନ କରିଥିବା ମାଲକିତ ସିଂ ୨ୟ ଫ୍ରେମ୍‌ରେ ୫୨ ପଏଣ୍ଟରେ ମହମ୍ମଦ ଆସିଫଙ୍କୁ ହରାଇ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ। ଡବଲ୍ସ ଫ୍ରେମ ଏହି ମୁକାବିଲାରେ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଏଥିରେ ପାକିସ୍ତାନ ୭୨-୭୦ ଗେମ୍‌ରେ ବିଜୟୀ ହୋଇଥିଲେ। ଫଳରେ ଭାରତୀୟ ଦଳକୁ ଟାଇଟଲ ଜିତିବା ଲାଗି ବଳକା ୨ ଫ୍ରେମ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ ଥିଲା। ପରବର୍ତ୍ତୀ ଫ୍ରେମରେ ଆଡଭାନୀ ବିଜୟୀ ହୋଇ ପୁଣି ଥରେ ଫାଇନାଲକୁ ସମାନ ସ୍ଥିତିକୁ ଆଣିଥିଲେ। କିନ୍ତୁ ନିର୍ଣ୍ଣାୟକ ଫ୍ରେମରେ ମାଲକିତ ଚାପର ସମ୍ମୁଖୀନ ହୋଇ ନ ପାରି ବୃହତ୍ ପରାଜୟର ସମ୍ମୁଖୀନ ହୋଇଥିଲେ। ଉଲ୍ଲେଖଥାଉ କି, ସେମିଫାଇନାଲରେ ଭାରତୀୟ ଦଳ ଅନ୍ୟ ଏକ ପାକିସ୍ତାନ ଦଳକୁ ହରାଇଥିଲା।

# ବାଳକରେ ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର, ୨୨।୯ (ସ୍ପୋର୍ଟ୍ସ ବ୍ୟୁରୋ/ପୁରୀ ଅଫିସ):** ସଫ୍ଟ ବେସ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ଓ ସଫ୍ଟବେସ୍‌ବଲ୍ ଫେଡେରେଶନ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ପୁରୀଠାରେ ଅନୁଷ୍ଠିତ ଜାତୀୟ ଜୁନିୟର ସଫ୍ଟବେସ୍‌ବଲ ପ୍ରତିଯୋଗିତା (ବାଳିକା/ବାଳକ) ଶନିବାର ଉଦ୍‌ଯାପିତ ହୋଇଯାଇଛି। ବାଳକ ଫାଇନାଲରେ ମହାରାଷ୍ଟ୍ରକୁ ପରାସ୍ତ କରି ଓଡ଼ିଶା ଚାମ୍ପିୟନ ଆଖ୍ୟା ଲାଭ କରିଛି। ସେହିଭଳି ବାଳିକା ବର୍ଗର ଫାଇନାଲରେ ଛତିଶଗଡ଼କୁ ହରାଇ ମହାରାଷ୍ଟ୍ର ଟାଇଟଲ ଜିତିଛି। ଛତିଶଗଡ଼ ଓ ଓଡ଼ିଶା ଯଥାକ୍ରମେ ବାଳକ ଓ ବାଳିକାରେ ୩ୟ ସ୍ଥାନ ହାସଲ କରିଥିଲେ। ସେହିଭଳି ଦୁଇ ଓଡ଼ିଆ ଖେଳାଳି ସଞ୍ଜୟ ସିଂ ଓ ଲକ୍ଷ୍ମୀ ସୋରେନ ଯଥାକ୍ରମେ ବାଳକ ଓ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଏମ୍‌ପି ସୌମ୍ୟରଞ୍ଜନ ପଟ୍ଟନାୟକ, ହାଇଟେକ୍ ମେଡିକାଲ ଚେୟାରମ୍ୟାନ ତିରୁପତି ପାଣିଗ୍ରାହୀ ଅତିଥିଭାବେ ଉପସ୍ଥିତ ରହି କୃତୀ ଦଳ ଓ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସଂଘର ଅଧକ୍ଷ ପ୍ରେମାନନ୍ଦ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଦିବାକର ପାତ୍ର, କୃଷ୍ଣଚନ୍ଦ୍ର ପାତ୍ର ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ାର ସମୂହ ବିକାଶ କ୍ଷେତ୍ରରେ ଅତୁଳନୀୟ ଅବଦାନ ଲାଗି କ୍ରୀଡ଼ା ବ୍ୟକ୍ତି ବିଶେଷ କୃଷ୍ଣଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ଦାସ, ମହମ୍ମଦ ଆଜାମ, ସିତେନ୍ଦ୍ରନାଥ ଦାସ, ଶୁଭାଶିଷ ଖୁଣ୍ଟିଆ ଓ ଗଙ୍ଗାଧର ସାହୁଶର୍ମାଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିତେନ୍ଦ୍ରନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ସଞ୍ଜୟ, ଲକ୍ଷ୍ମୀ ଶ୍ରେଷ୍ଠ ଖେଳାଳି**




ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଓଡ଼ିଶା ବାଳକ ଦଳ।

■ ଚିଟ୍‌ଫଣ୍ଡ ଦୁର୍ନୀତିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ହସ୍ତକ୍ଷେପ

# ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

କଟକ ଅଫିସ,୨୨।୯

କଟକ ଜିଲା ଚୌଦ୍ୱାର ଅଞ୍ଚଳରେ ଏକ ଚିଟ୍‌ଫଣ୍ଡ ମାମଲାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ହସ୍ତକ୍ଷେପ କରାଯାଇଛି। ତୁରନ୍ତ ଏହି ଘଟଣା ଉପରେ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କ ସାଧାରଣ ଅଭିଯୋଗ ଓ ପେନସନ ବିଭାଗକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଚୌଦ୍ୱାର ଥାନା ଅନ୍ତର୍ଗତ ବଡପଦାଗାଁର ଶିବ ପ୍ରସାଦ ସିଂହଙ୍କ ଆବେଦନ ଉପରେ ପଦକ୍ଷେପ ନେବାକୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ଶିବ ସ୍ଥାନୀୟ ଅଞ୍ଚଳରେ ଦୀର୍ଘଦିନ ହେବ ଶେୟାର ମାର୍କେଟ ଓ ମ୍ୟୁଚୁଆଲ ଫଣ୍ଡରେ ଏଜେଣ୍ଟଭାବେ କାମ କରୁଥିଲେ। ଶିବଙ୍କ ଜରିଆରେ ଲୋକେ ଶେୟାର ମାର୍କେଟ ଓ ମ୍ୟୁଚୁଆଲ ଫଣ୍ଡରେ ଟଙ୍କା ବିନିଯୋଗ କରୁଥିଲେ। ସେଥିରୁ ଶିବ କମିଶନୀ ପାଉଥିଲେ। ହେଲେ ୨୦୦୮ ମସିହା ରେ ମାନ୍ଦା ଅବସ୍ଥା ଆସିବାରୁ ଶେୟାର ମାର୍କେଟ କ୍ଷତିଗ୍ରସ୍ତ ହୋଇଥିଲା।

ଫଳରେ ଶିବଙ୍କ ଜରିଆରେ ଟଙ୍କା ବିନିଯୋଗ କରିଥିବା ଲୋକେ ତାଙ୍କୁ ଏଥିପାଇଁ ଦାୟୀ କରିଥିଲେ। ପାଖାପାଖି ୧୨୦ରୁ ଉର୍ଦ୍ଧ୍ୱ ଲୋକ ୨କୋଟିରୁ ଅଧିକ ଟଙ୍କା ଏଥିରେ ବିନିଯୋଗ କରିଥିଲେ। ଶେୟାର ମାର୍କେଟ କ୍ଷତିଗ୍ରସ୍ତ ହେବାରୁ ସେମାନଙ୍କ ଜମାଟଙ୍କା ମଧ ବୁଡିଯାଇଥିଲା। ଅନ୍ୟପକ୍ଷରେ ଠିକ୍ ସେହି ସମୟରେ ଓଡିଶାରେ ସଙ୍ଗଠିତ ହୋଇଥିବା ଚିଟ୍‌ଫଣ୍ଡ ଦୁର୍ନୀତି ପଦାକୁ ଆସିଥିଲା।

ଏହାପରେ ଶିବଙ୍କ ଘଟଣା ଅଧିକ ବିବାଦୀୟ ହୋଇପଡିଥିଲା। ଶିବଙ୍କ ଜରିଆରେ ଟଙ୍କା ବିନିଯୋଗ କରିଥିବା ଲୋକେ ତାଙ୍କ ଘରେ ଧାରଣା ଦେଇଥିଲେ। ଏଥିସହ ତାଙ୍କ ବିରୋଧରେ ସ୍ଥାନୀୟ ଥାନା ଓ ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଥାନାରେ ଶିବଙ୍କ ବିରୋଧରେ ମାମଲା ରୁଜୁ ହେବା ପରେ ସେ ହାଇକୋର୍ଟରୁ ଆଗୁଆ ଜାମିନରେ ଆସିଥିଲେ। ତଥାପି ଜମାକାରୀମାନେ ଶିବଙ୍କୁ ଛାଡି ନ ଥିଲେ। ଫଳରେ ବାଧ୍ୟ ହୋଇ ସ୍ତ୍ରୀ ଓ ପିଲାଙ୍କୁ ଧରି ୨୦୧୩ ମସିହାରେ ଶିବ ଗାଁ ଛାଡି ଦିଲ୍ଲୀ ପଳାଇଥିଲେ। ସେବେଠାରୁ ସେ ସ୍ତ୍ରୀ ଓ ୯ବର୍ଷର ପୁଅଙ୍କୁ ଧରି ସେଠାରେ ରହୁଛନ୍ତି। ତେବେ ଘଟଣା ସମ୍ପର୍କରେ ଶିବ ପ୍ରଧାନମନ୍ତ୍ରୀ ନିକଟକୁ ଏକ ପତ୍ର ଲେଖିଥିଲେ। ଶିବଙ୍କ ପତ୍ର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏହା ଉପରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଗତ ୧୮ ତାରିଖରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# 'ଆୟରଙ୍କୁ ଗୋବର ମାଡ଼ ହେବା ଦରକାର'

ପୁରୀ ଅଫିସ,୨୨।୯

## ଚେତାବନୀ ଦେଲେ ରାଜସ୍ୱ ମନ୍ତ୍ରୀ, ବର୍ଷିଲେ ପିନାକୀ

ଓଡ଼ିଶା ସମ୍ପର୍କରେ ଅଭିଜିତ ଆୟର ମିତ୍ର ଯେଉଁ ଅରୁଚିକର ମନ୍ତବ୍ୟ ଦେଇ ଆସୁଛନ୍ତି ତାହାକୁ ନାପସନ୍ଦ କରିଛନ୍ତି ଏମ୍‌ପି ପିନାକୀ ମିଶ୍ର। ଏ ନେଇ ସେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଏବଂ ଆୟରଙ୍କ ଉପରେ ବର୍ଷିଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ଏମ୍‌ପି ମିଶ୍ର କହିଛନ୍ତି ଯେ, ସେ ବର୍ଷେ ହେବ ଏଭଳି ମନ୍ତବ୍ୟ ଦେଉଥିବା ମୁଁ ଜାଣି ନାହିଁ। ମହାପ୍ରଭୁ ଏବଂ ଓଡ଼ିଶା ସମ୍ପର୍କରେ ସେ କଦର୍ଯ୍ୟ ମନ୍ତବ୍ୟ ଦେଉଛନ୍ତି।

ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। କିନ୍ତୁ ଏହାକୁ ଆୟର ମଜାଳିଆ ଢଙ୍ଗରେ କହିଥିବା ପୂର୍ବତନ ଏମ୍‌ପି ପଣ୍ଡା ଯାହା କହୁଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମହାପ୍ରଭୁ, ପୁରୀ ଏବଂ ଓଡ଼ିଶା ସମ୍ପର୍କରେ ଏଭଳି ମନ୍ତବ୍ୟ ଗ୍ରହଣୀୟ ନୁହେଁ। ସେ କ୍ଷମାର ପାତ୍ର ନୁହନ୍ତି।

୨୮ ତାରିଖରେ ଆୟର ହାଜର ହେଲେ ତାଙ୍କୁ ଉପଯୁକ୍ତ ଜେରା କରାଯିବା ଦରକାର। ଗଣମାଧ୍ୟମ ପ୍ରତିନିଧିଙ୍କ ବିରୋଧରେ ଯେଉଁ ଅପଶବ୍ଦ ବ୍ୟବହାର କରିଛନ୍ତି ତାହା ନିନ୍ଦନୀୟ। ଅନ୍ୟପକ୍ଷରେ ଶନିବାର ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ପ୍ରତିକ୍ରିୟା ଲୋଡିଥିଲେ। ସେ ଆୟରଙ୍କର ଏଭଳି ମନ୍ତବ୍ୟକୁ ନିନ୍ଦା କରିବା ସହ ପାଗଳାମି ବୋଲି କହିଥିଲେ। ତେବେ ଅନୌପଚାରିକ ଆଲୋଚନା ବେଳେ ସେ ହଜି ହଜି କହିଲେ, ଆୟର କୋଣାର୍କ ଆସିଲେ ତାଙ୍କୁ ଗୋବର ମାଡ଼ କରିବା ଦରକାର।

# ଡିଜିସିଏରେ ହାଜର ହେବେ ବୈଜୟନ୍ତ

ପୁରୀ ଅଫିସ,୨୨।୯

ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଚିଲିକା ଉପରେ ହେଲିକପ୍ଟର ଉଡାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଡିଜିସିଏ (ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ) ବୈଜୟନ୍ତଙ୍କୁ ନୋଟିସ କରିଛି। ଆସନ୍ତା ୨୪ ତାରିଖରେ ହାଜର ହୋଇ ପକ୍ଷ ରଖିବାକୁ ଉକ୍ତ ନୋଟିସରେ କୁହାଯାଇଛି। ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ଚିଲିକାରେ ଏକ ସି' ପ୍ଲେନ୍ ଉଡିଥିବା ନେଇ ଗଣମାଧ୍ୟମର ଖବର ପ୍ରକାଶ ପାଇଥିଲା। ଏହା ଉପରେ ଖୋଳତାଡ଼ ଆରମ୍ଭ ହୋଇଥିଲା।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅନ୍ୟର ଧନ ଅପହରଣ, ମିତ୍ରକୁ ଅପମାନ ଦେବା ଏବଂ ଚରିତ୍ରହୀନତା, ଏହି ତିନୋଟି ଗୁଣ ବିନାଶକୁ ଡାକିଆଣେ।
–ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତର ବାଇକ୍ ଚାଳକଙ୍କ ମୃତ୍ୟୁ

**ମାହାଙ୍ଗା,୨୨।୯(ଡି.ଏନ.ଏ.):** କଟକ-ଚାନ୍ଦବାଲି ରାସ୍ତାର ପଣସପଡ଼ିଆ ଛକରେ ଏକ ଯାତ୍ରୀବାହୀ ବସ୍‌କୁ ଧକ୍କାଦେଇ ଗୁରତର ହୋଇଥିବା ବାଇକ୍ ଚାଳକଙ୍କ କଟକସ୍ଥିତ ଘରୋଇ ଡାକ୍ତରଖାନାରେ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ଗତ ୧୯ ତାରିଖ ଅପରାହ୍ଣରେ କଟକରୁ କେନ୍ଦ୍ରାପଡ଼ା ଆସୁଥିବା ଘରୋଇ ବସ୍ ସହ ବିପରୀତ ଦିଗରୁ ଆସୁଥିବା ବାଇକ ଚାଳକ ମାହାଙ୍ଗା ଥାନା ଝାଡେଶ୍ୱରପୁର ଗ୍ରାମର ମଥୁରୀ ନାୟକଙ୍କ ପୁଅ ମଧୁସୂଦନ ନାୟକ (୩୨)ଙ୍କ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ମଧୁସୂଦନ ଗୁରୁତର ହୋଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ମଧୁସୂଦନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ମୃତ୍ୟୁ ଖବର ପ୍ରଚାରିତ ହେବାପରେ ତାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶତାଧିକ ଗ୍ରାମବାସୀ ସୁକରପଡାଠାରେ ଟାୟାର ଜାଳି କଟକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯିବା ପରେ ରାସ୍ତା ଅବରୋଧ ହଟିଥିଲା।

### ମହିଳା ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ



**ମାହାଙ୍ଗା,୨୨।୯ (ଡି.ଏନ.ଏ.):** ମାହାଙ୍ଗା ବ୍ଲକ କୋଠପଦାସ୍ଥିତ କୁହୁଣ୍ଡା ଗ୍ରାମପଞ୍ଚାୟତ ପ୍ରାଙ୍ଗଣରେ ଚାଲିଥିବା ଲଘୁ ଉଦ୍ୟୋଗ ବିକାଶ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେଡା' ଓ ନାବାର୍ଡ ମିଳିତ ସହଯୋଗରେ ଗ୍ରାମାଞ୍ଚଳ ମହିଳାଙ୍କୁ ରୋଜଗାରକ୍ଷମ କରିବା ପାଇଁ ଆରମ୍ଭ ହୋଇଥିବା ଏହି ଶିବିରରେ ୩୫ଜଣ ମହିଳାଙ୍କୁ ଏମ୍ବ୍ରୋଡୋରି ତାଲିମ ଦିଆଯାଇଥିଲା। ସାମାଜିକ କର୍ମୀ ଅଖିଳେଶପଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ନାବାର୍ଡ କଟକ ଜିଲା ସଂଯୋଜକ ସିଦ୍ଧାର୍ଥ ଶଙ୍କର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନେ କିପରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ଦାସ, ରଘୁନାଥ ଜେନା, ଅଚ୍ୟୁତାନନ୍ଦ ନାୟକ ଓ ଅରୁଣ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମରେ ଭାଗ ନେଇଥିଲା ବେଳେ ସେଡାର ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ଆଚାର୍ଯ୍ୟ ଶିବିର ପରିଚାଳନା କରିଥିଲେ। ନାବାର୍ଡ ପକ୍ଷରୁ ରତ୍ନମଞ୍ଜରୀ ପ୍ରଧାନ ମହିଳାମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକଗୋଷ୍ଠୀ ମହିଳାମାନେ ୨୦ଦିନ ଧରି ତାଲିମ ନେଇଥିଲେ। ଏମାନଙ୍କ ହାତ ତିଆରି ସଂରଞ୍ଜାମ କିପରି ବଜାରରେ ଆଦୃତ ହୋଇପାରିବ ସେ ଦିଗରେ ନାବାର୍ଡ ସହଯୋଗ କରିବ ବୋଲି କୁହାଯାଇଥିଲା।

### ବିଦ୍ୟାଳୟ ପାଚେରି ନିର୍ମାଣ ହୋଇପାରୁନି

**ସାଲେପୁର,୨୨।୯(ଡି.ଏନ.ଏ.):** ସାଲେପୁର ବ୍ଲକସ୍ଥିତ ଲୁଣାହାର ଗ୍ରାମରେ ଥିବା ଭୂୟାଁସାହି ପ୍ରାଥମିକ ବିଦ୍ୟାଳୟରେ ୧୧୦ରୁ ଊର୍ଦ୍ଧ୍ୱପିଲା ପଢୁଛନ୍ତି। ହେଲେ ଉକ୍ତ ବିଦ୍ୟାଳୟର ପାଚେରି ନାହିଁ। ଫଳରେ ବାହାର ଲୋକମାନେ ବିଦ୍ୟାଳୟକୁ ଲଗାଇ ଘର ନିର୍ମାଣ କରିବା ସହ ପରିବେଶକୁ ଦୂଷିତ କରୁଛନ୍ତି। ବିଦ୍ୟାଳୟ ପାଚେରି ନିର୍ମାଣ ପାଇଁ ୩ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଦୀର୍ଘବର୍ଷ ହେବ ତାହା ହୋଇ ପାରୁନାହିଁ। ସେହିପରି କୁନିକୁନି ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ରୋଷେଇ ହେଉଥିବା ବେଳେ କୁକୁର, ଷଣ୍ଢ ଓ ଗାଈଗୋରୁ ପ୍ରବେଶ କରିବା ଦ୍ୱାରା ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତିରେ ନିଶାସକ୍ତ ଯୁବକମାନେ ବିଦ୍ୟାଳୟରେ ପ୍ରବେଶ କରୁଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କୁ ଚନ୍ଦ୍ରାଦେଇପୁର ସରପଞ୍ଚ ଅନୀଲ୍ କୁମାର ଦାସ ଲିଖିତ ଭାବରେ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। କିଛି ଲୋକେ ପାଚେରି ନିର୍ମାଣ କରାଇ ଦେଉ ନ ଥିବାରୁ ବିଦ୍ୟାଳୟର ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ଏହି ଘଟଣାରେ ରାଜ୍ୟ ସରକାର ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।

## କୁଶୁପଙ୍ଗି ପଞ୍ଚାୟତକୁ ମଦମୁକ୍ତ କରିବା ଦାବି

# ଜିଲାପାଳଙ୍କ ଉଦ୍ଦେଶ୍ୟରେ ମହିଳାଙ୍କ ଦାବିପତ୍ର

**ବାଙ୍କୀ,୨୨।୯(ସ୍ୱ.ପ୍ର.)**



ସହକାରୀ ଜିଲାପାଳଙ୍କୁ ମହିଳାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ବାଙ୍କୀ ଡମପଡ଼ା ବ୍ଲକ ଅଧୀନ କୁଶୁପଙ୍ଗି ପଞ୍ଚାୟତକୁ ମଦମୁକ୍ତ କରିବା ଦାବିରେ ଶନିବାର ଗ୍ରାମର ଶତାଧିକ ମହିଳା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ମଦ ଦୋକାନ ଖୋଲିଥିବାରୁ ବିଭିନ୍ନ ସମୟରେ ପାରିବାରିକ ହିଂସା, କଳହ ଏବଂ ମଦଦୋକାନ ବାଟଦେଇ ଯାତାୟାତ କରୁଥିବା ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଗ୍ରାମର ଶତାଧିକ ମହିଳା କଚେରି ପଡ଼ିଆଠାରୁ ଶୋଭାଯାତ୍ରାରେ ଆସି ବାଙ୍କୀ ସହକାରୀ ଜିଲାପାଳଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି ଯେ, ପଞ୍ଚାୟତକୁ ମଦମୁକ୍ତ କରିବା ପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଇଥିଲେ। ଫଳରେ ୧୫ ଅଗଷ୍ଟ ଗ୍ରାମ ସଭାରେ ସର୍ବସମ୍ମତିକ୍ରମେ ଏହାକୁ ଗୃହୀତ କରାଯାଇଥିଲା। କିନ୍ତୁ ଗ୍ରାମରେ ଚୋରାମଦ କାରବାର ବନ୍ଦ ହେବା ବଦଳରେ ବୃଦ୍ଧି ପାଇଥିଲା। ପଞ୍ଚାୟତର ନିସ୍ତିପୁରଠାରେ ଥିବା ମଦ ଦୋକାନ ଯୋଗୁ ଗ୍ରାମର ମହିଳାମାନେ ସେହିବାଟେ ଯାତାୟାତ କରି ପାରୁନାହାନ୍ତି। କାରଣ ସେଠାରେ ଥିବା ନିଶାସକ୍ତ ଲୋକେ ମହିଳାମାନଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରୁଛନ୍ତି। ସେହିପରି ଉକ୍ତ ସ୍ଥାନରେ ଗ୍ରାମର ବସ୍‌ଷ୍ଟାଣ୍ଡ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ କରାଯାଇଛି। ତେଣୁ ଏହାକୁ ଗାନ୍ଧୀ ଜୟନ୍ତୀ ପୂର୍ବରୁ ବନ୍ଦ କରା ନ ଗଲେ ୩ ତାରିଖ ଠାରୁ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। କୁଶୁପଙ୍ଗି ସରପଞ୍ଚ ପୁଷ୍ପଲତା ପରିଡ଼ାଙ୍କ ନେତୃତ୍ୱରେ ଅସିତ ଜେନା, ମଦନ ମୋହନ ଜେନା, ଜୟନ୍ତ ଭୋଇ, ଜୟନ୍ତୀ ରାଉତ, ଲିଲି ମଲ୍ଲିକ, ହେମା ନାୟକ, ସ୍ୱର୍ଣ୍ଣଲତା ନାୟକ, ବିଭୁଦତ୍ତ ଟିକାୟତ, ପ୍ରଣବ ସାହୁ, ସୋମନାଥ ପରିଡା ଓ ସୁଧୀର ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ସହକାରୀ ଜିଲାପାଳ ଦେବଦତ୍ତ ଦାଶଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ମୁଖ୍ୟମନ୍ତ୍ରୀ, ଅବକାରୀ ମନ୍ତ୍ରୀ, ଅବକାରୀ ସଚିବ, ଜିଲା ଆରକ୍ଷୀ ଅଧୀକ୍ଷକ, ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ, ବାଙ୍କୀ ଥାନା ଅଧିକାରୀ ଓ ତାଳବସ୍ତ ଫାଣ୍ଡି ଅଧିକାରୀଙ୍କୁ ପ୍ରେରଣ କରିଛନ୍ତି।

■ନିସ୍ତିପୁରଠାରେ ଥିବା ମଦ ଦୋକାନ ନ ହଟିଲେ ଆନ୍ଦୋଳନ ଚେତବାନୀ

■ମଦ ଦୋକାନ ନିକଟରେ ବସ୍‌ଷ୍ଟାଣ୍ଡ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି

# ଛୁରାମାଡ଼ରେ ହୋମିଓପାଥିକ ଡାକ୍ତର ଗୁରୁତର

**ନରସିଂହପୁର,୨୨।୯(ସ୍ୱ.ପ୍ର.)**

ଦୁଇଜଣ ଯୁବକ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ହୋମିଓପାଥିକ ଡାକ୍ତରଙ୍କୁ ଛୁରାମାଡ଼ କରିଛନ୍ତି। ଫଳରେ ଡାକ୍ତର ଜଣଙ୍କ ଗୁରୁତର ହୋଇଛନ୍ତି। ତାଙ୍କୁ ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ନରସିଂହପୁର ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ସଦର ମହକୁମା କଚେରି ଛକ ନିକଟରେ ହୋମିଓ ପାଥିକ ଡାକ୍ତର ଶରତ କୁମାର ଶତପଥୀଙ୍କ ଏକ କ୍ଲିନିକ ଅଛି। ଉକ୍ତ କ୍ଲିନିକର ତଳ ମହଲାରେ ତାଙ୍କର ୨ଜଣ ଯୁବତୀ କର୍ମଚାରୀ ରୁହନ୍ତି। ଶୁକ୍ରବାର ରାତି ୯ଟାରେ କ୍ଲିନିକ୍ ବନ୍ଦ କରି ଡାକ୍ତର ଶତପଥୀ ଘରକୁ ଯାଇଥିଲେ। ରାତି ପ୍ରାୟ ୧ଟା ବେଳକୁ ୩ଜଣ ଯୁବକ ଆସି ତଳ ମହଲାରେ ରହୁଥିବା ଯୁବତୀଙ୍କ ଘର କବାଟ ବାଡେଇଥିଲେ। ଫଳରେ ଯୁବତୀ ଦ୍ୱୟ ଭୟଭୀତ ହୋଇ ଡାକ୍ତର ଶତପଥୀଙ୍କୁ ମୋବାଇଲ ଯୋଗେ ଜଣାଇଥିଲେ। ଏହାର କିଛି ସମୟ ପରେ କ୍ଲିନିକ ନିକଟରେ ଡାକ୍ତର ଶତପଥୀ ଆସି ପହଞ୍ଚିଥିଲେ। ତାଙ୍କୁ ଦେଖି ୩ ଯୁବକଙ୍କ ମଧ୍ୟରୁ ଜଣେ ଯୁବକ ପଳାଇଥିଲେ। ଅନ୍ୟ ୨ଜଣ ଯୁବକଙ୍କ ସହ ଡାକ୍ତର ଶତପଥୀ ଯୁକ୍ତି ତର୍କ କରିଥିଲେ। ଏହି ସମୟରେ ଉକ୍ତ ଯୁବକ ଦ୍ୱୟ ଏକ ଲୁହା ରଡରେ ଡାକ୍ତରଙ୍କ ଗୋଡ଼କୁ ପିଟିଥିଲେ। ଡାକ୍ତର ତଳେ ପଡିଯିବାରୁ ଏକ ଛୁରୀରେ ତାଙ୍କ ମୁହଁ, ବେକ, ମୁଣ୍ଡ ଓ ପେଟକୁ କାଟି ପକାଇଥିଲେ। ଜୀବନ ବିକଳରେ ଡାକ୍ତର ଚିତ୍କାର କରିଥିଲେ ହେଁ କେହି ଉଦ୍ଧାର କରିବାକୁ ଆସି ନ ଥିଲେ। ଶେଷରେ ଘର ଭିତରେ ଥିବା ୨ ଜଣ ଯୁବତୀ ଆସି ଡାକ୍ତରଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି କ୍ଲିନିକ୍‌ରେ ପ୍ରାଥମିକ ଚିକିତ୍ସା କରିବା ସହ ଡାକ୍ତରଙ୍କ ଘରକୁ ଖବର ଦେଇଥିଲେ। ଖବର ପାଇ ଘର ଲୋକ ଓ ସମ୍ପର୍କୀୟ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ନରସିଂହପୁର ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବା ସହ ଡାକ୍ତରଙ୍କ ବାମ ଗୋଡ ଆଣ୍ଠୁ ଭାଙ୍ଗିଯାଇଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ସକାଳେ ଡାକ୍ତରଙ୍କ ସାନ ଭାଇ ଅଶୋକ କୁମାର ଶତପଥୀ ଠେଙ୍ଗାପଲ୍ଲୀ ଗ୍ରାମର ଜୀବନ ରଥ ଓ ମଣ୍ଡାତୋଠ ଗ୍ରାମର ମାନସ ସେଠୀ ତାଙ୍କ ଭାଇଙ୍କୁ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ-୧୦୮/୧୮)ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତମାନେ ଫେରାର ଥିବାରୁ ତାଙ୍କ ସମ୍ପର୍କୀୟଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ତେବେ ଯୁବକମାନେ କେଉଁ ଉଦ୍ଦେଶ୍ୟରେ ଆସିଥିଲେ ତାହା ସ୍ପଷ୍ଟ ହୋଇନାହିଁ।

# ଭାଜପାର ନିର୍ବାଚନମଣ୍ଡଳୀସ୍ତରୀୟ ବୈଠକ

**ରଘୁନାଥପୁର, ୨୨।୯( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଜଗନ୍ନାଥପୁରସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ତିର୍ତ୍ତୋଲ ଭାଜପା ପକ୍ଷରୁ ନିର୍ବାଚନମଣ୍ଡଳୀ ସ୍ତରୀୟ ୮ ମଣ୍ଡଳର ସଭାପତି ଓ ପ୍ରମୁଖ କର୍ମକର୍ତ୍ତାଙ୍କୁ ନେଇ ଶନିବାର ବୈଠକ ଅନୁଷ୍ଠିତ ହୋଇଛି। ଭାଜପା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ପ୍ରଭାରୀ ଲଲାଟେନ୍ଦୁ ବଡୁ, ଜିଲା ସାଧାରଣ ସମ୍ପାଦକ ବିଜୟ ଦାସ, କୋଷାଧ୍ୟକ୍ଷ ସୁଧୀର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଅସନ୍ତା ୨୫ ତାରିଖ ମଧ୍ୟରେ ପ୍ରତି ମଣ୍ଡଳରେ ବୈଠକ ଅନୁଷ୍ଠିତ ହୋଇ ବୁଥ କମିଟି ଗଠନ, ସ୍ୱଚ୍ଛ ଭାରତ ଓ ସ୍ୱାସ୍ଥ୍ୟ ଶିବିର ଆଦି କରାଯିବା ନିମନ୍ତେ ଉପସ୍ଥିତ ମଣ୍ଡଳ ସଭାପତିଙ୍କୁ ପରାମର୍ଶ ଦିଆଯାଇଥିଲା। ଏହାଛଡା ଗାନ୍ଧୀ ଜୟନ୍ତୀ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଉପସ୍ଥିତ କର୍ମକର୍ତ୍ତା ନିର୍ଦ୍ଦେଶ ରଖିଥିଲେ। ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସାଙ୍ଗଠନିକ କାର୍ଯ୍ୟକ୍ରମକୁ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚାଇବା ପାଇଁ ଭାଜପା ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଥିବାବେଳେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ୮ ମଣ୍ଡଳରୁ ୭ ଜଣ ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ରହିବା ଉଭୟ କର୍ମୀ ତଥା ଦଳୀୟ ନେତୃବୃନ୍ଦଙ୍କ ମନରେ ଉତ୍ସାହକୁ ଦ୍ୱିଗୁଣିତ କରିଛି। ବୈଠକରେ ବିଭିନ୍ନ ମଣ୍ଡଳରୁ ଆସିଥିବା ସଭାପତିମାନେ ସେମାନଙ୍କ କାର୍ଯ୍ୟଧାରା ତଥା ମନରେ ଉପୁଜିଥିବା ପ୍ରଶ୍ନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ରମାକାନ୍ତ ଭୋଇଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା ହରିହର ବେହେରା, ବିସ୍ତାରକ ରଜନୀକାନ୍ତ ବେହେରା, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ମହାରଣା, ମାନସ କୁମାର ମହାପାତ୍ର, ରାମକୃଷ୍ଣ ପରିଜା, ସୁରେନ୍ଦ୍ର ନାୟକ ଓ କାର୍ତ୍ତିକେଶ୍ୱର ତ୍ରିପାଠୀ, ପ୍ରମୋଦ ବାରିକଙ୍କ ସମେତ ଉପସ୍ଥିତ ନେତୃବୃନ୍ଦ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ର ନିକଟରେ ଜାତୀୟ ସାଙ୍ଗୀତ ଗାନ କରି ବୈଠକ ଶେଷ କରିଥିଲେ।



ବୈଠକରେ ଉପସ୍ଥିତ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ଭାଜପା କର୍ମକର୍ତ୍ତାମାନେ।

## ନଗସପୁର ଗଣେଶ କ୍ଲବର ଭସାଣି ଉତ୍ସବ

**ନେମାଳ,୨୨।୯(ଡି.ଏନ.ଏ.)**

ନେମାଳ ଥାନା ନଗସପୁର ପଞ୍ଚାୟତ ରାଜଗୁରୁ ସାହିର ଶ୍ରୀମଦନମୋହନ ଜୀଉ ପୀଠ ନିକଟ ଦୋଳ ମଣ୍ଡପଠାରେ ହୋଇଥିବା ନଗସପୁର ଗଣେଶ କ୍ଲବର ଦ୍ୱିତୀୟ ବାର୍ଷିକ ଗଣେଶ ପୂଜା ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଷୀରୋଦ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପଣ୍ଡିତ ଧୀରେନ୍ଦ୍ର ନାଥ ଷଡ଼ଙ୍ଗୀ, ଉପେନ୍ଦ୍ର ନାଥ ଷଡ଼ଙ୍ଗୀ ଓ ଅଖିଳ କୁମାର ଦିକ୍ଷିତ ପ୍ରମୁଖଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମାହିତ ହୋଇଥିଲା। ଗଜାନନଙ୍କ ମେଢ ରାଜଗୁରୁ ସାହିରୁ ଶୋଭାଯାତ୍ରାରେ ବାହାରି ମା' ଜାଗୁଲାଇ ବଜାର ନିକଟରେ ବିସର୍ଜନ କରାଯାଇଥିଲା। ମଦନମୋହନ ଷଡଙ୍ଗୀ, ଶାରଦା ପ୍ରସାଦ ଦିକ୍ଷୀତ, ମାନସ ରଞ୍ଜନ ଷଡଙ୍ଗୀ, ଆଶୁତୋଷ ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ ।

## ପୋଲିସ-ଓକିଲ ବିବାଦ

# ହାଇକୋର୍ଟ ବାର ପକ୍ଷରୁ ଶାନ୍ତି ଶୋଭାଯାତ୍ରା

**କଟକ ଅଫିସ,୨୨।୯**

କଟକରେ ପୋଲିସ-ଓକିଲ ମଧ୍ୟରେ ଉପୁଜିଥିବା ବିବାଦ ଅଧିକ ଜଟିଳ ହେବାରେ ଲାଗିଛି। ଏହାକୁ ନେଇ ଶନିବାର ହାଇକୋର୍ଟ ବାର୍ ପକ୍ଷରୁ ଏକ ଶାନ୍ତି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ବାରିଷ୍ଟର ରଞ୍ଜିତ୍ ମହାନ୍ତିଙ୍କ ପ୍ରତିମୂର୍ତ୍ତି ନିକଟରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ, ଲାଲବାଗ ଥାନା ଦେଇ ଚାନ୍ଦିନୀଚୌକ ଛକ ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲା। ହାଇକୋର୍ଟର ବହୁ ଓକିଲ ଚାଲି ଚାଲି ଆଡଭୋକେଟ ଦେବୀ ପ୍ରସାଦ ପଟ୍ଟନାୟକଙ୍କ ଉପରେ ହୋଇଥିବା ଆକ୍ରମଣର ପ୍ରତିବାଦ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାର୍ ସଭାପତି ଶ୍ରୀକାନ୍ତ ନାୟକ, ଉପସଭାପତି ବଂଶୀଧର ଶତପଥି, ସମ୍ପାଦକ ସତ୍ୟବ୍ରତ ମହାନ୍ତି, ବରିଷ୍ଠ ଆଡଭୋକେଟ ବିଜୟ କୁମାର ରଗଡ, କ୍ରିମିନାଲ କୋର୍ଟ ବାର୍ ସଭାପତି ଅକ୍ଷୟ ପତି ଓ ବିଭିନ୍ନ ବାର୍‌ର ଏକ ହଜାରରୁ ଊର୍ଦ୍ଧ୍ୱ ଆଇନଜୀବୀ ଯୋଗଦେଇଥିଲେ।

# ବିଜୁ ଯୁବବାହିନୀ କାର୍ଯ୍ୟକାରିଣୀ ବୈଠକ

**ନେମାଳ,୨୨।୯(ଡି.ଏନ.ଏ.)**

ନେମାଳ ଥାନା ଝାଡ଼େଶ୍ୱରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ବିଜୁ ଯୁବବାହିନୀର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ବିଭୁତି ଭୂଷଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଯୁବ ସଂଗଠକ ଅଶୋକ କୁମାର ଓଝା ଯୋଗଦେଇ ବିଜୁ ଯୁବବାହିନୀର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ବିଜୁ ଯୁବବାହିନୀ ବ୍ଲକ ସଂଯୋଜକ ଇଂ. ପତିତପାବନ ସ୍ୱାଇଁ, ପ୍ରମୋଦ କୁମାର ସ୍ୱାଇଁ ଓ ସତ୍ୟଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଯୁବବାହିନୀ ସଭାପତି ଅନିଲ କୁମାର ଦଳାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ଆନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ବିଜୁ ଯୁବବାହିନୀ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବାଙ୍କୀ,୨୨।୯(ସ୍ୱ.ପ୍ର.)**

ପୋଖରୀରେ ବୁଡ଼ି ଶନିବାର ବାଙ୍କୀ ବ୍ଲକ ବୈଦେଶ୍ୱର ଥାନା ଗୋଳାଗଣ୍ଡ ପଞ୍ଚାୟତ ଅଧୀନ ସାତଖଣ୍ଡ ଗାଁର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଗ୍ରାମର ବେଣୁଧର ସେଠୀ(୪୦)। ସେ ସକାଳୁ ଗ୍ରାମର କଣମୋଛା ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ସେଠାରେ ବୁଡ଼ି ଯାଇଥିଲେ। ଫଳରେ ତାଙ୍କର ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏହାପରେ ସନ୍ଦେହ ହେବାରୁ କଳାପଥର ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ କଳାପଥର ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ବେଣୁଧରଙ୍କୁ ପୋଖରୀରୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ କଳାପଥର ଆଞ୍ଚଳିକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଙ୍କୀ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ପ୍ରାଣୀବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ

**ବାଙ୍କୀ,୨୨।୯(ସ୍ୱ.ପ୍ର.)**

ବାଙ୍କୀ କଲେଜ ପ୍ରାଣୀବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ.ଦେବରାଜ ମିଶ୍ର ସଭାପତିତ୍ୱ କରି ନୂତନ ଛାତ୍ରୀଛାତ୍ର ଶୃଙ୍ଖଳାର ସହ ପାଠପଢିଲେ କଲେଜର ସୁନାମ ଆସିପାରିବ ବୋଲି କହିଥିଲେ। ମୁଖ୍ୟଅତିଥି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ଛାତ୍ରୀଛାତ୍ର ପାଠପଢ଼ାରେ ମନୋନିବେଶ କଲେ କେଲଜର ଯଶଖ୍ୟାତି ବଢିପାରିବ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଡ.ଦିଲୀପ କୁମାର ମିଶ୍ର, ସମ୍ମାନିତ ଅତିଥି ଡ.ଶଶିଭୂଷଣ ମହାପାତ୍ର ଓ ଅନ୍ୟତମ ଅତିଥି କୁମୁଦ ରଞ୍ଜନ ମହାରଣା ଯୋଗଦେଇ ଛାତ୍ରୀଛାତ୍ର ପାଠପଢ଼ାରେ ମନଦେବା ଆବଶ୍ୟକ ବୋଲି କହିଥିଲେ। ପାଠଚକ୍ର ସମ୍ପାଦକ ସୁବାଶିଷ ମୋହନ ସେଠୀ ବିବରଣୀ ପାଠକରିଥିଲେ। ଗୌରୀଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ସ୍ୱାଗତ ଉତ୍ସବରେ ଛାତ୍ରୀଛାତ୍ର ଓ ଅତିଥି।

# ସାରସ୍ୱତ ସମାରୋହ ସମିତିର ସ୍ୱନକ୍ଷତ୍ର ଉତ୍ସବ

**ସାଲେପୁର,୨୨।୯(ଡି.ଏନ.ଏ.)**



ସାରସ୍ୱତ ସମାରୋହ ଉତ୍ସବ ଉପଲକ୍ଷେ ଅନୁଷ୍ଠାନର ମୁଖପତ୍ର ଉନ୍ମୋଚନ କରାଯାଉଛି।

ସାଲେପୁର ସାରସ୍ୱତ ସମାରୋହ ସମିତିର ୧୭ତମ ସ୍ୱନକ୍ଷତ୍ର ଉତ୍ସବ, ଆଲୋଚନାଚକ୍ର, କବିତା ପାଠଚକ୍ର ଓ ସମ୍ବର୍ଦ୍ଧନା ସଭା ଶୁକ୍ରବାର ମଧୁସ୍ମୃତି ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଅକ୍ଷୟ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆୟକର ବିଭାଗ ମୁଖ୍ୟ କମିଶନର ଶରତ କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, କବିତାର ଭାଷା ଚମତ୍କାର ହେବା ଦରକାର। କବିତାକୁ ବଞ୍ଚାଇବାକୁ ହେଲେ ସଙ୍ଗୀତ ସହ ସଂଯୁକ୍ତ କରାଯିବା ଉଚିତ୍। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ନେଇ ଆମେ ଗର୍ବ କରୁଥିବା ବେଳେ ଏବେ ଅନେକ ଶବ୍ଦ ଓଡ଼ିଆ ଭାଷା ସାହିତ୍ୟରେ ଆଉ ଦେଖିବାକୁ ମିଳୁନାହିଁ। ଓଡ଼ିଆ ଆତ୍ମାଭିମାନ ବଜାୟ ରଖିବା ପାଇଁ ସାହିତ୍ୟିକମାନେ ଉଦ୍ୟମ କରନ୍ତୁ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ପୂର୍ବତନ ପୋଲିସ୍ ଆଇ.ଜି. ଅନାଦି ସାହୁ, ମୁଖ୍ୟବକ୍ତା ନାଟ୍ୟକାର ଡ. ବିଜୟ ଶତପଥୀ ଓ ସମ୍ମାନିତ ଅତିଥି ପ୍ରମୋଦ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମୁଖପତ୍ର 'ଶାଶ୍ୱତୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନ ଶିଳ୍ପୀଗୁରୁ ପଦ୍ମବିଭୂଷଣ ଡ. ରଘୁନାଥ ମହାପାତ୍ରଙ୍କୁ ପ୍ରଦାନ କରାଯିବାକୁ ଘୋଷଣା କରାଯାଇଥିଲା। ଚଳିତବର୍ଷର ସାରସ୍ୱତ ସମ୍ମାନ ପ୍ରାବନ୍ଧିକ ଅନନ୍ତ ଗୋପାଳ ପଣ୍ଡାଙ୍କୁ ପ୍ରଦାନ କରାଯାଇଥିବା ବେଳେ ସାରସ୍ୱତ କବିତା ସମ୍ମାନ କବି ସଚ୍ଚିଦାନନ୍ଦ ବେହେରା, ସାରସ୍ୱତ ସଂସ୍କୃତି ସମ୍ମାନ ପାଲାଗାୟକ ପ୍ରଦୀପ୍ତ କିଶୋର ଦାଶ, ସାରସ୍ୱତ ସ୍ୱତନ୍ତ୍ର ବ୍ୟଙ୍ଗକବି ସମ୍ମାନ ଘନଶ୍ୟାମ ସାମଲଙ୍କୁ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ବିଷ୍ଣୁଚରଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହସମ୍ପାଦକ ଦୟାନିଧି ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପେନ୍ଦ୍ରନାଥ ରଣା, ସୁଲୋଚନା ମଲ୍ଲିକ, ସୁସ୍ମିତା ପଣ୍ଡା, ଅଧାପିକା ମମତା ପଣ୍ଡା ଓ ଅଧାପିକା ମନସ୍ୱିନୀ କର ଉପସ୍ଥିତ ରହି ସମ୍ବର୍ଦ୍ଧିତ ପ୍ରତିଭାଙ୍କ ମାନପତ୍ର ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ୭୦ କବି ଓ ୨୦ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପୂର୍ବତନ ପ୍ରଧାନଶିକ୍ଷକ ବଳରାମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ ଡ. ତରୁଲତା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମାନନ୍ଦ ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସାଲେପୁର ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। କବି ମାନସ ରଞ୍ଜନ ଦାଶ, କବୟିତ୍ରୀ ଗୀତା କୁମାରୀ ସାହୁ ଉପସ୍ଥିତ ରହି କବିତା ପାଠ କରିଥିଲେ। ଅଧାପକ ଦୀନବନ୍ଧୁ ରାଉତଙ୍କ ୨ପୁସ୍ତକ 'ଜୀବନ ଜିଜ୍ଞାସା' ଓ ସନ୍ଥଙ୍କ କୀର୍ତ୍ତି ଓ କୃତୀକୁ ଅତିଥି ଉନ୍ମୋଚନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ କବି ସଦାଶିବ ଦାସ, ଡ. ଗିରିଶ ସାହୁ, ପୂର୍ଣ୍ଣଚନ୍ଦ୍ର ଓଝା, ରାଜୀବ ଷଡ଼ଙ୍ଗୀ, ଭାବଗ୍ରାହୀ ରାଉତ, ହରେକୃଷ୍ଣ ବେହେରା, ବିପିନ ବିହାରୀ କର ଓ ଧୀରେନ୍ଦ୍ର ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।



ଅନ୍ୟର ଧନ ଅପହରଣ, ମିତ୍ରକୁ ଅପମାନ ଦେବା ଏବଂ ଚରିତ୍ରହୀନତା, ଏହି ତିନୋଟି ଗୁଣ ବିନାଶକୁ ଡାକିଆଣେ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ମଦ ଜବତ : ୩ ଗିରଫ

**କଟକ ଅଫିସ/ଚୌଦ୍ୱାର, ୨୨।୯(ଡି.ଏନ.ଏ.):** ବେଆଇନ ମଦ କାରବାର କରିବା ଅଭିଯୋଗରେ ବାଦାମବାଡି ପୋଲିସ ସ୍ଥାନୀୟ ବିସିନଗର ଅଞ୍ଚଳର ଶ୍ରୀଧର ବେହେରା(୩୨)ଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କଠାରୁ ୪୦ ବୋତଲ ଦେଶୀ ମଦ ଜବତ କରାଯିବା ସହ ଥାନାରେ ଏକ ମାମଲା (ନଂ. ୨୫୭/୧୮) ରୁଜୁ ହୋଇଛି। ଶନିବାର ସନ୍ଧ୍ୟାରେ ବାଦାମବାଡି ଥାନା ଅନ୍ତର୍ଗତ ଛତ୍ରବଜାର ଅଞ୍ଚଳରେ ସେ ବେଆଇନ ମଦ କାରବାର କରୁଥିବାବେଳେ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ସେହିପରି ଚୌଦ୍ୱାର ପୋଲିସ ଶନିବାର ୨ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ କୁସୁନପୁର ଗ୍ରାମର ସୁଶାନ୍ତ ମହାନ୍ତି ଓ ନେଳିଆ ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତି। ସେମାନଙ୍କଠାରୁ ୧୪୦ ବୋତଲ ଦେଶୀ ମଦ ଜବତ କରାଯାଇଛି। ସୁଶାନ୍ତ ଓ କୃଷ୍ଣଚନ୍ଦ୍ର ମଦ ବିକ୍ରି କରିବାକୁ ନିକଟସ୍ଥ ଗ୍ରାମକୁ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଗିରଫ କରିବା ସହ ମଦ ଜବତ କରିଥିଲା। ଏ ନେଇ ଥାନାରେ ୨ଟି ମାମଲା ରୁଜୁ ହୋଇଛି।

### କର୍କଟ ରୋଗୀଙ୍କୁ ସହାୟତା ରାଶି ପ୍ରଦାନ

**କଟକ ଅଫିସ,୨୨।୯:** ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ କଟକର ୪ଜଣ କର୍କଟ ରୋଗୀଙ୍କୁ ସହାୟତା ରାଶି ପ୍ରଦାନ। କଟକ ମହାନଗର ନିଗମ ଅଧୀନ ୨୪ନଂ. ୱାର୍ଡର କର୍ପୋରେଟର ରଞ୍ଜନ ବିଶ୍ୱାଳଙ୍କ ସହାୟତାରେ ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟ ୧ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ଏହି କର୍କଟ ରୋଗୀମାନେ ହେଲେ ବସନ୍ତ ଜେନା, ସୁଦର୍ଶନ ଖୁଣ୍ଟିଆ, ସିଦ୍ଧେଶ୍ୱରୀ ପଟ୍ଟନାୟକ ଓ ରାଜେନ୍ଦ୍ର ଜେନା। ଶନିବାର ଏହି ସହାୟତା ରାଶି ପ୍ରଦାନବେଳେ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ, ହରିପୁର ସାହି ଅଧିକାରୀ ବାବୁ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସହାୟତା ପାଇଥିବା ବ୍ୟକ୍ତିମାନେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରଥିବା ବିଧାୟକ ସାମନ୍ତରାୟ କହିଛନ୍ତି।

### ସଂଭାଗସ୍ତରୀୟ ସଂସ୍କୃତ ପ୍ରତିଯୋଗିତା

**କଟକ ଅଫିସ,୨୨।୯:** କଟକ କେନ୍ଦ୍ରୀୟ ବିଦ୍ୟାଳୟ ୧ନଂ.ରେ ଶନିବାର ସଂଭାଗସ୍ତରୀୟ ସଂସ୍କୃତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରୀୟ ଭୁବନେଶ୍ୱର ସଂଭାଗ ଅନ୍ତର୍ଗତ ୩୫ଟି ବିଦ୍ୟାଳୟର ୨୯୭ ଜଣ ଛାତ୍ରୀଛାତ୍ର ଓ ୩୯ ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧରେ ସମୂହଗାନ, ପ୍ରବନ୍ଧ ଲିଖନ, ଗଳ୍ପ କଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ୧ନଂ. ର ଅଧକ୍ଷ ଅଶୋକ କୁମାର ମିଶ୍ର ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ଏଭଳି କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ସେହିପରି ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରୀୟ ବିଦ୍ୟାଳୟ ଭୁବନେଶ୍ୱରର ଅଧକ୍ଷ ଆର୍ତ୍ତତ୍ରାଣ ମିଶ୍ର କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଧନ୍ୟବାଦ ଦେଇଥିଲେ।

### ଦୋଳଗୋବିନ୍ଦଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ, ୨୨।୯:** ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଦୋଳ ଗୋବିନ୍ଦ ପ୍ରଧାନଙ୍କ ବିୟୋଗରେ ଶନିବାର ସାରଳାଭବନ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜାତୀୟ କବି ବୀରକିଶୋର ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସଭାରେ ସାରଳା ସାହିତ୍ୟ ସଂସଦର ସଭାପତି ପ୍ରଭାକର ସ୍ୱାଇଁ ଅଧକ୍ଷତା କରିଥିଲେ। ଏଥିରେ ବକ୍ତାଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ଦୋଳଗୋବିନ୍ଦଙ୍କ ସଂଗ୍ରାମୀ ଓ ରାଜନୈତିକ ଜୀବନ ସହିତ ତାଙ୍କ ସାହିତ୍ୟ କୃତି ଉପରେ ଆଲୋଚନା କରିଥିଲେ। ଗାନ୍ଧୀ କଥା, ସନ୍ଥମଣୀଦାସ ରଚନାବଳୀ, ବଙ୍ଗଳା ଗୀତାର ଓଡ଼ିଆ ଅନୁବାଦ, ସଂସ୍କୃତ ଭଗବତ ଗୀତାର ଓଡ଼ିଆ ପଦ୍ୟାନୁବାଦ ଓଡ଼ିଆ ସାହିତ୍ୟକୁ ତାଙ୍କର ଅନନ୍ୟ ଅବଦାନ ବୋଲି ପ୍ରଫେସର ସାମଲ କହିଥିଲେ। ଅନ୍ୟମାନଙ୍କ ମଧରେ ଲେଖକ ଡ. ମହେଶ୍ୱର ମହାନ୍ତି, ପ୍ରାବନ୍ଧିକ ଡ. ବାବାଜୀ ଚରଣ ପଟ୍ଟନାୟକ , ଶିକ୍ଷାବିତ୍ କୈଳାସ ବରାଳ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, କ୍ଷୀରୋଦ ଚନ୍ଦ୍ର ମହାପାତ୍ର, ସୁବ୍ରତ ଭୁୟାଁ, ବନଶ୍ରୀ ମହାପାତ୍ର ଯୋଗଦେଇ ଦୋଳଗୋବିନ୍ଦଙ୍କ ସ୍ମୃତିଚାରଣ କରିଥିଲେ।

■ କମିଶନରେଟ୍ ପୋଲିସର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ରାତିସାରା ଡାକବାଜି ଯନ୍ତ୍ର ବଜାଇବାକୁ ଦାବି

କଟକ ଅଫିସ,୨୨।୯



ବୈଠକରେ ଏମ୍‌ପି, ବିଧାୟକ, ଡିସିପି, କମିଶନରଙ୍କ ସହ ଅନ୍ୟମାନେ।

ଶାରଦୀୟ ଦୁର୍ଗାପୂଜା ଆସନ୍ତା ଅକ୍ଟୋବର ୧୫ରୁ ଆରମ୍ଭ ହେଉଛି। କଟକରେ ଦୁର୍ଗାପୂଜା ଧୁମ୍‌ଧାମରେ ପାଳନ କରାଯାଉଥିବାବେଳେ ସହରରେ ଏହି ପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନିମନ୍ତେ କମିଶନରେଟ୍ ପୋଲିସ ପକ୍ଷରୁ ଶନିବାର ସ୍ଥାନୀୟ ଶହୀଦ ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ୨୦ରୁ ଭସାଣି ଆରମ୍ଭ ହୋଇ ୨୧ ତାରିଖ ମଧାହ୍ନ ସୁଦ୍ଧା ଶେଷ କରାଯିବ ବୋଲି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ପରେ ପୂଜାରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥିତ ଥିବା ଶାନ୍ତି କମିଟି ଓ ପୂଜା କମିଟିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇଥିଲା।

ପୂଜାରେ ମଣ୍ଡପ ନିକଟରେ ସନ୍ଧ୍ୟା ୭ଟାରୁ ରାତି ୧୨ଟା ପର୍ଯନ୍ତ ଡାକବାଜି ଯନ୍ତ୍ର ବାଜିବ। ଭସାଣିରେ ସାଉଣ୍ଡ ବକ୍ସ ଉପରେ ନିର୍ଭର କରୁଥିବା ବାଜା ମଧ ରାତି ୧୨ଟା ପର୍ଯ୍ୟନ୍ତ ବାଜିପାରିବ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। ତେବେ କଟକର ଏହା ଏକ ମୁଖ୍ୟ ପର୍ବ ହୋଇଥିଲେ ମଧ ପୂଜାରେ କେବଳ ଭସାଣିକୁ ମିଶାଇ ୪ ଦିନ ରାତି ୧୨ଟା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି। ଷଷ୍ଠୀଠାରୁ ଏହି ନିୟମ ଲାଗୁ କରାଯିବାକୁ ଦାବି ହୋଇଥିଲା। ସେହିପରି ଭସାଣିରେ ଦେଶର ଅନ୍ୟ ରାଜ୍ୟଗୁଡିକ ପରି ରାତିସାରା ଡାକବାଜି ଯନ୍ତ୍ର ବଜାଇବା ପାଇଁ ଅନୁମତି ଦେବାକୁ ସମସ୍ତ ପୂଜା କମିଟିର କର୍ମକର୍ତ୍ତାମାନେ ଦାବି କରିଥିଲେ। ତେବେ ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଅନୁମତି ଆବଶ୍ୟକ ରହିଥିବାରୁ ଏ ନେଇ ପଦକ୍ଷେପ ନିଆଯିବ ବୋଲି କମିଶନର ପ୍ରତିଶ୍ରୁତି ଦେଇଛନ୍ତି। ପୂଜା ଓ ଭସାଣି ପାଇଁ ବିଭିନ୍ନ କମିଟି ପକ୍ଷରୁ ସତ୍ୟପାଠର ଆବଶ୍ୟକ ପଡିଥାଏ। ଚଳିତଥର ଏହି ସତ୍ୟପାଠ ପାଇଁ ରହିଥିବା ସର୍ତ୍ତକୁ ନେଇ ବହୁ ସମସ୍ୟା ସୃଷ୍ଟି କରୁଛି। ଏଥିରେ କୋହଳ କରାଯିବା ପାଇଁ ପୂଜା କମିଟିଗୁଡିକ ପକ୍ଷରୁ ଦାବି ହୋଇଥିଲା। ପୂଜା ଆଉ ଅଳ୍ପଦିନ ଥିବାବେଳେ ସହରରେ ଜାଇକା କାର୍ଯ୍ୟ ଚାଲିଛି। ବିଭିନ୍ନ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇପଡିଥିବାବେଳେ ମୁଖ୍ୟ ରାସ୍ତା ମଧ ଏଥିରୁ ବାଦ୍ ପଡ଼ିନାହିଁ। ଯଦି ତରବରିଆ ଭାବେ ରାସ୍ତା ମରାମତି କରାଯାଏ ତେବେ ତାହା ଦବିଯିବାର ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ ପ୍ରତିମାକୁ ଶୋଭାଯାତ୍ରାରେ ନେବା ଅସମ୍ଭବ ବୋଲି କର୍ମକର୍ତ୍ତମାନେ ମତ ଦେଇଥିଲେ। ଆଗାମୀ ଦିନରେ ହେବାକୁ ଥିବା ଜିଲାପାଳଙ୍କ ପୂଜା ପ୍ରସ୍ତୁତି ବୈଠକରେ ଏ ନେଇ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ପୋଲିସ କମିଶନର ସୂଚନା ଦେଇଥିଲେ।

> ■ଚଳିତବର୍ଷ ସହରରେ ୧୬୦ ପ୍ରତିମା
>
> ■ପୂଜା ମଣ୍ଡପରେ ଲାଗିବ ସିସିଟିଭି
>
> ■୨୦ରୁ ଭସାଣି ଆରମ୍ଭ

ପୂଜା ପାଇଁ ତୋରଣ ନିର୍ମାଣବେଳେ ଯେପରି ରାସ୍ତାଘାଟ ଖରାପ ନ ହୁଏ ଓ ଅନ୍ୟ ସମସ୍ୟା ସୃଷ୍ଟି ନ ହୁଏ, ସେଥିପାଇଁ ସିଏମ୍‌ସି ସମ୍ପୃକ୍ତ ପୂଜା କମିଟିଠାରୁ ୧୦ ହଜାର ଟଙ୍କା ଅଗ୍ରିମ ନେଉଛି। ପରବର୍ତ୍ତୀ ସମୟରେ ଅଗ୍ରିମ ଟଙ୍କା ଫେରସ୍ତ ପାଇଁ ନିୟମ ରହିଥିଲେ ମଧ ତାହାକୁ ଠିକ୍ ଭାବେ ପାଳନ କରାଯାଉନାହିଁ। ଏଣୁ ଯେଉଁ ପୂଜା କମିଟି ସେମାନଙ୍କ ଅଗ୍ରୀମ ଟଙ୍କା ଫେରସ୍ତ ପାଇନାହାନ୍ତି, ସେମାନଙ୍କୁ ପୂର୍ବ ବର୍ଷର ରସିଦ୍ ଆଧାରରେ ଏଥିରୁ ମୁକ୍ତ ରଖାଯିବା ପାଇଁ ଦାବି କରାଯାଇଥିଲା। ଏହାଛଡ଼ା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସିଏମ୍‌ସି ପ୍ରତିଦିନ ହିସାବରେ ୫୦୦ ଟଙ୍କା ଲେଖାଏ ନେଉଛି। ଏହାକୁ ଛାଡ଼ କରାଯିବାକୁ ଦାବି କରାଯାଇଥିଲା।

ଚଳିତବର୍ଷ କଟକ ସହରରେ ୧୬୦ଟି ପ୍ରତିମା ନିର୍ମାଣ ହେଉଥିବାବେଳେ ସେଥିମଧ୍ୟରୁ ୨୩ଟି ମଣ୍ଡପରେ ଚାନ୍ଦିମେଢ ହେଉଛି। ଏପରି କି ଅନେକ ସ୍ଥାନରେ ପୂଜା କମିଟି ପକ୍ଷରୁ ମା'ଙ୍କ ପାଇଁ ସୁନା ମୁକୁଟ କରାଯାଇଛି। ଉକ୍ତ ସ୍ଥାନରେ ସୁରକ୍ଷାକୁ ଦୃଷ୍ଟିରେ ରଖି ସିସିଟିଭି କ୍ୟାମେରା ଲଗାଯିବ। ଯେଉଁଠାରେ ପୂର୍ବରୁ କ୍ୟାମେରା ଲାଗିଛି ସେଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ ତାହାର ଯାଞ୍ଚ କରାଯିବାକୁ କୁହାଯାଇଥିଲା। ଭସାଣିବେଳେ ଯଦି କୌଣସି କାରଣରୁ ପ୍ରତିମା ଅଟକି ରୁହେ, ତେବେ ପଛରୁ ଆସୁଥିବା ପ୍ରତିମାଗୁଡିକୁ ଆଗକୁ ଯିବା ପାଇଁ ଅନୁମତି ଦେବାକୁ ଡିସିପି ଅଖିଳେଶ୍ୱର ସିଂ ପୂଜା କମିଟିଗୁଡିକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଦେବାଶିଷ ସାମନ୍ତରାୟ, ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ପୂର୍ବତନ ମନ୍ତ୍ରୀ ସମୀର ଦେ, ସୁରେଶ ମହାପାତ୍ର, ନୟନ ମହାନ୍ତି, ମଧୁସୂଦନ ସାହୁ, ଅମରେନ୍ଦ୍ର ମହାନ୍ତି, ରବି ମଲ୍ଲିକଙ୍କ ସମେତ ସହରର ବିଭିନ୍ନ ଜୋନର ଏସିପି, ଥାନାଧିକାରୀ, ପୂଜା କମିଟି, କ୍ଲବ, ସାହି କମିଟିର କର୍ମକର୍ତ୍ତା ଯୋଗଦେଇଥିଲେ। କଟକ ମହାନଗର ପୂଜା କମିଟିର ସମ୍ପାଦକ ତଥା ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମୁକ୍ତିଲାଭ କଲା 'ବାଜି ରାଉତ: ଇଣ୍ଡିଆଜ୍ ୟଙ୍ଗେଷ୍ଟ ଫ୍ରିଡମ୍ ଫାଇଟର୍'

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

ଶହୀଦ ବାଜି ରାଉତଙ୍କ ଜୀବନୀକୁ ନେଇ ପୂର୍ଣ୍ଣାଙ୍ଗ ହିନ୍ଦୀ ଚଳଚ୍ଚିତ୍ର 'ବାଜି ରାଉତ: ଇଣ୍ଡିଆଜ୍ ୟଙ୍ଗେଷ୍ଟ ଫ୍ରିଡମ୍ ଫାଇଟର୍' ଶୁକ୍ରବାର ସୋସିଆଲ ମିଡିଆ ୟୁ-ଟ୍ୟୁବ୍‌ରେ ରିଲିଜ୍ ହୋଇଛି। ୩୦ ମିନିଟ୍‌ର ଏହି ଚଳଚ୍ଚିତ୍ରଟି କେବଳ ୧୭-୧୮ବର୍ଷ ବୟସର ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ହୋଇଛି। ବାଜି ରାଉତ ଭୂମିକାରେ ଅଭିନୟ କରିଥିବା ୧୨ ବର୍ଷୀୟ ମୁନାଫ୍ ହୁସେନ୍ ୭ମ ଶ୍ରେଣୀର ଛାତ୍ର। କ୍ୟାନ୍‌ଡିଡ୍ ଫିଲ୍ମସ ତରଫରୁ ରିଆନ ଫାରୁକ୍‌ଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି କଟକରେ ସମସ୍ତ ସୁଟିଂ ହୋଇଛି। ଗତ ଅଗଷ୍ଟ ୧୫ରେ ଏହାର ଟ୍ରେଲର 'ୟୁ-ଟ୍ୟୁବ୍' ଚ୍ୟାନେଲ୍‌ରେ ପ୍ରସାରିତ ହୋଇଥିଲା। ଏବେ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବାର ଅଳ୍ପ ସମୟରେ ବହୁ ଦର୍ଶକ ଦେଖିଛନ୍ତି। କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୟୁକ୍ତ୩ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଏହି ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। କଥାବସ୍ତୁର ଗବେଷଣା କ୍ଷେତ୍ରରେ ରେଭେନ୍ ବିଶ୍ୱବିଦ୍ୟାଳୟର ଇତିହାସ ପ୍ରଫେସର ଡ. ନେହା ଶର୍ମା ଦିଗ୍‌ଦର୍ଶନ ପ୍ରଦାନ କରିଛନ୍ତି। ପ୍ରଫେସର ଡ. ନିତ୍ୟାନ୍ଦ ମିଶ୍ରଙ୍କ ରଚିତ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳର ସେନାପତି ସାରଙ୍ଗଧର ଦାସଙ୍କ ଜୀବନୀ ଉପରେ ରଚିତ ପୁସ୍ତକ 'ଗଡ଼ଜାତ ଗାନ୍ଧୀ'ରୁ ମଧ କିଛି ତଥ୍ୟ ସଂଗ୍ରହ କରାଯାଇଛି। ସାରା ଭାରତକୁ ବାଜିରାଉତଙ୍କ ବୀରତ୍ୱର ଗାଥା ଜଣାଇବା ପାଇଁ ଚଳଚ୍ଚିତ୍ରଟି ହିନ୍ଦୀ ଭାଷାରେ ନିର୍ମିତ ହୋଇଥିବା ହୁସେନ କହିଛନ୍ତି।



ଓଡ଼ିଶା ସ୍ୱାକ୍ଷର ସଙ୍କଳ୍ପ ଦିବସ ପାଳନ ଅବସରରେ ନୀଳଶୈଳ ଏବଂ ରାଜକିଶୋର ରାଜ ସ୍ମୃତି ସଂସଦ ପକ୍ଷରୁ ଶନିବାର କଟକ ଶତାବ୍ଦୀ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

■ ସୁଦର୍ଶନ କଲେଜ ସାଇକେଲ ଷ୍ଟାଣ୍ଡ ନିର୍ମାଣ

## ୨ ବର୍ଷ ପରେ ବି ଆରମ୍ଭ ହୋଇପାରୁନି କାର୍ଯ୍ୟ

କଟକ ସଦର, ୨୨।୯(ଡି.ଏନ.ଏ.)

୪୨ ମୌଜା ଅଧୀନ ସୁଦର୍ଶନ କଲେଜ ସାଇକେଲ ଷ୍ଟାଣ୍ଡ ନିର୍ମାଣ ପାଇଁ ଦଧିବାମନପୁର ପଞ୍ଚାୟତ ପକ୍ଷରୁ ୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ୨ ବର୍ଷ ମଧରେ ଦୁଇଥର ପଲ୍ଲିସଭା କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲେ ମଧ ନିର୍ମାଣ କାର୍ଯ୍ୟ ହୋଇପାରୁନାହିଁ। ଫଳରେ ଛାତ୍ରୀଛାତ୍ରମାନେ ବାହାରେ ବର୍ଷାରେ ସାଇକେଲ ରଖିବା ପାଇଁ ବାଧ ହେଉଛନ୍ତି। ଏଠାରେ ୫୦୦ରୁ ଊର୍ଦ୍ଧ୍ୱ ପିଲା ଅଧୟନ କରୁଥିଲେ ମଧ ସ୍ଥାୟୀ ସାଇକେଲ ଷ୍ଟାଣ୍ଡ ନିର୍ମାଣ କରାଯାଇପାରିନାହିଁ। ୨୦୧୬-୧୭ ଆର୍ଥିକ ବର୍ଷରେ ପ୍ରଥମେ ପଲ୍ଲିସଭା କରାଯାଇ ଶ୍ରମିକ ପ୍ରତିନିଧିଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ନିର୍ଦ୍ଧାରିତ ସମୟରେ କାମ ନ ହେବାରୁ ୨୦୧୭-୧୮ ବର୍ଷରେ ପୁନର୍ବାର ପଲ୍ଲିସଭା କରାଯାଇଥିଲା। ତଦନୁଯାୟୀ ନୂଆ ଶ୍ରମିକ ପ୍ରତିନିଧିଙ୍କୁ କାର୍ଯ୍ୟାଦେଶ ମିଳିଲା। ହେଲେ ତାହା ମଧ ଠିକ୍ ସମୟରେ କାମ ଆରମ୍ଭ ହେଲାନାହିଁ। ଯାହକୁ ନେଇ ପିଲା ଓ ଅଭିଭାବକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଦଧିବାମନପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଚିତ୍ତରଞ୍ଜନ ଜେନାଙ୍କୁ ପଚାରିବାରୁ ଏହା ଉପରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଥିଲେ।

■ ପୂଜା ପୂର୍ବରୁ ଜବତ ସାମଗ୍ରୀ ସ୍ଥାନାନ୍ତର କର

# ଡିସିପିଙ୍କୁ ଜିଲାପାଳଙ୍କ ପରାମର୍ଶ

କଟକ ଅଫିସ, ୨୨।୯

> **ବାଦାମବାଡ଼ି ଥାନା**

ବାଦାମବାଡି ଥାନାର ଆଗ ଓ ପଛରେ ଜବତ ଗାଡି ଏବଂ ଅନ୍ୟାନ୍ୟ ସାମଗ୍ରୀ ଭରପୂର ହୋଇ ରହିଛି। ଦୀର୍ଘଦିନ ହେବ ଏଭଳି ଅବସ୍ଥା ଲାଗି ରହିଥିବାରୁ ସେଠାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଥାନା ପରିସରରୁ ଏହି ସବୁ ସାମଗ୍ରୀକୁ ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ଡିସିପି ଅଫିସ ପରିସରକୁ ସ୍ଥାନାନ୍ତର କରିବାକୁ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଡିସିପିଙ୍କୁ ପରାମର୍ଶ ଦେଇଛନ୍ତି।

ସୂଚନାଥାଉ କି, ଏହି ସମସ୍ୟାର ପ୍ରତିକାର ନିମନ୍ତେ ସାମାଜିକ ଅନୁଷ୍ଠାନ ମୈତ୍ରୀ ସଂସଦ ପକ୍ଷରୁ ବହୁବାର ପୋଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ହେଲେ କୌଣସି ସୁଫଳ ନ ମିଳିବାରୁ ସଂସଦ ପକ୍ଷରୁ ରାଜ୍ୟ ଗୃହ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମସ୍ୟାକୁ ହୃଦୟଙ୍ଗମ କରି ଏହାର ସମାଧାନ ନିମନ୍ତେ ସଚିବ ୨୦୧୭ ମେ' ଓ ଜୁନ୍ ମାସ ମଧରେ ୩ଥର ପୋଲିସ କମିଶନରଙ୍କ ସମେତ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପୋଲିସ ବିଭାଗର ଅଧିକାରୀମାନେ ଏହାକୁ ଅନୁପାଳନ କରି ନ ଥିଲେ। ପରିଣାମ ସଦୃଶ ବାଦାମବାଡି ଗୋଲେଇ ଅଞ୍ଚଳରେ ବାରମ୍ବାର ଅଘଟଣ ଘଟିବା ସହିତ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ଉଦାହରଣ ସ୍ୱରୂପ, ଗତ ଏପ୍ରିଲ ୧୪ ତାରିଖ ରାତିରେ ଏକ କାର ଭାରସାମ୍ୟ ହରାଇ ଥାନା ଭିତରକୁ ପଶି ଯାଇଥିଲା। ଏଥିରେ ଥାନା ଆଗ ଦେଇ ଯାଉଥିବା ଜଣେ ମହିଳାଙ୍କ ସମେତ ୪ଜଣ ଆହତ ହୋଇଥିଲେ। ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାପରେ ସଂସଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତଥାପି ପୋଲିସ ବିଭାଗ ନୀରବ ବସି ରହିଥିଲା। ଏବେ ସହରରେ ପାର୍ବଣ ଋତୁ ଆରମ୍ଭ ହୋଇଛି। ବହୁ ଲୋକଙ୍କ ସମାଗମ ସହରରେ ଲାଗି ରହିବ। ତେଣୁ ସମସ୍ୟାର ପ୍ରତିକାର ନିମନ୍ତେ ସଂସଦର ସଭାପତି ଅଜୟ ମହାନ୍ତି ଜିଲାପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଏକ ସ୍ମାରକପତ୍ର ଦେଇଥିଲେ।

# ଦିନରେ ଜଳୁଛି, ରାତିରେ ଧପ୍‌ଧପ୍

କଟକ ଅଫିସ,୨୨।୯

> **ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ୍**
>
> ■ଅବ୍ୟବସ୍ଥା ନେଇ କର୍ପୋରେଟରଙ୍କ ଅସନ୍ତୋଷ

ସହରରେ ଏଲଇଡି ଜଳିବ, ବିଜୁଳି ବିଲ କମିବ। ଏଭଳି ଚିନ୍ତାଧାରା ରଖି ସହରରେ ପୂର୍ବରୁ ଲାଗିଥିବା ସୋଡିୟମ ଭେପୋର ଷ୍ଟ୍ରିଟ ଲାଇଟ୍‌ଗୁଡିକୁ ବଦଳାଯାଇ ଏଲଇଡି ଷ୍ଟ୍ରିଟ୍‌ଲାଇଟ୍ ଲାଗିବା ଆରମ୍ଭ ହୋଇଥିଲା। ହେଲେ ସେହି ଏଲଇଡି ଷ୍ଟ୍ରିଟ୍‌ଲାଇଟଗୁଡିକରୁ ଅଧିକାଂଶ ଠିକ୍ ଭାବେ କାମ କରୁନି। ଅବ୍ୟବସ୍ଥା ମଧ ଦେଖିବାକୁ ମିଳୁଛି। କେଉଁଠାରେ ରାତିରେ ଧପ୍‌ଧପ୍ ହେଉଛି ତ କେଉଁଠି ଦିନରେ ଜଳିରହୁଛି। ଦାୟିତ୍ୱ ନେଇଥିବା ସଂସ୍ଥା ଏଯାଏ ସହରରେ ୨୭ହଜାର ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ୍ ଲଗାଇଥିବାବେଳେ ଆହୁରି ୩ ହଜାର ଲଗାଇବାକୁ ବାକି ଅଛି। ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ କଟକ ସହରରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିବାବେଳେ ଲାଇଟ ଲଗାଉଥିବା ସଂସ୍ଥାର କାମକୁ କଟକ ମହାନଗର ନିଗମ (ସିଏମ୍‌ସି) ତଦାରଖ କରିବା କଥା। ହେଲେ ଆଉ ଅଳ୍ପ କିଛି ଦିନ ପୂଜାକୁ ବାକି ରହିଯାଇଥିବା ବେଳେ ଏଲଇଡି ଷ୍ଟ୍ରିଟ୍‌ଲାଇଟରେ ସମସ୍ୟା ଦେଖାଦେଇଛି, ଯାହାକି କର୍ପୋରେଟରମାନଙ୍କ ମଧରେ ଅସନ୍ତୋଷ ସୃଷ୍ଟି କରିଛି। ଏନେଇ ସେମାନେ ସିଏମ୍‌ସିର ଗତ ସ୍ୱତନ୍ତ୍ର କାଉନସିଲ ବୈଠକରେ ମେୟର, କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କର୍ପୋରେଟର ଗିରିବାଳା ବେହେରା କହିଛନ୍ତି ଯେ ଚୁକ୍ତି ମୁତାବକ ଏଲଇଡି ଲାଇଟ୍ ଲଗାଉଥିବା ସଂସ୍ଥା ଆସନ୍ତା ୭ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବ। ହେଲେ ସଂସ୍ଥା ତାହା କରୁନାହିଁ। ବରଂ କିଛି ସମସ୍ୟା ଉପୁଜିଲେ ସେସୁ କର୍ମଚାରୀ ଯାଇ ଠିକ୍ କରୁଛନ୍ତି। ସଂସ୍ଥାର ଦାୟିତ୍ୱହୀନତାକୁ ସହରବାସୀ କାହିଁକି ବୁଝିବେ, ସେମାନେ ନିଜ ଅଞ୍ଚଳର କର୍ପୋରେଟରଙ୍କୁ ଅଭିଯୋଗ କରୁଛନ୍ତି ବୋଲି ସେ କହିଛନ୍ତି। କର୍ପୋରେଟର ଅନିଲ ନୀଳାଦ୍ରି କହିଛନ୍ତି ଯେ, ଦିନରେ ଏଲଇଡି ଲାଇଟ ଜଳି ରହୁଥିବା ଦେଖିବାକୁ ମିଳୁଛି, ଯଦ୍ୱାରା ଅଯଥା ବିଜୁଳି ଅପଚୟ ହେଉଛି। ଯଦି ଏହିସବୁ ଏଲଇଡି ଷ୍ଟ୍ରିଟ୍‌ଲାଇଟ୍‌ରେ ଟାଇମର ଲଗାଯାଏ, ତେବେ ବିଜୁଳି ଅପଚୟକୁ ରୋକାଯାଇପାରନ୍ତା।

ସଂସ୍ଥାର କଟକ ଦାୟିତ୍ୱରେ ଥିବା ଜଣେ ଅଧିକାରୀ କହିଛନ୍ତି, ବାକି ରହିଥିବା ଲାଇଟ୍ ଲଗାଯିବା କାର୍ଯ୍ୟ ଶୀଘ୍ର ସାରିବାକୁ ଚେଷ୍ଟା ଜାରି ରହିଛି। ଏହାଛଡ଼ା ଷ୍ଟ୍ରିଟଲାଇଟ୍‌ରେ ଯେଭଳି ସମସ୍ୟା ଦେଖା ନ ଦେବ ସେଥିପ୍ରତି ଦୃଷ୍ଟି ଦେବୁ। ଠିକ୍ ସମୟରେ ଲାଇଟଗୁଡିକ ବନ୍ଦ ହେବା ପାଇଁ ଆମେ ଟାଇମର ଲଗାଇବା ଦିଗରେ ଚିନ୍ତା କରିବୁ ବୋଲି ସେ କହିଛନ୍ତି। ସିଏମସି ଡେପୁଟି ମେୟର ଅଜୟ ବାରିକ କହିଛନ୍ତି ଯେ, ଆଗକୁ ପୂଜା ଆସୁଥିବାରୁ ଏଲଇଡି ଲଗାଣକାରୀ ସଂସ୍ଥାର କାର୍ଯ୍ୟ ଉପରେ ଆମେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅବ୍ୟବସ୍ଥାକୁ ସଜାଡ଼ିବୁ।



ଓକିଲମାନେ ଶାନ୍ତି ଶୋଭାଯାତ୍ରାରେ ଯାଉଛନ୍ତି।

## ହାଇକୋର୍ଟ ବାର୍ ପକ୍ଷରୁ ଶାନ୍ତି ଶୋଭାଯାତ୍ରା

> **ପୋଲିସ-ଓକିଲ ବିବାଦ**

**କଟକ ଅଫିସ,୨୨।୯:** କଟକରେ ପୋଲିସ-ଓକିଲ ମଧରେ ଉପୁଜିଥିବା ବିବାଦ ଅଧିକ ଜଟିଳ ହେବାରେ ଲାଗିଛି। ଏହାକୁ ନେଇ ଶନିବାର ହାଇକୋର୍ଟ ବାର୍ ପକ୍ଷରୁ ଏକ ଶାନ୍ତି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ବାରିଷ୍ଟର ରଞ୍ଜିତ୍ ମହାନ୍ତିଙ୍କ ପ୍ରତିମୂର୍ତ୍ତି ନିକଟରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ, ଲାଲବାଗ ଥାନା ଦେଇ ଚାନ୍ଦିନୀଚୌକ ଛକ ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲା। ହାଇକୋର୍ଟର ବହୁ ଓକିଲ ଚାଲି ଚାଲି ଆଡଭୋକେଟ ଦେବୀ ପ୍ରସାଦ ପଟ୍ଟନାୟକଙ୍କ ଉପରେ ହୋଇଥିବା ଆକ୍ରମଣର ପ୍ରତିବାଦ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାର୍ ସଭାପତି ଶ୍ରୀକାନ୍ତ ନାୟକ, ଉପସଭାପତି ବଂଶୀଧର ଶତପଥି, ସମ୍ପାଦକ ସତ୍ୟବ୍ରତ ମହାନ୍ତି, ବରିଷ୍ଠ ଆଡଭୋକେଟ ବିଜୟ କୁମାର ରଗଡ, କ୍ରିମିନାଲ କୋର୍ଟ ବାର୍ ସଭାପତି ଅକ୍ଷୟ ପତି ଓ ବିଭିନ୍ନ ବାର୍‌ର ଏକ ହଜାରରୁ ଊର୍ଦ୍ଧ୍ୱ ଆଇନଜୀବୀ ଯୋଗଦେଇଥିଲେ।



ଅନ୍ୟର ଧନ ଅପହରଣ, ମିତ୍ରକୁ ଅପମାନ ଦେବା ଏବଂ ଚରିତ୍ରହୀନତା,
ଏହି ତିନୋଟି ଗୁଣ ବିନାଶକୁ ଡାକିଆଣେ।
-ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ଏନ୍‌ସିଆରଟିର ପୋଷ୍ୟ ବ୍ଲକ୍ ହେବ ଚିଲିକା

**ଖୋର୍ଦ୍ଧା ଅଫିସ,୨୨।୯:** ଦେଶରେ ବିଦ୍ୟାଳୟ ଶିକ୍ଷା, ତାଲିମ ଓ ଅନୁସନ୍ଧାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଜାତୀୟ ଶିକ୍ଷା ତାଲିମ ଓ ଗବେଷଣା ପରିଷଦ (ଏନ୍‌ସିଆରଟି) ଶୈକ୍ଷିକ ଉପଯୋଗ ପାଇଁ ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକକୁ ପୋଷ୍ୟ ବ୍ଲକ ଭାବେ ଗ୍ରହଣ କରିଛି। ଦେଶର ୫ଟି ବ୍ଲକ ପୋଷ୍ୟ ବ୍ଲକର ମାନ୍ୟତା ପାଇଥିବାବେଳେ ଓଡ଼ିଶାର ଖୋର୍ଦ୍ଧା ଜିଲାର ଚିଲିକା କେବଳ ରହିଛି। ଏ ଅବସରରେ ଚିଠି ମିଳିବା ପରେ ଚିଲିକା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ମିଟିଂ ହେବାକୁ ଯାଉଛି।

### ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ୩ ଜଣ ଜେଲ ଗଲେ

**ଖୋର୍ଦ୍ଧା ଅଫିସ,୨୨।୯:** ଖବରଦାତାଙ୍କୁ ଆକ୍ରମଣ ଅଭିଯୋଗରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ କୁମ୍ଭାରବସ୍ତ ଗାଁର ଖବରଦାତା ପ୍ରକାଶ ହାତୀ(୩୮), ପୁତୁରା ସୌମ୍ୟ ରଞ୍ଜନ(୨୦) ଓ ଉପରସାହିର ରଣଜିତ ପାଟଶାଣୀ(୩୬)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ଅଭିଯୁକ୍ତମାନଙ୍କୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ନବୀନାବାଗର ଖୋର୍ଦ୍ଧା ଖବରଦାତା ଈଶ୍ୱର ମଙ୍ଗରାଜ, ତାଙ୍କ ଦୁଇପୁଅ ସରୋଜ ଓ ମନୋଜଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶୁକ୍ରବାର ରାତି ପ୍ରାୟ ୯ଟା ଖୋର୍ଦ୍ଧା କୋର୍ଟ ସମ୍ମୁଖରେ ଆକ୍ରମଣ ହୋଇଥିଲା। ଏଥିରେ ପ୍ରକାଶଙ୍କ ସମେତ ୪ଜଣ ଓ ଅନ୍ୟମାନଙ୍କର ନାଁ ଅଭିଯୋଗରେ ଥିଲା। ଏହି ଆକ୍ରମଣରେ ବାପ ଈଶ୍ୱର ଓ ୨ ପୁଅ ଆହତ ହୋଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ଅନ୍ୟପକ୍ଷେ ଈଶ୍ୱରଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୧୪୩, ୩୨୩, ୩୨୫, ୫୦୬, ୧୪୭, ୧୪୯ ରେ ନଂ. ୩୬୯/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ତେବେ ପ୍ରକାଶଙ୍କ ସ୍ତ୍ରୀ ମଧ ଅନୁରୂପ ଭାବେ ଥାନାରେ ଶୁକ୍ରବାର ଅଭିଯୋଗ କରିଥିଲେ। ସେହିପରି ଗଣତନ୍ତ୍ର ହତ୍ୟାକାରୀ ଖବରଦାତାଙ୍କ ଗିରଫ ଦାବି ସହ ତାଙ୍କ କାର୍ଡ ପ୍ରତ୍ୟାହାର ଦାବିରେ ଜଙ୍କିଆ ଥାନା ଗୟାବନ୍ଧର ମହିଳାପୁରୁଷ ଜିଲାପାଳଙ୍କୁ ଶନିବାର ଫେରାଦ୍ ଦେଇଥିଲେ। ସମ୍ପୃକ୍ତ ଗାଁର ଲୋକେ ଏସ୍‌ପିଙ୍କ ଅଫିସଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ଗୟାବନ୍ଧର ବ୍ୟକ୍ତିବିଶେଷ ଓ ଖବରଦାତାଙ୍କୁ ମାଡ ମାରିଥିବା ପ୍ରକାଶଙ୍କ ନାଁରେ ଏହି ଅଭିଯୋଗ ରହିଛି।

### ଅବକାରୀ ବିଭାଗର ଚଢ଼ାଉ ୧୦୦ଲିଟର ଦେଶୀମଦ ଜବତ, ୪ ଗିରଫ

ବାଲୁଗାଁ,୨୨।୯ (ଡ଼ି.ଏନ.ଏ.): ବାଲୁଗାଁ ଅବକାରୀ ବିଭାଗ ପୃଥକ୍ ସ୍ଥାନରେ ଚଢ଼ାଉ କରି ୧୦୦ଲିଟର ଦେଶୀ ଓ ୧୫ବୋତଲ ବିଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ୪ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପ୍ରକାଶ କୁମାର ସାହୁ, ରମେଶ ଜାଲି, ମନୋଜ ବେହେରା ଓ ଗଣେଶ ବାରିକ। ବିଭାଗ ପକ୍ଷରୁ ୫ଟି ପୃଥକ୍ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଶନିବାର ବାଣପୁର କୋର୍ଟ ଚାଲାଣ କରାଯାଇଛି। ଚିଲିକା, ବାଲୁଗାଁ ଓ ବାଣପୁର ଅଞ୍ଚଳରେ ବ୍ୟାପକ ଭାବେ ବେଆଇନ ମଦ କାରବାର ଚାଲୁଥିବା ଅଭିଯୋଗ ହୋଇଆସୁଛି। ଆଗକୁ ଦଶହରା ଆସୁଥିବାରୁ ଏହି କାରବାର ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭାଗୀୟ କର୍ମଚାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଅବକାରୀ ଅଧିକାରିଣୀ ପ୍ରୀତିଧାରା ନାୟକ ସଦଳବଳ ଶୁକ୍ରବାର ସନ୍ଧ୍ୟାରେ ଚଢ଼ାଉ କରିଥିଲେ। ନାଭାଲ୍ ଫାଣ୍ଡି ଚିଲିକା ଛକର ଦୁଇଟି ସ୍ଥାନରୁ ୧୧ ଲିଟର ଦେଶୀ, ବାଲୁଗାଁ ଚିଲିକା କୂଳରୁ ୫ ଲିଟର ଦେଶୀ ମଦ ସମେତ ୧୫ ଗୋଟି ରମ୍ ବୋତଲ୍, ବାଣପୁର ତୁମ୍ବୁରାପୁଟ ନିକଟରୁ ୮ଲିଟର ମହୁଲି ମଦ ଜବତ କରାଯାଇଥିଲା। ସେହିପରି ବିଳମ୍ବିତ ରାତିରେ ପ୍ରତାପ ଛକ ନିକଟ ଶାଳିଆ କେନାଲ ରାସ୍ତାରୁ ବାଇକ୍‌ରେ ଚାଲାଣ ହେଉଥିବା ୭୬ ଲିଟର ମହୁଲି ମଦ ଜବତ କରାଯାଇଛି। ତେବେ ସମ୍ପୃକ୍ତ ୨ ବ୍ୟବସାୟୀ ବାଇକ୍ ଛାଡ଼ି ଫେରାର ହୋଇ ଯାଇଥିଲେ।

## ମନମାନିରେ ଚାଲିଛି ଖୋର୍ଦ୍ଧା ପୋଲିସ ଜିଲା

# ପଦବୀ ଗୋଟିଏ, କାମ କରୁଛନ୍ତି ୨ ଜଣ

**ଖୋର୍ଦ୍ଧା ଅଫିସ,୨୨।୯:**

ଖୋର୍ଦ୍ଧା ପୋଲିସ ଜିଲା ମନମାନିରେ ଚାଲିଥିବା ଅଭିଯୋଗ ହୋଇଛି। ଏଠାରେ ଆଇନର ଶାସନ ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ରିଜର୍ଭ ଇନ୍ସପେକ୍ଟର ପଦବୀକୁ ଅନୁଧ୍ୟାନ କଲେ ଖୋର୍ଦ୍ଧା ପୋଲିସ ଜିଲାରେ କିପରି ଚାଲିଛି ଜଣାପଡୁଛି। ଏଠାରେ ଥିବା ରିଜର୍ଭ ଇନ୍ସପେକ୍ଟର ପ୍ରସନ୍ନ ରାଉତଙ୍କ ବର୍ଷେ ତଳେ ବଦଳି ହୋଇଥିଲା। ତାଙ୍କ ସ୍ଥାନରେ ଆଉ ଜଣେ କାର୍ଯ୍ୟରେ ଯୋଗଦେଇ ସାରିଲେଣି। ହେଲେ ପ୍ରସନ୍ନ ରିଲିଭ ହେଉନାହାନ୍ତି। ବିନା ଦରମାରେ ସେ କାର୍ଯ୍ୟ କରି ଚାଲିଛନ୍ତି। ନୂଆ କରି କାର୍ଯ୍ୟରେ ଯୋଗ ଦେଇଥିବା ରିଜର୍ଭ ଇନ୍ସପେକ୍ଟର କାମ ନ କରି ଦରମା ନେଉଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ବଦଳି ହୋଇଥିବା ରିଜର୍ଭ ଇନ୍ସପେକ୍ଟରଙ୍କୁ ରିଲିଭ୍ ନ କରିବାର କାରଣ କ'ଣ। ଯଦି ସେ ଏଠାରେ ରହିବେ ତାଙ୍କ ବଦଳରେ ଆସିଥିବା ରିଜର୍ଭ ଇନ୍ସପେକ୍ଟରଙ୍କୁ ଏଠାରେ କାର୍ଯ୍ୟରେ ଯୋଗଦାନ କାହିଁକି କରାଗଲା। ଏଭଳି ବିଭିନ୍ନ ପ୍ରଶ୍ନକୁ ନେଇ ସାଧାରଣରେ ପୋଲିସକୁ ସମାଲୋଚନା କରାଯାଉଛି। ଥାନା ପଦବୀ ପୂରଣ ନ କରି ମୁଖ୍ୟାଳୟରେ ୩ ଆଇଆଇସି

୨୦୦୮ରେ ନୂତନ ଖୋର୍ଦ୍ଧା ପୋଲିସ ଜିଲା ଗଠନ ପରେ ଖୋର୍ଦ୍ଧା ଟାଉନ, ଖୋର୍ଦ୍ଧା ସଦର, ଟାଙ୍ଗୀ, ବାଲୁଗାଁ, ବାଣପୁର, ଜଙ୍କିଆ, ନିରାକାରପୁର, ବୋଲଗଡ ଓ ବେଗୁନିଆ ଥାନା ଏହା ଅଧୀନରେ ରହିଛି। ତେବେ ନିରାକାରପୁର ଓ ଜଙ୍କିଆ ଥାନାରେ ଆଇଆଇସି ପଦବୀ ଖାଲିପଡିଛି। ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ କବିତା ସାହୁ, ହୃଦାନନ୍ଦ ବେହେରା, ମୃଣ୍ମୟ ସେନାପତି ୩ ଜଣ ଇନ୍ସପେକ୍ଟର ଅଛନ୍ତି। ହେଲେ ଏମାନଙ୍କୁ ଥାନାରେ ନିଯୁକ୍ତି ଦିଆଯାଉନାହିଁ। ଜଙ୍କିଆ ଥାନାର ଆଇଆଇସି ମୃଣ୍ମୟ ସେନାପତି ଆଡମିନିଷ୍ଟ୍ରେଟିଭ ଗ୍ରାଉଣ୍ଡରେ ମୁଖ୍ୟାଳୟକୁ ବଦଳି ହେବା ଓ ସହଯୋଗୀ କନଷ୍ଟେବଳ ସିଦ୍ଧେଶ୍ୱର ମହାପାତ୍ରଙ୍କ ନିଲମ୍ବନ ଆଦେଶ ପରେ ପୋଲିସ ଅପରାଧୀଙ୍କ ସମ୍ପର୍କ ପଦାରେ ପଡିଛି। ଲୋକଙ୍କ ଅଭିଯୋଗ ସତ୍ୟତାରେ ପରିଣତ ହୋଇଛି। ଅପରାଧୀଙ୍କ ସହ ଥାନାର ଆଇଆଇସି ଓ ଜଣେ କନଷ୍ଟେବଳ ମିଶି ଚୋରି, ଡକାୟତି ପାଇଁ ଲାଞ୍ଚ ନେବା ଘଟଣା ଖୋର୍ଦ୍ଧା ପୋଲିସ ଜିଲାରେ ଖାକି ପୋଷାକରେ କଳାଦାଗ ଲଗାଇଛି। ଏଭଳିସ୍ଥଳେ ଜଙ୍କିଆ ଥାନାରେ କୌଣସି ଆଇଆଇସିଙ୍କୁ ନିଯୁକ୍ତି ଦିଆଗଲାନାହିଁ। ସେହିପରି ନିରାକାରପୁର ଥାନାରେ ମଧ କାହାକୁ ନିଯୁକ୍ତି ମିଳିଲା ନାହିଁ।

**ଥାନା ମାନ୍ୟତା ପରେ ଫାଣ୍ଡି ଶବ୍ଦ ବାଘମାରୀରୁ ହଟୁନି**

ଖୋର୍ଦ୍ଧା ଟାଉନ ଥାନାର ବାଘମାରୀ ଫାଣ୍ଡି ଥାନାର ମାନ୍ୟତା ପାଇଛି। ହେଲେ ବାଘାମାରୀ ନାଁରୁ ଫାଣ୍ଡି ଶବ୍ଦ ହଟୁନି। ଥାନାର ମାନ୍ୟତା ପରେ ଇନ୍ସପେକ୍ଟର ନିୟୋଜିତ ହେବା କଥା। ହେଲେ ଆଇଆଇସି ପଦବୀ ପୂରଣ କରାଯାଉନି। ବାଘମାରୀ ଥାନାରେ ଜଣେ ଏଏସ୍‌ଆଇ ଦାୟିତ୍ୱରେ ଅଛନ୍ତି। ସ୍ଥାୟୀ ଘର ନାହିଁ ଦର୍ଶାଇ କେବଳ ସମୟ ଗଡାଯାଉଛି। ବଙ୍ଗଳାରେ ଥାନା ଖୁବ୍‌ଶୀଘ୍ର ଚାଲିବ ବୋଲି ନୂତନ ଏସ୍‌ପି କାର୍ଯ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ଏସ୍‌ପି କହିଥିଲେ। ହେଲେ ବାଘମାରୀ ଥାନା କାର୍ଯ୍ୟକାରୀ କରିବାକୁ ପଛଘୁଞ୍ଚାର କାରଣ ଜଣାପଡୁନି।

**ରିଲିଭ୍ ନ କରି ଏଏସ୍‌ଆଇଙ୍କୁ ଦାୟିତ୍ୱ**

ବାଣପୁର ଥାନାର ନାଚୁଣି ଫାଣ୍ଡିକୁ ଖୋର୍ଦ୍ଧା ଟାଉନ ଥାନାର ଏସ୍‌ଆଇ ମାଧବ ରାଓ ବସ୍ତିଆଙ୍କୁ କିଛିଦିନ ତଳେ ବଦଳି କରାଯାଇଥିଲା। ହେଲେ ତାଙ୍କୁ ଟାଉନ ଥାନାରୁ ରିଲିଭ୍ କରାଗଲାନାହିଁ। ଯଦି ରିଲିଭ୍ କରାଯିବାରେ ଅସୁବିଧା ତେବେ ବଦଳି କରାଯିବାର ନ ଥିଲା। ଏଭଳିସ୍ଥଳେ ମୁରବିବିହୀନ ନିରାକାରପୁର ଥାନାରୁ ଏଏସ୍‌ଆଇ ପ୍ରଶାନ୍ତ ଦାସଙ୍କୁ ନାଚୁଣି ଫାଣ୍ଡିର ଦାୟିତ୍ୱ ଦିଆଗଲା। କିନ୍ତୁ କାଗଜାତରେ ମାଧବ ରାଓ ବସ୍ତିଆ ଫାଣ୍ଡି ଅଧିକାରୀ ରୂପେ କାର୍ଯ୍ୟ କରୁଛନ୍ତି। ନିରାକାରପୁର ଥାନାରେ ୨ ଜଣ ଏଏସ୍‌ଆଇ, ଜଣେ ମହିଳାଙ୍କୁ ମିଶାଇ ୫ ଜଣ କନଷ୍ଟେବଳ ଅଛନ୍ତି।

## ଅବସର ସମୟକୁ କାମରେ ଲଗାଏ



ଅବସରପ୍ରାପ୍ତ ସମବାୟବିତ୍ ବିମଳ ଚନ୍ଦ୍ର ଷଡ଼ଙ୍ଗୀ

ବିମଳ ଚନ୍ଦ୍ର ଷଡ଼ଙ୍ଗୀ(୬୪)। ଘର ଖୋର୍ଦ୍ଧା ପୌର ପରିଷଦର ଷଡଙ୍ଗୀଲେନରେ। ମନସ୍ତତ୍ତ୍ୱରେ ଏମ୍‌ଏ କରିବା ପରେ ରାଜ୍ୟ ସରକାରଙ୍କର ସମବାୟ ବିଭାଗରେ ନିରୀକ୍ଷକ (ଇନ୍ସପେକ୍ଟର)ଭାବେ କଟକ ସମବାୟ ସମିତି ସମୂହର ଉପ ନିବନ୍ଧକ(ଡିଆରସିଏସ)ଙ୍କ କାର୍ଯ୍ୟାଳୟରେ ୧୯୭୭ରେ ଯୋଗଦେଇଥିଲେ। ପରେ ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱର, ପୁରୁଷୋତ୍ତମପୁର, ପୁରୀ, ଫୁଲବାଣୀ, ଓଡଗାଁ ଆଦି ସ୍ଥାନରେ କାର୍ଯ୍ୟ କରି ନୟାଗଡରେ ଉପସହକାରୀ ନିବନ୍ଧକ(ଏଆରସିଏସ୍) ଭାବେ ଅବସର ନେଇଛନ୍ତି। ଚାକିରି କାଳ ମଧରେ ଆଦିବାସୀ ସମବାୟ ଉନ୍ନୟନ ନିଗମରେ କାର୍ଯ୍ୟ କରିଛନ୍ତି। ଅବସର ପରେ ସ୍ତ୍ରୀ କରୁଣାମୟୀଙ୍କ ସ୍ମୃତିରେ କରୁଣାମୟୀ ସ୍ମାରକୀ ଖବରକାଗଜ ସଂଗ୍ରହାଳୟ ପ୍ରତିଷ୍ଠା କରି ନିଜକୁ ଜଣେ ସଂଗ୍ରାହକ ଭାବେ ପରିଚୟ ସୃଷ୍ଟି କରି ପାରିଛନ୍ତି। ସେହିଭଳି ଉତ୍କଳ ସମ୍ମିଳନୀରେ କେନ୍ଦ୍ରୀୟ କମିଟିର କୋଷାଧକ୍ଷ, ଖୋର୍ଦ୍ଧା ବରିଷ୍ଠ ନାଗରିକ ମହାସଭାର ସାଧାରଣ ସମ୍ପାଦକ ଓ ସମାଜ ସେବା କରୁଛନ୍ତି। ତାଙ୍କର ସାଧାରଣ ଜୀବନଶୈଳୀକୁ ନେଇ ଧରିତ୍ରୀ ପକ୍ଷରୁ ୫ଟି ପ୍ରଶ୍ନ କରାଯାଇଥିଲା ।

### ୫ଟି ପ୍ରଶ୍ନ

**ଆପଣଙ୍କୁ କ'ଣ ଖାଇବାକୁ ଭଲଲାଗେ ?**

▶ ଚାକିରିରେ ଥିବାବେଳେ କୁକୁଡା ମାଂସ ପ୍ରିୟ ଖାଦ୍ୟ ଥିଲା। କିନ୍ତୁ ସ୍ତ୍ରୀଙ୍କ ବିୟୋଗ ପରେ ନିରାମିଷ ଖାଦ୍ୟକୁ ଆଦରି ନେଇଛି। ନିରାମିଷରେ ଛତୁ ହେଉଛି ମୋର ପସନ୍ଦ। ରେଷ୍ଟୁରାଣ୍ଟର ଖାଦ୍ୟକୁ ବାଦ୍ ଦେଇ ଘରେ ବୋହୂମାନଙ୍କର ହାତରନ୍ଧା ଖାଦ୍ୟକୁ ବେଶି ପସନ୍ଦ କରେ।

**ଆପଣଙ୍କ ଦିନଚର୍ଯ୍ୟା କିପରି କଟେ?**

▶ ସକାଳ ୬ଟାରୁ ଶଯ୍ୟାତ୍ୟାଗ କରି ନିଜ ହାତ ତିଆରି କଫି ପିଏ। ନିତ୍ୟକର୍ମ ସାରି କିଛି ସମୟ ପାଇଁ ପ୍ରାତଃ ଭ୍ରମଣ କରେ। ଟିଭିରେ କେବଳ ଖବର ଦେଖେ। ଘରକୁ ମଗାଉଥିବା ଧରିତ୍ରୀ ଖବରକାଗଜ ପଢ଼େ। ପ୍ରାତଃ ଜଳଖିଆ ଶେଷ କରି ପୂର୍ବାହ୍ନ ୯ ଟାରେ ଖୋର୍ଦ୍ଧା ବଜାରରୁ ପରିବା ଆଣେ। ପୂର୍ବାହ୍ନ ୧୧ଟାରେ ମଧ୍ୟାହ୍ନଭୋଜନ କରି ଖବରକାଗଜ ସଂଗ୍ରହ କରିବାକୁ ବାହାରି ପଡେ। ପୁଣି ଆବଶ୍ୟକତା ଅନୁସାରେ ଗୀତାଭବନ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବରିଷ୍ଠ ନାଗରିକଙ୍କ ସମସ୍ୟା ସମାଧାନ କାର୍ଯ୍ୟରେ ନିୟୋଜିତ ରୁହେ। ଉତ୍କଳ ସମ୍ମିଳନୀ କାର୍ଯ୍ୟରେ ରାଜ୍ୟ ବାହାରେ ଓ ଭିତରେ କାମ ମଧ କରେ।

**କେଉଁ କେଉଁ ବହି ପଢ଼ନ୍ତି ?**

▶ ସାହିତ୍ୟ, ଇତିହାସ, ଭ୍ରମଣକାହାଣୀ, ପୁରାଣ ଓ ରାଜନୈତିକ ସମ୍ବନ୍ଧୀୟ ବହୁ ଲେଖକଙ୍କର ବହି ପଢ଼ିଛି। ତେବେ ମତେ ଭ୍ରମଣକାହାଣୀ ପଢ଼ିବାକୁ ଭଲ ଲାଗେ।

**ଲକ୍ଷ୍ୟ କ'ଣ ରହିଛି ?**

▶ ଖୋର୍ଦ୍ଧା ସହରରେ ଏକ ଆଧୁନିକ ଖବରକାଗଜ ସଂଗ୍ରହାଳୟ ସ୍ଥାପନ କରି ସେଥିରେ ଦେଶ ବିଦେଶର ଖବକାଗଜ ସହ, ବିଭିନ୍ନ ମୁଦ୍ରା, ଅନ୍ୟ ସାମଗ୍ରୀ ପ୍ରଦର୍ଶନୀ କକ୍ଷ ଖୋଲିବା ପାଇଁ ଲକ୍ଷ୍ୟ ରଖିଛି।

**ସମାଜ ପାଇଁ ବାର୍ତ୍ତା କ'ଣ ରହିଛି?**

▶ ବର୍ତ୍ତମାନର ଯୁବପିଢ଼ି ସମାଜର ଅବହେଳିତ ଲୋକଙ୍କ ପାଇଁ ଅବସର ସମୟକୁ କାର୍ଯ୍ୟରେ ବିନିଯୋଗ କରିବା ଉଚିତ। ଯୁବପିଢ଼ି ନିଶା କବଳରୁ ନିଜକୁ ଦୂରେଇ ରଖନ୍ତୁ । ଦ୍ରୁତ ଗାଡିଚାଳନାକୁ ବାଏ ବାଏ କରନ୍ତୁ।

**ରିପୋର୍ଟ: ଲୋକନାଥ ମିଶ୍ର, ଖୋର୍ଦ୍ଧା ଅଫିସ**

# ପିଡି ଡିଆରଡିଏଙ୍କୁ ସ୍ମାରକପତ୍ର ଦେଲେ ଗାଁ ସାଥୀ

**ଖୋର୍ଦ୍ଧା ଅଫିସ,୨୨।୯:**



ସ୍ମାରକପତ୍ର ଦେବାକୁ ଆସିଥିବା ଗାଁ ସାଥୀର ସଦସ୍ୟମାନେ।

ମାସିକ ୬ ହଜାର ଟଙ୍କା ଦରମା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ୧୫୫ ପ୍ରକାର ୯ଟି ବିଭାଗର ୧୭ଟି କ୍ୟାଟେଗୋରିରେ ସାମିଲ କରିବା ଦାବିରେ ଗାଁ ସାଥୀମାନେ ପିଡି ଡିଆରଡିଏ ସରୋଜ କୁମାର ମିଶ୍ରଙ୍କୁ ସାକ୍ଷାତ କରି ଶନିବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ଶନିବାର ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସଭା ଖୋର୍ଦ୍ଧା ଗୀତା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ସରୋଜ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, କୋଷାଧକ୍ଷ ପ୍ରତାପ ମଲ୍ଲିକ, ରାଜ୍ୟ ସଙ୍ଗଠକ ପ୍ରଶାନ୍ତ ବାରିକ, ଯିଶୁ ପ୍ରସନ୍ନ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଅକ୍ଟୋବର ୫ ରେ ଖୋର୍ଦ୍ଧା ଜିଲାର ଗାଁ ସାଥୀମାନଙ୍କୁ ନେଇ ଏକ ଜିଲା ମହାସମାବେଶ ଖୋର୍ଦ୍ଧାର ଗୀତା ଭବନ ପରିସରରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ସଂଘର ମିଡିଆ ସଂଯୋଜକ ଗୋପାଳକୃଷ୍ଣ ପ୍ରଧାନ, ପବିତ୍ର ସାହୁ, ରଶ୍ମିତା ପ୍ରଧାନ, ସୁକାନ୍ତ ଅଧିକାରୀ, ମନମୋହନ ବେହେରାଙ୍କ ସହ ଜିଲାର ୧୦ ବ୍ଲକର ୬୦ରୁ ଉର୍ଦ୍ଧ୍ୱ ଗାଁ ସାଥୀ ଉପସ୍ଥିତ ଥିଲେ।

### ଖୋର୍ଦ୍ଧା ଲିଗ୍ ଫୁଟବଲ: ସମାନ ପଏଣ୍ଟରେ ଦୁଇ ଦଳ

**ଖୋର୍ଦ୍ଧା ଅଫିସ,୨୨।୯:**

ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲୁ ରହିଥିବା ଖୋର୍ଦ୍ଧା ଲିଗ୍ ଟୁର୍ନାମେଣ୍ଟର ନବମ ଦିବସ ଶନିବାର ମ୍ୟାଚ ଡ୍ର ରହିଛି। କୁମ୍ଭିଲୋର ବାବା ବୁଢ଼ା ଗୋସାଇଁ କ୍ଲବ ଓ ବିନ୍ଧ୍ୟଗିରିର ମହାବୀର କ୍ଲବ ମଧରେ ଶନିବାର ମ୍ୟାଚ ବେଶ୍ ଚିତ୍ତାକର୍ଷକ ଥିଲା। କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଉଭୟ ଦଳ ୧ ପଏଣ୍ଟ ପାଇ ସମାନ ସ୍ଥିତିରେ ରହିଛନ୍ତି। ପ୍ରଫୁଲ୍ଲ ବେହେରା ଖେଳ ପରିଚାଳନା କରିଥିବାବେଳେ ଅମଜାଦ୍ ଖାଁ, ଆନା ଖାଁ, ଅରୁଣ ଦାସ ସହାୟତା କରିଥିଲେ।

### ଫାଇଲିନ କ୍ଷତିଗ୍ରସ୍ତଙ୍କୁ ମିଳୁନି ବାସଗୃହ

**କୃଷ୍ଣପ୍ରସାଦ,୨୨।୯(ଡି.ଏନ.ଏ.)**

୨୦୧୩ ଅକ୍ଟୋବର ୧୩ରେ ଫାଇଲିନ ବାତ୍ୟା କୃଷ୍ଣପ୍ରସାଦ ବ୍ଲକର ବହୁ ବାସଗୃହ ଭାଙ୍ଗିବା ସହ ଅନ୍ୟାନ୍ୟ କ୍ଷତି କରିଥିଲା। ଇତିମଧରେ ଦୀର୍ଘବର୍ଷ ବିତି ଯାଇଥିଲେ ସୁଦ୍ଧା ଫାଇଲିନ୍ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ବାସଗୃହ ମିଳି ନ ଥିବା ଅଭିଯୋଗ ହେଉଛି। ଉଲ୍ଲେଖଯୋଗ୍ୟ କି, ଫାଇଲିନର ତାଣ୍ଡବ ଲୀଳା ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲାବାସୀଙ୍କ ବିଶେଷ କ୍ଷୟକ୍ଷତି କରିଥିଲା । ଚାଳଛପର ଭଳି ଦୁର୍ବଳ ଘରଗୁଡିକ ଭାଙ୍ଗିଯିବାରୁ ଗରିବ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଏହି ହିତାଧିକାରୀଙ୍କ ନିମନ୍ତେ ବିଶ୍ୱବ୍ୟାଙ୍କ ତରଫରୁ ମାଗଣା ବାସଗୃହ ଯୋଗାଇ ଦିଆଯାଇଥିଲା । ଖୋର୍ଦ୍ଧା ଏବଂ ଗଞ୍ଜାମ ଜିଲାରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ପୁରୀ ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରି ନ ଥିବା ଅଭିଯୋଗ ହେଉଛି । ପୁରୀ ଜିଲା ଅଞ୍ଚଳବାସୀ ଏବଂ ଫାଇଲିନ ସଂଗ୍ରାମ ମଞ୍ଚର ବିଭିନ୍ନ ଦାବି ପରେ ସରକାର ଏହି ଜିଲାରେ ବାସଗୃହ ଯୋଜନାକୁ ତ୍ୱରାନ୍ୱିତ କରିଛନ୍ତି। ଗୃହଯୋଗାଣ ଚୟନ ତାଲିକାକୁ କେନ୍ଦ୍ରକରି ପୁରୀ ଜିଲା ୯ନଂ ଜୋନ୍ ଜିଲା ପରିଷଦ ସଦସ୍ୟା ପ୍ରଭାତୀ ପ୍ରଧାନ ଏ ବିଷୟ ନେଇ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ତେବେ ଚୟନ ତାଲିକାରୁ କିଛି ହିତାଧିକାରୀ ବାଦ ପଡୁଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ପ୍ରକୃତ ହିତାଧିକାରୀଙ୍କୁ ଏଥିରେ ସାମିଲ କରିବା ସହ ଯେଉଁମାନେ ଏଥିରୁ ବଞ୍ଚିତ ଅଛନ୍ତି ସେମାନଙ୍କ ପାଇଁ ଅଧିକ ଗୃହ ମଞ୍ଜୁର ନିମନ୍ତେ ସେ ଦାବି କରିଥିଲେ ।

### ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର

**ଖୋର୍ଦ୍ଧା ଅଫିସ,୨୨।୯:**

ଚିଲିକା ବ୍ଲକର ଲକ୍ଷ୍ମୀଧର ନୋଡାଲ ବିଦ୍ୟାପୀଠ ହରିପୁରଶାସନଠାରେ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ଦାସଙ୍କ ପୌରୋହିତ୍ୟରେ ଡାକ୍ତର ରତିକାନ୍ତ ନାଥ, ଅଧ୍ୟାପକ ଅନନ୍ତ ଚରଣ ଖଟେଇ, ଲକ୍ଷ୍ମୀଧର ବାରିକ, ପ୍ରମୋଦ ସ୍ୱାଇଁ ଏଥିରେ ପ୍ରଶିକ୍ଷଣ ଦେଇଥିଲେ। ଶିକ୍ଷକ ପ୍ରମୋଦ ପଣ୍ଡା, ମହେନ୍ଦ୍ର ବିଶ୍ୱାଳ ଶିବିରକୁ ପରିଚାଳନା କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସେଣ୍ଟ ଜନ୍ ଆମ୍ବୁଲାନ୍ସ ସଂସ୍ଥା ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବେଗୁନିଆ ମହାବିଦ୍ୟାଳୟ: ଅର୍ଥନୀତି ବିଭାଗର ପାଠ୍ୟଚକ୍ର

**ବେଗୁନିଆ,୨୨।୯ (ଡି.ଏନ.ଏ.)**



ପାଠ୍ୟଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ବେଗୁନିଆ ମହାବିଦ୍ୟାଳୟର ସଭାଗୃହ ପରିସରରେ ଶନିବାର ଅର୍ଥନୀତି ବିଭାଗର ପାଠ୍ୟଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠ୍ୟଚକ୍ରରେ ରାଜସୁନାଖଳା କଲେଜର ଅଧ୍ୟାପିକା ସ୍ୱର୍ଣ୍ଣପ୍ରିୟା ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ତଥା ଉପାଧ୍ୟକ୍ଷ ପ୍ରଭାକର ମିଶ୍ର, ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ, ବିଧୁଭୂଷଣ ରାଉତ, ମନମୋହନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆମ ଦେଶ ଭାରତ ଏବେ ଦାରିଦ୍ର୍ୟ ଆଡକୁ ମୁହାଁଇଛି। ଦିନକୁ ଦିନ ଋଣଭାର ବୃଦ୍ଧି ପାଉଛି। ତେବେ ଭାରତର ଦାରିଦ୍ର୍ୟ ଦୂରୀକରଣ ଯୋଜନାର ସଫଳତା ଓ ବିଫଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦାରିଦ୍ର୍ୟ ଦୂରୀକରଣ ପାଇଁ ସରକାରଙ୍କ ପକ୍ଷରୁ ଭାରତବାସୀଙ୍କ ପାଇଁ ବିଭିନ୍ନ ରୋଜଗାର ପନ୍ଥା କାର୍ଯ୍ୟକାରୀ କରାଯାଉଛି। ଯାହାକି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଭଳି ଅନେକ ରୋଜଗାର ପନ୍ଥା ଅନ୍ତର୍ଭୁକ୍ତ କରାଯାଇଛି। ତାହାର ସଦୁପଯୋଗ ହେଲେ ଦାରିଦ୍ର୍ୟ ହଟିପାରିବ। କ୍ଷୀରାବ୍ଦି ହରିଚନ୍ଦନ, ପିଙ୍କି ଜେନା, ରମେଶ ସାହୁ ଓ ସୁରଞ୍ଜନ ପ୍ରଧାନ ପ୍ରମୁଖ ଛାତ୍ରୀଛାତ୍ରମାନେ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ। ବିଭାଗୀୟ ମୁଖ୍ୟ ବ୍ରଜେନ୍ଦ୍ର କୁମାର ପାଲଟାସିଂହ ପାଠ୍ୟଚକ୍ରକୁ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ମୋନାଲିସା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ବାଣପୁର ଡାକ୍ତରଙ୍କୁ ଆକ୍ରମଣ ଘଟଣା

# ମୁଖ୍ୟ ଅଭିଯୁକ୍ତ ଗିରଫ

**ଖୋର୍ଦ୍ଧା ଅଫିସ,୨୨।୯:**

ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କୁ ଆକ୍ରମଣ ଘଟଣାରେ ବାଣପୁର ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତ ଖୁଣ୍ଟପଲ୍ଲୀ ଗ୍ରାମର ମୃତକଙ୍କ ବଡଭାଇ ଶ୍ୟାମସୁନ୍ଦର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ଅଭିଯୁକ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାକୁ ଆସିଥିବା ବାଣପୁର ଥାନା ଖୁଣ୍ଟପଲ୍ଲୀ ଗାଁର ପ୍ରଶାନ୍ତ ସାହୁ (୨୨) ନାମକ ଯୁବକଙ୍କୁ ଡାକ୍ତର ଗତ ୧୬ ତାରିଖ ପୂର୍ବାହ୍ନ ୧୦ଟାରେ ମୃତ ଘୋଷଣା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ହେଲେ ଡାକ୍ତରଙ୍କ ଘୋଷଣାକୁ ଭୁଲ କହି ଜୀବିତ ଲୋକଙ୍କୁ ମୃତ ଘୋଷଣା କରିଥିବା କହି ପାଟିତୁଣ୍ଡ କରାଯାଇଥିଲା। ଏପରି କି ଡାକ୍ତରଙ୍କୁ ଗାଳିଗୁଲଜ କରାଯାଇଥିଲା। ଡାକ୍ତରଖାନା ପରିସରରେ ମୃତ ଘୋଷଣା କରିଥିବା ଡାକ୍ତର ନିରାକାର ପାଲଙ୍କୁ ବିଧା ଗୋଇଠା ମାରିବା ସହ ବାଉଁଶରେ ଗୋଡାଇ ଗୋଡାଇ ପିଟିଥିଲେ। ଏପରି କି ଅନ୍ୟ ଡାକ୍ତର ଓ କର୍ମଚାରୀଙ୍କୁ ମଧ ମାରପିଟ୍ କରାଯାଇଥିଲା। ଡାକ୍ତର ଖସିଯିବା ପରେ ଅଧିକ ଚିକିତ୍ସା ଉଦ୍ଦେଶ୍ୟରେ ପ୍ରଶାନ୍ତଙ୍କୁ ଭୁବନେଶ୍ୱର ଏମସ୍‌କୁ ନେଇ ଯାଇଥିଲେ। ଏମସ୍‌ରେ ଡାକ୍ତର ପ୍ରଶାନ୍ତଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଡାକ୍ତରଙ୍କୁ ମାଡମରାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଡାକ୍ତର ପାଲଙ୍କ ଅଭିଯୋଗକ୍ରମେ ଥାନାରେ ଦଫା ୧୪୭,୧୪୮, ୩୩୨, ୩୫୩, ୨୯୪, ୩୦୨, ୫୦୬, ୧୪୯ ରେ ନଂ. ୨୨୧/୧୮ରେ ମାମଲା ରୁଜୁହୋଇଥିଲା। ୧୭ ତାରିଖରେ ଏହି ଘଟଣାରେ ୬ ଜଣ ଗିରଫ ହୋଇ ଜେଲ ଯାଇଥିଲେ।

# ୩ ମାସ ନ ପୂରୁଣୁ ପ୍ରାଚୀର ଭୁଶୁଡ଼ିଲା

**ବେଗୁନିଆ,୨୨।୯ (ଡି.ଏନ.ଏ.)**



ସିକୋ ନୂଆ ପୋଖରୀ ବନ୍ଧର ପାଚେରି ଭାଙ୍ଗିଯାଇଛି।

**ସିକୋ ନୂଆ ପୋଖରୀ**
- ନିମ୍ନ ମାନର କାର୍ଯ୍ୟ ଅଭିଯୋଗ
- ୭ ଲକ୍ଷ ଟଙ୍କା ପାଣିରେ ପଡ଼ିଲା

ଜନସାଧାରଣଙ୍କ ହିତ ପାଇଁ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ବହୁ ସ୍ଥାନରେ ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମିତ ପ୍ରକଳ୍ପ ଲୋକମାନଙ୍କ ହିତରେ ଲାଗୁ ନାହିଁ। ଅନ୍ୟପକ୍ଷରେ ପ୍ରକଳ୍ପଗୁଡିକ କେତେକ ସ୍ଥାନରେ ବିଭାଗ ପକ୍ଷରୁ କରାଯାଉଅଛି। ମାତ୍ର ତାହା ନିମ୍ନମାନର ହେଉଥିବା ଅଭିଯୋଗ ଉଠୁଛି। ତେବେ ବିଭାଗ ପକ୍ଷରୁ କାର୍ଯ୍ୟନିର୍ବାହ କରାଯାଉଥିବାରୁ ଅଭିଯୋଗକୁ ଗୁରୁତ୍ୱ ଦିଆ ନ ଯାଇ ଚାପି ଦିଆଯାଉଛି। ଏଭଳି ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ସିକୋ ପଞ୍ଚାୟତ ଅଞ୍ଚଳରେ। ପଞ୍ଚାୟତ ଅଧୀନ ସିକୋ ଗ୍ରାମରେ ଥିବା ନୂଆ ପୋଖରୀ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ ଓ ପଙ୍କ ଉଦ୍ଧାର ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ୭ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ତେବେ ମେ ମାସରେ ଉକ୍ତ ପୋଖରୀର ପଙ୍କ ଉଦ୍ଧାର କରାଯାଇଥିବା ବେଳେ ଜୁନ୍‌ରେ ତରବରିଆ ଭାବେ ଗୋଟିଏ ପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରାଯାଇଥିଲା। ମାତ୍ର ତାହା ଆରମ୍ଭରୁ ମୂଳଦୁଆ ଠିକ୍ ନ ଥିବାବେଳେ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ବିଡିଓ ଏବଂ ଜିଲାପାଳଙ୍କ ପାଖରେ ଗ୍ରାମବାସୀଙ୍କ ପକ୍ଷରୁ କରାଯାଇଥିଲା। ସେତେବେଳେ ଉକ୍ତ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ପୁଣି ଏବେ କାର୍ଯ୍ୟ ଶେଷ ହେବାର ୩ ମାସ ନ ପୂରୁଣୁ ପ୍ରାଚୀର ଭୁଶୁଡି ପଡିଛି। ୭ ଲକ୍ଷ ଟଙ୍କା ପାଣିରେ ପଡିଲା ବୋଲି ଲୋକେ ଆଲୋଚନା କରୁଛନ୍ତି।



ଅନ୍ୟର ଧନ ଅପହରଣ, ମିତ୍ରକୁ ଅପମାନ ଦେବା ଏବଂ ଚରିତ୍ରହୀନତା, ଏହି ତିନୋଟି ଗୁଣ ବିନାଶକୁ ଡାକିଆଣେ ।
–ମହାତ୍ମା ଗାନ୍ଧୀ

## ସଂକ୍ଷେପରେ



### ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ

**କଣାସ,୨୨।୯(ସ୍ୱ.ପ୍ର.):** କଣାସ ବ୍ଲକ ଦୟାବିହାରସ୍ଥିତ ନୀଳାଚଳ ସେବାପ୍ରତିଷ୍ଠାନ ପରିସରରେ ଗତ ୧୭ତାରିଖଠାରୁ ବ୍ରହ୍ମଗିରି ବ୍ଲକର ଚାପମାଣିକ, କୁସୁବେଣ୍ଟି, ମଣପଡା ଗ୍ରାମପଞ୍ଚାୟତର ୱାର୍ଡସଭ୍ୟାସଭ୍ୟଙ୍କ ଅନୁଷ୍ଠିତ ହେଉଥିବା ଦକ୍ଷତାବୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ, ସାମ୍ବାଦିକ ସମୀରକିଶୋର ବଳିୟାରସିଂହ, ସାମ୍ବାଦିକ ଶ୍ରୀକାନ୍ତ ପଟ୍ଟଯୋଷୀ ଅତିଥି ଭାବେ ଯୋଗଦେଇ ୱାର୍ଡସଭ୍ୟାସଭ୍ୟମାନେ ସମାଜସେବାରେ ମନନିବେଶ କଲେ ପଞ୍ଚାୟତର ବିକାଶ ସମ୍ଭବ ବୋଲି ସୂଚନା ଦେଇଥିଲେ। ପ୍ରଶିକ୍ଷକଭାବେ ରାଜବଲ୍ଲଭ ମିଶ୍ର, ଅଶୋକ ସ୍ୱାଇଁ ଯୋଗଦେଇଥିବା ବେଳେ ଅନୁଷ୍ଠାନର କର୍ମଚାରୀ ରାଜକିଶୋର ଜେନା ଓ ସନ୍ତୋଷ କୁମାର ହରିଚନ୍ଦନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

### ଦୁର୍ଘଟଣାଗ୍ରସ୍ତ ଆହତ ଯୁବକଙ୍କ ମୃତ୍ୟୁ

**କଣାସ,୨୨।୯(ସ୍ୱ.ପ୍ର.):** ୪ମାସ ତଳେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ଶୁକ୍ରବାର ମୃତ୍ୟୁବରଣ କରିଛନ୍ତି। ସେ ହେଲେ କଣାସ ବ୍ଲକ କେଶରପୁର ଗ୍ରାମର ଅଙ୍ଗଦ ଜେନା(୨୫)। ପ୍ରକାଶ ଯେ ଅଙ୍ଗଦ ଗତ ମେ୨୨ତାରିଖ ବିଜେଡି ତରଫରୁ ମହାନଦୀ ବଞ୍ଚାଅ ଅଭିଯାନ ରାଲିରେ ଯାଉଥିବା ବେଳେ ନୂଆଜଗନ୍ନାଥ ସଡ଼କରେ ଅଟୋ ସହିତ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଯାହାଫଳରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ହେବା ସହ ବାମଗୋଡ, ବାମହାତ ଭାଙ୍ଗିଯାଇଥିଲା । ତାଙ୍କୁ ଭୁବନେଶ୍ୱରର ସମ-ହସ୍ପିଟାଲରେ ୪୫ଦିନ ଚିକିତ୍ସାପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସିତ ହେଉଥିବା ସମୟରେ ଅଙ୍ଗଦଙ୍କ ମୃତ୍ୟୁ ହୋଇଥିଲା ।

### ଜନସମ୍ପର୍କ ପଦଯାତ୍ରା ପାଇଁ ପ୍ରସ୍ତୁତି

**ଗୋପ,୨୨।୯(ଡି.ଏନ୍.ଏ.):** ଅକ୍ଟୋବର ୨ରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ଏକ ମାସ ବ୍ୟାପି ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯିବା ସହ କେନ୍ଦ୍ର ସରକାରଙ୍କ ଅବହେଳା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବ ବୋଲି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି। ଏହି ଜନସମ୍ପର୍କ ପଦଯାତ୍ରାରେ ଯେପରି ଅଧିକ ଜନସାଧାରଣ ସାମିଲ ହୋଇପାରିବେ ନିମାପଡ଼ା ବିଧାୟକ ଦାଶ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ପଞ୍ଚାୟତସ୍ତରରେ ଯେପରି ବିଜୁ ଜନତା ଦଳର ଯୁବ, ଛାତ୍ର, କୃଷକ, ମହିଳା, ଦଳିତ, ଶ୍ରମିକ ସମେତ ବିଭିନ୍ନ ଛାମୁଆ ସଙ୍ଗଠନ ଏଥିରେ ସାମିଲ ହେବେ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଉଥିବା ଦେଖିବାକୁ ମିଳିଛି। ରବିବାର କୋଣାର୍କ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ରାଜ୍ୟ ପର୍ଯ୍ୟବେକ୍ଷକମାନଙ୍କୁ ନେଇ ଏ ସମ୍ପର୍କରେ ବୈଠକ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ବିଧାୟକ ଦାଶ କହିଛନ୍ତି।

### ‘ଐତିହ୍ୟରେ ବ୍ରହ୍ମଗିରି’ ପୁସ୍ତକ ପାଇଁ ପ୍ରସ୍ତୁତି ବୈଠକ

**ବ୍ରହ୍ମଗିରି,୨୨।୯(ଡି.ଏନ୍.ଏ.):** ‘ଐତିହ୍ୟରେ ବ୍ରହ୍ମଗିରି’ ପୁସ୍ତକ ପ୍ରକାଶନ ପାଇ ଶନିବାର ବ୍ରହ୍ମଗିରି ଐତିହ୍ୟ ପରିଷଦ ପକ୍ଷରୁ ବାଲିହରଚଣ୍ଡୀ ପୀଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭୁପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ବିଭିନ୍ନ ଲେଖକ, ଗବେଷକମାନେ ଯୋଗଦେଇଥିଲେ। ବ୍ରହ୍ମଗିରିରେ ଲୁକ୍କାୟିତ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ସହ ଏହାକୁ ଏକ ଗ୍ରନ୍ଥରୂପେ ପ୍ରକାଶ କରିବା ପାଇଁ ଏହି ଐତିହ୍ୟ ପରିଷଦର ଲକ୍ଷ୍ୟ। ଏ ନେଇ ବ୍ରହ୍ମଗିରି ଅଞ୍ଚଳରେ ୧୫୩ଟି ଐତିହ୍ୟ ସ୍ଥାନ ଚିହ୍ନଟ ହୋଇଛି । ଏହି ଐତିହ୍ୟ ସ୍ଥାନଗୁଡିକର ଗବେଷଣାତ୍ମକ ଲେଖା ଓ ରଙ୍ଗିନ ଫଟୋ ପ୍ରକାଶ ପାଇବ ବୋଲି ଐତିହ୍ୟ ବିଶାରଦ ସୁରେନ୍ଦ୍ର ମିଶ୍ର କହିଛନ୍ତି।

# ଗଜପତିଙ୍କ ଉପରେ ଆସ୍ଥା ପ୍ରକଟ କଲେ ଆମିକସ୍ କ୍ୟୁରି

**ପୁରୀ ଅଫିସ,୨୨।୯**



ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ମହାରାଜା ଦିବ୍ୟସିଂହଦେବଙ୍କ ସହ ଆଲୋଚନା କରୁଛନ୍ତି।

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଶନିବାର ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଶୁକ୍ରବାର ପ୍ରଥମ ଦିବସରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନରୁ ସେ ତାଙ୍କ ମତ ସଂଗ୍ରହ ଅଭିଯାନ ଆରମ୍ଭ କରିଥିବାବେଳେ ଶନିବାର ଦ୍ୱିତୀୟ ଦିନରେ ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ସାକ୍ଷାତ୍ କରି ଏହି ଅଭିଯାନ ଆରମ୍ଭ କରିଥିଲେ। ସକାଳ ପ୍ରାୟ ୯ଟା ୪୦ରେ ଆମିକସ୍‌କ୍ୟୁରି ଶ୍ରୀନଅର ସମ୍ମୁଖରେ ପହଞ୍ଚିଥିଲେ। ତାଙ୍କୁ ଗଜପତିଙ୍କ ବ୍ୟକ୍ତିଗତ ସଚିବ ଅମିୟ ମହାନ୍ତି ଶ୍ରୀନଅର ଭିତରକୁ ପାଛୋଟି ନେଇଥିଲେ। ଗଜପତି ମହାରାଜା ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ଆମିକସ୍‌କ୍ୟୁରିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଗଜପତି ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଶ୍ରୀମନ୍ଦିର ଉପରେ ଲିଖିତ ପୁସ୍ତକ ଆମିକସ୍‌କ୍ୟୁରିଙ୍କୁ ପ୍ରଦାନ କରିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିଲା ଶ୍ରୀମନ୍ଦିର ସଂସ୍କାର ସମ୍ପର୍କିତ ଆଲୋଚନା। ପ୍ରାୟ ଦେଢଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଆଲୋଚନାରେ ଗଜପତି ମହାରାଜା ଶ୍ରୀମନ୍ଦିରର ଇତିହାସ, ସେବାପୂଜା, ରୀତିନୀତି, ପରମ୍ପରା, ଯାନିଯାତ୍ରା, ପରିଚାଳନା ବ୍ୟବସ୍ଥା ଆଦି ବିଷୟରେ ଅବଗତ କରାଇଥିଲେ।

ଆଲୋଚନା ପରେ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ କହିଥିଲେ ଯେ, ଗଜପତି ମହାରାଜାଙ୍କୁ ସାକ୍ଷାତ୍ କରି ମୁଁ ଅତ୍ୟନ୍ତ ଖୁସି। ଗଜପତିଙ୍କ ଭକ୍ତି, ଶ୍ରଦ୍ଧା, ଶାସ୍ତ୍ରଜ୍ଞାନ ଅତ୍ୟନ୍ତ ପ୍ରଭାବଶାଳୀ। ଶ୍ରୀମନ୍ଦିର ଇତିହାସ ହେଉ ଅବା ଠାକୁରଙ୍କ ପ୍ରତ୍ୟେକ ନୀତିକାନ୍ତି ବିଷୟରେ ତାଙ୍କର ଅଗାଧ ଜ୍ଞାନ ରହିଛି। ତାଙ୍କ ମାର୍ଗଦର୍ଶନରେ ଶ୍ରୀମନ୍ଦିର ପାଇଁ ଆମେ ଯାହା ଯାହା ଚିନ୍ତା କରୁଛେ ସେ ସବୁର ସଫଳ ସମାଧାନ ହୋଇପାରିବ ବୋଲି ମୋର ସମ୍ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ରହିଛି। ତାଙ୍କ ସହ ସମ୍ପର୍କରେ ରହିବାକୁ ଚାହୁଁଛି ବୋଲି କହିଥିଲେ ଆମିକସ୍‌କ୍ୟୁରି।

## ସେବାୟତ ହ୍ରାସ ପ୍ରସ୍ତାବକୁ ମହେଶ୍ୱରଙ୍କ ନାପସନ୍ଦ

ସର୍କିଟ ହାଉସ୍‌ର ୧୧୫ ନମ୍ବର ପ୍ରକୋଷ୍ଠରେ ଆମିକସ୍‌କ୍ୟୁରିଙ୍କ ସହ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ରୁଦ୍ଧଦ୍ୱାର ଆଲୋଚନା କରିଥିଲେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି। ସେ ଶ୍ରୀମନ୍ଦିର ବିଭିନ୍ନ ପ୍ରସଙ୍ଗରେ ଆମିକସ୍‌କ୍ୟୁରିଙ୍କୁ ବୁଝାଇଥିଲେ। ପରେ ମନ୍ତ୍ରୀ ଗଣମାଧ୍ୟମକୁ କହିଥିଲେ ଯେ, ଶ୍ରୀମନ୍ଦିରର ନୀତିକାନ୍ତି ସ୍ୱତନ୍ତ୍ର। ବଂଶାନୁକ୍ରମିକ ସେବା ବନ୍ଦ ହେଲେ ଏଠି ମହାପ୍ରଭୁଙ୍କ ସେବାପୂଜା ହୋଇପାରିବ ନାହିଁ। ବଂଶାନୁକ୍ରମିକ ସେବା କିପରି ବଳବତ୍ତର ରହିବ ମୁଁ ଆମିକସ୍‌କ୍ୟୁରିଙ୍କ ଦୃଷ୍ଟି ଆକର୍ଷଣ କଲି। ସେ ବି ଏହା ସପକ୍ଷରେ ଅଛନ୍ତି। ସବୁ ଦିଗକୁ ବିଚାର କରି ନିଷ୍ପତ୍ତି ନେବା ପାଇଁ ଅନୁରୋଧ କଲି। ସେବକମାନଙ୍କ ସାମାଜିକ ଏବଂ ଅର୍ଥନୈତିକ ସ୍ଥିତି ସମ୍ପର୍କରେ ତାଙ୍କୁ ଅବଗତ କରାଇଲି। ଅନ୍ୟପକ୍ଷରେ ସେବକଙ୍କ ସଂଖ୍ୟା ହ୍ରାସ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ପଚାରିବାରୁ ସେ କହିଥିଲେ ଯେ, ସେବାୟତ କମିଲେ ସବୁ କିଛି ସୁଧାର ହୋଇପାରିବ ନାହିଁ। ପରୋକ୍ଷରେ ଏହି ପ୍ରସ୍ତାବକୁ ସେ ନାପସନ୍ଦ କରିଥିଲେ। ଏହି ଆଲୋଚନା ବେଳେ ଆଡଭୋକେଟ ଜେନେରାଲ ସୂର୍ଯ୍ୟ ପ୍ରସାଦ ମିଶ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

## ଅଣହିନ୍ଦୁ ପ୍ରବେଶକୁ ନା

ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍‌ଙ୍କୁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିରକୁ ୨୨ଥର ଅଣହିନ୍ଦୁ ଆକ୍ରମଣ କରି ବହୁ ସେବକଙ୍କୁ ହତ୍ୟା କରାଯାଇଥିବାବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମନ୍ଦିର ଛାଡି ପାତାଳି ହେବାକୁ ପଡିଛି। ସେଥିପାଇଁ ଶ୍ରୀମନ୍ଦିରକୁ ଅଣହିନ୍ଦୁଙ୍କ ପ୍ରବେଶକୁ ବାରଣ କରିଥିଲେ ବ୍ରିଟିଶ ସରକାର। ମନ୍ଦିରକୁ ଅଣହିନ୍ଦୁଙ୍କ ପ୍ରବେଶର ଆବଶ୍ୟକତା ବି ନାହିଁ। କାରଣ ମହାପ୍ରଭୁ ସ୍ନାନଯାତ୍ରା, ରଥଯାତ୍ରାରେ ବାହାରକୁ ଆସି ଅଣହିନ୍ଦୁମାନଙ୍କୁ ଦର୍ଶନ ଦିଅନ୍ତି। ପ୍ରତ୍ୟେକ ଦିନ ସିଂହଦ୍ୱାରରେ ପତିତପାବନଙ୍କୁ ଅଣହିନ୍ଦୁ ଦର୍ଶନ କରିଥାନ୍ତି ବୋଲି ସେନା ଦାବିପତ୍ରରେ ଉଲ୍ଲେଖ କରିଛି।

## ସଚେତନ ନାଗରିକ ମଞ୍ଚ ଦେଲା ଦାବିପତ୍ର

ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ଲାଗି ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆମିକସ୍ କ୍ୟୁରିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ଆବାହକ ଆଡ୍‌ଭୋକେଟ ପ୍ରସନ୍ନ କୁମାର ଦାଶ ଓ ସହସମ୍ପାଦକ ଅଶୋକକୁମାର ଆଢ୍ୟ ଏହି ଦାବିପତ୍ର ଦେଇଛନ୍ତି। ଶ୍ରୀମନ୍ଦିରକୁ ମୋବାଇଲ ଫୋନ୍ ନେବା ନିଷେଧ କରାଯାଉ, ରେକର୍ଡ ଅଫ୍ ରାଇଟ୍ସ ଉଚ୍ଛେଦ କରାଯାଇ ରେକର୍ଡ ଅଫ୍ ସର୍ଭିସ୍ ଲାଗୁ କରାଯାଉ, ମହାପ୍ରଭୁଙ୍କ ସେବାକାର୍ଯ୍ୟ ହସ୍ତାନ୍ତରିତ କିମ୍ବା ବିକ୍ରୟ ବନ୍ଦ କରାଯାଉ, ଭିଆଇପି ଦର୍ଶନ ବ୍ୟବସ୍ଥା ବନ୍ଦ ହେଉ, ଗଜପତି ଏବଂ ଶଙ୍କରାଚାର୍ଯ୍ୟଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଉ, ଶ୍ରୀମନ୍ଦିର ପରିଚାଳନା ପାଇଁ ଜଣେ ଦକ୍ଷ ପ୍ରଶାସକ ଏବଂ ଜଣେ ଡିଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଉ ଭଳି ୨୨ଟି ଦାବି ଉଲ୍ଲେଖ କରାଯାଇଛି ।

## ମୁକ୍ତିମଣ୍ଡପ ସଦସ୍ୟ ଦେଲେ ଦାବିପତ୍ର

ଶ୍ରୀମନ୍ଦିର ସଂସ୍କାର ନେଇ ଆମିକସ୍‌କ୍ୟୁରିଙ୍କୁ ମୁକ୍ତିମଣ୍ଡପର ପୂର୍ବତନ ମୁଖ୍ୟ ପରାମର୍ଶଦାତା ଦୁର୍ଗାପ୍ରସାଦ ମହାପାତ୍ର ଏବଂ ମୁକ୍ତିମଣ୍ଡପ ସଦସ୍ୟ ସୂର୍ଯ୍ୟନାରାୟଣ ରଥ ଦାବିପତ୍ର ଦେଇଛନ୍ତି। ଏଥିରେ ସେମାନେ ଦର୍ଶାଇଛନ୍ତି ଯେ, ସେବକମାନେ ୧୨୦୦ ବର୍ଷ ହେଲା ବଂଶାନୁକ୍ରମିକ ସେବା କରିଆସୁଛନ୍ତି। ଶ୍ରୀମନ୍ଦିରର ସେବାପୂଜା ଭାରତର ଅନ୍ୟ ମନ୍ଦିରଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ଜଣେ ମଣିଷଙ୍କ ଭଳି ଏଠାରେ ମହାପ୍ରଭୁଙ୍କ ସେବା ପୂଜା କରାଯାଉଛି। ଦାନ ଦକ୍ଷିଣା ଆବାହମାନ କାଳରୁ ରହିଆସିଛି। ସେହିପରି ୮୦୦ ବର୍ଷ ହେଲା ମହାପ୍ରସାଦ ପ୍ରସ୍ତୁତ ହୋଇଆସୁଛି। ତେଣୁ ଏ ସବୁରେ ଅଙ୍କୁଶ ନ ଲଗାଇବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

# ଏସ୍‌ସିଏସ୍ କଲେଜ: ପ୍ରାର୍ଥୀ ତାଲିକା ଘୋଷଣା କଲା ବିସିଜେଡି

**ସୁଶୀଲ ସଭାପତି ଓ ମୃତ୍ୟୁଞ୍ଜୟ ସମ୍ପାଦକ ପ୍ରାର୍ଥୀ**

**ପୁରୀ ଅଫିସ,୨୨।୯**

ଆଗକୁ ଆସୁଛି ଛାତ୍ର ସଂସଦ ନିର୍ବାଚନ। ଏ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାବେଳେ ଏବେଠୁ କଲେଜ କ୍ୟାମ୍ପସଗୁଡିକରେ ନିର୍ବାଚନ ଉଷ୍ମତା ଦେଖିବାକୁ ମିଳିଛି। ଆଶାୟୀ ପ୍ରାର୍ଥୀମାନେ କ୍ୟାମ୍ପସରେ ଜୋର୍‌ଦାର ପ୍ରଚାର ଚଳାଇଛନ୍ତି। ପୂର୍ବରୁ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ସରକାରୀ ମହିଳା ମହାବିଦ୍ୟାଳୟ ନିର୍ବାଚନ ଲାଗି ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛି। ଶନିବାର ସାମନ୍ତଚନ୍ଦ୍ରଶେଖର ମହାବିଦ୍ୟାଳୟ (ଏସ୍‌ସିଏସ୍) ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଚଳିତ ବର୍ଷ ଯୁକ୍ତ ୩ ଓଡ଼ିଆ ସମ୍ମାନ ଶେଷବର୍ଷ ଛାତ୍ର ସୁଶୀଲ ମିଶ୍ରଙ୍କୁ ସଭାପତି ଏବଂ କମ୍ପ୍ୟୁଟର ସାଇନ୍ସ ଶେଷବର୍ଷ ଛାତ୍ର ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ ସମ୍ପାଦକ ପ୍ରାର୍ଥୀ ଭାବେ ଘୋଷଣା କରିଛି ବିସିଜେଡି। ସେହିପରି ଯୁକ୍ତ ୩ ପ୍ରଥମ ବର୍ଷ ବାଣିଜ୍ୟ ସମ୍ମାନ ଛାତ୍ର ସୌମ୍ୟ ମିଶ୍ର ଉପସଭାପତି, ଦ୍ୱିତୀୟବର୍ଷ ଛାତ୍ର ରାଜ ନାରାୟଣ ସାହୁ ଯୁଗ୍ମ ସମ୍ପାଦକ, ଯୁକ୍ତ ତିନି ଫିଲୋସଫି ତୃତୀୟ ବର୍ଷ ଛାତ୍ର ଲକ୍ଷ୍ମୀଧର ରାଉଳ କ୍ରୀଡା ସଂସଦ ସମ୍ପାଦକ, ବାଣିଜ୍ୟ ଦ୍ୱିତୀୟ ସମ୍ମାନ ବର୍ଷ ଛାତ୍ରୀ ଅର୍ଚ୍ଚିତା ପରିଡା ନାଟ୍ୟ ସଂସଦ ସମ୍ପାଦିକା, ଯୁକ୍ତ ତିନି ଓଡ଼ିଆ ଦ୍ୱିତୀୟ ବର୍ଷ ସମ୍ମାନ ଛାତ୍ର ରାଜେଶ କାଣ୍ଡି କମନ୍‌ରୁମ ସମ୍ପାଦକ, ଯୁକ୍ତ ତିନି ପ୍ରଥମ ବର୍ଷ ଗଣିତ ସମ୍ମାନ ଛାତ୍ର ସୌମ୍ୟ ମହାନ୍ତିଙ୍କୁ ଏସ୍‌ଏସ୍‌ଜି ସମ୍ପାଦକ ପଦବୀ ଲାଗି ମନୋନୀତ କରାଯାଇଥିବା ବିସିଜେଡି ପୁରୀ ଜିଲା ସଭାପତି ନାରାୟଣ ସିଂ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ତେବେ ଏହି ପ୍ରାର୍ଥୀ ତାଲିକାକୁ ନେଇ ବିସିଜେଡିର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ଜଣାପଡିଛି। ବିଗତ ବର୍ଷ ବିସିଜେଡି ସମର୍ଥିତ ପ୍ରାର୍ଥୀ ବିଜୟ ଲାଭ କରିଥିବାରୁ ଚଳିତ ବର୍ଷ ପ୍ରାର୍ଥୀ ବିଜୟ ଲାଭ କରିବେ ବୋଲି ବିସିଜେଡି ସଭାପତି ନାରାୟଣ ସିଂ କହିଛନ୍ତି।

ଏବିଭିପି ପକ୍ଷରୁ ସରକାରୀ ମହିଳା ମହାବିଦ୍ୟାଳୟ ସଭାପତି ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଖୁବ୍‌ଶୀଘ୍ର ଏବିଭିପି ତା’ର ସମସ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି ପୁରୀ ଜିଲା ସଂଯୋଜକ ପାର୍ଥଜିତ ପୃଷ୍ଟି କହିଛନ୍ତି। କଂଗ୍ରେସ ବର୍ତ୍ତମାନ ସୁଦ୍ଧା ପ୍ରାର୍ଥୀ ତାଲିକା ଘୋଷଣା କରିନାହିଁ। ଛାତ୍ର କଂଗ୍ରେସ ଚଳିତବର୍ଷ କଲେଜର ବିଭିନ୍ନ ପ୍ରସଙ୍ଗକୁ ନେଇ ନିର୍ବାଚନକୁ ଓହ୍ଲାଇବ ବୋଲି ଯୁବନେତା ବିଶ୍ୱନାଥ ଦାଶ କହିଛନ୍ତି।

## ଶ୍ରୀବିହାରରେ ସଂସ୍କୃତ ସମ୍ଭାଷଣ ଶିବିର ଆରମ୍ଭ

**ପୁରୀ ଅଫିସ, ୨୨।୯**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀବିହାର ପରିସରରେ ଦଶ ଦିନିଆ ସଂସ୍କୃତ ସମ୍ଭାର୍ଷଣ ଶିବିର ଶନିବାରଠାରୁ ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହରିହର ହୋତା ଅଧ୍ୟକ୍ଷତା କରିଥିଲେ। ସଂସ୍କୃତ ପ୍ରଶିକ୍ଷକ ଡ. ବିନୟ କୁମାର ଶର୍ମା ମୁଖ୍ୟବକ୍ତାଭାବେ ଯୋଗଦେଇ କହିଲେ, ସଂସ୍କୃତ ହେଉଛି ସମସ୍ତ ଭାଷାର ଜନନୀ। ସଂସ୍କୃତ ଭାଷାର ବିକାଶରେ ଦେଶର ବିକାଶ ସମ୍ଭବ। ସଂସ୍କୃତ ସମ୍ଭାର୍ଷଣର ମହତ୍ତ୍ୱ ସମ୍ପର୍କରେ ସେ ଆଲୋକପାତ କରି ସଂସ୍କୃତରେ କଥପୋକଥନ ଲାଗି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ବୈଜ୍ଞାନିକତା ସମ୍ପର୍କରେ କହିଥିଲେ। ସାହିତ୍ୟ ବିଭାଗୀୟ ମୁଖ୍ୟ ଡ. ବସନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ନୀଳାମ୍ବର ବାଘ, ଅଧ୍ୟାପକ ଦେବାଶିଷ, ଅଧ୍ୟାପକ ମଧୁସୂଦନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଛାତ୍ର ଅନିଲ ଦାଶ, ସ୍ମୃତିରଞ୍ଜନ ବେହେରା, କୁମାରୀ କୃଷ୍ଣାରାଣୀ ରାଉତ, ଲୋପାମୁଦ୍ରା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ଅଲ୍ ଇଣ୍ଡିଆ ସେଣ୍ଟ୍ରାଲ କାଉନ୍‌ସିଲ୍ ଅଫ୍ ଟ୍ରେଡ ୟୁନିୟନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ପୁରୀ ଅଫିସ,୨୨।୯**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକମାରଣ ନୀତି, ଅତ୍ୟାବଶ୍ୟକୀୟ ସାମଗ୍ରୀର ଆକଶଛୁଆଁ ଦରବୃଦ୍ଧି ଓ ବେକାରୀ ସମସ୍ୟା ବିରୋଧରେ ଅଲ୍ ଇଣ୍ଡିଆ ସେଣ୍ଟ୍ରାଲ କାଉନ୍‌ସିଲ୍ ଅଫ୍ ଟ୍ରେଡ ୟୁନିୟନ (ଏଆଇସିସିଟିୟୁ) ପୁରୀ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ୩ ଶହରୁ ଊର୍ଦ୍ଧ୍ୱ ଶ୍ରମିକ ସାମିଲ ଥିଲେ। ଏଆଇସିସିଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ରାଧାକାନ୍ତ ସେଠୀ, ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡା, ସିପିଆଇ(ଏମ୍‌ଏଲ)ର ଅଶୋକ ପ୍ରଧାନ, କିଷାନ୍ ପଟ୍ଟନାୟକ ଯୋଗଦେଇ ସରକାରଙ୍କ ଶ୍ରମିକ ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା ସମ୍ପାଦକ ଲିଙ୍ଗୁଲାଲ ଦେବ ସୁଦ୍ଧି, ସଭାପତି ରବୀନ୍ଦ୍ର ସ୍ୱାଇଁ, ରାମଚନ୍ଦ୍ର ମହାରଣା, ସରସ୍ୱତୀ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର

**ବ୍ରହ୍ମଗିରି,୨୨।୯(ଡି.ଏନ୍.ଏ.)**

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବ୍ରହ୍ମଗିରି ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ଏ ନେଇ ବ୍ରହ୍ମଗିରି ବ୍ଲକରେ ୧୮୮ ଜଣ ନାମ ପଞ୍ଜୀକରଣ କରିଛନ୍ତି । ଏହି ପଞ୍ଜୀକରଣକାରୀଙ୍କୁ ଅସ୍ଥିଶଲ୍ୟ, ମାନସିକ, ଚକ୍ଷୁ, ନାଶା, କର୍ଣ୍ଣ ବିଭାଗର ବିଶେଷଜ୍ଞମାନଙ୍କ ଦ୍ୱାରା ପରୀକ୍ଷା କରାଯିବା ସହିତ ୧୫ ଦିନ ମଧ୍ୟରେ ପ୍ରମାଣପତ୍ର ପ୍ରଦାନ କରାଯିବ।

**■କ୍ରିଟିକାଲ ଗ୍ୟାପ୍ ଫଣ୍ଡକୁ ନେଇ ଟଣାଓଟରା**

# ବିଧାୟକ-ଜିଲା ପରିଷଦ ସଦସ୍ୟ ମୁହାଁମୁହିଁ

**ପୁରୀ ଅଫିସ,୨୨।୯**



ପୁରୀ ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ।

ଜିଲା ଯୋଜନା କମିଟି ବୈଠକରେ ଶନିବାର ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ନିମାପଡା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ସଭାପତି ସମୀର ରଞ୍ଜନ ଦାସ ଏବଂ ଜିଲା ପରିଷଦ ସଦସ୍ୟ ମୁହାଁମୁହିଁ ହୋଇଥିଲେ। କ୍ରିଟିକାଲ ଫଣ୍ଡକୁ ନେଇ ଏଭଳି ପରିସ୍ଥିତ ଉପୁଜିଥିଲା। ଏପରିକି ବୈଠକ ବର୍ଜନ କରି ଜିଲା ପରିଷଦ ସଦସ୍ୟମାନେ ପଳାଇବାକୁ ବାହାରୁଥିବାବେଳେ ବିଧାୟକ କୌଣସି ମତେ ଅଟକାଇଥିଲେ। ନିର୍ବାଚନ ବର୍ଷ ଚାଲିଥିବାରୁ କୌଣସି ବି ପ୍ରସଙ୍ଗ ନେଇ ଗଣମାଧ୍ୟମରେ ମୁହଁ ନ ଖୋଲିବାକୁ ବିଧାୟକ ଚେତାଇ ଦେଇଥିଲେ। ଶେଷରେ ଜିଲା ପରିଷଦ ସଦସ୍ୟ ବୈଠକ ବର୍ଜନ ନିଷ୍ପତ୍ତିରୁ ଓହରିଥିଲେ।

୨୦୧୭-୧୮ ଆର୍ଥିକ ବର୍ଷରେ ଜିଲାକୁ କ୍ରିଟିକାଲ ଗ୍ୟାପ୍ ଫଣ୍ଡ (ସିଜିଏଫ୍) ବାବଦକୁ ୧ କୋଟି ୭୦ଲକ୍ଷ ଟଙ୍କା ମିଳିଛି। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ୧ କୋଟି ୭୦ ଲକ୍ଷ ଟଙ୍କା ମିଳିଛି। ଏହି ଅନୁଦାନ ବିଧାୟକମାନଙ୍କ ପ୍ରସ୍ତାବକ୍ରମେ ଜିଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ପ୍ରକଳ୍ପ ପାଇଁ ବିନିଯୋଗ ହୋଇଥାଏ। ଏହି ଅନୁଦାନ ରାଶି ଜିଲା ପରିଷଦ ସଭ୍ୟମାନଙ୍କୁ ଦେବାଲାଗି ଗତ ଜିଲା ଯୋଜନା କମିଟିରେ ସେମାନେ ଜିଲା ଯୋଜନା କମିଟି ସଭାପତି ଏବଂ ବୈଠକରେ ଉପସ୍ଥିତ ବିଧାୟକମାନଙ୍କୁ ଅନୁରୋଧ କରିଥିଲେ। ଜିଲା ଯୋଜନା କମିଟି ସଭାପତିଙ୍କ ପରାମର୍ଶ ଅନୁସାରେ, ଜିଲା ପରିଷଦ ସଦସ୍ୟମାନେ ସମସ୍ତ ବିଧାୟକଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଶନିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ କମିଟି ସଭାପତି ସମୀର ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଦସ୍ୟ ଦିବାକର ପାତ୍ର, ମଳୟ କୁମାର ମହାନ୍ତି ଓ ପ୍ରହଲ୍ଲାଦ ଘଟୁଆରି କ୍ରିଟିକାଲ ଗ୍ୟାପ୍ ଫଣ୍ଡ ସଂକ୍ରାନ୍ତରେ ଜାଣିବାକୁ ଚାହିଁଥିଲେ। ମାତ୍ର ନିର୍ବାଚନ ବର୍ଷ ହୋଇଥିବାରୁ ଉକ୍ତ ଅନୁଦାନ ଦେବାକୁ ବିଧାୟକମାନେ ଚାହୁଁନାହାନ୍ତି। ତେଣୁ ବର୍ତ୍ତମାନ ଜିଲା ପରିଷଦ ସଦସ୍ୟମାନଙ୍କୁ ତାହା ଦିଆଯାଇପାରିବ ନାହିଁ କମିଟି ସଭାପତି କହିଥିଲେ। ଏଥିରେ ଅସନ୍ତୋଷ ବ୍ୟକ୍ତ କରି ସଦସ୍ୟମାନେ କମିଟି ସଭାପତିଙ୍କୁ ଘେରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କିନ୍ତୁ ଯୁକ୍ତିତର୍କ ନ କରି ନିଜ ବିଧାୟକଙ୍କୁ ବୁଝାଇବାକୁ କମିଟି ସଭାପତି ପରାମର୍ଶ ଦେଇଥିଲେ। ଏଥିରେ ଜିଲା ପରିଷଦ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରି ବୈଠକ ବର୍ଜନ କରିବାକୁ ଉଠିଥିଲେ। କମିଟି ସଭାପତି ଦାସ ଜିଲା ପରିଷଦ ସଭ୍ୟ ଦିବାକର ପାତ୍ରଙ୍କ ସମେତ ଅନ୍ୟମାନଙ୍କୁ ବୁଝାଶୁଝା କରିବା ସହ ଗଣମାଧ୍ୟମକୁ ନ ଯିବାକୁ ପରାମର୍ଶ ଦେଇଥିଲେ। ନାକ କାଟିଲେ ରକ୍ତ ଦେହରେ ପଡିବ କହି ଜିଲା ପରିଷଦ ସଭ୍ୟମାନେ ବୈଠକ ବର୍ଜନ ନିଷ୍ପତ୍ତିରୁ ଓହରିଥିଲେ। ତେବେ କ୍ରିଟିକାଲ ଫଣ୍ଡକୁ ନେଇ ବିଧାୟକ-ଜିଲା ପରିଷଦ ଟଣାଓଟରା ହେବା ପ୍ରସଙ୍ଗକୁ ନେଇ ବୈଠକରେ ବହୁ ସମୟ ଧରି ଉଷ୍ମତା ଲାଗି ରହିଥିଲା।

> ■ବୈଠକ ବର୍ଜନ ପୂର୍ବରୁ ଅଟକାଇଲେ ସମୀର
>
> ■ଗଣମାଧମରେ ମୁହଁ ନ ଖୋଲିବାକୁ ଚେତାବନୀ

## ଫାଇଲିନ କ୍ଷତିଗ୍ରସ୍ତ ତାଲିକାରେ ଧନୀବ୍ୟକ୍ତି

୨୦୧୩ ଫାଇଲିନ ମହାବାତ୍ୟାରେ ପୁରୀ ଜିଲାରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ କ୍ଷତିଗ୍ରସ୍ତ ହୋଇଥିଲା। ୩୦୪୦ ହିତାଧିକାରୀଙ୍କୁ ବାତ୍ୟା ପ୍ରତିରୋଧ ବାସଗୃହ ଯୋଗାଇବା ପାଇଁ ରାଜ୍ୟ ସରକାର ୧୨୦କୋଟି ମଞ୍ଜୁର କରିଛନ୍ତି। କିନ୍ତୁ ପ୍ରସ୍ତୁତ ହିତାଧିକାରୀ ତାଲିକା ତ୍ରୁଟିପୂର୍ଣ୍ଣ ବୋଲି ଜିଲା ଯୋଜନା କମିଟି ବୈଠକରେ କୃଷ୍ଣପ୍ରସାଦ ଜିଲା ପରିଷଦ ସଭ୍ୟା ପ୍ରଭାତୀ ପ୍ରଧାନ ଅଭିଯୋଗ କରିଛନ୍ତି। ଉକ୍ତ ତାଲିକାରେ ଅନେକ ଧନୀ ଓ କୋଠାଘର ଥିବା ବ୍ୟକ୍ତିଙ୍କ ନାମ ରହିଛି। ଏପରିକି ସରକାରୀ କର୍ମଚାରୀ ମଧ୍ୟ ସ୍ଥାନ ପାଇଛନ୍ତି ତାଲିକାର ୮୦ ପ୍ରତିଶତ ତ୍ରୁଟିପୂର୍ଣ୍ଣ ରହିଛି। ସହାୟତା ଦେବା ପୂର୍ବରୁ ତାଲିକାକୁ ସଂଶୋଧନ କରିବା ସହିତ ଉପଯୁକ୍ତ ହିତାଧିକାରୀଙ୍କୁ ସାମିଲ କରିବା ଲାଗି ସେ ଦାବି କରିଥିଲେ। ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି ପ୍ରତିଶ୍ରୁତି ଦେଇଥିଲେ।

## ଜିଜିୱାଇ ଅନୁଦାନକୁ ଅନୁମୋଦନ

ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ମିଳିଥିବା ୧୫ କୋଟି ୮୧ ଲକ୍ଷ ୪୫ ଟଙ୍କାକୁ ବିଭିନ୍ନ ପ୍ରକଳ୍ପରେ ବ୍ୟୟ ଲାଗି ବୈଠକରେ ଅନୁମୋଦନ କରାଯାଇଛି। ଏହି ଯୋଜନାରେ ବିଭିନ୍ନ ବ୍ଲକରେ ବଳକା ଥିବା ସୁଧ ଅର୍ଥରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରିବା ଲାଗି ବ୍ରହ୍ମଗିରି, ପୁରୀ ସଦର, କୃଷ୍ଣପ୍ରସାଦ ବିଡିଓ ପ୍ରସ୍ତାବ ଦେଇଥିଲେ। ତାହାକୁ ବୈଠକରେ ଅନୁମୋଦନ କରାଯାଇଛି। ଏହି ଯୋଜନାରେ ଖର୍ଚ୍ଚ ହୋଇଥିବା ଅର୍ଥର ତୁରନ୍ତ ବିନିଯୋଗ ପ୍ରମାଣପତ୍ର ଦେବା ଲାଗି ଜିଲା ଯୋଜନା କମିଟି ସଭାପତି ବିଡିଓମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ମୁକ୍ତିଲାଭ କଲା ‘ବାଜି ରାଉତ: ଇଣ୍ଡିଆଜ୍ ୟଙ୍ଗେଷ୍ଟ ଫ୍ରିଡମ୍ ଫାଇଟର୍’

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)**

ଶହୀଦ ବାଜି ରାଉତଙ୍କ ଜୀବନୀକୁ ନେଇ ପୂର୍ଣ୍ଣାଙ୍ଗ ହିନ୍ଦୀ ଚଳଚ୍ଚିତ୍ର ‘ବାଜି ରାଉତ: ଇଣ୍ଡିଆଜ୍ ୟଙ୍ଗେଷ୍ଟ ଫ୍ରିଡମ୍ ଫାଇଟର୍’ ଶୁକ୍ରବାର ସୋସିଆଲ ମିଡିଆ ୟୁ-ଟ୍ୟୁବ୍‌ରେ ରିଲିଜ୍ ହୋଇଛି। ୩୦ ମିନିଟ୍‌ର ଏହି ଚଳଚ୍ଚିତ୍ରଟି କେବଳ ୧୭-୧୮ବର୍ଷ ବୟସର ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ହୋଇଛି। ବାଜି ରାଉତ ଭୂମିକାରେ ଅଭିନୟ କରିଥିବା ୧୨ ବର୍ଷୀୟ ମୁନାଫ୍ ହୁସେନ୍ ୭ମ ଶ୍ରେଣୀର ଛାତ୍ର। କ୍ୟାନ୍‌ଡିଡ୍ ଫିଲ୍ମସ ତରଫରୁ ରିଆନ ଫାରୁକ୍‌ଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି କଟକରେ ସମସ୍ତ ସୁଟିଂ ହୋଇଛି। ଗତ ଅଗଷ୍ଟ ୧୫ରେ ଏହାର ଟ୍ରେଲର ‘ୟୁ-ଟ୍ୟୁବ୍’ ଚ୍ୟାନେଲ୍‌ରେ ପ୍ରସାରିତ ହୋଇଥିଲା। ଏବେ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବାର ଅଳ୍ପ ସମୟରେ ବହୁ ଦର୍ଶକ ଦେଖିଛନ୍ତି। କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଯୁକ୍ତ୩ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଏହି ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। କଥାବସ୍ତୁର ଗବେଷଣା କ୍ଷେତ୍ରରେ ରେଭେନ୍ ବିଶ୍ୱବିଦ୍ୟାଳୟର ଇତିହାସ ପ୍ରଫେସର ଡ. ନେହା ଶର୍ମା ଦିଗ୍‌ଦର୍ଶନ ପ୍ରଦାନ କରିଛନ୍ତି। ପ୍ରଫେସର ଡ. ନିତ୍ୟାନନ୍ଦ ମିଶ୍ରଙ୍କ ରଚିତ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳର ସେନାପତି ସାରଙ୍ଗଧର ଦାସଙ୍କ ଜୀବନୀ ଉପରେ ରଚିତ ପୁସ୍ତକ ‘ଗଡ଼ଜାତ ଗାନ୍ଧୀ’ରୁ ମଧ୍ୟ କିଛି ତଥ୍ୟ ସଂଗ୍ରହ କରାଯାଇଛି। ସାରା ଭାରତକୁ ବାଜିରାଉତଙ୍କ ବୀରତ୍ୱର ଗାଥା ଜଣାଇବା ପାଇଁ ଚଳଚ୍ଚିତ୍ରଟି ହିନ୍ଦୀ ଭାଷାରେ ନିର୍ମିତ ହୋଇଥିବା ହୁସେନ କହିଛନ୍ତି।